ମୁକ୍ତି ପଥର ଯାତ୍ରୀ

ଲେଖକ - ଅଧ୍ୟାପକ ରବୀନ୍ଦ୍ର କୁମାର ଗଡତିଆ

Digitized by PPRACHIN, SOA

ମୁକ୍ତି ପଥର ଯାତ୍ରୀ

[ସଂଗ୍ରାମୀ ଭଗୀରଥି ପଟ୍ଟନାୟକ ଙ୍କ ଜୀବନ ବୃତ୍ତ]

•

ଲେଖକ
ଅଧ୍ୟାପକ ରବୀନ୍ଦ୍ର କୁମାର ଗଡ଼ତିଆ

•

ପ୍ରକାଶକ
ସ୍ୱର୍ଗତ ଭଗୀରଥି ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟୀ
ବରପାଲି
ଜି. ସମ୍ବଲପୁର

Digitized by PPRACHIN, SOA

ମୁକ୍ତି ପଥର ଯାତ୍ରୀ

ଲେଖକ -
ଅଧ୍ୟାପକ ରବୀନ୍ଦ୍ର କୁମାର ଗଡତିଆ
ଇଂରାଜୀ ବିଭାଗ
ଶ୍ରୀରାମ କଲେଜ ରାମପୁର
ଜି. ବଲାଙ୍ଗିର

ପ୍ରକାଶକ -
ଭାଗୀରଥି ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟୀ
ବରପାଲି, ଜି. ସମ୍ବଲପୁର

ପ୍ରଥମ ପ୍ରକାଶ -
ତା ୯ । ୧୧ । ୧୯୮୪

ସତ୍ତ୍ୱାଧିକାରୀ -
ଭାଗୀରଥି ପଟ୍ଟନାୟକ ସ୍ମୃତି ସମିତି
ବରପାଲି

ମୁଦ୍ରଣ -
କିଶୋର ପ୍ରିଣ୍ଟିଂ ପ୍ରେସ୍
ବରପାଲି, ଜି. ସମ୍ବଲପୁର

ପ୍ରାପ୍ତିସ୍ଥାନ -
୧- କିଶୋର ପ୍ରିଣ୍ଟିଂ ପ୍ରେସ୍, ବରପାଲି
୨- କୋଶଳ ଭବନ, ସମ୍ବଲପୁର

Digitized by PPRACHIN, SOA

ବ୍ରିଟିଶ ସାମ୍ରାଜ୍ୟବାଦର କ୍ରୁର କବଳରୁ ତଥା
ଶୋଷଣ, ଅତ୍ୟାଚାର ରୁ ଏଇ ମାଟିକୁ ମୁକ୍ତ କରିବା ପାଇଁ
ଯେଉଁମାନେ ନିଜର ସୁଖ - ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି - ଦେଉଛନ୍ତି,
ସେହି ଜ୍ଞାତ - ଅଜ୍ଞାତ ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ
ଗଭୀର ଶ୍ରଦ୍ଧା - ଭକ୍ତି ଓ ସମ୍ମାନର ସହିତ ଉତ୍ସର୍ଗୀକୃତ ।

Digitized by PPRACHIN, SOA

ଜୟନ୍ତୀ ସମିତିର ବକ୍ତବ୍ୟ —

ରତ୍ନପ୍ରସୂ ବରପାଲି, ମହାକବି ଗଙ୍ଗାଧର ଙ୍କୁ ଜନ୍ମ ଦେଇ ଯେଉଁ ଗୌରବର ଅଧିକାରିଣୀ ହୋଇଥିଲା ସଂଗ୍ରାମୀ ଭଗୀରଥି ପଟ୍ଟନାୟକ ଙ୍କ ତ୍ୟାଗ - ତପସ୍ୟାରେ ତାହା ଆହୁରି ଉଜ୍ଜଳ ହେଲା । ଆମେ ବହୁ ଦିନରୁ ଚିନ୍ତା କରୁଥିଲୁ ସ୍ୱାଧୀନତା ସଂଗ୍ରାମୀ ଯଶସ୍ୱୀ ଭଗୀରଥିଙ୍କ ତ୍ୟାଗମୟ ଜୀବନର ଘଟଣାବଳୀକୁ ପୁସ୍ତକାକାରରେ ପ୍ରକାଶିତ କରିବା ପାଇଁ । ଆଜି ତାହା ରୂପାୟିତ ହୋଇଛି । ସଂଗ୍ରାମୀଙ୍କ ୨୫ ବର୍ଷର ଅବିଚ୍ଛିନ୍ନ ଦୈନନ୍ଦିନୀ ର ଆଧାରରେ ଅଧ୍ୟାପକ ରବୀନ୍ଦ୍ର କୁମାର ଚୌଧୁରୀ ବହୁ ଅଧ୍ୟବସାୟ ସହିତ ଗୋଟିଏ ସୁସଜ୍ଜିତ, ସୁଖପାଠ୍ୟ ତଥା ସଂକ୍ଷିପ୍ତ ଜୀବନୀ ପ୍ରସ୍ତୁତ କରିଛନ୍ତି । ଜୀବନୀ ତଥ୍ୟ ସମ୍ବଳିତ ତଥା ନିରପେକ୍ଷ ହୋଇଛି । ଆମର ଦୃଢ଼ ବିଶ୍ୱାସ ଭବିଷ୍ୟତ ବଂଶଧରଙ୍କ ପାଇଁ ଭଗୀରଥି ଙ୍କ ଆଦର୍ଶ ପ୍ରେରଣାର ଉତ୍ସ ହୋଇ ରହିବ ।

ଆଜି ସେହି ତ୍ୟାଗୀ, କଠୋର ସତ୍ୟବାଦୀ, ନିସ୍ୱାର୍ଥପର କର୍ମୀ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ଅସାଧାରଣ ପ୍ରତିଭାର ଅଧିକାରୀ ଭଗୀରଥିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପୁସ୍ତକଟି ପ୍ରକାଶ କରିବାର ସୁଯୋଗ ପାଇ ସମିତି ନିଜକୁ ଧନ୍ୟ ମନେ କରୁଛି ।

ଜୟନ୍ତୀ ସମିତି ବରପାଲି
ସମ୍ବଲପୁର

Digitized by PPRACHIN, SOA

ପ୍ରାକ୍ କଥନ

ଭାରତୀୟ ସ୍ୱାଧୀନତା ସଂଗ୍ରାମ କୁ ସମ୍ବଲପୁର ମାଟିର ଦାନ ଅତୁଳନୀୟ । ଏ ଜିଲ୍ଲାରେ ସଂଗ୍ରାମର ପ୍ରଥମ ତୂର୍ଯ୍ୟନାଦ କରିଥିଲେ ଜାତିର ଗୌରବ ବୀର ସୁରେନ୍ଦ୍ର ସାଏ । ଦ୍ୱିତୀୟ ପର୍ଯ୍ୟାୟ-କଂଗ୍ରେସ ଆନ୍ଦୋଳନ ର ପ୍ରାକ୍‌ସଂଗଠକ ଥିଲେ ଯଶସ୍ୱୀ ଚନ୍ଦ୍ର ଶେଖର ବେହେରା । ଏ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନ ର ମୂଳଭିତ୍ତି ସ୍ଥାପନ କରି ସେ ଅବସ୍ମରଣୀୟ, ଜିଲ୍ଲାବାସୀ ଙ୍କ ନମସ୍ୟ । ଦେଶ ପ୍ରେମୀ, ତ୍ୟାଗୀ, ତପସ୍ୱୀ ମାନଙ୍କ ଆବିର୍ଭାବ ସମ୍ବଲପୁର କୁ ସତତ ମହିମାନ୍ୱିତ କରିଛି ।

ସଂଗ୍ରାମୀ ଭଗୀରଥି ପଟ୍ଟନାୟକ ଙ୍କ ଜୀବନୀ ଲେଖିବା ଏକ ମହାର୍ଘ ଅନୁଭୂତି । ଅବଶ୍ୟ ମୁଁ ଲେଖକ ମାତ୍ର, ସ୍ରଷ୍ଟା ନୁହେଁ । ଏ ପୁସ୍ତକ ରେ ମୋର ନିଜସ୍ୱ ବକ୍ତବ୍ୟ କିଛି ନାହିଁ ।

ମୋ ଆଗରେ ସ୍ୱର୍ଗତ ଭଗୀରଥି ପଟ୍ଟନାୟକ ଙ୍କ ଦୀର୍ଘ ୭୦ ବର୍ଷର ଅମୂଲ୍ୟ ଦୈନନ୍ଦିନୀ ଓ ଅସମ୍ପୂର୍ଣ୍ଣ ଆତ୍ମଜୀବନୀ ରହିଛି । ଅକ୍ଲାନ୍ତ ପରିଶ୍ରମ କରି ଅଶୀ ଖଣ୍ଡ ଦୈନନ୍ଦିନୀ ର ସାର ସଂଗ୍ରହ କରି ଦେଇଛନ୍ତି ଭଗୀରଥି ପ୍ରକାଶ । ଭଗୀରଥିଙ୍କ ଦୈନନ୍ଦିନୀ କେବଳ ମାତ୍ର ଜଣେ ବ୍ୟକ୍ତି ବିଶେଷ ଙ୍କ ଦିନଲିପି ନୁହେଁ, ଏହା ଅତୀତ, ଇତିହାସ ଓ ଏକ ନିର୍ଦ୍ଦିଷ୍ଟ ସମୟର ସମାଜକୁ ବୁଝିବା ପାଇଁ ବହୁ ମୂଲ୍ୟ ତଥ୍ୟ ର ଭଣ୍ଡାର । ସେ ସବୁକୁ ବୁଝେଇ ଦେବା ପାଇଁ ସମ୍ମୁଖରେ ବସିଛନ୍ତି ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ । କି ଦାରୁଣ ବିଡମ୍ବନା ! ପ୍ରଫୁଲ୍ଲ ପଟ୍ଟନାୟକ ବର୍ତ୍ତମାନ ସଂପୂର୍ଣ୍ଣ ଦୃଷ୍ଟି ଶକ୍ତିହୀନ, ଅଥଚ ମୁଁ ତାଙ୍କରି ଆଖିରେ ଦେଖିଛି ଅତୀତ କୁ, ପଢ଼ିଛି ଇତିହାସ କୁ ।

ଭଗୀରଥି ଙ୍କ ତ୍ୟାଗ ପୂର୍ଣ୍ଣ ଜୀବନ ବା ଜୀବନାଦର୍ଶ ର ମୂଲ୍ୟାଙ୍କନ ଏ ପୁସ୍ତକର ଲକ୍ଷ ନୁହେଁ, ଘଟଣା ଭିତରେ ତାଙ୍କୁ ଚିହ୍ନିବାହିଁ ମୋର ଉଦ୍ଦେଶ୍ୟ । ପୁଣି ତାଙ୍କୁ ଏକ ଐଶୀଶକ୍ତି ସମ୍ପନ୍ନ ଅତିମାନବ ଭାବରେ ଚିତ୍ରଣ କରି କାଚ ଫ୍ରେମ ଓ ଧୂପ ଧୂଆଁ ଭିତରେ ବାନ୍ଧିରଖିବାର ପ୍ରୟାସ ମୁଁ କରିନାହିଁ । ଆମ ଭିତର ର ଜଣେ ସାଧାରଣ ମଣିଷ ଏଇଟି ଆମପରି ଜୀବନଟିଏ ଜୀଇଁ କିପରି ଏକ ଭିନ୍ନ ଆଦର୍ଶ, ଭିନ୍ନ ମୂଲ୍ୟବୋଧ ଓ ଏକ ଉଦାର ମାନବୀୟ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚିପାରେ ତାହା ସମ୍ଭବତଃ ପ୍ରତିପାଦିତ କରିବା ଏ ପୁସ୍ତକର ଲକ୍ଷ । ସେଇଥି ପାଇଁ ତାଙ୍କ କାର୍ଯ୍ୟାବଳୀର ପ୍ରାସଙ୍ଗିକ ସଂକ୍ଷିପ୍ତ ଉପସ୍ଥାପନା ମାତ୍ର କରାଯାଇଛି ।

Digitized by PPRACHIN, SOA

ଭଗୀରଥି ଙ୍କ ବିଷୟ ଆଲୋଚନା କଲା ବେଳେ ତାଙ୍କ ସହଧର୍ମିଣୀ ଜମ୍ବୁବତୀ ଦେବୀ ଓ ଏକ ମାତ୍ର ପୁତ୍ର ପ୍ରଫୁଲ୍ଲ ସେ ଆଲୋଚନାର ପରିସର ଭିତରକୁ ଆସିବାକୁ ବାଧ୍ୟ । କାରଣ ସେମାନେ ଗୋଟିଏ ଜ୍ୟୋତିର ଦୁଇଟି ଶିଖା ।

ଯେଉଁ ଦିନଠାରୁ ଭଗୀରଥି ସ୍ୱକୀୟ ଗୁପ୍ତ ଦେଶ ସେବାରେ ବ୍ରତୀ ହେଲେ ସେହି ଦିନଠାରୁ ପେଟ, ପରିବାର, ପଇସା, ପ୍ରତିଷ୍ଠା ପାଇଁ ମୁହୂର୍ତ୍ତେ ହେଲେ ଚିନ୍ତାକରି ନାହାନ୍ତି । ସମଗ୍ର ପରିବାରକୁ ନିଜ ପାଖାରେ ଦୀକ୍ଷିତ କରିଛନ୍ତି । ତେଣୁ ସେ ସମସ୍ତ ଙ୍କୁ ଏକ ସାଙ୍ଗରେ ଦେଖିଲେ ଯାଇଁ ଭଗୀରଥି ଙ୍କ ବ୍ୟକ୍ତିତ୍ୱ କୁ କାଣ୍ଟର ଉପଲବ୍ଧି କରିହୁଏ ।

ତାଙ୍କର ତ୍ୟାଗ, ନିସ୍ୱାର୍ଥ ପରତା, କଠୋର ସତ୍ୟ ବାଦିତା, ଶୃଙ୍ଖଳିତ ଆଚରଣ ପ୍ରଭୃତି ଅସଂଖ୍ୟ ସୁଗୁଣାବଳୀର ଉଦାହରଣ ମାନଙ୍କ ରେ ଏମିତି ଅନେକ ଗୁଡ଼ିଏ ପୁସ୍ତକ ହେବ ।

ପୁଣିଥରେ କହୁଛି, ଏ ପୁସ୍ତକ ରେ ମୋର କୃତିତ୍ୱ କିଛି ନାହିଁ । ଯଦି କିଛି ଥାଏ, ତେବେ ତତୋଃଧିକ କୃତିତ୍ୱ ଆଉ ତିନି ଜଣଙ୍କର ରହିଛି । ସେମାନେ ହେଲେ - ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଭଗୀରଥି ମୁକାଶ୍ମ ଓ ମୋର ଅଗ୍ରଜ କିଶୋର ଚନ୍ଦ୍ର ଗଡ଼ତିଆ । ଏ ମାନଂଙ୍କ ମଧ୍ୟରୁ କେହି ଜଣେ ଯଦି ସାମାନ୍ୟ ଅମନୋଯୋଗୀ ହୋଇଥାଆନ୍ତେ ତେବେ ଏ ପୁସ୍ତକ ପ୍ରସ୍ତୁତ ହେବାର ଅବକାଶ ନ ଥିଲା ।

ଏ ପୁସ୍ତକ ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟ ରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ସାହାଯ୍ୟ ଦାନ ପାଇଁ ଭାରତର ବିଶିଷ୍ଟ ଐତିହାସିକ ଡା. କେ. କେ. ଦତ୍ତ ଓ ୰ ଡଃ ଶରତ ଚନ୍ଦ୍ର ବେହେରା ଙ୍କ ନିକଟରେ ମୁଁ ଋଣୀ । ଶ୍ରୀଯୁକ୍ତ ଗୁଣ ସାଗର ଶତପଥୀ, ଭବାନୀ ଶଙ୍କର ପ୍ରଧାନ, ବଳଭଦ୍ର ପ୍ରଧାନ ଓ ହରିଚରଣ ଖଣ୍ଡୁଆଙ୍କ ହଦ୍ଦିଙ୍କା ମୋର ଉତ୍ସାହ ବର୍ଦ୍ଧନ କରି ଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ସେମାନେ ସ୍ମରଣୀୟ ।

ଏହା ବ୍ୟତୀତ, ଭଗୀରଥି ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି, ପ୍ରକାଶନ ଭାର ବହନ କରି ପୁସ୍ତକର ପ୍ରକୃତ ଉଦ୍ଦେଶ୍ୟ ସାଧିତ କରିଥିବାରୁ ମୁଁ କମିଟି ନିକଟରେ କୃତଜ୍ଞ ।

ରବୀନ୍ଦ୍ର କୁମାର ଗଡ଼ତିଆ

Digitized by PPRACHIN, SOA

ସଂଗ୍ରାମୀ ଭଗୀରଥ ପଟ୍ଟନାୟକ

ଆବିର୍ଭାବ
ତା ୯।୧୧।୧୮୮୪

ତିରୋଭାବ
ତା ୯।୭।୧୯୮୦

Digitized by PPRACHIN, SOA

ଅଲିଭା ସ୍ମୃତି -

ଆଜ ସେ ନାହାନ୍ତି - କିନ୍ତୁ ତାଙ୍କ ତ୍ୟାଗ ପୂର୍ଣ୍ଣ ଦେଶ ସେବାର ଅଲିଭା ସ୍ମୃତି ଲୋକଙ୍କ ମନରେ ରହିଯାଇଛି । ସେ ନାହାନ୍ତି । ତାଙ୍କର ସମବୟସ୍କ, ସଙ୍ଗୀ ସାଥୀ, ସହଯୋଗୀ -ଯେଉଁମାନଙ୍କ ସଙ୍ଗରେ ଥରେ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଆନ୍ଦୋଳନ ରତ ଥିଲେ, ଦେଶ ଗଠନରେ ଲାଗି ପଡିଥିଲେ, ସେମାନଙ୍କ ମଧ୍ୟରୁ ଆଜ ଅନେକେ ନାହାନ୍ତି । କିନ୍ତୁ ସମସ୍ତ ପୃଷ୍ଠାରେ ସେମାନଙ୍କ ଜ୍ୱଳନ୍ତ ହସ୍ତାକ୍ଷର ଆଜ ମଧ୍ୟ ଅଙ୍କିତ ରହିଛି ।

ମାଟିର ମହିମା -

ସେଦିନ ଥିଲା ୯ । ୧୧ । ୧୯୬୪ । ବରପାଲିର ବିଶିଷ୍ଟ ଭଦ୍ରବ୍ୟକ୍ତି- ମାନେ ତାଙ୍କର ୮୦ ତମ ଜୟନ୍ତୀ ପାଳନ କଲେ । ଅନୁଷ୍ଠାସଶେଷ ସେ ଯାଇଥିଲେ ଗଙ୍ଗାଧର ସ୍ମୃତି ଭବନ କୁ । ସ୍ମୃତି ଭବନ ର ପରିସର ରୁ କିଛି ଧୂଳି ଉଠାଇ ନିଜ ମୁଠାରେ ରଖିଲେ । ତାଙ୍କ ପ୍ରଶଂସାରେ ସମସ୍ତେ ଶତମୁଖ । ପ୍ରତ୍ୟୁତ୍ତରରେ ସେ କହିଲେ — " ମହାକବି ଗଙ୍ଗାଧରଙ୍କ ଏହି ସ୍ମୃତି ଭବନ କୁ ଶ୍ରଦ୍ଧା ଭକ୍ତି ସହ ଅନେକ ଲୋକ ଆସିଛନ୍ତି । ତାଙ୍କର ପଦଧୂଳି ସାଉଁଟି ଆଜ ମୁଁ ମୁଣ୍ଡରେ ଲଗାଇଛି ବୋଲି ଆପଣମାନଙ୍କ ଦେଉଥିବା ପ୍ରଶଂସା ପ୍ରଶସ୍ତି ର ଭରକୁ ସମ୍ଭାଳିବାକୁ ସକ୍ଷମ ହୋଇ ପାରୁନି । ବାସ୍ତବରେ ମୁଁ ଏତେ ପ୍ରଶଂସାର ଯୋଗ୍ୟ ନୁହେଁ । ସ୍ୱାଧୀନତା ସଂଗ୍ରାମରେ ଅନେକ ଲୋକ ମୃତ୍ୟୁ ବରଣ କରିଛନ୍ତି । ମୁଁ, ମୋର ସ୍ତ୍ରୀ ବା ପୁଅ କେହିତ ମୃତ୍ୟୁ ବରଣ କରିନାହୁଁ । ଏଣୁକରି ଆପଣ ମାନଙ୍କ ଦେଇଥିବା ପ୍ରଶଂସା କୁ ମୁଁ ସେହି ଶହୀଦ ମାନଙ୍କୁ ଅର୍ପଣ କରୁଛି । ମୁଁ ଆଜ ନିଜକୁ ଗୌରବାନ୍ୱିତ ମନେକରୁଛି ଯେ ଏହି ବରପାଲିର ମାଟିରେ ଜନ୍ମଗ୍ରହଣ କରିଛି । ଏହା ସବୁ, ମାଟିର ମହିମା ଅଟେ ମୋର ନୁହେଁ । ଏହି ବିନମ୍ର ଉକ୍ତି ଯାହାଙ୍କର ଥିଲା ସେ ହେଉଛନ୍ତି ଆମର ବନ୍ଦନୀୟ - ଅଭିନନ୍ଦନୀୟ ସ୍ୱର୍ଗୀୟ ପଟ୍ଟନାୟକ । ତାଙ୍କର ଜନ୍ମ ହୋଇଥିଲା ତା ୯ । ୧୧ । ୧୮୮୪ଇ: ଦିନ, ବିକ୍ରମାବ୍ଦ ୧୯୪୧ ମାର୍ଗଶୀର ଶୁକ୍ଳ ସପ୍ତମୀ ରବିବାର ଦିବା ୨୦ ଦଣ୍ଡ ସମୟରେ । ତାଙ୍କର କୋଷ୍ଠୀ କୁ ଦେଖି ଜ୍ୟୋତିଷ କହିଥିଲେ ଏହି ବାଳକ ଥରେ ସନ୍ନ୍ୟାସୀ ଓ ଯଶସ୍ୱୀ ହେବ ।

Digitized by PPRACHIN, SOA

ଇତିହାସ କଥା କହିଲା -

୧୯୭୧ ନଭେମ୍ବର ମାସର ଘଟଣା । ଦିନେ ଅନୁକୂଳ ମନୋଭାବ ଦେଖି ତାଙ୍କ ସମ୍ମୁଖରେ ପ୍ରଫୁଲ୍ଲ ରଖିଲେ ଗୋଟିଏ ପ୍ରସ୍ତାବ । କହିଲେ - "ଆପଣ ନିଜେ ଗୋଟିଏ ଦୁଇଶହ ବର୍ଷର ଇତିହାସ ଅଟନ୍ତି, ଏଣୁ ଆପଣ ଯାହା କହିଯାଆନ୍ତୁ-ମୁଁ ତାହାକୁ ଭାଷା ଦେବି ଏବଂ ପ୍ରକାଶ ମହାଶୟ ତାକୁ ଲେଖିଯିବେ ।" ସେ କହିଲେ "ଜଗନ୍ନାଥ ଗଡ଼ତିଆ, ଭଗବାନ ମେହେର ଓ ନବୀନ କୁମାର ସାହୁ ମଧ୍ୟ ଅନେକ ସମୟରେ ଏହି କଥା କହିଛନ୍ତି । ତୁମେ କହୁଛ । ତେବେ କ'ଣ ମୋର ସବୁ ଇତିହାସ ହୋଇ ଗଲାଣି ?" ଟିକିଏ ଚିନ୍ତାମଗ୍ନ ହୋଇ କହିଲେ "କହିବାର ଅନେକ କଥା ଅଛି । କେଉଁଠୁ ଆରମ୍ଭ କରିବି - ବାଲ୍ୟକାଳରୁ ଆରମ୍ଭ କରିବି - ନିଜର ବଂଶାବଳୀ କହିବି ନା ଆନ୍ଦୋଳନର କଥା ଆରମ୍ଭ କରିବି ତୁ କହ ।" ତା ୨୭ । ୧୨ । ୭୧ ବୁଧବାର ଦିନ ଇତିହାସ କଥା କହିବା ଆରମ୍ଭ କଲା । ତାହାର ସବୁ କଥାକୁ ପ୍ରଫୁଲ୍ଲ ଉତ୍ସାହପୂର୍ବକ ଭାଷା ଦେଲେ ଏବଂ ବଡ଼ ଧୈର୍ଯ୍ୟ ସହକାରେ ଲେଖିଗଲେ ଶ୍ରୀ ଭଗୀରଥି ପ୍ରଧାନୀ ।

"ଇତିହାସ କଥା କହେ - ସମସ୍ତେ ତାହାର ଅବ୍ୟକ୍ତ ଭାଷାକୁ ବୁଝି ପାରନ୍ତି ନାହିଁ । କେତେକ ଅନୁଭବ କଲେ ମଧ୍ୟ ସେ କଥାକୁ ଲେଖିପାରନ୍ତି ନାହିଁ । କିନ୍ତୁ ଏକଥା ନିଶ୍ଚୟ ସତ ଯେ ଇତିହାସ କଥା କହେ । ନଦୀ କଥା କହେ, ଗୀତ ଗାଏ, ପର୍ବତ କଥା କହନ୍ତି । ଯୁଗ ଯୁଗ ଧରି ପଡ଼ିରହିଥିବା ସାମାନ୍ୟ ଗୋଟିଏ ପଥରକୁ ପଚାରିଲେ ସେ କହିଦେବ ଗୋଟିଏ ଇତିହାସ । ପଥରର ମୌନ ମୂକ ଭାଷା ଶୁଣି ତାହାକୁ ବୁଝିପାରିବାର ଲୋକ ଦରକାର । ନବ ଗବେଷକ ବା ତାମ୍ରପତ୍ର କହେ, ଐତିହାସିକ ବିନା ସେ ସବୁ ବୁଝି ହୋଇବ । ଏହି ମୌନ ପୃଥିବୀକୁ କିଏ ବୁଝି ପାରିବ, କିଏ ଲେଖି ପାରିବ ସେ ସବୁ କଥାକୁ ? ବନ୍ଧୁମାନେ ଅନେକଥର ମୋତେ କହନ୍ତି - ଆପଣ ଯାହାସବୁ କହୁଛନ୍ତି ସେ ସବୁ ଲେଖିଗଲେ ଭଲ ହୁଅନ୍ତା ! ସେମାନେ ଆହୁରି କହନ୍ତି ଯେ - ଆପଣ ଗୋଟିଏ ଜୀବନ୍ତ ଇତିହାସ ଅଟନ୍ତି । ମୁଁ ମରିଗଲେ ସିନା ଇତିହାସ ହେବି । ବର୍ତ୍ତମାନ ତ ବଞ୍ଚିରହିଛି, ଇତିହାସ ହେବି କିପରି ? କିନ୍ତୁ ଅନେକ ସମୟରେ ଭାବେ - ବାସ୍ତବରେ, ମୁଁ ମରିସାରିଛି । ମାତ୍ର ଜୀବନ୍ତ ପରି ଚଲବୁଲ କରୁଛି, ଖାଉଛି, ପିଉଛି, କଥା ବାର୍ତ୍ତା କରୁଛି । ମୃତ୍ୟୁ ମୋର ସମ୍ମୁଖରେ ଠିଆ ହୋଇ ସାରିଲାଣି, କେବଳ ପରସ୍ପର ପରସ୍ପରକୁ ଆଲିଙ୍ଗନ କରିବା ବାକି ରହିଛି । ଜୀବନର ଉପସଂହାର ଲେଖାହୋଇ ସାରିଲାଣି, କେବଳ

Digitized by PPRACHIN, SOA

ଗୋଟିଏ ପୂର୍ଣ୍ଣ ବୟସ ଚନ୍ଦ୍ର ଦେଖାଉ । ମୋର ସବୁ ଇଚ୍ଛା ହେଉଛି ଏଣୁ ବନ୍ଧୁ-ମାନଙ୍କ କହିବା କଥା ସତ ।

ଆଜି ନିଜ ସମ୍ବନ୍ଧରେ ସଂକ୍ଷେପରେ ଲେଖିବାକୁ ବସିଛି । ବର୍ତ୍ତମାନ ଅନୁଭବ ଓ ଏହି କଠୋର ଚଟାଣ ଉପରେ ଠିଆ ହୋଇ ନିଜର ପୃଷ୍ଠ ଭାଗକୁ ଅର୍ଥାତ୍ ଭୂତ କାଳ କୁ ଅନାଇ ଦେଖିଲେ ମୋତେ ଆଉ କିଛି ଦେଖା ଯାଉ ନାହିଁ କିନ୍ତୁ ଯେତେବେଳେ ଆଖିବୁଜି ଧ୍ୟାନସ୍ଥ ହୁଏ ସେତେବେଳେ ପାଖ ୫୭ ବର୍ଷର ଅନେକ କଥା ମନେ ପଡ଼ିଯାଏ । ସେ କଥା ଗୁଡ଼ିକରେ କ୍ରମ ରହିଛି ନାହିଁ । ଏପରି ଅନେକ କଥା ମୋର ମନେ ପଡ଼େ-ଯାହାକୁ ମୁଁ ମୂଲ୍ୟବାନ ମନେକରେଁ, ସେ କଥା ଗୁଡ଼ିକୁ ସ୍ମରଣ କରି ନିଜେ ଆନନ୍ଦିତ ହୋଇଥାଏଁ । ସେହିପରି କେତେ ଖଣ୍ଡିଆ ଦଣ୍ଡିଆ କଥା ମୁଁ ଆଜି ଲେଖିବାକୁ ବସିଛି ।

ମୁଁ ମୋର ବାଲ୍ୟକାଳ କୁ ବହୁତ ଭଲପାଏଁ । ବୋଧହୁଏ ସମସ୍ତେ ନିଜ ନିଜର ବାଲ୍ୟକାଳ କୁ ଭଲ ପାଆନ୍ତି । ଠିକ୍ ସେହିପରି ମୋର ବାଲ୍ୟ କାଳର ବରପାଲି ମୋତେ ବହୁତ ଭଲ ଲାଗୁଥିଲା । ଭଲପାଉଛି ବୋଲି ମୁଁ ପୁଅ ପାଇଛି, ତାହାର ଗୁଡ଼ି ବରପାଲିକୁ ଗୃହ ଆସିଛି । ମା'ର କୋଳ ପରି ବରପାଲିର କୋଳ ଆହ୍ଲାଦ ଦେଉଥାଏ, ସେଇଥିପାଇଁ ଅନ୍ତିମ ସମୟରେ ମା+ଟି ର କୋଳରେ ଆନନ୍ଦ ପୂର୍ବକ ଶୋଇଯିବାକୁ ମୁଁ ଚାହୁଁଛି ।

ଷାଠେ ବର୍ଷ ପୂର୍ବେ ବରପାଲିର ଭୂଗୋଳ ଆଜିକାର ଭୂଗୋଳରୁ ଅନେକ ଭିନ୍ନ ଥିଲା । ଉତ୍ତର ଦିଗରେ ଥିବା ହରିଜନ ପଡ଼ାରୁ ଆରମ୍ଭ କରି ଦକ୍ଷିଣ ଦିଗର ଭାପା ଓ ପାଚ ପଡ଼ା ପର୍ଯ୍ୟନ୍ତ ଲମ୍ବ ଏବଂ ପଶ୍ଚିମରେ ଥିବା ରାଜପଥରୁ ପୂର୍ବ ଦିଗର ଗଉ ଭିତର ପଡ଼ା ପର୍ଯ୍ୟନ୍ତ ଥିଲା ବରପାଲିର ପ୍ରସ୍ଥ । ରାଜବାଟୀର ଏହି ବର୍ତ୍ତମାନ ରୂପ ସେତେବେଳେ ନ ଥିଲା । ଏହାର ଛୁଆଁ ଡ଼ିବା ଘରେ ରାଜପରିବାରର ଲୋକେ ରହୁଥିଲେ । ରାଜବାଟୀର ଚତୁର୍ଦ୍ଦିଗରେ ଥିଲା ଖାଇ - ସେଥିରେ ପାଣି ଭରି ରହୁଥିଲା । ଖାଇ ସ୍ବରପରେ ଲକ୍ଷ ବାଙ୍ଗୁଣ ବୁଦା ଥିବାର ଶୁଣିଥିଲି । ତାହାର ସ୍ମୃତି ସ୍ବରୂପ ଜଗନ୍ନାଥ ମନ୍ଦିର ଯୋଗ ଭିତରେ ବର୍ତ୍ତମାନ ପର୍ଯ୍ୟନ୍ତ ବୁଦାଟିଏ ଥିଲା । ବରପାଲିର ଉତ୍ତର ପୂର୍ବ ଦିଗରେ ଗୋଟିଏ ସଘନ ଆମ୍ବ ତୋଟା ଥିଲା - ଯାହାକୁ ଅଧିକାଂଶ ବୁଢ଼ୀଇ ନାମରେ ସୁବିଦିତ । ବାସ୍ତବରେ ଦିନବେଳେ ତା ଭିତରକୁ ସୂର୍ଯ୍ୟ କିରଣ ପ୍ରବେଶ କରିପାରୁ ନ ଥିଲା; ତୋଟା ଭିତରେ ଘୁରି ଆଲୁଅର ଲୁଚକାଳି

Digitized by PPRACHIN, SOA

ଖେଳ ମନମୁଗ୍ଧକର ହେଉଥିଲା । ଉତ୍ତରରେ ଗମ୍ଭୀର ବୁଡ଼ଇ, ପୂର୍ବରେ ବଳି ବୁଡ଼ଇ, ଦକ୍ଷିଣରେ ବଂଶନା ବୁଡ଼ଇ ଓ ଦକ୍ଷିଣ ପଶ୍ଚିମ କୋଣରେ ଆଉ ଗୋଟିଏ ନୂଆଞ୍ଚ ତୋଟା ଥିଲା । ଏହିପରି ଆମ୍ରତୋଟାର ସ୍ନିଗ୍ଧ ବେଷ୍ଟନୀ ଭିତରେ ବସେ ଥିଲା ବରପାଲି । ମାଘ ମାସରେ ଆମ୍ବ ବଉଳର ବାସ୍ନାରେ ବରପାଲି ସୁଗନ୍ଧିତ ହୋଇ ଉଠୁଥିଲା ଏବଂ ଜ୍ୟେଷ୍ଠ ଆଷାଢ଼ ମାସ ପର୍ଯ୍ୟନ୍ତ ଆମ୍ର ରସାଳରେ ବରପାଲି ହେଉଥିଲା ଆପ୍ୟାୟିତ । ବରପାଲିର ଅନତି ଦୂରରେ ଝରିଆ ବଣ ଓ ଘଞ୍ଚ ଜଙ୍ଗଲ ଥିଲା ଯେଉଁଠି ହରିଣ, ସମ୍ବର, ବାଘ, ଭାଲୁ, ଶୂକର ଆଦି ବନ୍ୟଜନ୍ତୁ ନିରାପଦରେ ବିଚରଣ କରୁଥିଲେ । ଜାହାକୁ ଜାଳ କାଠର ଅଭାବ ନ ଥିଲା । ପୂର୍ବ - ପଶ୍ଚିମ ଦିଗକୁ ଏବେ ବି ଥିବା ବନ୍ଧ ପୋଖରୀରେ ବର୍ଷ ସାରା ପାଣି ଭରି ରହୁଥିଲା ଓ କଇଁ ଫୁଲ, ପଦ୍ମଫୁଲରେ ହସି ଉଠୁଥିଲା । ପ୍ରକୃତିର ଏହି ସୌନ୍ଦର୍ଯ୍ୟ ସୁଷମାର ପ୍ରଭାବ ପଡ଼ିଛି ଗଙ୍ଗାଧରଙ୍କ କାବ୍ୟ କବିତାରେ । ବରପାଲିରେ ଅନେକ ମଧ୍ୟ ମନ୍ଦିର ସବୁ ସେ ଯୁଗର ସ୍ଥାପତ୍ୟ କଳାର ପରିଚୟ ଦେବାପାଇଁ ଛିଡ଼ା ହୋଇ ରହିଛନ୍ତି । ଶୈବ, ଶାକ୍ତ ଓ ବୈଷ୍ଣବ ଏହି ତିନୋଟିର ସମନ୍ୱିତ ସଂସ୍କୃତିରେ ପରିପାଳିତ ବରପାଲି, ଆଜି ମଧ୍ୟ ମୋତେ ବରାବର ଆକୃଷ୍ଟ କରି ରଖିଛି । ସେ ସବୁ ସୌନ୍ଦର୍ଯ୍ୟ ସୁଷମା ଆଜି ଆଉ କରୁ ନାହିଁ । ହୁ ହୁ କରି ଉଡ଼ୁଥିବା ବର୍ତ୍ତମାନର ଏହି ଚଟାଣ ଉପରେ ଆଜି ଠିଆ ହୋଇଛି ୯୫ ବର୍ଷର ଏହି ଜରା ଜର୍ଜରିତ ବୃଦ୍ଧ - ପାଦ ଖୋଡ଼ି ଉଠୁଛି, ମୁଣ୍ଡ ଜଳି ଯାଉଛି ଓ ମୋର ମନ ଆଜି ୯୦ ବର୍ଷ ପୂର୍ବର କଥା ଭାଳି ଭାଳି କାନ୍ଦି ଉଠୁଛି ।"

ସେ ଆହୁରି ଅନେକ ମୂଲ୍ୟବାନ କଥା ଲେଖି ଯାଇଛନ୍ତି ବସ୍ତୁତ ରୂପେ ସେ ସବୁ ଉଦ୍ଧୃତ କରିବା ସମ୍ଭବ ହେଉନାହିଁ । ବରପାଲିକୁ ଭୁର୍କମାନେ କିପରି ଆସିଲେ, କିପରି ଗଲେ, ଭୂଞ୍ଜଆ, କୁଷ୍ଟା, କେଉଁଟ, ତିଅର, ସହର, ପାପ, ଶଂଖାଲ, ଗଣ୍ଡା, ଘାସୀ, ଚମାର, ବ୍ରାହ୍ମଣ, ସୁନାରୀ, କଂସାରୀ; ରାଜବଂଶ, କ୍ଷତ୍ରିୟ କୁଳ କେଉଁଠୁ କିପରି ଆସିଲେ, କେଉଁ ମନ୍ଦିର କେବେ ଓ କାହା ଦ୍ୱାରା ନିର୍ମିତ ହେଲା ସେ ସବୁର ମାର୍ମିକ ଇତିହାସ ସେ ଲେଖି ଯାଇଛନ୍ତି - ସତେ ଯେପରି ଇତିହାସ କଥା କହୁଛି ।

ବଂଶର ଐତିହ୍ୟ -

"ମୋର ପିତୃକୁଳର ଐତିହ୍ୟ ବୋଇଲେ ବିଶେଷ କିଛି ନାହିଁ । ବାପା

Digitized by PPRACHIN, SOA

ଶ୍ରୀ ଯଦୁନାଥ ପଟ୍ଟନାୟକ ଆସିଥିଲେ ତାଙ୍କ ମାମୁଁଙ୍କ ସଙ୍ଗରେ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ଜଗଣିଆ ଚଣ୍ଡୀ ଗ୍ରାମରୁ । ମାମୁଁ ଥିଲେ କାନୁନ୍‌ଗୋ, ତାଂକ ଭଣଜା ଯଦୁନାଥ ପଟ୍ଟନାୟକ ଥିଲେ ହେଡ୍ ଅମିନ୍ । ସେତେବେଳେ ସମ୍ବଲପୁର ଜିଲ୍ଲାରେ ଭୂମି ବନ୍ଦୋବସ୍ତ କାମ ଚାଲିଥାଏ । ସେହି ସମୟରେ ଯଦୁନାଥ ପଟ୍ଟନାୟକ ଆସିଥିଲେ ବରପାଲି । ସେ ଥିଲେ ସଚ୍ଚୋଟ, ସତ୍ୟବାଦୀ ଓ ସ୍ୱାର୍ଥହୀନଚେତା । ତାଙ୍କର ବିବାହ ହୋଇଥିଲା କୁମାରୀ ବାଣୀଙ୍କ ସଙ୍ଗରେ । ସେ ଥିଲେ ରୂପବତୀ । ସାମାନ୍ୟ କିଛି ପଢିଥିଲେ । ମଥୁରା ମଙ୍ଗଳ, ଭାଗବତ, ରାମାୟଣ, ମହାଭାରତ ଆଦି କାବ୍ୟ ଗ୍ରନ୍ଥ ସୁଲଳିତ କଣ୍ଠରେ ପାଠ କରି ପାରୁଥିଲେ । ତାଙ୍କ ପିତାଙ୍କ ନାମ ଥିଲା ମଧୁ ।

ମୋର ମାତୃ ମାତାମହ ମଧୁ ଓ ତାଙ୍କର ବଡ଼ଭାଇ ଥିଲେ ବଡ୍ରାମ୍ବୀ ପାଇକ ସେନାର ଦୁଇଜଣ ପ୍ରମୁଖ ସୈନିକ । ଦୁହେଁ ଥିଲେ ଅଶ୍ୱାରୋହୀ ଯୋଦ୍ଧା । ପାଇକ ବିଦ୍ରୋହ ବେଳେ ଏମାନେ ଅନେକ ଇଂରେଜ ସୈନ୍ୟଙ୍କୁ ନିହତ କରି ଖ୍ୟାତି ଅର୍ଜନ କରିଥିଲେ । ମୋର ଅଜା ମଧୁବୁଢ଼ାଙ୍କ ଠାରୁ ଶୁଣିଥିଲି ଯେ ତାଙ୍କର ଅଶ୍ୱାରୋହୀ ସେନା ନିଜ ଅଶ୍ୱପୃଷ୍ଠରୁ ଇଂରେଜ ମାନଙ୍କ ଅଶ୍ୱପୃଷ୍ଠକୁ ଡେଇଁ ଇଂରେଜ ଅଶ୍ୱାରୋହୀଙ୍କ ମୁଣ୍ଡ କାଟି ପୁଣି ସେ ଅଶ୍ୱ ପୃଷ୍ଠରୁ ମାଙ୍କଡ଼ ଡିଆଁ ମାରି ନିଜ ଅଶ୍ୱ ପୃଷ୍ଠକୁ ଡେଇଁ ଆସୁଥିଲେ । ଅଜାଙ୍କ ମୁଖରୁ ରୋମାଞ୍ଚକର କଥା ଶୁଣିବାକୁ ମିଳୁଥିଲା ଯେ - ସେମାନେ ଯେତେବେଳେ ପୃଷ୍ଠ ଭଙ୍ଗଦେଇ ପଳାଇ ଯାଉଥିବା ଇଂରେଜ ସୈନ୍ୟ ମାନଙ୍କ ମୁଣ୍ଡ କାଟି ଦେଉଥିଲେ ସେତେବେଳେ ମୁଣ୍ଡଟି ଭୂମି ଉପରେ ପଡି ଫର ଫର ନାଚି ଉଠୁଥିଲା ଓ କବନ୍ଧଟି ପାଞ୍ଚ କଦମ ଦଉଡ଼ି ଯାଇ ଭୂମିସାତ୍ ହେଉଥିଲା । ପାଇକ ସେନାରେ ଏହିପରି ଅଦ୍ଭୁତ ବେଗୀ ଅସିଚାଳକ ଥିଲେ । ଅଜାଙ୍କ କଥା ସବୁ ମୁଁ ଚକିତ ହୋଇ ଶୁଣୁଥିଲି । ଆଜିକାର ଲୋକେ ଏ ସବୁ କଥାକୁ ଆଉ ବିଶ୍ୱାସ କରିବେ ନାହିଁ । ଅମେ ଯେ ଦିନେ ଏପରି ବୀରତ୍ୱପୂର୍ଣ୍ଣ କାମ କରିପାରୁଥିଲୁ ସେ ଆତ୍ମବିଶ୍ୱାସ ଆଜି ହରାଇ ବସିଛୁ । ଏ ସବୁ କଥା କହିଲା ବେଳେ ମୋ ଅଜାଙ୍କର ମୁଖମଣ୍ଡଳ ତେଜୋଦୀପ୍ତ ହୋଇ ଉଠୁଥିଲା । ସେ କହୁଥିଲେ - ଆମେ ଖାରବେଳର ବଂଶୋଦ୍ଭବ ।

ବୃଟିଶ ସୈନ୍ୟମାନେ ପାଇକ ସେନାଙ୍କୁ ଛତ୍ରଭଙ୍ଗ କରିଦେବାରୁ ମୋର ଉଭୟ ମାତାମହ ଖୋର୍ଦ୍ଧା ଗଡ଼ ପଳାଇ ଆସିଲେ ବୌଦ୍ଧ ଆଡ଼କୁ । ପରେ

Digitized by PPRACHIN, SOA

ଯେତେବେଳେ ଇଂରେଜମାନେ ସମ୍ବଲପୁର ଦଖଲ କରିବାକୁ ଆସିଲେ ଏ ଦୁହେଁ ସୁରେନ୍ଦ୍ର ସାଏଙ୍କ ପକ୍ଷଭୁକ୍ତ ହେଲେ । ମଧୁ ଅଜାଙ୍କର ବଡ଼ଭାଇ ଇଂରେଜ ସେନାଙ୍କ ଦ୍ୱାରା ଧରା ପଡ଼ି ସୋନପୁରରେ ଫାଶୀ ପାଇଲେ । ସୋନପୁର ରଜା ଥିଲେ ଇଂରେଜ ମାନଙ୍କର ବିଶ୍ୱାସ ଭାଜନ । କିନ୍ତୁ ବୌଦ୍ଧ ଥିଲା ନିରପେକ୍ଷ ରାଜ୍ୟ । ଯେଉଁମାନେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ୁଥିଲେ ସେମାନଙ୍କୁ ଗୋପନ ଭାବରେ ଆଶ୍ରୟ ଦେଉଥିଲେ ବୌଦ୍ଧ ର ରଜା । ରାୟଗଡ଼ ଜିଲ୍ଲାର ଚନ୍ଦ୍ରପୁର ଥିଲା ସଂପୂର୍ଣ୍ଣ ରୂପେ ଇଂରେଜଙ୍କ ସମର୍ଥକ । ବରପାଲି ନିରପେକ୍ଷ ଥିଲା, ମାତ୍ର ଉପଯୁକ୍ତ ବିଦ୍ରୋହୀ । ଏମାନଙ୍କ ଭିତରେ ଖାଟଣା ରାଜ୍ୟ ଥିଲା କୁଚିଣ୍ଡା - ଯିଏ କି ଉଜ୍ଜ୍ୱଳ ସାଏଙ୍କୁ ଇଂରେଜଙ୍କ ହାତରେ ସମର୍ପଣ କରିଦେବାରେ ଟିକିଏ ହେଲେ ଲଜ୍ଜାବୋଧ ବା କୁଣ୍ଠାବୋଧ କରି ନ ଥିଲା ।

ମଧୁ ଅଜାଙ୍କ ବଡ଼ଭାଇଙ୍କୁ ଇଂରେଜମାନେ ପ୍ରାଣଦଣ୍ଡ ଦେଲାପରେ ମଧୁ ତାହା ଭୁଲିପାରିଲେ ନାହିଁ । ଷୁକ୍ଧ ସିଂହ ଠାରୁ ପ୍ରତିଶୋଧ ନେବାପାଇଁ ପଲଜ ମଲ୍ଲିକଙ୍କ ସେନାଭୁକ୍ତ ହେଲେ । ପଲଜ ମଲ୍ଲିକ ବୀର ସୁରେନ୍ଦ୍ର ସାଏଙ୍କର ଥିଲେ ସେନାପତି । ବଞ୍ଚି ନିଜସ୍ୱ ପାଇଁ ରାଜ୍ୟର ବିଶ୍ୱାସ ଘାତକ, ଧନାଢ୍ୟ ରୂପ ସିଂହଙ୍କ ଷଡ଼ଯନ୍ତ୍ରରେ ତାଙ୍କ ବଡ଼ଭାଇ ଫାଶୀ ପାଇଥିବାରୁ ମୋର ଅଜା ରୂପ ସିଂହଂକୁ ହତ୍ୟାକରି ପ୍ରତିଶୋଧ ନେବାକୁ ଚାହୁଁଥିଲେ । ଦିନେ ରୂପ ସିଂହ ଘୋଡ଼ା ଉପରେ ଚଢ଼ି କେତେକ ଇଂରେଜ ସୈନ୍ୟଙ୍କ ସଙ୍ଗେ ବନ ଜଙ୍ଗଲ ଭିତର ଦେଇ ସମ୍ବଲପୁର ଅଭିମୁଖେ ଯାତ୍ରା କରୁଥିବା ବେଳେ ସେହି ବାଟରେ ମୋର ଅଜା କେତେକ ସହଯୋଗୀ ସୈନ୍ୟଂକୁ ନେଇ ପଥର ଆଢ଼ୁଆଳରେ ଲୁଚି ରହିଲେ । ପଥର ଆଢ଼ୁଆଳରୁ ଗୁଳି ଛୁଟିଲା, ଘୋଡ଼ା ଉପରେ ସବାର ଥିବା ଲୋକଟି ସଂଗେ ସଂଗେ ଢଳି ପଡ଼ିଲା; କିନ୍ତୁ ରୂପ ସିଂହ ମରିଲେ ନାହିଁ, ମରିଥିଲା ତାଙ୍କର ସହିସଟି ।

ପରେ ମଧୁ ଇଂରେଜ ମାନଙ୍କ ଦ୍ୱାରା ଗିରଫ ହୋଇଗଲେ । ଦିନେ ତାଂକୁ ସୈନିକ ଅଦାଲତରେ ହାଜର କରିବା ପାଇଁ ସୋନପୁର ନିଆଗଲା । ମହାନଦୀ ପାରି ହେଉଁ ହେଉଁ ସୋନପୁର ଉପକଣ୍ଠରେ ହୋଇଗଲା ସନ୍ଧ୍ୟା । ମଧୁ ଗୋଟିଏ ଉପାୟ ସ୍ଥିର କଲେ । ଅମାଶୟର ବାହାନା କରି ସେ ସିପାହୀ ମାନଂକୁ କହିଲେ- "ଭାଇ ମୋର ପେଟ ମୋଡ଼ୁଛି, ଆମାଶୟ ମୋତେ ଅତିଷ୍ଠ କରିଦେଲାଣି,

Digitized by PPRACHIN, SOA

ଏ ମୋର ଲୁଗାପଟା ରହିଲା । ଏଇ ପାଖରୁ ମୁଁ ଆସୁଛି, ଟିକଏ ଅପେକ୍ଷା କର ।"
ତାଙ୍କ ଅଣ୍ଟା ଓ ହାତର ଦଉଡ଼ି ଖୋଲି ଦିଆଗଲା । ମଧୁସୂଦନ ଆଉ ଆସନ୍ତେ
କାହିଁକି ! ଆଡ଼ ଆଳକୁ ଚାଲି ପରେ ପଛଦୁଆ ଦେଇ ନିଘଞ୍ଚ ବଣକୁ ପଳାଇଗଲେ ।
ବଣଜଙ୍ଗଲ ପୂର୍ଣ୍ଣ ସ୍ଥଳ । ବହୁ ବାଧା ଅତିକ୍ରମ କରି ଆଶ୍ରୟ ନେଲେ ଗୋଟିଏ ପରିଚିତ
କୁଡ଼ିଆରେ । ପୋଲିସ ହାତରୁ ତାଙ୍କ ଖସି ପଳାଇବାର ସମାଚାର ଧ୍ୱଂସରେ ଫଗେ
ଚତୁର୍ଦ୍ଦିଗରେ ଚହଟି ଯାଇଥିବାରୁ ଆଶ୍ରୟଦାତା କହିଲେ - ଏ ସ୍ଥାନ ନିରାପଦ
ନୁହେଁ । ଖାଇ ପିଇ ସତ୍ତ୍ୱରେ ତୁମେ ବୌଦକୁ ପଳାଇ ଯାଅ । ରାତି ଭୋଜନ
ପରେ ତାଙ୍କୁ ଗୋଟିଏ ଠେଙ୍ଗା ଧରାଇ ଦେଇ ବୃଦ୍ଧ ବୃଦ୍ଧ କହିଲେ — ପ୍ରଭୁଙ୍କୁ
ସ୍ମରଣ କରି ସିଧା ବୁଲିଯାଅ । ଯାହା ଅଦୃଷ୍ଟ ଆସିବ ସାହସର ସହିତ ସାମନା
କରିବ । ତୁମେ ଏକ କୋଶ ବାଟ ଗଳପଥରେ ନରଭକ୍ଷୀ ବାଘ ତୁମର ପିଛା
ଧରିପାରେ । ସାହସ ହରାଇବ ନାହିଁ । ମଧୁ ଥିଲେ ଏତେବେଳେ ଯୁବକ, ସାହସୀ
ଓ ପରାକ୍ରମୀ । ସତରେ ବାଟରେ ବାଘ ପିଛା ଧରିଲା । ସାହସ ନ ହରାଇ ଠେଙ୍ଗାଟିକୁ
ଦୃଢ଼ତାସହିତରେ ବୁଲାଇ ବୁଲାଇ ସେ ବହୁ ପଥ ଅତିକ୍ରମ କରିଗଲେ । ବାଘ ମଧ୍ୟ
ଅନେକ ଦୂର ପଛେ ପଛେ ଯାଇ ଫେରିଗଲା । ସେ ବୌଦ ପାଖରେ ଥିବା ଗୋଟିଏ
ଗ୍ରାମକୁ ଯାଇ ତାଙ୍କ ପରିଚିତ ସାଥୀମାନଙ୍କ ସଙ୍ଗରେ ବୌଦ ରାଜାଙ୍କୁ ଭେଟି
ନିଜର ପରିଚୟ ଦେବାରୁ ରାଜା ଆଶ୍ରୟ ଦେଲେ । ତାଙ୍କ ଉପରେ ବହୁ ବର୍ଷ
ଖୋଜିବାରୁ ସ୍ଥିର ଦିଆଗଲା । ଯାଜ୍ଞା ପରିବର୍ତ୍ତନ କରି ବହୁତ ଦିନ ପର୍ଯ୍ୟନ୍ତ ସେ
ବୌଦରେ ରହିଲେ । କିନ୍ତୁ ଇଂରେଜ ଗୁପ୍ତଚରମାନେ ତାଙ୍କର ସନ୍ଧାନ ପାଇ
ଯିବାରୁ ସେ ସୋନପୁରର ଶେଷ ସୀମା କଦାଶିଳ ଗ୍ରାମକୁ ଚାଲି ଆସିଲେ ଏବଂ
ତାଙ୍କର ବିବାହ ମଧ୍ୟ ହେଲା ସେଇଠି । ପରେ ନିଜ କର୍ମସ୍ଥଳ ରୂପେ ବରପାଲି
ଆସିଲେ । ତାଙ୍କର ସୁପୁତ୍ରୀ ଥିଲେ ମୋର ପୂଜନୀୟା ମାତା ରାଣୀ । ମଧୁ ଅଜାଙ୍କର
ମୃତ୍ୟୁ ହୋଇଥିଲା ୩ - ୧୨ - ୧୯୧୨ ଇ: ରେ ବରପାଲି ଠାରେ । ତାଙ୍କ ରହିବା
ଘରଟି ଏ ପର୍ଯ୍ୟନ୍ତ ଭଙ୍ଗାରୁଜା ହୋଇ ରହିଛି, ସେ ନିଜ ହାତରେ ଯେଉଁ ତାଳଗଛ
ରୋପଣ କରିଥିଲେ ସେ ମଧ୍ୟରୁ କିଛି ଏବେ ବି ବଞ୍ଚିଛି ।

ବାଲ୍ୟ କାଳ ଓ ଶିକ୍ଷା -

ବରପାଲିର ଶାନ୍ତ ସୌମ୍ୟ ବାତାବରଣ ରେ ଭଗୀରଥିଙ୍କ ବାଲ୍ୟଜୀବନ

Digitized by PPRACHIN, SOA

ଆରମ୍ଭ ହେଲା । ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ ମା'ଙ୍କ ମୁଖରୁ ତାଂକୁ ଶୁଣିବାକୁ ମିଳୁଥିଲା ଭାଗବତ, ମଥୁରା ମଙ୍ଗଳ ଓ ଦାଢ଼୍ୟତା ଭକ୍ତି । ତାଙ୍କ ବାପାଙ୍କ ଠାରୁ ସେ ହାଠାରମ୍ଭ କରିଥିଲେ । ପିତାଙ୍କ ସାଧୁତା, ସରଳତା ଓ ସ୍ୱାଧୀନ ମନୋବୃତ୍ତିର ପ୍ରଭାବ ତାଙ୍କ ଜୀବନରେ ବାଲ୍ୟକାଳରୁ ପରିଲକ୍ଷିତ ହୋଇଥିଲା । ବିଦ୍ୟାଳୟର କଥା ସ୍ମରଣ କରି ସେ ଅନେକ ସମୟରେ ତାଙ୍କ ଗୁରୁ ମଦନମୋହନ ପ୍ରଧାନଙ୍କର ଗୁଣଗାନ କରୁଥିଲେ । ବିଦ୍ୟାଳୟ ଶିକ୍ଷା ସଙ୍ଗେ ସଙ୍ଗେ ତାଙ୍କର ଦୀକ୍ଷା ମଧ୍ୟ ଆରମ୍ଭ ହୋଇ ଯାଇଥିଲା । ଶିକ୍ଷା ହେଉଛି ଜ୍ଞାନର ପ୍ରକାଶ ଓ ଦୀକ୍ଷା ହେଉଛି ଗୋଟିଏ ଆଚରଣ - ଗୋଟିଏ ସଂସ୍କୃତି । ଶ୍ରୀ ମଦନମୋହନ ପ୍ରଧାନ ଗ୍ରାମ ସମ୍ବନ୍ଧରେ ହେଉ ଭଗୀରଥି ପଟ୍ଟନାୟକଙ୍କ ଥିଲେ ମାତୁଳ । ସେ ଥିଲେ ତାଙ୍କର ଶିକ୍ଷା ଓ ଦୀକ୍ଷା ଗୁରୁ । ପ୍ରତିଦିନ ସ୍କୁଲରୁ ତାଙ୍କର ପାଠପଢ଼ା ସଙ୍ଗୀ ସାଥୀମାନେ ଏକତ୍ର ହୋଇ ବ୍ୟାୟାମ କରୁଥିଲେ । ସନ୍ଧ୍ୟା ସମୟରେ ସେ ଶ୍ରୀ ପ୍ରଧାନଙ୍କ ପାଖରେ ବିଶେଷ ରୂପେ ଅଧ୍ୟୟନ କରୁଥିଲେ । କରପାଲିରେ ସେତେବେଳେ ଥିଲା ଗୋଟିଏ ବ୍ରାଞ୍ଚ ଡାକଘର ଓ ଶ୍ରୀ ମଦନ ମୋହନ ପ୍ରଧାନ ସେଥିରେ ଆଂଶିକ ଭାବେ ଥିଲେ ପୋଷ୍ଟ ମାଷ୍ଟର । ଗୁରୁ ଶିଷ୍ୟଙ୍କର ଏପରି ପ୍ରଗାଢ଼ ବିଶ୍ୱାସ ଥିଲା ଯେ ବେଳେ ବେଳେ ତାଙ୍କ ଉପରେ ପୋଷ୍ଟ ଅଫିସର ଟଙ୍କା ପଇସା ଆଦି ସବୁକିଛିର ଦାୟିତ୍ୱ ଶ୍ରୀ ପ୍ରଧାନ ଛାଡ଼ି ଦେଉଥିଲେ । କରପାଲିରେ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ତାଂକର ଶିକ୍ଷା ସମ୍ପୂର୍ଣ୍ଣ ହୋଇଥିଲା । ବରପାଲିର ତତ୍କାଳୀନ ରାଜା ନ୍ରପରାଜ ସିଂହ ତାଂକ ପୁଅ ଶ୍ରୀ ବୀର ମହେନ୍ଦ୍ର ସିଂହଂକ ଇଂରାଜୀ ଶିକ୍ଷା ପାଇଁ ଶ୍ରୀ ସୂର୍ଯ୍ୟକୁମାର ମୈତ୍ରଂକୁ ନିଯୁକ୍ତ କରିଥିଲେ । ମୈତ୍ରଂକ ଠାରୁ ଶ୍ରୀ ପଟ୍ଟନାୟକ ମଧ୍ୟ ଇଂରାଜୀ ଶିକ୍ଷା ଆରମ୍ଭ କରିଥିଲେ ।

ସେତେବେଳେ ସମଗ୍ର ଜିଲ୍ଲାରେ ସମ୍ବଲପୁର ଠାରେ ଥିଲା ଗୋଟିଏ ମାତ୍ର ହାଇସ୍କୁଲ । ଏଣୁ ତାଂକର ବାପା ଶ୍ରୀ ଯଦୁନାଥ ପଟ୍ଟନାୟକ ତାଂକର ନାମ ସମ୍ବଲପୁର ଜିଲ୍ଲା ସ୍କୁଲରେ ଲେଖାଇ ଦେଲେ । ଭଗୀରଥି ଆଶ୍ରୟ ନେଲେ ସମ୍ବଲପୁର ଦଲେଇ ପଡ଼ା ସ୍ଥିତ ଶ୍ରୀ ପଠାଣି ବାରିକଙ୍କ ଘରେ । ସେତେବେଳେ ଜିଲ୍ଲାସ୍କୁଲଟି ଥିଲା ବର୍ତ୍ତମାନର ଲେଡିଲୁଇସ୍ ଗାର୍ଲସ୍ ସ୍କୁଲରେ । ମାସକ ପରେ ଦୁଇଥର ଭଗୀରଥି ସମ୍ବଲପୁରରୁ ବରଗାଁରୁ ଓ କରପାଲିରୁ ସମ୍ବଲପୁର ଗୃହ ଯା'ଆସ କରୁଥିଲେ । ପ୍ରାୟ ମାସକ ପରେ ତାଂକର ପିତା ମଧ୍ୟ ସମ୍ବଲପୁର ଯାଇ ପୁଣିଥରେ ସବୁ ବ୍ୟବସ୍ଥା କରି ଆସୁଥିଲେ । ତାଂକର ପାଠପଢ଼ା ସଂଗୀ ଥିଲେ ଡା. ଜନାର୍ଦ୍ଦନ ପୂଜାରୀଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀ ପ୍ରସନ୍ନ କୁମାର ପୂଜାରୀ,

Digitized by PPRACHIN, SOA

ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଂକର ଶ୍ୱଶୁର ମାନ୍ଧାତା ନନ୍ଦ, ଭୂଧର ସ୍ୱନାମ ଧନ୍ୟ କବି ଲୋଚନ ପ୍ରସାଦ ପାଣ୍ଡେ, (ଯିଏକି ଭଦ୍ରକଠାରୁ ଆସି ସମ୍ବଲପୁର ଜିଲ୍ଲା ସ୍କୁଲରେ ପଢ଼ୁଥିଲେ) ଏବଂ ବାଞ୍ଛାନିଧି ମିଶ୍ର (ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କୁଳପତି ଡ: ପ୍ରଫୁଲ୍ଲ ପତିଙ୍କ ଶ୍ୱଶୁର)। ବରପାଲିର ବାଲ୍ୟ ସହପାଠୀ ଥିଲେ ବୀରମହେନ୍ଦ୍ର ସିଂହ, ନରୋତ୍ତମ ସାହୁ (ସୁନାଗାଁ), କପିଳ ସାହୁ (ଗୁଡଆ) ଓ ଗୋପିନାଥ ପତି ।

ଯଦୁନାଥ ପଟ୍ଟନାୟକ ବୁଝିଥିଲେ ତାଙ୍କର ପୁଅ ଙ୍କୁ ଉଚ୍ଚ ଶିକ୍ଷା ଲଭ କରି ଦେଶ ଜାତିର ମଙ୍ଗଳ ସାଧନ କରୁ । କିନ୍ତୁ ବିଧିର ବିଧାନ କିଏ ଜାଣିଛି ? ସନ୍ ୧୯୦୩ ରେ ଯଦୁନାଥ ପଟ୍ଟନାୟକଙ୍କ ଆକସ୍ମିକ ମୃତ୍ୟୁ ଘଟିଲା - ପୁଅ ପାଖକୁ ସମ୍ବଲପୁର ଯାଉଥିବା ବେଳେ ଅଟାବିରା ନିକଟସ୍ଥ ଜଙ୍ଗଲପଡ଼ାରେ । ସେତେବେଳେ ଭଗୀରଥି ନବମ ଶ୍ରେଣୀର ଛାତ୍ର । ସେଇଠି ଘଟିଲା ତାଙ୍କ ସ୍କୁଲ ଶିକ୍ଷାର ପୂର୍ଣ୍ଣଚ୍ଛେଦ ।

ଓଡ଼ିଆ ଶିକ୍ଷକ ଭଗୀରଥି -

ଶ୍ରୀ ପଟ୍ଟନାୟକ ଙ୍କୁ ସେତେବେଳେ ୧୮ ବର୍ଷ ବୟସ । ଏଣେ ପିତା ଛାଡ଼ିବାର ଦୁଃଖ ପୁଣି ପରିବାର ପୋଷଣର ଚିନ୍ତା । ତାଙ୍କ ପିତା ଆଦୌ ଅର୍ଥ ସଞ୍ଚୟ କରି ନ ଥିଲେ । ସେ କହୁଥିଲେ — "ପୁଅ ଯୋଗ୍ୟ ହେଲେ ଅର୍ଥ ସଞ୍ଚୟର ଦରକାର ବା କଣ ? ପୁଅ ଅଯୋଗ୍ୟ ହେଲେ ଟଙ୍କା ଜମା କରିବା ନିରର୍ଥକ ।" ଏପରି ପରିସ୍ଥିତିରେ ଖଣ୍ଡିଏ ଚାକିରୀ ପାଇଁ ଭଗୀରଥି ଚାହୁଁଥିଲେ ଶ୍ରୀ ଲକ୍ଷ୍ମୀଧର ପଟ୍ଟନାୟକ ଙ୍କ ପାଖରେ ଯିଏକି ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକ ଙ୍କ ବାପା । ସେତେବେଳେ ସେ ଥିଲେ ବରଗଡ଼ ର ମୁନ୍ସିଫ୍ । ଭଗୀରଥିଙ୍କୁ ଡାକ୍ତରୀ ପଢ଼ିବା ପାଇଁ ପରାମର୍ଶ ଦେଇ ସେ କହିଲେ— ଡାକ୍ତରୀ ପଢ଼ିବାର ସବୁ ଖର୍ଚ୍ଚ ମୁଁ ଯୋଗାଇବି, ତୁ ପଢ଼ । ଭଗୀରଥି ପରିବାର ପୋଷଣ କଥା କହିବାରୁ ସେ ତାଂକୁ ଖଣ୍ଡିଏ ଚାକିରୀ ଯୋଗାଇ ଦେଇଥିଲେ । ସେ ଚାକିରୀ ଥିଲା - ହିନ୍ଦି ଓ ମରାଠୀ ଭାଷା ଭାଷୀ ଅଫିସର ମାନଂକୁ ଓଡ଼ିଆ ପଢ଼ାଇବା କାମ । ସେତେବେଳେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଏଣୁ ଯେଉଁ ହିନ୍ଦୀ ଓ ମରାଠୀ ଭାଷାଭାଷୀ ଅଫିସର - କର୍ମଚାରୀମାନେ ସମ୍ବଲପୁର ଜିଲ୍ଲାକୁ ସ୍ଥାନାନ୍ତରିତ ହୋଇ ଆସୁଥିଲେ ସେମାନଂକୁ ଓଡ଼ିଆ ଜାଣିବା ନିତାନ୍ତ ଦରକାର ଥିଲା । ସନ୍ ୧୯୦୪ ରେ ସେ ରାୟପୁର ନିକଟସ୍ଥ ସିମଗା ଓ ଧମତରୀ କୁ ଯାଇ ଶିକ୍ଷକତା ଆରମ୍ଭ କରିଦେଲେ । ସେଇଠି ସେ ନିଜର ହିନ୍ଦି ଶିକ୍ଷାକୁ ମଧ୍ୟ ବର୍ଦ୍ଧିତ

Digitized by PPRACHIN, SOA

କଲେ । ତାଙ୍କର ଉଚ୍ଚାକାଂକ୍ଷୀ ମନ ବେଳେ ବେଳେ ତାଂକୁ ବ୍ୟସ୍ତ କରି ପକାଉଥିଲା । ଆର୍ଥିକ କାରଣରୁ ଶିକ୍ଷକତା ଛାଡ଼ି ସେ ବରପାଲିର ମୋହନ ମେହେରଙ୍କ ବ୍ୟକ୍ତିଗତ ବ୍ୟବସାୟରେ ଏକାଉଣ୍ଟାଣ୍ଟ ରୂପେ ଯୋଗଦେଲେ । କିନ୍ତୁ ଅଧିକ ବେତନ ସତ୍ତ୍ୱେ ସେ କାମରେ ମଧ୍ୟ ତାଙ୍କ ମନ ଲାଗୁ ନ ଥିଲା ।

ରାଷ୍ଟ୍ରୀୟ ଚେତନାର ଉଦୟ -

ବରଗଡ଼ରେ ଥାଇ ତାଙ୍କ ଭିତରେ ଆସିଲା ଗୋଟିଏ ରାଜନୈତିକ ବୈପ୍ଳବିକ ପରିବର୍ତ୍ତନ । ତାଙ୍କ ଗୁରୁ ମଦନ ମୋହନ ପ୍ରଧାନଙ୍କ ଉପଦେଶ କ୍ରମେ ସେ ବମ୍ବେରୁ ପ୍ରକାଶିତ 'କେଶରୀ' ପତ୍ରିକା ଓ 'ବେଙ୍କଟେଶ୍ୱର ସମାଚାର' ର ହେଲେ ସ୍ଥାୟୀ ଗ୍ରାହକ । 'ବେଙ୍କଟେଶ୍ୱର ସମାଚାର' ତରଫରୁ ସ୍ଥାୟୀ ଗ୍ରାହକମାନଙ୍କୁ ବାର୍ଷିକ ଖଣ୍ଡିଏ ରାଷ୍ଟ୍ରୀୟ ଭାବାତ୍ମକ ପୁସ୍ତକ ଉପହାର ସ୍ୱରୂପ ଦିଆଯାଉଥିଲା । ଉପହାର ରୂପେ ଯୁବକ ଭାଗୀରଥି ପଟ୍ଟନାୟକ ପାଇଥିଲେ - 'ଦେଶ୍ କି ବାତ୍' 'ଆନନ୍ଦ ମଠ', 'ଜାପାନ୍ କା ଉଦୟ' ଏବଂ ଆଉ କେତୋଟି ପୁସ୍ତକ । ପ୍ରଥମ ପୁସ୍ତକଟି ପ୍ରସିଦ୍ଧ କ୍ରାନ୍ତିକାରୀ ସଖାରାମ ଗଣେଶ ରାମ ଦେଉସ୍କରଙ୍କ ଦ୍ୱାରା ଲିଖିତ । ମୂଳ ମରାଠୀରୁ ଅନୁବାଦ ହୋଇଥିଲା ବଙ୍ଗଳା, ହିନ୍ଦୀ ଓ ଆଉ ଅନେକ ଭାରତୀୟ ଭାଷାରେ । ଏହି ପୁସ୍ତକଟି ସମ୍ପୂର୍ଣ୍ଣ ଭାରତର ଯୁବକ ମାନଙ୍କ ଭିତରେ ଗୋଟିଏ ନୂଆଁ ରାଷ୍ଟ୍ରୀୟ ଚେତନା ଖେଳାଇ ଦେଇଥିଲା । ବଙ୍ଗଳା "ଦେଶେର୍ କଥା" ପଢ଼ି ହିଂସା ଉପରେ ବିଶ୍ୱାସ କରୁଥିବା କ୍ରାନ୍ତିକାରୀ ମାନଂକର ହେଲା ଉଦୟ । ସେହିପରି 'ଆନନ୍ଦ ମଠ' ପଢ଼ି ଯୁବକମାନେ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ । ସେଥିରେ ଥିବା "ବନ୍ଦେ ମାତରମ୍" ଗୀତ ସ୍ୱାଧୀନତା ଆନ୍ଦୋଳନ ସମୟରେ କୋଟି କୋଟି ଭାରତୀୟମାନଂକୁ ଦେଇଥିଲା ପ୍ରେରଣା ଏବଂ ଆଜି ତାହା ହୋଇଛି ଆମର ରାଷ୍ଟ୍ରୀୟ ସଙ୍ଗୀତ । "ଜାପାନ୍ କା ଉଦୟ" ରେ ଦର୍ଶାଯାଇଥିଲା ସେ ଦେଶର ବାଳକମାନଂକ ସାହସିକତା । ଏହି ସବୁ ପୁସ୍ତକ ପାଠରୁ ଯେନେ ଭାଗୀରଥିଂକ ମନରେ ପ୍ରବାହିତ ହେଲା ଜାତୀୟ ଚେତନାର ଧାରା । ଏହି ପୁସ୍ତକ ଗୁଡିକୁ ସେତେବେଳେ ବ୍ରିଟିଶ୍ ସରକାର ବେଆଇନ ଘୋଷଣା କରିଦେଇଥିବାରୁ ଶ୍ରୀ ପଟ୍ଟନାୟକ ସେ ଗୁଡିକୁ ଲୁଚେଇ ରଖି ପଢୁଥିଲେ ।

ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରୁ ତାଂକ ମନରେ ରାଷ୍ଟ୍ରୀୟ ଚେତନାର ଉଦୟ ହୋଇ ସାରିଥିଲା ଏବଂ ତା ୫ - ୨ - ୧୯୦୭ ଇ. ଦିନ ତାହା ଆହୁରି

Digitized by PPRACHIN, SOA

ଦୃଢ଼ୀଭୂତ ହେଲା । ତା ୧୨-୪-୧୯୦୬ ଇ ରେ ତାଂକ ଭିତରେ ଜାଗ୍ରତ ହେଲା ବିଦେଶୀ ବସ୍ତୁ, ବସ୍ତ୍ର ଓ ଆଗ୍ରର ବ୍ୟବହାର ବର୍ଜନର ଚିନ୍ତା । ତା ପରଦିନ ନିଜ ଡାଏରୀ(ଖଣ୍ଡ-୨)ରେ ସେ ଲେଖିଛନ୍ତି-"ବନ୍ଦେ ମାତରମ୍, ଜନ୍ମଭୂମିର ଉନ୍ନତି, ସ୍ୱଦେଶାଭିମାନ,ସ୍ୱଦେଶ ପ୍ରେମ, ସ୍ୱଦେଶ ବ୍ରତଧାରଣ ନୂତନ ବର୍ଷ ଆରମ୍ଭ । ହେ ଈଶ୍ୱର ! - ଦେଶର ଉନ୍ନତି ଏବଂ ଦେଶର ମଙ୍ଗଳ କୃତ ପ୍ରଦାନ କର ।" ସେ ଦିନ ଥିଲା ବଙ୍ଗମାସ ୧୯୬୪ ର ଆରମ୍ଭ । ପୁଣି ତା ୧୨।୪।୧୯୦୮ ର ଡାଏରୀ ବିକ୍ରମ ସମ୍ବତ୍ ୧୯୬୫ର ପ୍ରଥମ ପୃଷ୍ଠାରେ ସେ ଲେଖିଯାଇଛନ୍ତି- "ବନ୍ଦେ ମାତରମ୍ । ନମୋ ଭଗବତେ ବାସୁଦେବାୟ ନମଃ । ହେ ଈଶ୍ୱର ସ୍ୱଦେଶର ମଙ୍ଗଳ କର ।" ତା ୧୭।୪।୧୯୦୮ ଦିନ ଯୁବକ ଭଗୀରଥିଙ୍କୁ ଗୋଟିଏ ଅଣନିଶ୍ୱାସୀ ଜ୍ୱର ଉଦ୍‌ବେଜିତ କଲା । ସେ ଚିନ୍ତା କଲେ କେବେ ବୃଦ୍ଧାଶ୍ରମ ଓ ପରିବାରର ବନ୍ଧନରୁ ମୁକ୍ତ ହୋଇ ନିଜକୁ ଦେଶ କାମରେ ସଂପୂର୍ଣ୍ଣ ନିୟୋଜିତ କରିପାରିବେ । ସେଦିନ ଡାଏରୀରେ ସେ ଲେଖିଛନ୍ତି - "କେତେ ଦିନେ ଈଶ୍ୱର ମୋତେ ନିସ୍ତାର କରିବେ"- ଅର୍ଥାତ୍ ଏ ସବୁ ଜଞ୍ଜାଳରୁ ମୁକ୍ତ ଦେବେ । ତା ୧୮।୯।୧୯୦୮ ରେ ସେ ଲେଖିଲେ, "ଜନ୍ମଭୂମିର ସେବା ଗୁଡ଼ି ରାଜ ସିଂହାସନରେ ବସିବା ଭଲ ନୁହେଁ ।"

ସମଗ୍ର ଦେଶରେ ଜାତୀୟ ଚେତନା ଓ ସ୍ୱାଧୀନତା ଲାଭ ପାଇଁ ସଂଗ୍ରାମର ପ୍ରେରଣା ଏକ ନୂତନ ଆଲୋଡ଼ନ ସୃଷ୍ଟି କରିଥାଏ । ଭଗୀରଥି ମଧ୍ୟ ସେଥିରେ ଉଦ୍‌ବୁଦ୍ଧ ହେଲେ । ସେତେବେଳେ ମାତ୍ର ଗୋଟିଏ ଟଙ୍କାରେ ଜଣକର ମାସିକ ଖର୍ଚ୍ଚ ଚଳିଯାଉଥିଲା । ଭଗୀରଥି ବାବୁ ତାଙ୍କ ଚାକିରୀର ମାସିକ ବେତନ ତିରିଶ ଟଙ୍କାକୁ ଜଳାଞ୍ଜଳି ଦେଇ ସୁନ୍ଦରଗଡ଼ରୁ ଚାଲି ଆସିଲେ ବରପାଲି ତା ୧୩।୪।୧୯୧୦ ରେ । ଆଶ୍ୱସ୍ତି ବୋଧକରି ସେଦିନ ଡାଏରୀରେ ଲେଖିଛନ୍ତି- "ଯେଉଁମାନେ ସର୍ବଦା ନ୍ୟାୟ ପଥରେ ଚାଲନ୍ତି, ନ୍ୟାୟ ଅନ୍ୟାୟର ତର୍କ କରି କାମ କରନ୍ତି ଈଶ୍ୱର ତାଙ୍କର ସାହାଯ୍ୟ କରନ୍ତି ।"

ତା ୨।୫।୧୯୧୦ ଇ ଦିନ ଆକାଶରେ ଗୋଟିଏ ଧୂମକେତୁର ଆବିର୍ଭାବ ହୋଇ ତା ୨୦।୫।୧୯୧୦ ଦିନ ଅଦୃଶ୍ୟ ହେଲା । ଠିକ୍ ସେହିପରି ଯୁବକ ଭାଗୀରଥିଙ୍କ ମନରେ ଏକ ମହା ପରିବର୍ତ୍ତନ କାରି ଧୂମକେତୁର ଉଦୟ ହେଲା କିନ୍ତୁ ତାର ଅସ୍ତ ଆଉ ହେଲା ନାହିଁ । ତା ୬।୫।୧୯୧୦ ଇ ରେ ଭାରତ ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ଙ୍କ ମୃତ୍ୟୁ ହେଲା, ତାଙ୍କ ପରେ ଭାରତରେ ଯେଉଁ

Digitized by PPRACHIN, SOA

ବ୍ରିଟିଶ ଶାସନ ଆରମ୍ଭ ହେଲା ସେ ଶାସନର ରାଜସିଂହାସନ ଭାରତୀୟ ଜାତୀୟ ଆନ୍ଦୋଳନ ଯୋଗୁଁ କ୍ରମେ କ୍ରମେ ଦୋହଲିବାକୁ ଲାଗିଲା ।

ରାଜସେବା ଓ ପ୍ରଥମ ଜେଲଦଣ୍ଡ -

ପ୍ରଥମ ସ୍କୁଲରୁ ସ୍ୱେଚ୍ଛାରେ ଅବ୍ୟାହତି ନେଇ ଅନେକ ଦିନ ପର୍ଯ୍ୟନ୍ତ ଭଗୀରଥି ଉପାର୍ଜନହୀନ ହୋଇ ବସି ରହିଲେ । ତାଙ୍କର ପାରିବାରିକ ଆର୍ଥିକ ଦୁରବସ୍ଥା ତାଙ୍କୁ ବାଧ୍ୟ କରିବାରୁ ତାଙ୍କ ଗୁରୁ ମଦନ ମୋହନ ପ୍ରଧାନ ଙ୍କ ଚେଷ୍ଟା ଓ କାଳମୁକୁନ୍ଦ ବନ୍ଦ୍ୟୋପାଧ୍ୟାୟଙ୍କ ସୁପାରିଶ କ୍ରମେ ସେ ପାଟଣା ମହାରାଜ ପୃଥ୍ୱୀରାଜ ସିଂହଦେଓଙ୍କ ଅଧୀନରେ କାର୍ଯ୍ୟାରମ୍ଭ କଲେ । ପ୍ରଥମେ ନାଜର ରୂପେ ତା ୧୯-୧୦-୧୯୧୦ ଦିନ ଯୋଗଦେଇ ପରେ ହେଲେ ମୁନସୀ ଓ ମହାରାଜାଙ୍କର ବ୍ୟକ୍ତିଗତ ସେକ୍ରେଟାରୀ । ରାଜସେବା, ତାହା ପୁଣି ଗୋଟିଏ ଦେଶୀୟ ରାଜାଙ୍କ ଅଧୀନରେ ରାଜସେବା । ପଦେ ପଦେ କଣ୍ଟକଣା । ଅନ୍ୟାୟ ଅତ୍ୟାଚାର ଦେଖି ମୁଦ୍ଧା କେହି ପ୍ରତିବାଦ କରିପାରିବେ ନାହିଁ, ରାଜା ଓ ରାଜପରିବାର ବିରୁଦ୍ଧରେ କେହି କଥା ପଦେ ମଧ୍ୟ କହି ପାରିବେ ନାହିଁ । ଶୁଣି ପାରିବେ ନାହିଁ । ଏପରି ଗୋଟିଏ ନରକ ଭିତରେ ରାଜସେବା ଆରମ୍ଭ କରିଥିଲେ ଭଗୀରଥି ପଟ୍ଟନାୟକ - ଯାହାଙ୍କ ମନରେ ୧୯୦୫ ରୁ ଆରମ୍ଭ ହୋଇଥିଲା ରାଷ୍ଟ୍ରୀୟ ଚେତନାର ଧାର । ଏପରି ଏକ ଅଣନିଶ୍ୱାସୀ ବାତାବରଣ ଭିତରେ ରହିକରି ସେ ଯେ ୯ ବର୍ଷ କାଳ କଟାଇଥିଲେ ତାହା ହେଉଛି ବିସ୍ମୟ ର ବିଷୟ ! ପେଟ ଓ ପରିବାର ତାହାଙ୍କୁ ହନ୍ତସନ୍ତ କରିନାହିଁ, ହରିଚ୍ଛନ୍ଦ ହଇରାଣରେ ପକାଇ ନାହିଁ !

ରାଜା, ରାଜ ପରିବାରର ସଦସ୍ୟ ତଥା ଉଚ୍ଚପଦସ୍ଥ ରାଜକର୍ମଚାରୀ ମାନଙ୍କ ଅନ୍ୟାୟ ଅତ୍ୟାଚାର ଦେଖି ଦେଖି ଭଗୀରଥି ଅତିଷ୍ଠ ହୋଇ ପଡ଼ୁଥିଲେ । ସେଠାରେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ ପାଟଣାଗଡ଼ର କୁଞ୍ଜବିହାରୀ ମେହେର । ଦୁହେଁ ଥିଲେ ରାଷ୍ଟ୍ରୀୟ ଚେତନାର ଜୀବନ୍ତ ଦୂତ । ସେ ସମୟରେ ଜାତୀୟ ରାଜନୀତିର ମଞ୍ଚରେ ବହୁ ଚର୍ଚ୍ଚିତ ଥିଲା ତିନୋଟି ନାମ—ଲାଲ୍-ବାଲ୍-ପାଲ୍ । ଅର୍ଥାତ୍ – ଲାଲା ଲଜପତ୍ ରାଏ, ବାଲ ଗଙ୍ଗାଧର ତିଲକ ଓ ବିପିନ ଚନ୍ଦ୍ର ପାଲ । ଏ ତିନହେଁ ସେତେବେଳେ ରୁଷିଆର ଅକ୍ଟୋବର ବିପ୍ଳବ ଦ୍ୱାରା ପ୍ରଭାବିତ ହୋଇ ଲେଖୁଥିଲେ ଅନେକ ଓଜସ୍ୱିନୀ ଲେଖା । ସେ ସବୁ ପ୍ରକାଶିତ ହେଉଥିଲା "କେଶରୀ" ପତ୍ରିକାରେ । ସେ ସମୟେ ରାଜା ମହେନ୍ଦ୍ର ପ୍ରତାପ କାବୁଲରେ ସ୍ୱାଧୀନ ଭାରତର ଘୋଷଣା କରି ନିଜେ ରାଷ୍ଟ୍ରପତି ପଦରେ ଅଭିଷିକ୍ତ ହୋଇଥିଲେ ଏବଂ ୧୯୧୮ ରେ ସେ ସୋଭିଏତ୍ ରୁଷକୁ ଯାଇ

ଲେନିନ୍ ଙ୍କ ସଙ୍ଗେ ସାକ୍ଷାତ୍ ମଧ୍ୟ କରିଥିଲେ । ୧୯୧୮ ଜାନୁୟାରୀରେ ବାଳ ଗଙ୍ଗାଧର ତିଳକ୍ ଅକ୍ଟୋବର ବିପ୍ଳବ ଓ ଲେନିନଙ୍କ ସମ୍ବନ୍ଧରେ ଯେଉଁ ସଂବାଦୋଦ୍ୟୋତକ ଓଜସ୍ୱିନୀ ଲେଖାଟି ଲେଖିଥିଲେ ସେହି ଲେଖା ବିଶେଷ ପ୍ରଭାବିତ କରିଥିଲା ଭଗୀରଥି ପଟ୍ଟନାୟକଙ୍କୁ ଏବଂ ସେ ଦିନ ସେ ସଂକଳ୍ପ କରିଥିଲେ ସ୍ୱଦେଶସେବା ଗୁପ୍ତ ଜାତୀୟ ଆନ୍ଦୋଳନ ର ଅଗ୍ନିକୁଣ୍ଡରେ ଝାସ ଦେବାପାଇଁ । ଭାରତୀୟ ନେତୃ ବର୍ଗଙ୍କ ଭିତରେ ଅକ୍ଟୋବର ବିପ୍ଳବ ଥିଲା ପ୍ରେରଣାର ଉତ୍ସ । ଗାନ୍ଧୀ ମଧ୍ୟ ସେ ବିପ୍ଳବକୁ ଦେଖି ପ୍ରଭାବିତ ହୋଇଥିଲେ, ଅବଶ୍ୟ ରକ୍ତାକ୍ତ ବିପ୍ଳବଟି ତାଙ୍କ ମନକୁ ପାଇ ନ ଥିଲା । ନୂତନ ପ୍ରେରଣାରେ ଉଦ୍‌ବୁଦ୍ଧ ଭଗୀରଥିଙ୍କ ରୁଦ୍ଧ ଆବେଗ ପ୍ରକାଶ ଲାଭକଲା । ସରକାରଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ହେଲେ ରାଜଦ୍ରୋହୀ । ତାପରେ ଜେଲଦଣ୍ଡ । ରାଜଦ୍ରୋହୀ ଭାଗୀରଥି ଙ୍କ ଘର ଖାନତଲାସ ହେଲା । ବାହାରିଲା ବାଜ୍ୟାପ୍ତ ହୋଇଥିବା ପୁସ୍ତକ ସବୁ ଓ ଖଣ୍ଡେ ଅଖଣ୍ଡ ଖଦଡ଼ । ରାଜଦ୍ରୋହ ଅପରାଧରେ ତାଂକୁ ଏକବର୍ଷ ସଶ୍ରମ କାରାଦଣ୍ଡ ହେଲା । ତା ୯ - ୨ - ୨୦ ରୁ ତା ୪ - ୧୨ - ୨୦ ପର୍ଯ୍ୟନ୍ତ ସେ ରହିଲେ ବଲଙ୍ଗିର ଜେଲରେ । ଏହାପରେ ଗୋଟିଏ ଦେଶୀୟ ରାଜ୍ୟର ଜେଲରେ ଏତେ କାଳ ପର୍ଯ୍ୟନ୍ତ ରହିବାକୁ ପଡ଼ିଥିଲା ଜବାହରଲାଲ ନେହେରୁଂକୁ ମଧ୍ୟ, ଏ କଥା ସେ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପଟ୍ଟନାୟକ ବଲାଙ୍ଗିର ଜେଲ ଭିତରେ କଠିନ ଆମାଶୟ ରୋଗରେ ପୀଡ଼ିତ ହେଲେ ।

ଗୟା କଂଗ୍ରେସର ଯାତ୍ରୀ -

ବଲାଙ୍ଗିର ଜେଲରୁ ମୁକ୍ତି ଲାଭ ପରେ ନିଜ ସ୍ୱାସ୍ଥ୍ୟକୁ ସୁଧାରିବା ପାଇଁ ତାଙ୍କ୍ ଅନେକ ଦିନ ଲାଗିଗଲା । ଗୋଟିଏ ମୃତ୍ୟୁ ମୁଖରୁ ପାଇଥିଲେ ତ୍ରାଣ । ରାଜ ସେବାର ଉପହାର ସ୍ୱରୂପ କେତେ ଦେଶୀୟ ରାଜ୍ୟ ମାନଙ୍କରୁ ଆଣିଥାନ୍ତି ଧନରତ୍ନ ଗୃହ ମାଠିଆରେ ପୂରାଇ ସ୍ୱର୍ଣ୍ଣ ଆଭରଣ ଓ ପାଉଥିଲେ ଜାଗିରି; କିନ୍ତୁ ରାଜଦ୍ରୋହୀ ଭଗୀରଥି ପଟ୍ଟନାୟକ ପାଇଥିଲେ ଜେଲଦଣ୍ଡ, ଭଗ୍ନ ସ୍ୱାସ୍ଥ୍ୟ, ସଙ୍ଗରେ ଆଣିଥିଲେ ବଡ଼ ଗୋଟିଏ ଶିଳ ପଥର ଏବଂ ଶିଶୁକାଠରେ କୁନ୍ଦା ହୋଇଥିବା ଗୋଟିଏ ସୁନ୍ଦର ଚରଖା । ଶିଳପଥରଟି ଏ ପର୍ଯ୍ୟନ୍ତ ରହିଛି ତାଙ୍କର ପୁରୁଣା ଘରେ କିନ୍ତୁ ଚରଖାଟିକୁ ପରେ ପୋଲିସ ଜବତ କରିନେଲା । ସେହି ଚରଖାରେ ସେ ନିଜେ ସୂତାକଟା ଆରମ୍ଭ କଲେ ତଥା ନିଜ ସ୍ତ୍ରୀ ଜମ୍ବୁବତୀ ଓ ପୁଅ ପ୍ରଫୁଲ୍ଲ ଙ୍କୁ ମଧ୍ୟ ଶିଖାଇଲେ । ସେହି ଦିନ

Digitized by PPRACHIN, SOA

ଠାରୁ ସେଉଁ ଖଦଡ଼ ଜମା ତାଙ୍କ ଦେହରେ ଲାଗିଲା ତାକୁ ସେ ଆଜି କେବେ ପରିତ୍ୟାଗ କଲେନାହିଁ ।

ଜେଲରୁ ସେ ବାହାରିବା ବେଳେ ଭାରତର ରାଜନୈତିକ ମଞ୍ଚରେ ଆସିଥାଏ ଗୋଟିଏ ବିରାଟ ପରିବର୍ତ୍ତନ । ୧ ଅଗଷ୍ଟ ୧୯୨୦ ରୁ ଗାନ୍ଧିଜୀ ଆରମ୍ଭ କରିଦେଇଥିଲେ ନିଜର ସବିନୟ ଅବଜ୍ଞା ଆନ୍ଦୋଳନ । ତା ସଙ୍ଗେ ସଙ୍ଗେ ଖିଲାଫତ ଆନ୍ଦୋଳନକୁ ମଧ୍ୟ ନୈତିକ ସମର୍ଥନ ଦେଉଥିଲେ । ସେ ଆନ୍ଦୋଳନର ନେତୃତ୍ୱ ନେଉଥିଲେ ମହମ୍ମଦ ଅଲି ଓ ସୌକତ ଅଲି ଦୁଇଭାଇ । ଦୁର୍ଭାଗ୍ୟକୁ ସେତେବେଳେ ଘଟିଗଲା ଚୌରି ଚୌରା ହତ୍ୟାକାଣ୍ଡ । ଏ ଘଟଣା ପରେ ଗାନ୍ଧିଜୀ ନିଜର ଆନ୍ଦୋଳନକୁ ସ୍ଥଗିତ ରଖି ଚରଖା ସୃଜନ, ନିଶା ନିବାରଣ ଓ ଅସ୍ପୃଶ୍ୟତା ଦୂରୀକରଣ କାର୍ଯ୍ୟରେ ମନୋନିବେଶ କରିଥିଲେ ।

ସମ୍ପୂର୍ଣ୍ଣ ସମ୍ବଲପୁର ଜିଲ୍ଲାରେ ପଦବ୍ରଜରେ ବୁଲି ବୁଲି ଲାଗିରହି ଆରମ୍ଭ କଲେ କଂଗ୍ରେସ ସଂଗଠନ । ସେତେବେଳେ ସେ ଯେଉଁ କଂଗ୍ରେସ - ପରିବାର ପାଇଲେ, ସେ ପରିବାରରୁ ଅଲଗା ହେଲେ ବିଚ୍ଛିନ୍ନ ହେଲେ ନାହିଁ । ସମ୍ବଲପୁର ଜିଲ୍ଲା କଂଗ୍ରେସ ସାଙ୍ଗରେ ବଢ଼ିଲା ତାଙ୍କର ଘନିଷ୍ଠ ସହଯୋଗ । ସେ ସହଯୋଗୀ ବନ୍ଧୁ ରୂପେ ପାଇଲେ ··· ଚିନ୍ତାମଣି ପୂଜାରୀ, ଚନ୍ଦ୍ରଶେଖର ବେହେରା, ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ, ଶ୍ରୀଲୋଚନ ନାଥ ସାହଦେବ, ପଣ୍ଡିତ ନୃସିଂହ ଗୁରୁ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଅନନ୍ତ ମିଶ୍ର, ନୃସିଂହ ଷଡ଼ଙ୍ଗୀ, ମହାବୀର ସିଂହ ଓ ଜୟୁରାମଙ୍କୁ । ସେ ଆଉ ଏକାକୀ ନ ଥିଲେ । ଏକରୁ ହୋଇଥିଲେ ଅନେକ ଏବଂ ଅନେକାନେକ । ସଂପୂର୍ଣ୍ଣ ସମ୍ବଲପୁର ଜିଲ୍ଲାଟି ହୋଇଗଲା ତାଙ୍କର ଘର ।

ଗୟା କଂଗ୍ରେସର ପ୍ରସ୍ତୁତି ପାଇଁ ତା ୨୩।୧୦।୨୨ ରୁ ତା ୨୪।୧୦।୨୨ ପର୍ଯ୍ୟନ୍ତ ସମ୍ବଲପୁର ବାଲିବନ୍ଧା ଠାରେ କଂଗ୍ରେସ ସଭା ହେଲା ଓ ସେ ସଭାର ସଂଗଠନ ଓ ପ୍ରଚାର ପାଇଁ ଲାଗିରହି ନିଜ ବେକରେ ଡିଣ୍ଡିମଟିଏ ଲମ୍ବାଇ ଗାଁ ଗାଁ ଯାଇ କରିଥିଲେ ଘୋଷଣା । ନିଜ ହାତରେ ପ୍ରଚୁର ପତ୍ରର କାର୍ବନ କପି କରି ବାଣ୍ଟିଥିଲେ । ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସୁପାରିଶ କ୍ରମେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟୀ ତାଙ୍କୁ ପଠାଇଥିଲେ ଗୟା କଂଗ୍ରେସ ଅଧିବେଶନର ପ୍ରତିନିଧି ରୂପେ । ସେ, ସପତ୍ନୀକ ମହାବୀର ସିଂହ ଓ ଶ୍ରୀ ଜୟୁରାମ ଝାରସୁଗୁଡ଼ାରୁ ତା ୨୧।୧୨।୨୨ ଇ:

Digitized by PPRACHIN, SOA

ଦିନ ଟ୍ରେନ ଯୋଗେ ଯାତ୍ରା କଲେ ଗୟା ଅଭିମୁଖେ । କଂଗ୍ରେସ ଅଧିବେଶନ ଚାଲିଥିଲା ତା ୨୬ । ୧୨ । ୨୨ ରୁ ତା ୩୧ । ୧୨ । ୨୨ ପର୍ଯ୍ୟନ୍ତ । ସେ ତାଙ୍କ ଡାଏରୀରେ ଅକାଳୀ ଶିଖ ମାନଙ୍କର ପ୍ରଶଂସା କରିଯାଇଛନ୍ତି । ଅକାଳୀମାନେ ଗୋଟିଏ ଦିନ ନିଜ ହାତରେ ରାନ୍ଧି କଂଗ୍ରେସକୁ ଆସିଥିବା ସମସ୍ତ ପ୍ରତିନିଧିମାନଙ୍କୁ ଭୋଜନରେ ଆପ୍ୟାୟିତ କରିଥିଲେ । ସେମାନେ ଜାତୀୟ କଂଗ୍ରେସର ଗୋଟିଏ ଅଭିନ୍ନ ଅଂଶ ବୋଲି ଶ୍ରୀ ପଟ୍ଟନାୟକ ମନ୍ତବ୍ୟ କରିଛନ୍ତି । ଗୁରୁଦ୍ୱାର ମାନଙ୍କରେ ଚାଲିଥିବା ମହନ୍ତ ପ୍ରଥାକୁ ସେମାନେ ବିରୋଧ କରୁଥିଲେ ଓ ମହନ୍ତ ମାନଙ୍କ ବିରୁଦ୍ଧରେ ଗାନ୍ଧିଜୀ ଏବଂ ରାଜେନ୍ଦ୍ର ପ୍ରସାଦ ଙ୍କ ନିର୍ଦ୍ଦେଶ ମତେ ସେମାନେ ଯେଉଁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଚଳାଇଥିଲେ ତାହାର ପଟାନ୍ତର ନାହିଁ । ରାଜେନ୍ଦ୍ର ପ୍ରସାଦ ନିଜର ଜୀବନୀରେ ମଧ୍ୟ ଏ କଥା ଉଲ୍ଲେଖ କରିଛନ୍ତି ।

ଗୟା କଂଗ୍ରେସର ସମାପ୍ତି ପରେ ପରେ ତା ୧୧।୧।୨୩ ଦିନ ଗାନ୍ଧିଜୀଙ୍କୁ ଗିରଫ କରି ନିଆଗଲା । ସମଗ୍ର ଦେଶରେ ହରତାଳର ଆୟୋଜନ ହେଲା । ଶ୍ରୀ ଭଗୀରଥି ପଟ୍ଟନାୟକ ନିଜ ସହଯୋଗୀ ମାନଙ୍କ ସଙ୍ଗେ ହରତାଳ ପାଇଁ ସକ୍ରିୟ ହୋଇ ଉଠିଲେ । ଭଗୀରଥି ନିଜ ହାତରେ ଡିଣ୍ଡିମ ପିଟି ସମ୍ବଲପୁର ବନ୍ଦ କରାଇ ଥିଲେ । ସେ ଦିନ ଥିଲା ତା ୧୮ । ୧ । ୨୩ ।

ଜିଲ୍ଲା କଂଗ୍ରେସ ସଂଗଠନକୁ ସେ, ଚନ୍ଦ୍ରମଣି, ଲକ୍ଷ୍ମୀନାରାୟଣ ଓ ନୃସିଂହ ଗୁରୁ ମିଶି ଆହୁରି ଦୃଢ଼ ଓ ସକ୍ରିୟ କରିବାକୁ ଲାଗିଲେ । ସେମାନେ ଆଉ ବସି ରହିଲେ ନାହିଁ । ହରିଜନ ଓ ଆଦିବାସୀ ମାନଙ୍କ ସ୍ଥାନେ ସ୍ଥାନେ ସଭା ସମିତି କରି ସେମାନଙ୍କୁ ବୁଝାଇଲେ — ଚରଖା ଗୁଞ୍ଜନ, ଖଦଡ଼ ଧାରଣ, ଅସ୍ପୃଶ୍ୟତା ନିବାରଣ, ମଦ୍ୟ ପାନ ଓ ଅଖାଦ୍ୟ ମାଂସ ବର୍ଜନର କଥା । ଏ ସମସ୍ତ ବିଷୟ ଗୟା କଂଗ୍ରେସର ଗୃହୀତ କାର୍ଯ୍ୟକ୍ରମ ଥିଲା । ଚୌରିଚୌରା ଘଟଣା ପରେ ପ୍ରତ୍ୟକ୍ଷ ଆନ୍ଦୋଳନରୁ ନିବୃତ୍ତ ହୋଇ ଗାନ୍ଧିଜୀ ଏ ସବୁ ରଚନାତ୍ମକ କାର୍ଯ୍ୟ ହାତକୁ ନେଇଥିଲେ ।

କାକିନାଡ଼ା କଂଗ୍ରେସ ପରିବ୍ରାଜକ - ଭଗୀରଥି --

ତା ୨୮ । ୧୨ । ୧୯୨୩ ଦିନ କାକିନାଡ଼ା ଠାରେ କଂଗ୍ରେସ ଅଧିବେଶନ ଆରମ୍ଭ ହେବାର ଥାଏ । ଭାଗୀରଥି ଙ୍କ ପ୍ରବଳ ଇଚ୍ଛା ସେ ଅଧିବେଶନରେ

Digitized by PPRACHIN, SOA

ଯୋଗଦେବେ । କିନ୍ତୁ ଅର୍ଥାଭାବ ଥିଲା ପ୍ରଧାନ ପ୍ରତିବନ୍ଧକ । ୧୯୧୯ ରୁ ୧୯୨୭ ଭିତରେ ତାଙ୍କ ସ୍ତ୍ରୀ ଓ ପୁତ୍ର ପ୍ରଫୁଲ୍ଲ ଦେହରୁ ଗୋଟି ଗୋଟି କରି ସ୍ୱର୍ଣ୍ଣ ଆଭରଣ କାଟି ବିକ୍ରୟ ବନ୍ଧକକରି ପରିବାର ପୋଷଣ ଓ କଂଗ୍ରେସ କାମରେ ଲଗାଇଥିଲେ । ତାପରେ ଅତିରିକ୍ତ ବାସନ ବର୍ତ୍ତନ ବିକ୍ରି ହେଲା । ଏଣିକି ଲୋକ ଉପାସରେ କାଳ ଯାପନ । ତଥାପି ସେ କଂଗ୍ରେସ କାମରେ ସର୍ବଦା ରହିଲେ । ତା ୨।୧୧।୧୯୨୩ର ଡାଏରୀରେ ସେ ଲେଖିଛନ୍ତି — "ଯେବେ ଋଣ ପରିଶୋଧ କାମରେ ଲାଗିଯାଇ ଜାତୀୟ ମହାସଭାକୁ ନ ଯିବି ତେବେ ଏପରି ଗୋଟିଏ ଜାତୀୟ ଯଜ୍ଞ କାହୁଁ ପାଇବି ? × × × କେବଳ ପେଟ ପୋଷା କାମରେ ବର୍ଷ ସମାପ୍ତ କରିଦେଲେ ହେବନାହିଁ, ଅନ୍ତତଃ ମାସେ ଦେଶ ସେବା କାର୍ଯ୍ୟରେ ଲଗାଇ ଦେବା ଉଚିତ । ଭିକ୍ଷା କରି ଜୀବନ ଯାପନ କରିବା ଭଲ କିନ୍ତୁ ସେବା ଯଜ୍ଞ ଛାଡିବା ଉଚିତ ହେବନାହିଁ । × × × ଆମ ହାତରେ ଅର୍ଥ (ଟଙ୍କା, ସୁନା, ରୂପା, କଂସା) ଯାହା ଥିଲା ସେ ସବୁ ଧୀରେ ଧୀରେ ବନ୍ଧକ ବିକ୍ରୟ କରି ଉଦର ପୋଷଣ କରି ଅଭାବ ଗ୍ରସ୍ତ ହେବାକୁ ବସିଲୁ, କିନ୍ତୁ ଦେଶ ସେବା କାମ କରିଯାଉଛୁ । ମହାତ୍ମା ଜେଲ ଭିତରେ ଥିବାବେଳେ ଅସହଯୋଗ କାମ ଛାଡ଼ି ଅନ୍ୟ କାମ କରିବା ହେଉଛି କାପୁରୁଷତା । ମାତ୍ର ଆଜକୁ ଏକ ବର୍ଷ ହେଲା ଏପରି ଅଭାବଗ୍ରସ୍ତ ହୋଇପଡ଼ିଲିଣି ଯେ, ଆଉ ଘରେ ବିକ୍ରୟ ବନ୍ଧକ କରିବାକୁ କିଛି ନାହିଁ । ଦିନେ ଦିନେ ଅନାହାରରେ ରହିବାକୁ ପଡୁଛି । ମୋର ପରିବାର ଏହି ଅନାହାର କଷ୍ଟକୁ ଆଉ ସହ୍ୟ କରି ପାରୁନାହାନ୍ତି ।"

"କୃତଜ୍ଞତା ସହିତ ସ୍ୱୀକାର କରିବାକୁ ପଡୁଛି ଯେ ମୋର ସ୍ତ୍ରୀ ତାହାର ମିତ ପ୍ରିୟ ବାମା (ବରପାଲି ର ବନ୍ଧ୍ୟାତ ଧର୍ମ ମୋହନ ମେହେର (ତାନ୍ତୀ) ଙ୍କ କନ୍ୟା) ଠାରୁ ସମୟ ସମୟରେ ଚାଉଳ ପଇସା ଆଦି ଆଣୁଅଛି ।"

ତା ୧୨-୧୨-୨୩ — "ହାତରେ ଗୋଟିଏ ପଇସା ନାହିଁ । ଘରେ ଚାଉଳ ମାଣେ ନାହିଁ, ଏପରି ଅଭାବରେ କିପରି କାକିନାଡା କଂଗ୍ରେସ ଅଧିବେଶନକୁ ଯିବି ।"

ତା ୧୩-୧୨-୨୩ — "ମା କୁ କହିବାରୁ ସେ ଚାଉଳ କିଛି ଆଣି କେଣ୍ଡେ ପିଠା ପୋଡାଇବାର ବନ୍ଦୋବସ୍ତ କଲେ ।"

ଆଣ୍ଠୁ ପର୍ଯ୍ୟନ୍ତ ଖଣ୍ଡିଏ ଖଦଡ଼ ଧୋତି, ଖଣ୍ଡିଏ କୁର୍ତ୍ତା, କାନ୍ଧରେ

Digitized by PPRACHIN, SOA

ଖଦଡ଼ର ଗୋଟିଏ ଯାଉଁଳି ଥଳି । ଥଳିର ଗୋଟିଏ ପାଖରେ ରନ୍ଧି ଖାଇବାର ଛୋଟ ଛୋଟ ବର୍ତ୍ତନ, ଜଳୁ ଗୁଣ୍ଡକ, ଡାଲି, ଦୁଇଖଣ୍ଡ କପଡ଼ା, ଗୋଟିଏ ଦଉଡ଼ି ଓ ଛୋଟ ଛୁରୀଟିଏ, ଅନ୍ୟ ପାଖରେ ତାଙ୍କର ଡାଏରୀ ଲେଖା କାଗଜ, ଦୁଆତ, କଲମ । ଏ ବେଶରେ ତା ୧୪ । ୧୨ । ୨୩ ତାରିଖ ରେ କାକନାଡ଼ା କଂଗ୍ରେସ ଅଭିମୁଖେ ପଦବ୍ରଜରେ କଂଗ୍ରେସ ପରିବ୍ରାଜକ ଭଗୀରଥି ପଟ୍ଟନାୟକ ବାହାରି ପଡ଼ିଲେ । ହାତରେ ପଇସାଟିଏ ନଥିଲା; ଥଳିରେ ଥିଲା ମାତ୍ର ଖଣ୍ଡିଏ ପୋଡ଼ା ପିଠା । ସେଥିରୁ ପୁଣି ଅଧା ସେ ଛାଡ଼ି ଯାଇଥିଲେ ପୁଅ ପ୍ରଫୁଲ୍ଲ ପାଇଁ ।

ବରପାଲିରୁ ଆଗଲପୁର ସେଠାରେ ଚନ୍ଦ୍ରଶେଖର ବେହେରାଙ୍କ ଠାରୁ ପାଇଲେ ଜଳପାନ ବାବଦ ବାଟଖର୍ଚ୍ଚ ଟ ୩୧ ଙ୍କା । ଆଗଲପୁର ରୁ ବଲାଙ୍ଗିର - ସଇଁତଲା ଭବାନୀପାଟଣା ଏବଂ ତାପରେ ଘନ ଜଙ୍ଗଲ ଦୁର୍ଗମ ମୁଖାଘାଟି । ଘାଟିରେ ବାଘର ମୁହାଁ ମୁହିଁ, ଭଲ୍ଲୁକ ହିଂସ୍ରଜନ୍ତୁଙ୍କ ଭୟ । ସେ ଏହିପରି ପ୍ରତିଦିନ ୧୨ଘଣ୍ଟା ଚାଲି ଚାଲି ୧୩ ଦିନରେ ଯାଇ ପହଞ୍ଚିଲେ ପାର୍ବତୀପୁର ରେ । ସେତେବେଳେ ତାଙ୍କ ଗୋଡ଼ ଫୁଲି ଫାଟି ରକ୍ତାକ୍ତ । ବାଟରେ ଯେଉଁଠି ଯାହା ପାଇଲେ ଆନନ୍ଦରେ ଖାଉଥିଲେ । ଗାଁ ଗଣ୍ଡା ଭିତର ଦେଇ ଗଲାବେଳେ କଂଗ୍ରେସ ପ୍ରଚାର ଚଳାଇଗଲେ । ମୁଖାଘାଟିର ଅଦ୍ଭୁତ ମନୋମୁଗ୍ଧକର ବର୍ଣ୍ଣନା ତାଙ୍କ ଡାଏରୀ ରେ ଲିପିବଦ୍ଧ ହୋଇଛି । ସୌନ୍ଦର୍ଯ୍ୟ ଯେ କିପରି ମନୋରମ ଓ ଭୟଙ୍କର ହୋଇଥାଏ ସେ ବର୍ଣ୍ଣନାରୁ ଜଣାପଡେ । ସମସ୍ତ ଦିନ୍, ଗୋଡ଼ ଅସମର୍ଥ ଏଣୁ ସେ ପାର୍ବତୀପୁର ରୁ ବାଧ୍ୟହୋଇ ରେଳର ଆଶ୍ରୟ ନେଇ ତା ୨୭ । ୧୨ । ୨୩ ରାତିରେ ପହଞ୍ଚିଲେ କାକିନଡ଼ା । ତା ୨୮ । ୧୨ । ୨୩ ରୁ ତା ୧-୧-୨୪ ପର୍ଯ୍ୟନ୍ତ କାକନାଡ଼ା କଂଗ୍ରେସ ଅଧିବେଶନ ଚାଲିଲା । ତାଙ୍କର ପ୍ରତିନିଧି ଟିକେଟ ନମ୍ବର ଥିଲା ୨୪୪୭ । ଗାନ୍ଧିଜୀ କାକନାଡ଼ କଂଗ୍ରେସ କୁ ଆସିନଥିଲେ । ୨୬୨୨ ଦିନରୁ ସେ ଥିଲେ ଜେଲରେ । କାକନାଡ଼ା କଂଗ୍ରେସର ସଭାପତି ଥିଲେ ମହମ୍ମଦ ଅଲ୍ଲି । ଶ୍ରୀ ପଟ୍ଟନାୟକ ଅଲ୍ଲିଭାଇ ଓ ପଣ୍ଡିତ ମୋତିଲାଲ ନେହେରୁ ଙ୍କ ସାଙ୍ଗରେ ସାକ୍ଷାତ୍ କରି ନିଜକୁ ଗୌରବାନ୍ୱିତ ମନେ କରିଥିଲେ, ସେମାନଙ୍କ ସଙ୍ଗେ ଏକାଧାରରେ ବସି ସେ ଭୋଜନ କରିଥିଲେ । ସେଦିନର କଂଗ୍ରେସ ଭୋଜିରେ ଥିଲେ ସାତେ ଗ୍ରହ ହଜାର ପ୍ରତିନିଧି । ଉତ୍ତମ ଭୋଜନ ଓ ଭାତରେ ଦିଆ ଯାଇଥିବା ପ୍ରଚୁର ଘିଅର

Digitized by PPRACHIN, SOA

ପ୍ରଶଂସା ସେ କରିଯାଇଛନ୍ତି । ତା ୮।୧।୨୪ ରେ ସେ ଫେରିଲେ ଟ୍ରେନପଥରେ- ଓ୍ୱାଲଟିଅର- ବିଶାଖାପାଟଣା-ଭିମାଗ୍ନାଳ - ଇଚ୍ଛାପୁରମ - ବ୍ରହ୍ମପୁର । ପ୍ରତ୍ୟେକ ସ୍ଥାନରେ ସେ ଦୁଇଦିନ ତିନି କଂଗ୍ରେସ କର୍ମୀ ମାନଙ୍କ ସଙ୍ଗେ ଭେଟ ହେଉଥିଲେ, ପରିଚୟ ଦେଉଥିଲେ ପରିଚୟ ନେଉଥିଲେ । ବ୍ରହ୍ମପୁର ର ସେତେବେଳର କଂଗ୍ରେସ ସଂଗଠନ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ବ୍ରହ୍ମପୁର ର ତତ୍କାଳୀନ କର୍ମକର୍ତ୍ତା ଜୟ-ମଙ୍ଗଳ ରଥ, ନିରଞ୍ଜନ ପଟ୍ଟନାୟକ, ସତ୍ୟବାଦୀ ରଥ, ଅନ୍ତର୍ଯ୍ୟାମୀ ପଣ୍ଡା, ଲିଙ୍ଗରାଜ ପଟ୍ଟନାୟକ, ବନମାଳୀ ମିଶ୍ର, ଉଷାସ୍ତ ଚରଣ ହୋତା, କୃପାସିନ୍ଧୁ ପଣ୍ଡା ଓ ଶରତ ଚନ୍ଦ୍ର ମିଶ୍ର ଙ୍କ କାର୍ଯ୍ୟ କଳାପ ର ସେ ପ୍ରଶଂସା କରିଯାଇଛନ୍ତି । ବ୍ରହ୍ମପୁର ରୁ ଛତ୍ରପୁର-ରମ୍ଭା-ଚିଲିକା ମଧ୍ୟ ଦେଇ ସେ ଫେରିଥିଲେ ପୁରୀ ତା ୧୭।୧।୨୪ ର ଦିନ । ବାଟରେ ବାଞ୍ଛାନିଧି ପଟ୍ଟନାୟକ ଙ୍କ ସଙ୍ଗେ ତାଙ୍କର ଦେଖା ହୋଇଥିଲା । ଚିଲିକା ର ଅପୂର୍ବ ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ମୁଗ୍ଧ ହୋଇ ସେ ସବୁ ପଥ ଶ୍ରମ କୁ ଭୁଲି ଯାଇଥିଲେ ।

ପୁରୀଠାରେ ତା ୧୮।୧।୨୪ ଦିନର ଖବର କାଗଜରୁ ସେ ଜାଣିଲେ ଯେ ଜେଲ ଭିତରେ ଗାନ୍ଧିଜୀ ଙ୍କ ପେଟର ଅପରେସନ ହୋଇଛି । ସେ ସଙ୍ଗେ ସଙ୍ଗେ ରାମଦାସ ବାବାଜୀ ଓ ନୃସିଂହ ଚରଣ ପଟ୍ଟନାୟକ ଙ୍କ ସହଯୋଗରେ ପୁରୀ ରେ ଏକ ଜନସଭାର ଆୟୋଜନ କରି ଗାନ୍ଧୀଜୀଙ୍କ ମୁକ୍ତି ପାଇଁ ଦାବୀ ଜଣାଇଲେ । ତା ପରେ ସାକ୍ଷୀଗୋପାଳ ରୁ ପୁଣି ପଦ ବ୍ରଜରେ କାକିନାଡ଼ା କଂଗ୍ରେସର ସନ୍ଦେଶ ପ୍ରଚାର କରି କରି ଭୁବନେଶ୍ୱର -ଖୋର୍ଦ୍ଧା-କଣ୍ଟିଲୋ-ଖାତକୋଶିଆ ର ପର୍ବତମାଳା ପାରହୋଇ ବୌଦ- ସୋନପୁର - ବନକା ବାଟରେ କୁମ୍ଭାରୀ ପାଦରେ ତା ୨୮।୧।୨୪ ଦିନ ବଲାଙ୍ଗିରର ମହାରାଜ ପୃଥ୍ୱୀରାଜ ସିଂହ ଙ୍କ ମୃତ୍ୟୁ ଖବର ଶୁଣିଲେ । ଏକମାସ ବାଇଶି ଦିନ ର ଏହି ପଦଯାତ୍ରା ରେ କଂଗ୍ରେସ ପରିବ୍ରାଜକ ଭଗୀରଥି ଙ୍କୁ ସବୁ ଗାଁ ଗଣ୍ଡା ସହର ରେ ଆଶ୍ରୟ, ଆତିଥ୍ୟ ଓ ଭୋଜନ ର କିଛି ଅସୁବିଧା ହୋଇନଥିଲା କିନ୍ତୁ ସୋନପୁର ଏପରି ଗୋଟିଏ ସ୍ଥାନ ଥିଲା ଯେଉଁଠି ତାଙ୍କୁ ଉପବାସରେ ରହିବାକୁ ପଡ଼ିଥିଲା ଓ ଆଶ୍ରୟ ମିଳିନଥିଲା । ସୋନପୁର ଇଂରେଜ ମାନଙ୍କ ସମର୍ଥକ ଥିଲା ଓ କଂଗ୍ରେସ ସଂଗଠନ କୁ ଭୟ କରୁଥିଲା ।

ଅଭାବ ସଙ୍ଗେ ଯୁଦ୍ଧ—

କାକିନାଡ଼ା କଂଗ୍ରେସ ରୁ ଫେରିବା ପରେ ପୁଣି ଚାଲିଲା ତାଙ୍କ ଓ ତାଙ୍କ ପରିବାର ର ଅଭାବ, ଅନାଟନ, ଅର୍ଦ୍ଧାହାର, ଅନାହାର ଓ ଦୁଃଖ ଦାରିଦ୍ର୍ୟ ସଙ୍ଗେ

Digitized by PPRACHIN, SOA

ଯୁଦ୍ଧ । ସେ ଯୁଦ୍ଧରେ ଅବଶ୍ୟ ହୋଇଥିଲେ ସେ ନଡ଼େ, ତାଙ୍କର ଧର୍ମୀ ଜମ୍ମୁକଶ୍ମ ଦେଖା ଓ ପୃଷ୍ଠ ପ୍ରଫୁଲ୍ଲ । ତାଙ୍କ ଡାଏରୀ ରେ ସେ ଲେଖିଛନ୍ତି – "ବର୍ତ୍ତମାନ ଏପରି ଦଶା ଆସି ପଡ଼ିଲାଣି ଯେ ଘର ଗଢ଼ିଲେ ଭୁଣ ନାହିଁ, ଭୁଣ ଗଢ଼ିଲେ ତେଲ ନାହିଁ । ଖାଲି ସିଝାଇ ଦେଇ ଲୁଣ ଟିକିଏ ପକାଇ ଭୁଣ ଖାଇବାକୁ ହେଉଛି । ତେଲ ମାଖିବାକୁ ମିଳୁ ନାହିଁ । (ତା ୧୯ । ୨ । ୨୨) X X X ହାତରେ ଗୋଟିଏ ପଇସା ନାହିଁ ଦିନ ପରେ ଦିନ ଅର୍ଦ୍ଧାହାର, ଅନାହାର ରେ କାଳ ଯାପନ । ଏଣେ ଅର୍ଥାଭାବ ହେତୁ ପାରିବାରିକ କଳହ । ଋଣ ପରିଶୋଧର ଚିନ୍ତା । ଏ ସବୁ ଭିତରେ କଂଗ୍ରେସ କାମ, ସଂଗଠନ, ସଙ୍ଗ ସମ୍ପର୍କ ସବୁ ଚାଲିଛି । ସୂତା କାଟିବାରେ ପରିବାର ପୋଷଣ କପରି ହେବ? ବୃଦ୍ଧଶାଳୀ ଟିଏ କରନ୍ତୁ ନା ? (ତା ୮ । ୮ । ୨୨) ଗାନ୍ଧିଜୀ ଙ୍କ ଉକ୍ତିକୁ ଉଦ୍ଧାରକରି ଲେଖିଛନ୍ତି-" ସୂତା କାଟିବା ଲୋକ ଶୂଦ୍ର ନୁହନ୍ତି, ବୁଣାଇ କରିବା ଲୋକ ଶୂଦ୍ର ଅଟନ୍ତି । ଉତ୍କଳ ମାନେ ଓଳଗାଡ଼ି ଗ୍ରାମ ସୂତା କାଟନ୍ତୁ । ଶରୀର ଶ୍ରମ ଦ୍ୱାରା ଉଦର ପୋଷଣ ଶ୍ରେଷ୍ଠ ଅଟେ । "

ସଂଗ୍ରାମୀ ଭଗୀରଥି ଗୋଟିଏ ମଙ୍ଗା କିଣିଲେ ଅଭାବ ଅନାଟନକୁ ଜୟ କରିବା ପାଇଁ । ତାଙ୍କ ମିତ୍ର ଗଦାଧର ମେହେର ଙ୍କ ଦେଖାଦେଖାରେ ନଜହାତ କଟା ସୂତା ରୁ ବୁଣିଥିଲେ ଖଣ୍ଡିଏ ଖଦଡ଼ ଓ ତାକୁ ତା ୨୮ । ୧୧ । ୨୪ ଇ ଦିନ ପିନ୍ଧି ତୃପ୍ତି ଓ ମହାନନ୍ଦ ଲାଭ କରିଥିଲେ । ସେ ଖଦଡ଼ ବୁଣିବା ପାଇଁ ତାଙ୍କୁ ଲାଗିଯାଇଥିଲା ଦୁଇମାସ କାଳ । ସେ ଲେଖିଛନ୍ତି – " ମୋଠାରେ ଅଫଟା ଏକ ଖଣ୍ଡ ଓ ଫଟା ଗାଣ୍ଠହାତ ବସ୍ତ୍ର ଖଣ୍ଡେ ଥିଲା । ତଦ୍ୱାରା ଲଜ୍ଜାର ଅସୁବିଧା, ମଳିନ ଅବସ୍ଥା ଓ ହୀନସ୍ତା ଭୋଗ କରୁଛି ତାହା ଭୁକ୍ତ ଭୋଗୀ ଜାଣିପାରେ । " ମାତ୍ର ଏ ସବୁ ଅଭାବ ଅନାଟନ ଅଶାନ୍ତି ତାଙ୍କୁ ଦିନେ ହେଲେ କଂଗ୍ରେସ କାମରୁ ବିମୁଖ କରିନଥିଲା ।

ପୁରୁଣା ଓ ନୂଆଁ କଂଗ୍ରେସ ଭିତରେ ଦ୍ୱନ୍ଦ୍ୱ –

ଯେତେବେଳେ ଶ୍ରୀ ଚନ୍ଦ୍ରଶେଖର ବେହେରା ଉତ୍କଳ ଥିଲେ ସମ୍ବଲପୁର ଜିଲ୍ଲା କଂଗ୍ରେସ ର ସଭାପତି । ସେ କମିଟୀ ରେ ଆଉ କେତେଜଣ ଖଦଡ଼ ପିନ୍ଧା ଉତ୍କଳ ଥିଲେ ସେମାନଙ୍କ ମଧ୍ୟରୁ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ, କପିଳେଶ୍ୱର ନନ୍ଦ ଓ ବୋଧରାମ ଦୁବେଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏମାନେ ଗାନ୍ଧୀ ତଥା କଟକରୁ ଆସୁଥିବା ନେତା ମାନଙ୍କୁ ସ୍ୱାଗତ ସତ୍କାର ଜଣାଉଥିଲେ ଜନ୍ମୁଗାଁ ଗହଳ ରେ

Digitized by PPRACHIN, SOA

କଂଗ୍ରେସ ସଂଗଠନର ପ୍ରସାର ପାଇଁ ଦୃଷ୍ଟି ଦେଉନଥିଲେ । ଏକଥା ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଚନ୍ଦ୍ରାମଣି ପୂଜାରୀ, ଭାଗୀରଥି ପଟ୍ଟନାୟକ ଓ ନୃସିଂହ ଗୁରୁଙ୍କୁ ଭଲ ଲାଗୁନଥିଲା । କାରଣ ଏମାନେ ସମସ୍ତେ ଜିଲ୍ଲାରେ ସମସ୍ତ ଗ୍ରେଟବଡ଼ ସହର ଗାଁ ଗଣ୍ଡାରେ ବୁଲି ବୁଲି କଂଗ୍ରେସ ସଂଗଠନ ସଙ୍ଗେ ସଙ୍ଗେ ଅସ୍ପୃଶ୍ୟତା ନିବାରଣ, ନିଶାନିବାରଣ ଓ ଖଦୀ ସଂଗଠନ ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ଚନ୍ଦ୍ରଶେଖର ବେହେରା ଖଦୀ କାମରେ ମନ ଲଗେଇଥିଲେ ମାତ୍ର ସକ୍ରିୟ ହୋଇପାରୁ ନଥିଲେ । ଜିଲ୍ଲାରେ ଗୋଟିଏ ସମାନ୍ତର କମିଟୀ ଗଠନ ହେଲା । ତା ୭ । ୮ । ୧୯୨୪ ଦିନ ଜିଲ୍ଲା କଂଗ୍ରେସ କମିଟିର ଗୋଟିଏ ବୈଠକରେ ପ୍ରେସିଡେଣ୍ଟ ଙ୍କୁ ସମ୍ବର୍ଦ୍ଧନା ଜଣାଇଥିବା ହେତୁ ଶ୍ରୀ ଚନ୍ଦ୍ରଶେଖର ବେହେରାଙ୍କୁ ସଭାପତି ପଦରୁ ଅପସାରିତ କରି ଦିଆ ଗଲା । ଚନ୍ଦ୍ରାମଣି ପୂଜାରୀ ହେଲେ ସଭାପତି ଓ ଭାଗୀରଥି ପଟ୍ଟନାୟକ ସମ୍ପାଦକ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ସକ୍ରିୟ ସହଯୋଗ ଦେଉଥିଲେ । ଏଠାରେ ନୂଆଁ ପୁରୁଣା କଂଗ୍ରେସ ସଂଗଠନ ଭିତରେ ସେତେବେଳେ ଦେଖାଦେଇଥିଲା ଗୋଟିଏ ଦ୍ୱନ୍ଦ୍ୱ ।

ଆଉ ଗୋଟିଏ ଦ୍ୱନ୍ଦ୍ୱ -

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ନେତାମାନେ ସମ୍ବଲପୁର ଜିଲ୍ଲାର କଂଗ୍ରେସ ସଂଗଠନ ଆଡ଼କୁ ସେତିକି ଧ୍ୟାନ ଦେବାର କଥା ଦେଉ ନ ଥିଲେ । ଅଭିଯୋଗ ଥିଲେ ଅନେକ ସମୟରେ ପଣ୍ଡିତ ନୀଳକଣ୍ଠ ଦାଶ କହୁଥିଲେ - ''ଆହେ ଯେଉଁ ସ୍ଥାନରେ ନିଜେ ଲକ୍ଷ୍ମୀନାରାୟଣ, ଭାଗୀରଥି, ନୃସିଂହ ଓ ଚନ୍ଦ୍ରାମଣି ଅଛନ୍ତି ସେ ସ୍ଥାନରେ ଆଉ ଅନ୍ୟର ଦରକାର କ'ଣ ? ଏ କଥାଟି କିନ୍ତୁ କାହାର ମନକୁ ପାଉନଥିଲା । ଅନେକ ଦିନ ଅପେକ୍ଷା କଲାପରେ ନୂଆଁ ଜିଲ୍ଲା କଂଗ୍ରେସ କମିଟୀର ବଦ୍ରୋହୀ ମନ ଜାଗିଉଠିଲା । ଚନ୍ଦ୍ରାମଣି ପୂଜାରୀଙ୍କ ହସ୍ତାକ୍ଷରରେ ଅଭିଯୋଗ ଗଲା ନିଖିଳ ଭାରତୀୟ କଂଗ୍ରେସ କମିଟୀ ପାଖକୁ । ଜିଲ୍ଲା କଂଗ୍ରେସ କମିଟୀ ବିରକ୍ତ ହୋଇ ଦାବୀ କରିଥିଲେ ସମ୍ବଲପୁର ଜିଲ୍ଲା କମିଟୀ ଉତ୍କଳ କଂଗ୍ରେସ କମିଟୀ ଠାରୁ ପୃଥକ୍ ଏକ ସଂଗଠନ ରୂପେ ସ୍ୱୀକୃତି ଦେବାପାଇଁ । ଡ଼; ରାଜେନ୍ଦ୍ର ପ୍ରସାଦ, ରାଜଗୋପାଳ ଚାରି ଓ ଶଙ୍କରରାଓ ଦେଓ ଙ୍କୁ ଏ ବିଷୟରେ ବିଚାର କରିବା ପାଇଁ ନିଖିଳ ଭାରତୀୟ କଂଗ୍ରେସ କମିଟୀ ଦାୟିତ୍ୱ ଦେଲେ । ଏପରି ସମ୍ବଲପୁର ଜିଲ୍ଲା କମିଟୀ ଓ ପ୍ରାଦେଶିକ କମିଟୀ ଭିତରେ ଚାଲିଥିଲା ଗୋଟିଏ ଅନ୍ତର୍ଦ୍ୱନ୍ଦ୍ୱ ।

Digitized by PPRACHIN, SOA

ଗୋପବନ୍ଧୁ ଦାସଙ୍କ ଯାଦୁ

୧୯୨୪ ର ବେଳଗାଓଁ କଂଗ୍ରେସ ଅଧିବେଶନ ରେ ଯୋଗଦେବାପାଇଁ ପୁଣି ବୃଦ୍ଧ ବୃଦ୍ଧ ଯିବାକୁ ସ୍ଥିର କଲେ ଭଗୀରଥି ପଟ୍ଟନାୟକ । ମାସକ ପୂର୍ବରୁ ବୃନ୍ଦାସଗଡ଼ ପାଇଁ ବାହାରି ପଡ଼ିଲେ । କିନ୍ତୁ ବୃନ୍ଦାସଗଡ଼ ବେଳେ ତାଙ୍କଗୋଡ଼ରେ ଗୋଟିଏ ଶକ୍ତ ଆଘାତ ଲାଗିଲା । ଗୋଡ଼ ଫୁଲି ଯା ହୋଇଗଲା । ତଥାପି ପରିବ୍ରାଜକ ବେଶ ରେ ତା ୧୫ । ୧୨ । ୨୪ ଦିନ ବାହାରି ପଡ଼ିଲେ, ମାତ୍ର ବନ୍ଧୁଙ୍କ ର ରୁଗ୍ଣ ଗୋଡ଼ ଆଉ ଆଗକୁ ଚାଲିଲାନାହିଁ । ତେଣୁ ସେ ବସ୍ ଯୋଗେ ଝାରସୁଗୁଡ଼ା ଓ ସେଠାରୁ ଟ୍ରେନଯୋଗେ ବମ୍ବେ ବାଟଦେଇ ତା ୨୭-୧୨-୨୪ ଇ ଦିନ ପହଞ୍ଚିଲେ ବେଳଗାଓଁ । ପଣ୍ଡିତ ନେହେରୁ ଶ୍ରୀ ପଟ୍ଟନାୟକ କୁ ଦେଲେ କଂଗ୍ରେସ ପ୍ରତିନିଧି ପତ୍ର । ଭଗୀରଥିଙ୍କ ହାତରେ ଥିଲା ସେଣ୍ଟ୍ରାଏ ସାଇକ୍ଲୋଷ୍ଟାଇଲ୍ ହୋଇଥିବା ଆପତ୍ତି ପତ୍ର । କଂଗ୍ରେସ ଅଧିବେଶନ ରେ ତାହା ସେ ବାଣ୍ଟିଦେଲେ । ପଣ୍ଡିତ ଜବାହରଲାଲ କୁ ଖଣ୍ଡିଏ ଆପତ୍ତି ପତ୍ର ଓ ଲକ୍ଷ୍ମୀନାରାୟଣ ଙ୍କ ଚିଠା ମଧ୍ୟ ଦେଲେ । ଠିକ୍ ସେହି ଦିନ ଗାନ୍ଧିଜୀ ଓ ଗୋପବନ୍ଧୁ ଦାସ ପହଞ୍ଚିଲେ ଅଧିବେଶନ କୁ । ପଣ୍ଡିତ ନେହେରୁ ଶ୍ରୀ ପଟ୍ଟନାୟକ ଦେଇଥିବା ଆପତ୍ତି ପତ୍ର ଗୋପବନ୍ଧୁଙ୍କୁ ଦେଖାଇଲେ । ଦାସେ ଆପଣେ ସଙ୍ଗେ ସଙ୍ଗେ ଦଉଡ଼ି ଆସିଲେ ପଟ୍ଟନାୟକ ଙ୍କ ପାଖକୁ । ତାଙ୍କର ଚିବୁକ (ଥୋଡ଼ି) ଓ ହାତ କୁ ଧରି ସେଦିନ କହିଥିଲେ — " ଭଗୀରଥି ବାବୁ, ମୋତେ ଏ ସବୁ କଥା ଜଣାନଥିଲା, ଏଠାରୁ ଫେରି ଏଣିକି ମୁଁ ସବୁ ତୁଟାଇ ଦେବି । ଘର ଗୋଳମାଳ ଘରେ ଥାଉ, ପଦାରେ କାହିଁକି ପକାଇବା ।" ଗୋପବନ୍ଧୁ ଦାସ ଙ୍କ ସୌମ୍ୟ ରୂପ, ସ୍ନେହକୋମଳ କଥା ଶୁଣି ସେଦିନ ଭଗୀରଥି ପଟ୍ଟନାୟକ ଅଭିଭୂତ ହୋଇ ପଡ଼ିଥିଲେ ଓ ପଣ୍ଡିତ ଜବାହର ଙ୍କ ହାତରୁ ସମସ୍ତ କାଗଜ ପତ୍ର ଫେରାଇ ଆଣିଥିଲେ । ତାଙ୍କ ପୁତ୍ର ପ୍ରଫୁଲ୍ଲ ଙ୍କ ଆଗରେ ସେ ଏ ଘଟଣା ଅନେକ ଥର ଭାବବିହ୍ୱଳ ହୋଇ ବର୍ଣ୍ଣନା କରୁଥିଲେ । ଭଗୀରଥି ଅନୁଭବ କରିଥିଲେ ଯେ ଗୋପବନ୍ଧୁ ଦାସ ଙ୍କ ପୁରୁଷ ଶରୀର ଭିତରେ ଗୋଟିଏ ବିଶାଳ ମାତୃହୃଦୟ ରହିଥିଲା ।

ଅନୁଭବ ଯାହା ପାଇଲେ

କଂଗ୍ରେସ ଅଧିବେଶନ ପରେ ତା ୨୯ । ୧୨ । ୨୪ ଦିନ ପୁନାସ୍ଥିତ କେଶରୀ ଅଫିସ ଦେଖି ସେ ବମ୍ବେ ପହଞ୍ଚିଲେ ତା ୧ । ୧ । ୨୫ ଦିନ । ହାତରେ ପଇସାଟିଏ ନାହିଁ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ବଡ଼ଭାଇ ଶ୍ରୀ ଜେ.ଭି. ପଟେଲ ଙ୍କ ପାଖରେ

Digitized by PPRACHIN, SOA

ପହଞ୍ଚି ସବୁକଥା ନିଃସଙ୍କୋଚରେ କହିବାରୁ ସେ ୭ ଟି ପଇସା ଦେଇ କହିଲେ-ଯାଅ ଏଇ ପଇସାରେ ଭଲ ପିଜୁଳି ଖାଇ ପହଞ୍ଚିବ ଘରନମ୍ବର ୩୯୫-କାଲକା ଦେବୀ ରୋଡ଼, ସେଠ ଯମୁନାଲାଲ ବଜାଜ୍ ଙ୍କ ଘରେ । ଶ୍ରୀ ପଟ୍ଟନାୟକ ସନ୍ଧରେ ପିଜୁଳି ଖାଇ ଖାଇ ସେଇଠି ପହଞ୍ଚି ସେଠ୍ ଯମୁନାଲାଲ ଙ୍କୁ ସବୁକଥା ଜଣାଇଲେ । ଶ୍ରୀ ବଜାଜ୍ ପ୍ରଥମେ ନିଜ ଚାକରକୁ ଡାକି ଶ୍ରୀ ପଟ୍ଟନାୟକଙ୍କୁ ଖାଇବାକୁ ଦେଲେ । ତାପରେ ଅନେକ କଥାବାର୍ତ୍ତା । ଶେଷରେ ଭଗୀରଥି ବଜାଜଙ୍କୁ କହିଲେ - “କେବଳ ନାଗପୁର ପର୍ଯ୍ୟନ୍ତ ଆପଣ ମୋତେ ରେଳଭଡ଼ା ଦେଇଦିଅନ୍ତୁ, ନାଗପୁରରୁ ଚାଲି ଚାଲି ମୁଁ ବରପାଲି ପହଞ୍ଚିଯିବି । ଆପଣଙ୍କ ଟଙ୍କା ମୁଁ ପରେ ଫେରେଇ ଦେବି ।’ ଶ୍ରୀ ବଜାଜ୍ ଙ୍କ ଦୁଇଜଣ ମୁନିବ ସାଙ୍ଗରେ ଷ୍ଟେସନ୍ ଆସି ନାଗପୁର ପର୍ଯ୍ୟନ୍ତ ଟିକେଟ୍ କରାଇ ଦେଲେ ଏବଂ ହାତରେ କିଛି ଟଙ୍କା ମଧ୍ୟ ଦେଲେ । ଶ୍ରୀ ପଟ୍ଟନାୟକ ଗଣି ଦେଖିଲେ ବାଉଟଙ୍କା ଆଠଅଣା । ନାଗପୁର ଆସି ସେ ଭେଟିଲେ ମହାତ୍ମା ଭଗବାନ ଦୀନଙ୍କୁ । ମହାତ୍ମା ଦୀନଙ୍କ କଠୋର ଉପଦେଶ କୁ ସେ ବେଦମନ୍ତ୍ର ମଣି ଜୀବନର ଶେଷ ପର୍ଯ୍ୟନ୍ତ ମାନି ଥିଲେ । ସେ ଉପଦେଶ ଥିଲା - “ବୃନ୍ଦାନାଗି ଆଉ କଂଗ୍ରେସ ଅଧିବେଶନ କୁ ଯାଅ ନାହିଁ । ଲୋକେ ଭାବିବେ ମାଗିଖିଆ ସନ୍ୟାସୀ ଙ୍କ ପରି ଏମାନେ ମଧ୍ୟ ଗୋଟିଏ ଗୋଟିଏ ବାସ୍ତୁହର । ଏପରି ମାଗିବା ଦ୍ୱାରା କଂଗ୍ରେସ ର ଶ୍ରୀହାନି ହେବ, ଅପମାନ ବଢ଼ିବ । ପରିବାର ର ସମସ୍ତଙ୍କୁ ସୂତାକଟା ଶିଖାଅ ଓ ସେଥିରୁ ଯାହା ଉପାର୍ଜନ ହେବ ସେଥିରେ ପରିବାର ପୋଷ । ମୁଁ ସୂତାକଟାରୁ ପ୍ରତିଦିନ ଗୋଟିଏ ପଇସା ଉପାର୍ଜନ କରେ ଓ ସେଇଥିରେ ମୋର କାମ ଚଳିଯାଏ । ତମେ ଚୂଡ଼ା ମାଗି କପଡ଼ା ସଫେଇ କରିବାରେ ତିନି ପଇସା ଖର୍ଚ୍ଚ କରୁଛ । ଏହା ଅନ୍ୟାୟ ଅଟେ । ମାଗ ନାହିଁ । ସମାଜକୁ ଯାହା ଦେଇପାରିବ ଦେଇଯାଅ ।”

ମହାତ୍ମା ଦୀନଙ୍କ କହିବାରୁ ପୁରନ୍ଚନ୍ଦ ଶ୍ରୀ ପଟ୍ଟନାୟକଙ୍କୁ ଖଣ୍ଡିଏ କଳାକମ୍ବଳ ଓ ଟ ୫-୦୦ ଦେଲେ । ତାପରେ ତା ୮ । ୧ । ୨୫ ରୁ ଭଗୀରଥି ସମ୍ବଲପୁର, ସିମଗାଁ, ମହାସମନ୍ଦ, ସରାଇପାଲି ବାଟଦେଇ ୨୫ । ୧ । ୨୫ ଦିନ ବରପାଲି ପହଞ୍ଚିଲେ । ଭଗବାନ ଦୀନଙ୍କର ଉପଦେଶ ତାଙ୍କ ଜୀବନରେ ଗୋଟିଏ ବଡ଼ ପରିବର୍ତ୍ତନ ଆଣିଥିଲା ।

ଅଖିଳ ଭାରତୀୟ ଚରଖା ସଂଘ

ସନ ୧୯୨୫ ରେ ଗାନ୍ଧିଜୀ କଲେ ଅଖିଳ ଭାରତୀୟ ଚରଖା ସଂଘର ସ୍ଥାପନା ।

Digitized by PPRACHIN, SOA

ଏହି ସଂଘଟି ସମଗ୍ର ଭାରତରେ ସଂଗଠିତ ରୂପେ ତୁଳାଚାଷ; ତୁଳାଭଣା, ସୂତାକଟା, ଖଦଡ଼ ବୁଣା ଓ ତା ବିକ୍ରିର ବ୍ୟବସ୍ଥା ସମସ୍ତ କାମ ଆରମ୍ଭ କଲା । ସ୍ୱଜମାତ୍ରରୁ ଗାନ୍ଧିଜୀ ଏ କାମଟିକୁ ପୃଥକ୍ ରଖିଲେ ଏବଂ ଏ ସଂଘରେ କାମ କରୁଥିବା କର୍ମକର୍ତ୍ତା ମାନଙ୍କୁ ସବିନୟ ଅବଜ୍ଞା ସତ୍ୟାଗ୍ରହ ଆଦି କରିବାକୁ ମନାକରି ଦେଇଥିଲେ । ସମ୍ବଲପୁର ଜିଲ୍ଲାରେ ଏ ସଂଘର କାର୍ଯ୍ୟକୁ କୃତାର୍ଥ ଆଚାର୍ଯ୍ୟ, ନୃସିଂହ ଗୁରୁ, ମହାବୀର ସିଂହ ଓ ଦୁର୍ଗାଗୁରୁ ସଂଗଠିତ କଲେ ଏବଂ ସକ୍ରିୟ ସହଯୋଗ କଲେ ଚିନ୍ତାମଣି ପୂଜାରୀ; ଭଗୀରଥି ପଟ୍ଟନାୟକ ଓ ଲକ୍ଷ୍ମୀନାରାୟଣ ମିଶ୍ର । ପ୍ରାଦେଶିକ ସ୍ତରରେ ଏ ସଂଘର ସଞ୍ଚାଳକ ଥିଲେ ଗୋପବନ୍ଧୁ ଚୌଧୁରୀ, ମାତା ରମାଦେବୀ ପ୍ରଭୃତି । ସେତେବେଳେ ଖଦଡ଼ ବୁଣା କାମ ପଞ୍ଚପଡ଼ା, ଡାଲଗଡ଼ିଆ, ରେମଣ୍ଡା, ମାନପୁର, ବଲଗଡ଼ ଓ ତା ଆଖପାଖର ଗାଁଗଣ୍ଡାରେ ଚାଲୁଥାଏ । ବିଶେଷ କରି ପଞ୍ଚପଡ଼ାର ମୋଟା ଖଦଡ଼ ପିନ୍ଧୁଥିଲେ ଜିଲ୍ଲାର ପ୍ରାୟ ସମସ୍ତ କର୍ମକର୍ତ୍ତା ମାନେ । ପରେ ପରେ ବ୍ରହ୍ମପୁର ଓ କଟକରୁ ଭଲ ଖଦଡ଼ ଆଣି କୃତାର୍ଥ ଆଚାର୍ଯ୍ୟ ବଡ଼ବଜାରରେ ଗୋଟିଏ ଦୋକାନ ଖୋଲି ଦେଲେ । ସେ ବଡ଼ ନିଷ୍ଠା ସହକାରେ ନିଜେ ସୂତା କାଟୁଥିଲେ ଓ ଖଦଡ଼ ମଧ୍ୟ ବୁଣୁଥିଲେ । ଗାନ୍ଧିଜୀ ଖଦଡ଼ର ବ୍ୟାଖ୍ୟା କରିଥିଲେ- " ହାତକଟା, ହାତବୁଣା ଓ ତା ଶ୍ରମର ଯଥାଯଥ ମୂଲ୍ୟାଙ୍କନ କରି ଉଚିତ ପାରିଶ୍ରମିକ ଦିଆଯାଇଥିବା କପଡ଼ା ।" ଠିକ ଏହି ଅର୍ଥରେ ସଂଘ ତରଫରୁ ପ୍ରସ୍ତୁତ ହେଉଥିଲା ଖଦଡ଼ । ପଣ୍ଡିତ ଜବାହରଲାଲ କହୁଥିଲେ — "ଖଦଡ଼ ହେଉଛି ଆମର ନେସନେଲ ଡ୍ରେସ୍ । ଅର୍ଥାତ୍ ଜାତୀୟ ସୈନିକମାନଙ୍କ ପୋଷାକ ।" ପ୍ରକୃତରେ ଏହି ଖଦଡ଼ ପିନ୍ଧା ଅହିଂସ ସୈନିକ ମାନଙ୍କୁ ଦେଖି ଇଂରେଜମାନଙ୍କ ହୃତ୍‌କମ୍ପ ହେବାକୁ ଲାଗିଲା । ଏହି ସୈନିକ ମାନଙ୍କ ଭିତରେ ଜଣେ ଅଗ୍ରଗାମୀ ତେଜସ୍ୱୀ ସୈନିକ ଥିଲେ ଭାଗୀରଥି ପଟ୍ଟନାୟକ ।

ଗାନ୍ଧିଜୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି :

୧୯୨୮ ନଭେମ୍ବର ମାସରେ ଗାନ୍ଧିଜୀଙ୍କ ସମ୍ବଲପୁର ଆସିବାର ଥାଏ । ତାଙ୍କୁ ଖଦି କେନ୍ଦ୍ର, ରେମଣ୍ଡା ଓ ପଂଚପଡ଼ା ନେବାପାଇଁ ଶ୍ରୀ ପଟ୍ଟନାୟକ ପ୍ରବନ୍ଧ ଓ ପ୍ରସ୍ତୁତି ଆରମ୍ଭ କରିଦେଲେ । ମାତ୍ର ତା ୨୧-୧୧-୨୮ ଦିନ ଲାଲ ଲଜପତ୍ ରାୟଙ୍କ ମୃତ୍ୟୁ ସମ୍ବାଦ ତାଙ୍କୁ ସ୍ତମ୍ଭୀଭୂତ କରିଦେଲା । ସେଦିନ ବରପାଲିରେ ଅନୁଷ୍ଠିତ ହେଲା ଶୋକସଭା । ଭଗୀରଥି ନିଜର ଏକମାତ୍ର ପୁତ୍ର ପ୍ରଫୁଲ୍ଲଙ୍କୁ ସେଦିନ ଦେଲେ ଖଣ୍ଡିଏ ଖଦଡ଼ ଧୋତି ଏବଂ ଖଦଡ଼ କୋଟ । କୋଟଟି ନିଜେ ବଇଁଶରେ କାଟିଥିଲେ

Digitized by PPRACHIN, SOA

ଓ ଖଦଡ଼ ପ୍ରଚାରରେ ଲିପ୍ତ ମଧ୍ୟ କରିଥିଲେ । ସେହିଦିନ ଠାରୁ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ହେଲା ରାଷ୍ଟ୍ରୀୟ ଯାତ୍ରାରମ୍ଭ । ଗାନ୍ଧିଜୀଙ୍କ ସ୍ୱାଗତ ପାଇଁ ଭଗୀରଥି ପୁଣି ଲାଗିପଡ଼ିଲେ । ଉଭୟ ସ୍ଥାନରେ ଖଦୀ ପ୍ରଦର୍ଶନୀର ଆୟୋଜନ ହେଲା । କିନ୍ତୁ ଗାନ୍ଧିଜୀ ସତ୍ୟବାଦୀ ଠାରେ ଅସୁସ୍ଥ ହୋଇ ପଡ଼ିବାରୁ ନିର୍ଦ୍ଧାରିତ ଦିନ ସମ୍ବଲପୁର ଆସିପାରିଲେ ନାହିଁ । ଅକସ୍ମାତ୍ ତା ୨୩-୧୨-୨୮ ଦିନ ଗାନ୍ଧିଜୀ ସମ୍ବଲପୁର ଆସି ବାଲିବଡ଼ାଠାରେ ସଭା କଲେ ଓ ଚନ୍ଦ୍ରଶେଖର ବେହେରାଙ୍କ ଘରେ ରହିଥିଲେ । ସେ ଶୀଘ୍ର ଫେରି ଯିବାରୁ ତାଙ୍କୁ ଆଉ ରେମଣ୍ଡା - ପଂଚପଡ଼ା ଅଣାଯାଇ ପାରିଲା ନାହିଁ । ସେ ଅଂଚଳରେ ନୈରାଶ୍ୟ ଦେଖାଦେଲା, ପଟ୍ଟନାୟକ ଓ ଚନ୍ଦ୍ରମଣି ପୂଜାରୀ ମଧ୍ୟ ବହୁତ ନିରାଶ ହେଲେ ।

ନାଗପୁର ଓ ବାରଡୋଲି ସତ୍ୟାଗ୍ରହ

ଏ ମଧ୍ୟରେ ଘଟିଗଲା ନାଗପୁର ଓ ବାରଡୋଲି ସତ୍ୟାଗ୍ରହର ଚାଞ୍ଚଲ୍ୟକର ଘଟଣା । ଏ ସତ୍ୟାଗ୍ରହ ଦ୍ୱୟରେ ଯୋଗଦେବା ପାଇଁ ଭାଗୀରଥି ପଟ୍ଟନାୟକ ଓ ତାଙ୍କ ସାଥୀମାନେ ପ୍ରସ୍ତୁତ ହେଉଁ ହେଉଁ ନାଗପୁର ସତ୍ୟାଗ୍ରହକୁ ସ୍ଥଗିତ କରିଦିଆଗଲା ଓ ବଲ୍ଲଭ ଭାଇ ପଟେଲଙ୍କ ନେତୃତ୍ୱରେ ଚାଲିଥିବା ଐତିହାସିକ ବାରଡୋଲି କୃଷକ ସତ୍ୟାଗ୍ରହର ହେଲା ବିଜୟ । ଏ ବିଜୟର ଫଳସ୍ୱରୂପ ବଲ୍ଲଭ ଭାଇ ପଟେଲଙ୍କୁ ଦିଆଗଲା ସର୍ଦ୍ଦାର ଉପାଧି । ସ୍ମରଣ କରିବା କଥା ଯେ ସେ ସମୟରେ ଭାରତରେ ଦେଖାଦେଇଥିବା କୃଷକ ଓ ଶ୍ରମିକ ଆନ୍ଦୋଳନ ଉପରେ ଅକ୍ଟୋବର ବିପ୍ଳବର ପ୍ରଭୂତ ପ୍ରଭାବ ପଡ଼ିଥିଲା, ତଥାପି ସେ ଆନ୍ଦୋଳନ ସବୁ ହୋଇଥିଲା ସମ୍ପୂର୍ଣ୍ଣ ଭାବେ ଅହିଂସ । ଏଇଠି ଗାନ୍ଧି ଓ ଲେନିନଙ୍କ ସମନ୍ୱୟ ଲକ୍ଷ କରାଯାଇ ପାରେ । ଏକଥାକୁ ଇତିହାସଜ୍ଞମାନେ ମନେ ଉପଲବ୍ଧି କରିଥିଲେ ମଧ୍ୟ ତାହାର ଯଥାଯଥ ଉଲ୍ଲେଖ କରିନାହାନ୍ତି ।

ନୂତନ ଜିଲ୍ଲା କଂଗ୍ରେସ କମିଟିକୁ ସ୍ୱୀକୃତି

ତା ୨୧ । ୧ । ୨୯ ଦିନ ଜାତୀୟ କଂଗ୍ରେସର ମହାଅଧିବେଶନ କଲିକତା ମହାନଗରୀରେ ଆରମ୍ଭ ହେଲା । ପଇସା ଅଭାବରୁ ଶ୍ରୀ ପଟ୍ଟନାୟକ ଅଧିବେଶନକୁ ଯାଇପାରିଲେ ନାହିଁ । ଚନ୍ଦ୍ରମଣି ପୂଜାରୀ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଅଧିବେଶନରେ ଯୋଗଦେଲେ । ଶ୍ରୀ ପଟ୍ଟନାୟକଙ୍କ ଉପସ୍ଥିତି ନିତାନ୍ତ ଆବଶ୍ୟକ ମନେକରି ତାଙ୍କୁ ଅଧିବେଶନରେ ଯୋଗ ଦେବାପାଇଁ ପତ୍ର ଓ ତାର ପଠାଗଲା

Digitized by PPRACHIN, SOA

କିନ୍ତୁ ତଥାପି ସେ କଲିକତା ଯାଇ ପାରିଲେ ନାହିଁ । ଚନ୍ଦ୍ରମଣି ଓ ଲକ୍ଷ୍ମୀନାରାୟଣ ଦୁହେଁ ଗାନ୍ଧି, ମୋତିଲାଲ ଓ ଜବାହରଲାଲଙ୍କ ସମୟରେ ସମ୍ବଲପୁର ଜିଲ୍ଲାର ସମସ୍ତ ବିବରଣୀ ଉପସ୍ଥାପିତ କଲେ ଏବଂ ନିର୍ଦ୍ଦିଷ୍ଟ ପୂର୍ଣ୍ଣ ଜିଲ୍ଲା କଂଗ୍ରେସ କମିଟିର କଥା କହିଲେ । ଗାନ୍ଧୀଙ୍କ ଆଗମନ ବେଳେ ଆୟୋଜିତ ହୋଇଥିବା ଝଣ୍ଡା ପ୍ରଦର୍ଶନ କଥା ଶୁଣି ଓ ଏପରି ନୂଆ କଂଗ୍ରେସ କମିଟିର ସଦସ୍ୟମାନଙ୍କୁ ସୂଚନା ଦିଆଗଲା ନାହିଁ ସେ କଥା ଜାଣି ଗାନ୍ଧିଜୀ ମର୍ମାହତ ହୋଇଥିଲେ । ସମଗ୍ର ସମ୍ବଲପୁର ଜିଲ୍ଲାରେ ଶ୍ରୀ ଭାଗୀରଥି ପଟ୍ଟନାୟକ,ଚନ୍ଦ୍ରମଣି,ଲକ୍ଷ୍ମୀନାରାୟଣ ଓ ନୃସିଂହ ଗୁରୁଙ୍କ ଦ୍ୱାରା ଚଳୁଥିବା ଅସ୍ପୃଶ୍ୟତା ଦୂରୀକରଣ, ନିଶାନିବାରଣ ଓ ଖଦି ଅନୁଷ୍ଠାନର ବିବରଣୀ ଶୁଣି ଗାନ୍ଧିଜୀ ବିଶେଷ ଆନନ୍ଦିତ ହୋଇଥିଲେ । ସଙ୍ଗେ ସଙ୍ଗେ ଗାନ୍ଧୀ, ମୋତିଲାଲ ଓ ଜବାହର ପୁରାତନ କଂଗ୍ରେସ କମିଟିକୁ ବାତିଲ କରି ନୂତନ କମିଟିକୁ ସ୍ୱୀକୃତ ଦେବାପାଇଁ ଉତ୍କଳ ପ୍ରାଦେଶିକ କମିଟିକୁ ନିର୍ଦ୍ଦେଶ ଦେଲେ ଏବଂ ସେଥିରେ ନୂତନ ଜିଲ୍ଲା କଂଗ୍ରେସ କମିଟିର ସଭାପତି ହେଲେ ଚନ୍ଦ୍ରମଣି ପୂଜାରୀ, ସମ୍ପାଦକ ଭାଗୀରଥି ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ନୃସିଂହ ଗୁରୁ । ଏହିପରି ଭାବରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସେଦିନ କଟକିଆ, ବଡ ପାଠୁଆଙ୍କ ଅକ୍ତିଆରରୁ ଗାଁ ଗହଳିଆଙ୍କ ହାତକୁ ଆସିଯାଇଥିଲା । କୋଠା ଉପରୁ ଓହ୍ଲାଇ ଆସି ଗାଁ ଗହଳର ମାଟି ଘରେ ପଦାର୍ପଣ କରିଥିଲା । ଆଶ୍ଚର୍ଯ୍ୟର ବିଷୟ ଯେ - ଲକ୍ଷ୍ମୀନାରାୟଣ, ଚନ୍ଦ୍ରମଣି,ଭାଗୀରଥି,ନୃସିଂହ, ଘନଶ୍ୟାମ ପାଣିଗ୍ରାହୀ, ବୃନ୍ଦାବନ ଗୁରୁ, କୃତାର୍ଥ ଆଚାର୍ଯ୍ୟ, ଦୁର୍ଗା ଗୁରୁ, ସୁଧାଂଶୁ ଶେଖର ଓ ଦୟାନନ୍ଦ ଶତପଥୀ ପ୍ରଭୃତି ଏ ସମସ୍ତ କଂଗ୍ରେସ କର୍ମକର୍ତ୍ତାମାନଙ୍କ ଶିକ୍ଷାଗତ ଯୋଗ୍ୟତା ମେଟ୍ରିକ ଠାରୁ ଉଚ୍ଚ ନ ଥିଲା । ଏମାନଙ୍କ ଭିତରୁ ଅନେକେ ଗାନ୍ଧିଙ୍କ ଆହ୍ୱାନ କ୍ରମେ ସ୍କୁଲ ପରିତ୍ୟାଗ କରି ଆନ୍ଦୋଳନରେ ଝାସ ଦେଇଥିଲେ । କିନ୍ତୁ ସମସ୍ତେ ଥିଲେ ତେଜସ୍ୱୀ,ଓଜସ୍ୱୀ,କର୍ମବୀର । ଗୋଟିଏ ନବୀନ ପ୍ରେରଣା ଓ ଉତ୍ସାହରେ ସେମାନେ ଜାଗି ଉଠିଲେ । ସମସ୍ତେ ଚୁପେ ଲାଗି ପଡିଥିଲେ ସ୍ୱାଧୀନତା ଆନ୍ଦୋଳନ ଓ ରଚନାତ୍ମକ କାମରେ ।

କଲିକତା କଂଗ୍ରେସରେ ପୂର୍ଣ୍ଣ ସ୍ୱାଧୀନତାର ପ୍ରସ୍ତାବ ଗୃହୀତ ହେଲା । ୧୯୨୭ ରେ ଜବାହରଲାଲ ସୋଭିଏତ ରୁଷ ଭ୍ରମଣରେ ଯାଇଥିଲେ । ତାଙ୍କ ସେତେବେଳର ବକ୍ତବ୍ୟ ଆଦିରୁ ସ୍ପଷ୍ଟ ସୂଚନା ମିଳେ ଯେ ସେହିଦେଶ ଭ୍ରମଣ ସମୟରେ ପୂର୍ଣ୍ଣ ସ୍ୱାଧୀନତା ର ବିଚାର ତାଙ୍କ ମନରେ ଜାତ ହୋଇଥିଲା ଏବଂ ତାହା ସେ ଉପସ୍ଥାପିତ କରିଥିଲେ କଲିକତା ଅଧିବେଶନରେ ।

Digitized by PPRACHIN, SOA

ଅଦ୍ଭୁତ ସଫଳତା

ନୂତନ ସାଂଗଠନିକ ତତ୍ପରତା ନେଇ ସମଗ୍ର ଜିଲ୍ଲାରେ ଆରମ୍ଭ ହେଲା ଅସ୍ପୃଶ୍ୟତା ଦୂରୀକରଣ ଓ ନିଶା ନିବାରଣ କାମ। ଓରାଓଁ, ମୁଣ୍ଡା, କୋନ୍ଧ, ଖଡିଆ, ଗଣ୍ଡ, ଭୂୟାଁ, ପାଣ, ସହରା, ଗଣ୍ଡା, ଚମାର, ଘାସି ପ୍ରଭୃତି ସମ୍ବଲପୁର ଜିଲ୍ଲାରେ ଥିବା ଏହି ଉପଜାତି ମାନଙ୍କର ପୃଥକ୍ ପୃଥକ୍ ସଂଗଠନ କରି ସେମାନଙ୍କ ଭିତରେ ନିଶାନିବାରଣ, ଅସ୍ପୃଶ୍ୟତା ନିବାରଣ, ଅଖାଦ୍ୟ ମାଂସ ବର୍ଜନ ଓ ଚରଖା ପ୍ରଚଳନର ଚେତନା ଆଣିବାରେ ଶ୍ରୀ ପଟ୍ଟନାୟକ ଓ ଚନ୍ଦ୍ରାମଣି ବିଶେଷ ରୂପେ ଆତ୍ମ ନିୟୋଗ କଲେ। ତାଙ୍କୁ ଏହି କାମରେ ସହଯୋଗ କରୁଥିଲେ କସ୍ତୁରମ ଚନ୍ଦ୍ରୀ, ତାଲପଟିଆ ର ଶୁକ୍ଳା ଚନ୍ଦ୍ରୀ ଓ ପରେ ସ୍ୱାମୀ ସଚ୍ଚିଦାନନ୍ଦ। ସଂପୂର୍ଣ୍ଣ ସମ୍ବଲପୁର ଜିଲ୍ଲାର ଶତ ଶତ ଗ୍ରାମରେ ସଭା ସମିତିର ଆୟୋଜନ ହେଲା, ହଜାର ହଜାର ଆଦିବାସୀ ଓ ହରିଜନ-ମାନେ ସଭାରେ ଉପସ୍ଥିତ ହୋଇ ବଡ଼ ଉତ୍ସାହ ଓ ଉଦ୍ଦୀପନା ସହକାରେ ନିଶା ବର୍ଜନ ପାଇଁ ପ୍ରତିଜ୍ଞାବଦ୍ଧ ହେଉଥିଲେ। ହାତରେ ତମ୍ବା, ତୁଳସୀ ଆଉ ଶାଳଗ୍ରାମ ନେଇ ହଜାର ହଜାର ଲୋକ ଶପଥ ଗ୍ରହଣ କରୁଥିଲେ ଯେ - ସେମାନେ ଆଉ କେବେ ମଦ ଖାଇବେ ନାହିଁ, ନିଷିଦ୍ଧ ପଶୁମାଂସ ଖାଇବେ ନାହିଁ ଓ ପ୍ରତ୍ୟହ ଚରଖା ଚଳେଇବେ। ଆଶ୍ଚର୍ଯ୍ୟର କଥା ୧୯୨୯ ରେ ଏକ ବର୍ଷ ଭିତରେ ହରିଜନ ଓ ଆଦିବାସୀ ମାନଙ୍କ ଗାଁ ଗଣ୍ଡାରେ ଆଉ ଗୋଟିଏ ହେଲେ ଗ୍ରାମ୍ୟ ଶୁଣ୍ଡୁଣୀ ଦେଖିବାକୁ ମିଳିଲେ ନାହିଁ, କେହି ଆଉ ମଲା ପଶୁମାଂସ ଖାଇଲେ ନାହିଁ ଏବଂ ସଂପୂର୍ଣ୍ଣ ରୂପେ ମଦ ପିଇବା ଛାଡିଦେଲେ। ଏହି ସବୁ କାର୍ଯ୍ୟର ରିପୋର୍ଟ ସ୍ୱହସ୍ତେ ଲେଖିଲେ ଶ୍ରୀ ଭଗୀରଥି ପଟ୍ଟନାୟକ ଏବଂ ସେ ରିପୋର୍ଟରେ ହସ୍ତାକ୍ଷର କରିଥିଲେ ତତ୍କାଳୀନ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଶ୍ରୀ ଚନ୍ଦ୍ରାମଣି ପୂଜାରୀ। ଶ୍ରୀ ଜବାହରଲାଲ ନେହେରୁ ସେ ସବୁ କାର୍ଯ୍ୟର ପ୍ରଶଂସା କରି ନିଜ ହାତରେ ପତ୍ର ଲେଖିଥିଲେ। ତାର ଅବିକଳ ନକଲ ତଳେ ଦିଆଗଲା —

ଇଲାହାବାଦ

ପ୍ରିୟ ମହାଶୟ, ତା ୨୫।୭।୨୯

ଆପ କା ପତ୍ର କୁଛ୍ ଦିନ ହୁଏ ମିଲା ଥା ଉସମେଁ ଆପ୍‌କେ କାମ୍‌କା ଖବର ପଢ଼ି ଔର ୟହ୍ ମାଲୁମ ହୋକେ ଖୁସି ହୁଇ କି ଆପ୍‌କୋ ବହୁତ୍ କାମୟାବି ହୁଇ ହୈ।

ଆପ୍‌କା
ଜବାହର ଲାଲ୍ ନେହେରୁ

Digitized by PPRACHIN, SOA



୧୯୨୮-୨୯ ନିଶାନିବାରଣ ଆନ୍ଦୋଳନ ସମୟରେ ଶଲ୍ୟାମଣି ପୂଜାରୀ ଓ
ଭଗୀରଥି ପଟ୍ଟନାୟକ ଙ୍କ ସଙ୍ଗେ ତାଙ୍କର ସହକର୍ମୀ ମାନେ ।

Digitized by PPRACHIN, SOA

ତା ୧୪-୧୨-୭୯ରେ ସ୍ୱନ ସ୍ୱାମୀ ଭଗୀରଥି ପଟ୍ଟନାୟକ ବରହ୍ମାଳ ଠାରେ କିଶୋର ପ୍ରିଣ୍ଟିଂ ପ୍ରେସ୍ ଉଦ୍‌ଘାଟନ କରୁଛନ୍ତି ।

ବୟୋବୃଦ୍ଧ ପଟ୍ଟନାୟକଙ୍କୁ ଆଣିବା ପାଇଁ କେଣ୍ଡିଏ ରିକ୍ସା ନେଇ ତାଙ୍କ ଘରେ ପହଞ୍ଚିଲେ କିଶୋର ଚନ୍ଦ୍ର ଗଡ଼ତିଆ । ମାତ୍ର ରିକ୍ସାରେ ଆସିବାକୁ ମନା କରି ଦେଇ କର୍ମବୀର ଭଗୀରଥି ପଟ୍ଟନାୟକ କହିଲେ- "ମୁଁ କ'ଣ ମୁର୍ଦ୍ଦାର ଯେ ମୋତେ ରିକ୍ସାରେ ବୋହି ନେବ । ମୁଁ ଚାଲି ଚାଲି ଯିବି ।"

- X -

Digitized by PPRACHIN, SOA

କିନ୍ତୁ ଖଦଡ଼ର ସେତେ ପ୍ରଚାର ଓ ପ୍ରସାର ହୋଇ ପାରିଲା ନାହିଁ । ଖଦଡ଼ କାମ ସାଧାରଣ ଭାବେ ଚାଲୁଥିଲା । ସେ ବର୍ଷ ସାରା ସମ୍ବଲପୁର ଜିଲ୍ଲାରେ ଲୋକେ ଦୁଇଥର ନୂଆଁ ଖାଇଲେ, ଥରେ ଭାଦ୍ରବ ମାସରେ ଆଉଥରେ କାର୍ତ୍ତିକ ମାସରେ । କାର୍ତ୍ତିକ ମାସର ନୂଆଁ ଖିଆକୁ ଲୋକେ "ଗାନ୍ଧି ନୂଆଁ ଖାଇ" ବୋଲି କହିଲେ । ଖରିଫ ଧାନ କାଟିଲା ପରେ ନଡ଼ାରୁ ଆଉଥରେ ଧାନ ଗଛ ଉଠିଲା ଓ ଫଳିଲା । ସେ ଧାନକୁ ମଧ୍ୟ କୃଷକ ମାନେ ଅମଳ କଲେ । ପ୍ରାୟ ସମଗ୍ର ଜିଲ୍ଲାରେ ଏ ଅଭୂତପୂର୍ବ ଘଟଣାଟି ଘଟିଥିଲା ।

ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଘଟିଥିଲା ସେହି ବର୍ଷ । ଜିଲ୍ଲାରେ ଥିବା ସବୁ ମଦଭାଟି ର ଠିକାଦାର ମାନେ ନିଜ ନିଜ ର ଲାଇସେନ୍ସ ତତ୍କାଳୀନ ଆଇରିସ ଡେପୁଟୀ କମିଶନର ଶ୍ରୀ ଜନଷ୍ଟନ ସାହେବ କୁ ଫେରାଇ ଦେଇଥିଲେ । ଅର୍ଥାତ୍ ସମ୍ପୂର୍ଣ୍ଣ ସମ୍ବଲପୁର ଜିଲ୍ଲାରେ ମଦଭାଟି ଆଉ ଖୋଲିଲା ନାହିଁ -ବନ୍ଦହୋଇ ଯାଇଥିଲା । ବୋଧହୁଏ ଭାରତର କୌଣସି ରାଜ୍ୟରେ ଏପରି ଅଦଭୁତ ସଫଳତା ହାସଲ ହୋଇ ନଥିଲା । ଭଗୀରଥି ଓ ଚନ୍ଦ୍ରାମଣିଙ୍କର ଅକ୍ଳାନ୍ତ ପରିଶ୍ରମ; କଷ୍ଟ ସହିଷ୍ଣୁତା, ଅପାର ଧୈର୍ଯ୍ୟ ଓ ଦୃଢ଼ ସଂକଳ୍ପ ଯୋଗୁଁ ଏହି ସଫଳତା ହାସଲ କରାଯାଇ ପାରିଥିଲା । ଏହି ସଫଳତାକୁ ଶ୍ରୀ ପଟ୍ଟନାୟକ ନିଜର ଗୋଟିଏ ଶ୍ରେଷ୍ଠ ସଫଳତା ମନେକରୁଥିଲେ । ସେ ସ୍ୱାଧୀନ ଭାରତର ଅନେକ ସୁନେଲୀ ସ୍ୱପ୍ନ ଭିତରେ ଏ ସ୍ୱପ୍ନଟିକୁ ମଧ ଦେଖୁଥିଲେ ଯେ ସ୍ୱତନ୍ତ୍ର ଭାରତରେ ଯେଉଁ ସମ୍ବିଧାନ ହେବ ସେହି ସମ୍ବିଧାନ ବଳରେ ଏ ଦେଶରୁ ମଦ୍ୟପାନ ନିଶ୍ଚିହ୍ନ ହୋଇଯିବ । ଏ କଳ୍ପନା କରି ତାଙ୍କର ଶରୀର ଆନନ୍ଦରେ ରୋମାଞ୍ଚିତ ହୋଇ ଯାଉଥିଲା ।

ମଦଭାଟି ଗୁଡିକ ବନ୍ଦ ହୋଇ ଯିବାରୁ ଗ୍ରେଟ ବ୍ରିଟେନ ଶାସନରୁ କମିସନରଙ୍କ ମାର୍ଫତରେ ଜନଷ୍ଟନ୍ ସାହେବଙ୍କ ଠାରୁ କୈଫିୟତ ତଲବ ହେଲା । ସ୍ୱାଧୀନଚେତା ଆଇରିଲ୍ୟାଣ୍ଡ ନିବାସୀ ଜନଷ୍ଟନ ନିଜ କୈଫିୟତରେ ଲେଖିଲେ ... "ସମ୍ବଲପୁର ଜିଲ୍ଲାରେ ଗୋଟିଏ ସାମାଜିକ ସୁସଂସ୍କାରର ଉତ୍ତମ କାର୍ଯ୍ୟଟିଏ ହେଉଛି । ଗ୍ରାମର ଖୁଲାରୁ, ସଭ୍ୟସମିତ ଖୁଲାରୁ ଓ ନିମ୍ନଶ୍ରେଣୀର ଲୋକମାନେ ମଦ୍ୟପାନ ଛାଡ଼ିଦେଉଛନ୍ତି । ଅଧିକାଂଶ ମଦ ଠିକାଦାର ମାନେ ତାଙ୍କର ଲାଇସେନ୍ସ ଫେରାଇ ଦେଉଛନ୍ତି । କିନ୍ତୁ ଏହା ଦ୍ୱାରା ରାଜସ୍ୱର ଯେଉଁ କ୍ଷତି ହେଉଛି ତାହାକୁ ଅନ୍ୟ କୌଣସି ପ୍ରକାରେ ମୁଁ ଅବଶ୍ୟ ପୂର୍ଣ୍ଣ କରିଦେବ ।" ଆଇରିଲ୍ୟାଣ୍ଡ ନିବାସୀ ସବୁଦିନେ ସ୍ୱାଧୀନଚେତା

Digitized by PPRACHIN, SOA

ଅଟନ୍ତି । ଜନଷ୍ଟନ ଙ୍କ ଉକ୍ତ କୈଫିୟତ୍ ଦେଖି ଶ୍ରୀ ଡ. ଭଲେରା ଙ୍କ କଥା ମନେ ପଡେ ... ସେ ବି ଆୟରଲାଣ୍ଡ ରେ ପ୍ରଥମ ପ୍ରଜାତନ୍ତ୍ର ସ୍ଥାପିତ କରିବାରେ ସମର୍ଥ ହୋଇଥିଲେ । ଶ୍ରୀ ଜନଷ୍ଟନ ଙ୍କୁ ଇଂରେଜ ସରକାର ସସପେଣ୍ଡ କରିଦେଲେ । ବହୁକାଳ ପର୍ଯ୍ୟନ୍ତ ତାଂକୁ ଆଶ୍ରୟ ଦେଇଥିଲେ ଓଡିଶାର ତତକାଳୀନ ଯୁବନେତା ହରେକୃଷ୍ଣ ମହତାବ । ତାଂକ ଖାଇବା ରହିବାର ସମସ୍ତ ବନ୍ଦୋବସ୍ତ ସେ କରି ଦେଇଥିଲେ । ଜନଷ୍ଟନ୍ ସସପେନ୍ସନ୍ ରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜଜ ଚାକିରୀରୁ ଇସ୍ତଫା ଦେଇ ଇଂଲଣ୍ଡ ଚାଲି ଯାଇଥିଲେ ।

ପ୍ରେସ୍ ଓ ପତ୍ରିକା

ଲକ୍ଷ୍ମୀନାରାୟଣ,ଚନ୍ଦ୍ରମଣି ଓ ଭାଗୀରଥିଙ୍କର ସମନ୍ୱିତ ଯୋଜନା ଥିଲା - ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀର ଗୋପନ ତତ୍ତ୍ୱାବଧାନ ରେ ଗୋଟିଏ ସାଇକ୍ଲୋଷ୍ଟାଇଲ ମେସିନ୍ ଓ ଗୋଟିଏ ଛୋଟିଆ ପ୍ରେସ୍ ରହୁ ଏବଂ ସେହି ପ୍ରେସ୍ ରୁ " ସ୍ୱାଧୀନ ଭାରତ " ନାମରେ ଗୁପ୍ତ ଭାବରେ ବାହାରୁ ଗୋଟିଏ ପତ୍ରିକା - ଯାହା ମାଧ୍ୟମରେ କଂଗ୍ରେସ ଆନ୍ଦୋଳନ, କୃଷକ ସଂଗଠନ, ନିଶାନିବାରଣ ଓ ଖଦୀ ଅନୁଷ୍ଠାନ ର ପ୍ରଚାର ଓ ପ୍ରସାର ହୋଇପାରିବ । ଏ କଳ୍ପନାଟି ପ୍ରଥମେ ସେମାନେ କରିଥିଲେ ୧୯୨୭ ରେ ଏବଂ ତାହା ୧୯୨୯ ରେ ରୂପାୟିତ ହୋଇଥିଲା । ଖଣ୍ଡିଏ ଜମି ବିକ୍ରିକରି ଚନ୍ଦ୍ରମଣି ପୁଞ୍ଜାଗ୍ର ଦେଲେ କିଛି ଟଙ୍କା, ସୁଧାକର ଭାଗୀରଥି ଓ ଲକ୍ଷ୍ମୀନାରାୟଣ ଯୋଗାଡ଼ କଲେ ଆଉକିଛି ଟଙ୍କା ଓ ତତ୍କାଳୀନ ହୀମଗିରି ଜମିଦାର ଋଣ ସ୍ୱରୂପ ଦେଇଥିଲେ ଟ ୩୨୫-୦୦ । ପ୍ରେସ୍ କିଣାଗଲା । କିନ୍ତୁ ପ୍ରେସ୍ କୁ କେଉଁଠି ସ୍ଥାପିତ କରାଯିବ ସେଥିପାଇଁ ଚାଲିଲା ମତଭେଦ । ଚନ୍ଦ୍ରମଣି ଓ ଭାଗୀରଥି ଚାହୁଁଥିଲେ ପ୍ରେସ୍ ଟିକୁ ଝାରସୁଗୁଡ଼ାରେ ସ୍ଥାପିତ କରିବା ପାଇଁ;କିନ୍ତୁ ଲକ୍ଷ୍ମୀନାରାୟଣ ଚାହୁଁଥିଲେ ତାହା ସମ୍ବଲପୁରରେ ରହୁ । ଏମିତି ମତାନ୍ତରରେ କିଛିଦିନ କଟିଗଲା । ପରେ ସରକାର ତାକୁ ଜବତ କରିନେଲେ । ମେସିନର ଗୋଟିଏ ଅଂଶ ଯାହା କି ସରକାର ନେଇ ପାରିଲେ ନାହିଁ ବହୁ ବର୍ଷ ପର୍ଯ୍ୟନ୍ତ ଗଞ୍ଜଗଡାରେ ଚନ୍ଦ୍ରମଣି ଙ୍କ ଘରେ ପଡ଼ିରହିଲା । ସାଇକ୍ଲୋଷ୍ଟାଇଲ୍ ମେସିନ ର କାମ ଚାଲୁଥିଲା, କିନ୍ତୁ ତାହାମଧ୍ୟ ଜବତ ହୋଇଗଲା । ଶ୍ରୀ ପଟ୍ଟନାୟକ ଙ୍କ ଉପରେ ପଡ଼ିଲା ପୁଣି କାର୍ବନ୍ କପିରେ ପ୍ରଚାର ପତ୍ର ଲେଖିବା ଓ ବାଣ୍ଟିବା କାମ ।

Digitized by PPRACHIN, SOA

ପୂର୍ଣ୍ଣ ସ୍ୱାଧୀନତା ଘୋଷଣା

କଲିକତା ରେ ୧୯୨୮ ରେ ହୋଇଥିବା ଜାତୀୟ କଂଗ୍ରେସ ମହାସଭାରେ ପ୍ରସ୍ତାବ ହୋଇଥିଲା — ଆମେ ପ୍ରାନ୍ତୀୟ ସ୍ୱାୟତ୍ତ ଶାସନ ସ୍ୱୀକାର କରିବୁଁ ନାହିଁ, ହାସଲ କରିବୁଁ ପୂର୍ଣ୍ଣ ସ୍ୱାଧୀନତା । ଜାତୀୟ କଂଗ୍ରେସ ୨୬ ଜାନୁୟାରୀ ୧୯୩୦ ଦିନ ପୂର୍ଣ୍ଣ ସ୍ୱାଧୀନତା ଦିବସ ପାଳନ କରିବାପାଇଁ ନିଷ୍ପତ୍ତି ନେଲା । ଆଜିକାର ସାଧାରଣତନ୍ତ୍ର ଦିବସ ସେ ସଂକଳ୍ପ କୁ ସୂଚେଇଦିଏ କାରଣ ସେ ପବିତ୍ର ଦିବସ କୁ ସମ୍ମାନ ପ୍ରଦର୍ଶନ କରି କୋଡ଼ିଏ ବର୍ଷପରେ ସ୍ୱାଧୀନ ଭାରତର ସମ୍ବିଧାନ ସେହି ଦିନଠାରୁ ଲାଗୁ ହେଲା । ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଭାଗୀରଥି ପଟ୍ଟନାୟକ, ନୃସିଂହ ଗୁରୁ ଆଦି ଜିଲ୍ଲାର ନେତୃସ୍ଥାନୀୟ କର୍ମକର୍ତ୍ତା ମାନେ ଏକତ୍ରିତ ହେଲେ ସମ୍ବଲପୁର ଠାରେ । ପଣ୍ଡିତ ଲକ୍ଷ୍ମୀନାରାୟଣ ସେତେବେଳେ ଜେଲଭିତରେ । ଏକ ସପ୍ତାହ ଆଗରୁ ନଗରା ଢଙ୍କର ବଜାଇ ଭାଗୀରଥି ସମ୍ବଲପୁର ର ଗଳିକନ୍ଦି ଚତୁର୍ଦ୍ଦିଗରେ ପ୍ରଥମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ପ୍ରଚାର ଚଳେଇଥିଲେ । ମିଲିଟାରୀ ପୋଲିସ୍ ର ଭୟ ଓ କଟକଣା ସତ୍ତ୍ୱେ ସେଦିନ ସମ୍ବଲପୁର ର ଅସଂଖ୍ୟ ନରନାରୀ ଅସୀମ ଉତ୍ସାହ ଓ ଉଦ୍ଦିପନା ସହିତ ସମବେତ ହେଲେ । ଗୋଟିଏ ବିରାଟ ସାଧାରଣ ସଭା ହେଲା । କାହାରି ମନରେ ମିଲିଟାରୀ ପୋଲିସ ବା ସରକାରଙ୍କପ୍ରତି ତିଳେ ମାତ୍ର ଭୟ ନଥିଲା । ମାଜିଷ୍ଟ୍ରେଟ ଶ୍ରୀ ଭରତ ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ । ପଣ୍ଡିତ ନୃସିଂହ ଗୁରୁ କଲେ ଝଣ୍ଡା ଧ୍ୱଜା ଓ ଭାଗୀରଥି ପଟ୍ଟନାୟକ ପୂର୍ଣ୍ଣ ସ୍ୱାଧୀନତାର ପ୍ରଥମ ଘୋଷଣା ପତ୍ର ପାଠ କଲେ । ଅଗଣିତ କଣ୍ଠ ରୁ ନିସୃତ — " ବନ୍ଦେ ମାତରମ୍ - ବନ୍ଦେମାତରମ୍, ଆମେ ପୂର୍ଣ୍ଣ ସ୍ୱାଧୀନତା ଚାହୁଁ ପୂର୍ଣ୍ଣ ସ୍ୱାଧୀନତା ଧ୍ୱଜା, ଗଗନ ପବନକୁ ପ୍ରକମ୍ପିତ କରିଥିଲା ।

ପ୍ରଫୁଲ୍ଲ ପଟ୍ଟନାୟକ ଙ୍କ ଅଭିଯାନ

ଭାଗୀରଥି ଙ୍କ ମନରେ ବରାବର ଜାଗରିତ ଥାଏ ଭଗବାନ ଧାନଙ୍କ କଥା- ସାରା ପରିବାର କୁ କଂଗ୍ରେସ କାମରେ ଲଗାଇଦିଅ, ତେବେଯାଇ ତୁମର ବାସ୍ତବ ସୁଖ ଓ ଆନନ୍ଦ ଆସିବ । ତା ୪ । ୨ । ୩୦ ଦିନ ଭାଗୀରଥି ଙ୍କ ସଙ୍ଗେ ସତ୍ୟାଗ୍ରହ ଅଭିଯାନ ରେ ବାହାରି ପଡ଼ିଲେ ତାଙ୍କର କିଶୋର ପୁତ୍ର ପ୍ରଫୁଲ୍ଲ । ତାଙ୍କର ପ୍ରାଥମିକ ଶିକ୍ଷା ବନ୍ଦ କରାଇ ଦେଇଥିଲେ ୧୯ - ୨୬ ରୁ । ସେହିଦିନ ଠାରୁ ପ୍ରଫୁଲ୍ଲ ଲାଗିଥିଲେ

Digitized by PPRACHIN, SOA

ସୂତାକଟା କାମରେ । ଏହିବେଳେ ହରିଜନ ପିଲା ଓ ବସ୍ତିରେ ପ୍ରୌଢ଼ ମାନଙ୍କୁ ଅକ୍ଷର ପରିଚୟ ମଧ୍ୟ କରାଉଥିଲେ । ଆଜନ୍ତୁ ସେ ବାହାରି ପଡ଼ିଲେ ପ୍ରତ୍ୟକ୍ଷ ସତ୍ୟାଗ୍ରହ ଅଭିଯାନ ରେ । ବରପାଲି ରୁ ବାହାଙ୍କ ସଙ୍ଗେ ଦୁଇ ଜଣ ଗଲେ ରେମଣ୍ଡା । ସେଠାରେ ହେଲା କଂଗ୍ରେସ ସଭା । ପ୍ରଫୁଲ୍ଲ କଲେ ଝଣ୍ଡା ଉତ୍ତୋଳନ ଓ ବନ୍ଦେମାତରମ୍ ଗାୟନ । ପଣ୍ଡିତ ଲକ୍ଷ୍ମୀନାରାୟଣ ଙ୍କ ପ୍ରେରଣା ଓ ନିର୍ଦ୍ଦେଶ ମତେ ରେମଣ୍ଡା ରେ ହେଲେ ପ୍ରଥମ ସ୍ଥାପନ ତା ୬।୨।୩୦ ଦିନ । ନଅ ତାରିଖ ଦିନ ବରପାଲିରେ ଗୋଟିଏ ଜବତ ସଭା ହେଲ । ତାର ପ୍ରମୁଖ ଭାର ଥିଲା ପ୍ରଫୁଲ୍ଲ ଙ୍କ ଉପରେ । ସେହିଦିନ ଠାରୁ ଭାଗୀରଥି ଙ୍କ ଡଙ୍କା ବଜାଇବା କାମ ଛଡ଼ାଇ ଦେଇଥିଲେ ପ୍ରଫୁଲ୍ଲ । ୧୯୩୪ ପର୍ଯ୍ୟନ୍ତ ଏ କାମଟି ତାଙ୍କ ଉପରେ ନ୍ୟସ୍ତ ଥିଲା । ସେତେବେଳେ ତାଙ୍କର କାମଥିଲା-ସଭାସମିତି ପାଇଁ ଡଙ୍କା ବଜାଇବା, ପତାକା ଉତ୍ତୋଳନ କରିବା, ବନ୍ଦେମାତରମ୍ ଓ ଝଣ୍ଡାଗୀତ ଗାନ କରିବା । ଝଣ୍ଡା ଗୀତଥିଲା —

ପ୍ରେମିକ ବିଶ୍ୱ ତ୍ରିରଙ୍ଗା ପ୍ୟାରା
ଝଣ୍ଡା ଊଁଚା ରହେ ହମାରା
ଇସ ଝଣ୍ଡେ କେ ନୀଚେ ନିର୍ଭୟ
ଲେଁ ସ୍ୱରାଜ୍ୟ ହମ୍ ଅବିଚଲ ନିଶ୍ଚୟ
ବୋଲୋ ଭାରତ ମାତା କି ଜୟ
ତବ ହୋବେ ପ୍ରଣ ପୂର୍ଣ୍ଣ ହମାରା । ”

ଏ ଗୀତ କୁ ଲୋକେ ଆଜି ଭୁଲି ଯାଇଛନ୍ତି ଯାହାକି ଦିନେ ଲକ୍ଷ ଲକ୍ଷ ଭାରତ ବାସୀଙ୍କୁ ଜାତୀୟ ପ୍ରେରଣାରେ ଉଦ୍ବୁଦ୍ଧ କରିଥିଲା ।

ଆନ୍ଦୋଳନ ର ଆରମ୍ଭ

ପୂର୍ଣ୍ଣ ସ୍ୱାଧୀନତାର ଘୋଷଣାପତ୍ର ପରେ ଇଂରେଜ ସରକାର ସାରା ଭାରତ ରେ ବଡ଼ ବଡ଼ ନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଦେଲେ । ଓଡ଼ିଶା ରେ ମଧ୍ୟ ବହୁନେତା ଗିରଫ ହେଲେ । ଯାହା ପ୍ରତିବାଦରେ ଶ୍ରୀ ଭାଗୀରଥି ପଟ୍ଟନାୟକ ଓ ପଣ୍ଡିତ ଚତୁର୍ଭୁଜ ଶର୍ମା ତା ୧୬।୨।୩୦ ଦିନ ଆୟୋଜିତ କଲେ ବରଗଡ଼ ଠାରେ ଏକ ପ୍ରତିବାଦ ସଭା । ଶ୍ରୀ ପଟ୍ଟନାୟକ ତାଙ୍କ ଡାଇଏରିରେ ଚତୁର୍ଭୁଜ ଶର୍ମାଙ୍କର ବହୁତ ପ୍ରଶଂସା କରିଯାଇଛନ୍ତି । ଶ୍ରୀ ଶର୍ମା ସାରା ଜୀବନ ସତ୍ୟାଗ୍ରହ ଆନ୍ଦୋଳନର

Digitized by PPRACHIN, SOA

ସମୀପ୍ସ ସମର୍ଥକ ହୋଇ ରହିଥିଲେ । ଏଇ ଗତ ୧୩ । ୫ । ୮୪ ଦିନ ବରଗଡ଼ଠାରେ ସେ ଦେହତ୍ୟାଗ କରିଛନ୍ତି ।

ଲବଣ ସତ୍ୟାଗ୍ରହ ର ପ୍ରସ୍ତୁତି

ଗାନ୍ଧିଜୀଙ୍କ ଐତିହାସିକ ଡାଣ୍ଡି ଯାତ୍ରା, ଲବଣ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ସମ୍ବଲପୁର ଜିଲ୍ଲା ରେ ଭାଗୀରଥି ପଟ୍ଟନାୟକ ଓ ଦୟାନନ୍ଦ ଶତପଥୀ ଙ୍କ ଉପରେ ପଡ଼ିଲା ସଂଗଠନର ଭାର । ଏ ଦୁହେଁ ଗ୍ରାମେ ଗ୍ରାମେ ବୁଲି ଲବଣ ସତ୍ୟାଗ୍ରହ ପାଇଁ ସଂଗଠନ ରେ ଲାଗିପଡ଼ିଲେ । ତା ୭ । ୩ । ୩୦ ଦିନ ଭାଗୀରଥି, ଚତୁର୍ଭୁଜ ଓ ହେମଶଙ୍କର ପଟ୍ଟନାୟକ ଙ୍କ ପରିଶ୍ରମ ରେ ବରଗଡ଼ ଠାରେ ଗୋଟିଏ ବିରାଟ ସାଧାରଣ ସଭା ଅନୁଷ୍ଠିତ ହେଲା । ପଣ୍ଡିତ ଲକ୍ଷ୍ମୀନାରାୟଣ ଓ ଭାଗୀରଥି ଉଦ୍‌ବୋଧନ ଦେଲେ । ସେ ସଭାର ସଫଳତା ପାଇଁ ଲାହନ୍‌ସର ଗ୍ରାମର ଶ୍ରୀ ସର୍ବେଶ୍ୱର ହୋତା ଓ ପ୍ରଫୁଲ୍ଲ ପଟ୍ଟନାୟକ ଙ୍କ ଅବଦାନ ଅବଶ୍ୟ ସ୍ମରଣୀୟ ।

ତା ୧୨ । ୩ । ୩୦ ଦିନ ଆରମ୍ଭ ହେଲା ଗାନ୍ଧି ଙ୍କ ଡାଣ୍ଡି ଯାତ୍ରା । ସେଦିନ ଡାଏରୀ ରେ ଭାଗୀରଥି ଲେଖିଛନ୍ତି " ଇଂରେଜଦହନ " ଦିବସ । ତ୍ରେତୟା ଯୁଗରେ ଠିକ ଦଶହରା ଦିନ ରାବଣ ବଧକରି ରାମଙ୍କର ସେନା ସତୀ ସୀତା ମୁକ୍ତ କରିଥିଲେ । " ଦଶହରା " ଅର୍ଥାତ୍ ଦଶ ଶିର ରାବଣର ପରାସ୍ତ । ସେଇକଥା କୁ ଲକ୍ଷକରି ଶ୍ରୀ ପଟ୍ଟନାୟକ ନାମଦେଲେ ଇଂରେଜ ହର ଦିବସ । ଲକ୍ଷ୍ମୀନାରାୟଣ, ଭାଗୀରଥି ଓ ଦୟାନନ୍ଦ ଙ୍କ ଅକ୍ଳାନ୍ତ ଚେଷ୍ଟାରେ ଷୋହଳ ତାରିଖ ଦିନ ସମ୍ବଲପୁର ରେ ଗୋଟିଏ ବିରାଟ ଶୋଭାଯାତ୍ରା ବାହାରିଲା । ପୋଲିସର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ହଜାର ହଜାର ଲୋକ ସଭାସ୍ଥଳ ରେ ସମ୍ମିଳିତ ହେଲେ । ପୋଲିସ ଜୁଲୁମର ପ୍ରତିବାଦ କରି ତା ପରଦିନ ହେଲା ପ୍ରତିବାଦ ସଭା ଓ ଅଠର ତାରିଖ ଦିନ ସମ୍ବଲପୁର ରେ ସଂପୂର୍ଣ୍ଣ ହରତାଳ ପାଳନ କରାଗଲା । ଶ୍ରୀପ୍ରଦ୍ୟୁମ୍ନ ସୂପକାର ଇଂରେଜ ଙ୍କ ପକ୍ଷଭୁକ୍ତ ହେଲେ । ଉନେଇଶି ତାରିଖରେ ଲକ୍ଷ୍ମୀନାରାୟଣ, ଭାଗୀରଥି ଦୟାନନ୍ଦ ,ଚନ୍ଦ୍ରମଣି, ସୁଧାଂଶୁ ଶେଖର, ନୃସିଂହ ଗୁରୁ, ଦୁର୍ଗା ଚରଣ ଆଦି ସମସ୍ତ ଙ୍କ ବିରୁଦ୍ଧରେ ୧୪୪ ଦଫା ମୋକଦ୍ଦମା ଦାଏର କରି କୋର୍ଟ'କୁ ଡକାଣ କରିଦିଆଗଲା ଏକୋଇଶ ତାରିଖ ବରଗଡ଼ରେ ସଭା, ଶୋଭାଯାତ୍ରା ଓ ହରତାଳ ପାଳିତ ହେଲା ।

Digitized by PPRACHIN, SOA

ପୁଣି ୩୧ ତାରିଖ ଦିନ ବରଗଡ଼ ଗାନ୍ଧି ନଗର ଗର୍ଭରେ ହେଲା ପ୍ରାୟ ୫ ହଜାର ଲୋକଙ୍କର ଏକ ବିରାଟ ଜନସଭା । ସଭାରେ ଭଗୀରଥି, ଲକ୍ଷ୍ମୀନାରାୟଣ, ମହାବୀର ଘନଶ୍ୟାମ ପାଣିଗ୍ରାହୀ, ଚତୁର୍ଭୁଜ, ସର୍ବେଶ୍ୱର, ପ୍ରେମଶଙ୍କର ଓ ପ୍ରଫୁଲ୍ଲ ହେଲେ ଉଦବୋଧନ ଶତାଧିକ ଲୋକ ଲବଣ ସତ୍ୟାଗ୍ରହରେ ଯୋଗ ଦେବାପାଇଁ ପ୍ରସ୍ତୁତ ହେଲେ । ସମଗ୍ର ସମ୍ବଲପୁର ଜିଲ୍ଲାରେ ୧୪୪ ଧରା ଜାରି କରାଗଲା । ତା ସତ୍ତ୍ୱେ ଗାଁ ଗାଁ ରେ ସଭାସମିତି ଓ ପ୍ରସ୍ତୁତି ଅବ୍ୟାହତ ରହିଲା । ବରଗଡ଼ଠାରେ ଆଉ ଗୋଟିଏ ସଭା ଚତୁର୍ଭୁଜ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା ।

ଏପ୍ରିଲ ୧୨ ତାରିଖ ଦିନ ଲବଣ ସତ୍ୟାଗ୍ରହ ରେ ଯୋଗ ଦେବାପାଇଁ ପ୍ରଥମ ଦଳରେ ବାହାରିଲେ ଖିରଧର ଦାଶ, ରାମକୃଷ୍ଣ ଦାଶ, ସୀତାରାମ ଦର୍ଜୀଆର ଓ ମାଳକଣ୍ଠ ମେହେର । ଦୟାନନ୍ଦ ଶତପଥୀ, ପ୍ରେମଶଙ୍କର ପଟ୍ଟନାୟକ; ଚତୁର୍ଭୁଜ ମିଶ୍ର ଓ ଜୟକୃଷ୍ଣ ସାହୁ (ସଙ୍ଗଡ଼ିପା) ବାଲେଶ୍ୱର (ସୋର) ଯାଇ ୧୮ ତାରିଖ ଦିନ ଲବଣ ସତ୍ୟାଗ୍ରହୀ ହେଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳ ରୁ ଶତାଧିକ ସତ୍ୟାଗ୍ରହ ଲୁଣ ମାରିବା ପାଇଁ ସୋର ଯାଇଥିଲେ ମାତ୍ର ତାହାର ସମ୍ପୂର୍ଣ୍ଣ ବିବରଣୀ ମିଳନାହିଁ ପିଲାଟିଏ ବୋଲି ପ୍ରଫୁଲ୍ଲ କୁ ସେତେବେଳେ ସତ୍ୟାଗ୍ରହୀ ଦଳରେ ଭର୍ତ୍ତି କରାଯାଇନଥିଲା । ଲକ୍ଷ୍ମୀନାରାୟଣ, ଭଗୀରଥି, ଦୟାନନ୍ଦ, ନୃସିଂହ ଗୁରୁ ଓ ଘନଶ୍ୟାମ ପାଣିଗ୍ରାହୀ ଙ୍କ ଦାୟିତ୍ୱ ଥିଲା ଗାଁ ଗାଁ ବୁଲି ସତ୍ୟାଗ୍ରହୀ ମାନଙ୍କୁ ପ୍ରସ୍ତୁତ କରି ପଠାଇବା । ଲକ୍ଷ୍ମୀନାରାୟଣ, ଚନ୍ଦ୍ରାମଣି; ଦୟାନନ୍ଦ, କଷ୍ଟୁରୀ ଓ ଶୁଖା ତନ୍ତୀଙ୍କୁ ପୋଲିସ ଗିରଫ କରି ଦେବାରୁ ସଂଗଠନର ଭାର ପଡ଼ିଥିଲା ଭଗୀରଥି ଓ ପ୍ରଫୁଲ୍ଲ ଙ୍କ ଉପରେ । ପଦ୍ମପୁର ଅଞ୍ଚଳରୁ ଉଦ୍ଧବ ପ୍ରଧାନ, ନିତ୍ୟାନନ୍ଦ ପାଢ଼ୀ, ବରଗଡ଼ ଓ ବରପାଲି ଅଂଚଳରୁ ଭବାନୀ ଶଙ୍କର ପ୍ରଧାନ, ଯୁଧିଷ୍ଠିର ଦାଶ ପ୍ରଭୃତି କେତେକ ଉତ୍ସାହୀ ଯୁବକ ସତ୍ୟାଗ୍ରହରେ ଯୋଗଦେବା ପାଇଁ ବାହାରିଥିଲେ, ମାତ୍ର ସତ୍ୟାଗ୍ରହ ବନ୍ଦହୋଇ ଯିବାରୁ ବାଟରୁ ଫେରିଆସି ଥିଲେ ।

ଜମ୍ବୁବତୀ ଙ୍କ କଥା ଲୁହାର ଗାର

ତା ୬ । ୨ । ୩୧ ଶୁକ୍ରବାର ପ୍ରାତଃ ଘ ୬. ୩୦ମି ସମୟ ରେ ପଣ୍ଡିତ ମୋତିଲାଲ ନେହେରୁ ଙ୍କ ଦେହାନ୍ତ ହେଲା । ଭଗୀରଥି ଗଭୀର ଦୁଃଖ ପ୍ରକାଶ କଲେ । ସେ ତାଙ୍କୁ କହୁଥିଲେ ଭାରତ କେଶରୀ । ତାଂଙ୍କ ସଂସର୍ଗରେ ମଧ୍ୟ ସେ ଆସିଥିଲେ ।

Digitized by PPRACHIN, SOA

ଜମ୍ବୁବତୀ ପଟ୍ଟନାୟକ

ଆବିର୍ଭାବ
ତା ୯।୧୧।୧୮୮୭
(ଯାଜପୁର)

ତିରୋଭାବ
ତା ୧୫।୭।୧୯୪୩
(ବୈଦ୍ୟନାଥ ଧାମ
ଦେଓଘରେ, ବିହାରରେ)

Digitized by PPRACHIN, SOA

ସେହିବର୍ଷ ଫେବୃୟାରୀ ୨୦ ର ଶୀତ ସନ୍ଧ୍ୟା । ଘରେ ବସିଛନ୍ତି ଭାଗୀରଥି, ଜମ୍ବୁବନ୍ତ ଓ ପ୍ରଫୁଲ୍ଲ । ଜମ୍ବୁବନ୍ତ ଦେଖା ଭାଗୀରଥିଙ୍କୁ ପଚାରିଲେ··· "ଆଜ ପୁଅ ମୁଣ୍ଡରେ ହାତ ଦେଇ ସତକଥା ମୋତେ କହ ଯେ ଆମର ସ୍ୱରାଜ୍ୟ କେବେ ଆସିବ; କେବେ ଆମକୁ ବଡ଼ ବୃକଣ୍ଟିଏ ଆଉ ଜମିଜମା ମିଳିବ । କିଛି ଲୁଚାଅ ନାହିଁ । ସତ କଥା ଟି କହ । ଭାଗୀରଥି କିଛି ସମୟ ସ୍ତମ୍ଭିତ ହୋଇ କହିଲେ ···"ଆଜ ସତ କଥାଟା କହୁ ଦେଉଛି । ସ୍ୱରାଜ୍ୟ ନିଶ୍ଚୟ ହେବ — କେବେ ହେବ କେହି କହି ପାରିବେ ନାହିଁ । କିନ୍ତୁ ସ୍ୱରାଜ୍ୟ ହେଲେ ଆମେ ଏକା ତାକୁ ଭୋଗ କରିବା ନାହିଁ । ଏ ଦେଶର କୋଟି କୋଟି ଲୋକ ସ୍ୱରାଜ୍ୟର ସୁଫଳ ଭୋଗକରି ସୁଖୀହେବେ ଏବଂ ସେହି ଲୋକ ହିତ ପାଇଁ ମୁଁ କାମ କରି ଯାଉଛି, " ଏ କଥା ଶୁଣି ଜମ୍ବୁବନ୍ତ ଉଠିଗଲେ ଓ ତାଙ୍କ କାଠ ବାକ୍ସରୁ କନାରେ ବନ୍ଧା ହୋଇଥିବା ଏକଭରି ସୁନା ଆଣି ସ୍ୱାମୀଙ୍କ ହାତରେ ଦେଇ କହିଲେ ··· " ଯାଅ, ଏ ମୋର ଶେଷ ସମ୍ପତ୍ତି କୁ ବିକ୍ରି କରି ଆଣ । ଆଜି କାଲି ଶୁଣୁଛୁ ଆମେ ତିନହେଁ ବାହାର ଶତ୍ରୁ ଦେଶ କାମରେ, ତମେ ତାହା ପୁଅ ଭାବିକି ପୂର୍ଣ୍ଣ ଭୋଗ କରିବ, ମୁଁ ମଧ୍ୟ ନ୍ୟାୟ ର ଅଧିକାରିଣୀ ହେବାକୁ ଚାହେଁ ।" ଭାଗୀରଥି ପଚାରିଲେ ··· " ଠିକ୍ କହୁଛ ? ଉତ୍ତର ମିଳିଲା ·· " ଜମ୍ବୁବନ୍ତର କଥା ଲୁହା ୨ ଗାର" ସତରେ ସେହିଦିନ ଠାରୁ ଅର୍ଥାତ୍ ତା ୧୧ । ୨ । ୩୧ ରୁ ସେ ଅବିଚ୍ଛିନ୍ନ ଭାବେ ଦୁଃଖ କଷ୍ଟ ସହି, ତିନି ତିନି ଥର କାରାବରଣ କଲେ । ୧୯୩୨ ର କ୍ରାନ୍ତି ବେଳେ ବିପ୍ଳବୀ ମାନଙ୍କୁ ପ୍ରେରଣା ଦେଇ ଦେଇ ୧୫ ଜୁଲାଇ ୧୯୩୩ ଦିନ ଗୋଟାଏ ବେଳେ ଅକସ୍ମାତ ହୃତ୍‌ପିଣ୍ଡ ଧ୍ୱ ବନ୍ଦ ହୋଇ ଯିବାରୁ ଦେହତ୍ୟାଗ କଲେ । ସେ ଆଉ ସ୍ୱରାଜ୍ୟ ଦେଖିପାରିଲେ ନାହିଁ ।

ଫେବୃୟାରୀ ୧୧ । ଭୋର ରୁ ଭାଗୀରଥି ଜମ୍ବୁବନ୍ତ ଓ ପ୍ରଫୁଲ୍ଲ ବାହାରି ପଡ଼ିଥିଲେ ! ବରପାଲିରୁ କୁମ୍ଭାରୀ, ରେମଣ୍ଡା; ମାଳପୁର, ବରଗଡ଼ ଓ ଶେଷରେ ଟୁକୁଲା ପଦବ୍ରଜରେ । ସବୁ ସ୍ଥାନରେ କଂଗ୍ରେସ କର୍ମୀ ଓ ନେତା ମାନଙ୍କ ସହିତ ଭେଟ । ସବୁ ଜାଗାରେ ସ୍ୱର୍ଗୀୟ ମୋତିଲାଲ ଙ୍କ ଶୋକସଭା । ଅସ୍ପୃଶ୍ୟତା ନିବାରଣ ପାଇଁ ପ୍ରଚାର । କେତେଦିନ ଟୁକୁଲାରେ ବିଶ୍ରାମ ପରେ ଭଟଲି । ଭଟଲି ରେ ସଭା ଓ ସେଇଠୁ ଗୁଲି ଗୁଲି ସମ୍ବଲପୁର । ସମ୍ବଲପୁର ବୁଡ଼ାରଜା ନିକଟସ୍ଥ ଦେହେରୀପାଲି ର କୋଳପଡ଼ା କୁଲଧର ଘରେ ଆଶ୍ରୟ । ଏହି ଘରଟି ଅନେକ ଦିନ ପର୍ଯ୍ୟନ୍ତ ପାଲଟି ଯାଇଥିଲା ଗୋଟିଏ ସତ୍ୟାଗ୍ରହୀ ଆଶ୍ରମ ରେ । ଏହାକୁ ଏ ଜିଲ୍ଲାର ପ୍ରଥମ ସତ୍ୟାଗ୍ରହୀ ଆଶ୍ରମ ମଧ୍ୟ କୁହାଯାଇପାରେ ।

Digitized by PPRACHIN, SOA

କୃଷକ ସଭା ଓ ଗିରଫ :

ସେହିମାସ ୨୫ ତାରିଖ ଦିନ ବୁଢ଼ାରଜା ପାହାଡ଼ ତଳେ କେନ୍ଦୁବନର ଗୁହାରେ ହେଲା କୃଷକ ପ୍ରତିନିଧି ମାନଙ୍କର ସଭା । ସେ ସଭାପାଇଁ ନିଜହାତରେ କାଗଜ କପି କରି ଏ ତିନିହେଁ ଗାଁ ଗାଁ ଯାଇ ପ୍ରଚାର ପତ୍ର ବାଣ୍ଟି ଆସିଥିଲେ । ସଭାକୁ କୃଷକ ମାନେ ଆଣିଥିଲେ ଅଞ୍ଜୁଳାଏ ଲେଖାଏଁ ଚାଉଳ ଓ ଗୋଟିଏ ଗୋଟିଏ ପଇସା, ଚାନ୍ଦା ସ୍ୱରୂପ । ପ୍ରତ୍ୟେକ ସଭା କୁ କୃଷକ ମାନେ ଏମିତି ଚାନ୍ଦା ନେଇ ଆସୁଥିଲେ ଓ ସେଇଥିରୁ କଂଗ୍ରେସ ଓ କୃଷକ ସଂଗଠନ ର କାର୍ଯ୍ୟ ଚଳୁଥିଲା । ପୁଣି ମାର୍ଚ୍ଚ ଦୁଇ ତାରିଖ ଦିନ ସେଇଠାରେ ଆଉ ଗୋଟିଏ କୃଷକ ସଭା ଅନୁଷ୍ଠିତ ହେଲା । ପୋଲିସ, ଜମ୍ବୁବତୀ, କୃଷ୍ଣା ଦେବୀ, ଭାଗୀରଥି, ସୁଧାଂଶୁ ଶେଖର ଗୁପ୍ତ, ଦୁର୍ଗା ଗୁରୁ, ବନମାଳୀ ପାଢ଼ୀ ଓ ପ୍ରଫୁଲ୍ଲ ପଟ୍ଟନାୟକ ଙ୍କୁ ଗିରଫ କରିନେଲେ । ଜମ୍ବୁବତୀ ଓ କୃଷ୍ଣା ଦେବୀ ଙ୍କୁ ଛାଡ଼ି ଦିଆଗଲା ସେହିଦିନ ଓ ୩ ତାରିଖ ଦିନ ଅନ୍ୟ ମାନଙ୍କୁ ଛାଡ଼ି ଦିଆଗଲା ତତ୍କାଳୀନ ଡେପୁଟୀ କମିଶନର ନୀଳମଣି ସେନାପତି ଙ୍କ କୋର୍ଟରେ ।

ପ୍ରଥମେ ବନମାଳୀ ପାଢ଼ୀ ଓ ପ୍ରଫୁଲ୍ଲ ଙ୍କୁ ଡକାଗଲା । ନୀଳମଣି ସେନାପତି କହିଲେ — "ତମେ ପିଲାମାନେ ପଢ଼ା ପଢ଼ି କର । ଏ ସବୁ କାମରେ କାହିଁକି ଆସୁଛ ।" ଉତ୍ତର ରେ ପ୍ରଫୁଲ୍ଲ କହିଲେ — ଏ ଗୋଲାମ ଦେଶର ଗୋଲାମୀ ଶିକ୍ଷା ତ୍ୟାଗ କରିବା ପାଇଁ ଗାନ୍ଧୀଜୀ କହି ସାରିଛନ୍ତି । ଆମେ ସ୍କୁଲ ଛାଡ଼ି ସାରିଛୁ । ଏହି ସବୁ ସତ୍ୟାଗ୍ରହ ହେଲା ବର୍ତ୍ତମାନ ଆମର କାମ ।" ସେନାପତି କହିଲେ ··· ତୁମେ କ୍ଷମା ମାଗି ଚାଲିଯାଅ" । ଉଚ୍ଚ କଣ୍ଠରେ ପ୍ରଫୁଲ୍ଲ ଜବାବ ଦେଲେ —"କ୍ଷମା, ଆମେ ନୁହେଁ, ହେଉ ଓଲଟା ତମେ ଆମକୁ କ୍ଷମା ମାଗ, କାହିଁକି ନା ତମେ ଇଂରେଜ ସରକାର ର ଗୋଲାମୀ କରି ଅପରାଧ କରିଛ ।" ଅବଶ୍ୟ ଏ ସବୁ କଥା ପ୍ରଫୁଲ୍ଲ ଙ୍କ କାନରେ ଶିଖେଇ ଦେଇଥିଲେ ଦୁର୍ଗା ଗୁରୁ । ସେଦିନ କୋର୍ଟ ଭିତରେ ଲୋକଙ୍କ ଅସଂଖ୍ୟ ଭିଡ଼ । ଅନ୍ୟ ମାନଙ୍କୁ ଜେଲକୁ ପଠାଇ ଦିଆଗଲା । ପ୍ରଫୁଲ୍ଲ ଓ ବନମାଳୀ "ଇନ୍‌କିଲାବ୍ ଜିନ୍ଦାବାଦ" "ବନ୍ଦେ ମାତରମ୍" ଧ୍ୱନି ଦେଇ ଦେଇ ବାହାରି ଆସିଲେ କୋର୍ଟରୁ । ସମ୍ବଲପୁର ର "ସାଧନା" କଟକର "ସମାଜ" ଓ ବ୍ରହ୍ମପୁରର "ଆଶା" ର ସମ୍ମୁଖ ପୃଷ୍ଠାରେ ନୀଳମଣି ସେନାପତି ଓ ପ୍ରଫୁଲ୍ଲ ଙ୍କ ଉକ୍ତି ପ୍ରକାଶିତ ହୋଇଥିଲା । ଭାଗୀରଥି ଜେଲ ଯିବାପରେ ଜମ୍ବୁବତୀ ଓ ପ୍ରଫୁଲ୍ଲ ରହିଲେ ସମ୍ବଲପୁର ର କୃଷ୍ଣା ଦେବୀ ଙ୍କ ଘରେ ।

Digitized by PPRACHIN, SOA

ଗାନ୍ଧି ଓ ବଡ଼ଲାଟ ଙ୍କ ଚୁକ୍ତି ଅନୁସାରେ ସାରା ଭାରତରେ ରାଜବନ୍ଦୀ ମାନଙ୍କୁ ମୁକ୍ତ କରି ଦିଆଗଲା । ସମଗ୍ର ଜିଲ୍ଲାର ସମ୍ପୂର୍ଣ୍ଣ ମାର୍ଚ୍ଚ ମାସଟି ଆନ୍ଦୋଳନ ଭିତରେ କଟିଗଲା । ସମ୍ବଲପୁର, ଝାରସୁଗୁଡା ଓ ବରଗଡ଼ ଠାରେ ଅନୁଷ୍ଠିତ ହୋଇଥିବା ସଭା ମାନଙ୍କରେ ଜମ୍ବୁବତୀ ଓ କୁନ୍ତଳାଦେବୀ ଯୋଗ ଦେଇଥିଲେ । ଜିଲ୍ଲା ରେ ଗୋଟିଏ ନୂଆ ଚେତନା ଜାଗରିତ ହୋଇଥିଲା । ଏ ଉଭୟ ଙ୍କ ଯୋଗୁଁ ସଭାସମିତି ମାନଙ୍କ ରେ ଶହ ଶହ ମହିଳା ଯୋଗ ଦେବାକୁ ଲାଗିଲେ । ଜିଲ୍ଲାରେ ନେତାମାନଙ୍କ ଆଉ ଫୁରସତ ନଥିଲା । ଗାନ୍ଧି ବଡ଼ଲାଟ ଙ୍କ ଚୁକ୍ତି କୁ କଂଗ୍ରେସ ର ବିଜୟ ମନେକରି ସେମାନେ ଜିଲ୍ଲାର ସର୍ବତ୍ର ଦ୍ୱିଗୁଣ ଉତ୍ସାହରେ ସଭା, ସମିତି, ସଂଗଠନ ଆରମ୍ଭ କରିଦେଲେ ।

ଝାରସୁଗୁଡା ରେ ପିକେଟିଂ :

ଜିଲ୍ଲା ର ନେତୃବୃନ୍ଦ ସ୍ଥାନୀୟ କର୍ମୀ ମାନଙ୍କ ସହାୟତାରେ ଝାରସୁଗୁଡା ମଦଭାଟି ଆଗରେ ପିକେଟିଂ ଆରମ୍ଭ କଲେ । ଗାନ୍ଧି ବଡ଼ଲାଟ ଚୁକ୍ତି ଅନୁସାରେ ପିକେଟିଂ ନିଷିଦ୍ଧ ନଥିଲା । ତଥାପି ଏ ପିକେଟିଂ ର ପ୍ରସାର ଓ ଜିଲ୍ଲା ବ୍ୟାପି ପ୍ରଭାବକୁ ଦେଖି ଡେପୁଟି କମିଶନର ମାଳମଣି ସେନାପତି ଙ୍କୁ ଚୁକ୍ତିଭଙ୍ଗ କରିବାକୁ ପଡ଼ିଲା । ଗିରଫ ହେଲେ ଲକ୍ଷ୍ମୀନାରାୟଣ ଭଗୀରଥି. ଚିନ୍ତାମଣି, ଉଦାସ ରାମ ଓ ବେଣୀମାଧବ । ସମସ୍ତଙ୍କୁ ୬ ମାସ ଲେଖାଏଁ ଜେଲଦଣ୍ଡ ହେଲା । ଏ ଗିରଫ ସତ୍ତ୍ୱେ ପିକେଟିଂ ବନ୍ଦ ହେଲାନାହିଁ, ପ୍ରଫୁଲ୍ଲ ପଟ୍ଟନାୟକ ଙ୍କ ନେତୃତ୍ୱ ରେ ମାସେ ପର୍ଯ୍ୟନ୍ତ ଚାଲିଲା । ଝାଣ୍ଡ୍ ମହି ଟେ୍ର ନହିଁରେ ସାହାଯ୍ୟ କରୁଥିଲେ ଉଦାସ ରାମ ଙ୍କ ମାତା ତୁଳସୀ ଦେବୀ; ଜମ୍ବୁବତୀ ଦେବୀ, ରାମ ଭରାସେ ଏବଂ ଉଦାସ ରାମଙ୍କ ସ୍ତ୍ରୀ । ପୋଲିସ୍ ଦାରୋଗା ମନବୋଧ ପଣ୍ଡା ଏ ସମସ୍ତଙ୍କୁ ଗିରଫ କରିବା ପାଇଁ ବାରମ୍ବାର ରିପୋର୍ଟ ପଠାଇଲେ, ମାତ୍ର ସେନାପତି ରାଜି ହୋଇନଥିଲେ । କିନ୍ତୁ ପରେ ଉଦାସ ରାମଙ୍କ ଘର ଖାନତଲାସ କରି ଧାନ, ଚାଉଳ, ବାସନ, ବର୍ତ୍ତନ ସବୁ ଉଠେଇ ନିଆଗଲା । ପ୍ରଫୁଲ୍ଲ " ସମାଜ " ପତ୍ରିକା ଆରମ୍ଭ କରିଦେଲେ ଓ ସେଇଥିରେ ମାଁ [illegible] କଲେ ।

ଗାନ୍ଧି-ବଡ଼ଲାଟ ଚୁକ୍ତି ଅନୁଯାୟୀ ପିକେଟିଂକାରୀ ମାନଙ୍କୁ ଗିରଫ କରିବା

Digitized by PPRACHIN, SOA

ବା ଦଣ୍ଡ ଦେବାର ବିଧି ନଥିଲା । ଝାରସୁଗୁଡା ଠାରେ ଗିରଫ ର ପ୍ରତ୍ୟକ୍ଷ ବିବରଣୀ ପାଇଁ ତା ୧୮ । ୪ । ୩୧ ଦିନ ପଣ୍ଡିତ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଚୌଧୁରୀ ସମ୍ବଲପୁର ପହଞ୍ଚିଲେ । ଦୁହେଁ କ୍ଷୁବ୍ଧ ହୋଇ ଗ୍ରେଟ ଲାଟ ଓ ବଡଲାଟ ଉଭୟଙ୍କ ନିକଟରେ ତୀବ୍ର ପ୍ରତିବାଦ ଜଣାଇଲେ । ତା ପର ଦିନ ବାମଦେବ ମାଢ଼ଉଁ ଜମାନତ ଦେବାରୁ ସମସ୍ତଙ୍କୁ ଜାମିନରେ ମୁକ୍ତ କରି ଦିଆଗଲା । ମୁକ୍ତ ହେବା ପରେ ପରେ ଜିଲ୍ଲା କଂଗ୍ରେସ କମିଟୀ ର ପୁନର୍ଗଠନ କରାଗଲା । ଅନନ୍ତ ମିଶ୍ରଙ୍କ ସଙ୍ଗେ ଭାଗୀରଥି ଙ୍କ ବଢ଼ିଲା ବନ୍ଧୁତା । ନୂତନ ଜିଲ୍ଲା କମିଟୀ ରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର - ସଭାପତି, ନାଗରମଲ କେଡ଼ିଆ - ଉପସଭାପତି, ଭାଗୀରଥି ପଟ୍ଟନାୟକ ଓ ଧର୍ମାନନ୍ଦ ଶତପଥୀ - ସମ୍ପାଦକ, ପ୍ରହଲ୍ଲାଦ ରାୟ ଲାଠ - କୋଷାଧ୍ୟକ୍ଷ, ଏବଂ ଚିନ୍ତାମଣି ପୂଜାରୀ, ନୃସିଂହ ଗୁରୁ, ସୁଧାଂଶୁ ଶେଖର ଓ ଦୁର୍ଗା ଗୁରୁ କାର୍ଯ୍ୟକାରୀ କମିଟୀର ସଭ୍ୟ ରୂପେ ରହିଲେ ।

ଗାନ୍ଧୀ - ବଡଲାଟ ଚୁକ୍ତି ଭଙ୍ଗକରି ପିକେଟିଂକାରୀ ମାନଙ୍କୁ ପୋଲିସ୍ ଗିରଫ କରିଥିବାରୁ ବିଶେଷ ଉନ୍ନ୍ୟାସ ପାଇଁ "ଅଗଣେ ପତାର ରାଜା" ହରେକୃଷ୍ଣ ମହତାବ, ପଣ୍ଡିତ ନୀଳକଣ୍ଠ ଦାସ ଓ ରାଧାନାଥ ରଥ ସମ୍ବଲପୁର ଆସିଲେ ମେ ୧୬ ତାରିଖ ଦିନ । ଏହି ପ୍ରାଦେଶିକ ନେତା ମାନଙ୍କୁ ସ୍ୱାଗତ କରିବା ପାଇଁ ଝାରସୁଗୁଡାରେ ବିରାଟ କର୍ମୀ ସମାବେଶ ହୋଇଥିଲା । ସେଠାରେ ପ୍ରଫୁଲ୍ଲ ପଟ୍ଟନାୟକ ପ୍ରଥମ ଥର ପାଇଁ ଏ ନେତା ମାନଙ୍କ ସମ୍ପର୍କରେ ଆସିଲେ । ଉନ୍ନ୍ୟାସ ପରେ ଚୌଦ ତାରିଖ ଦିନ ଝାରସୁଗୁଡାଠାରେ ଗୋଟିଏ ବିରାଟ ସାଧାରଣ ସଭା ହେଲା ଓ ତା ପର ଦିନ ଅନୁରୂପ ସଭା ହେଲା ବରଗଡ଼ରେ । ଏ ଉଭୟ ସଭାର ଆୟୋଜନ ପ୍ରଫୁଲ୍ଲ ପଟ୍ଟନାୟକ ଙ୍କ ସକ୍ରିୟ ନେତୃତ୍ୱ ରେ ହୋଇଥିଲା । ବରଗଡ଼ ସଭାର ସଫଳତା ପାଇଁ ଚତୁର୍ଭୁଜ ଶର୍ମା ଙ୍କ ଚେଷ୍ଟା ପ୍ରଶଂସନୀୟ । ଏ ସବୁ ସତ୍ତ୍ୱେ ପିକେଟିଂ କାରୀ ମାନଙ୍କ ଜମାନତ ରଦ୍ଦ ହେଲା ଓ ତା ୫ । ୭ । ୩୧ ଦିନ ପୁଣି ସେ ସେମାନଙ୍କୁ ପଠାଇ ଦିଆଗଲା ଜେଲକୁ । ଏ ସବୁ ଜୁଲୁମ ସମ୍ପର୍କରେ ଗାନ୍ଧୀଜୀ ଙ୍କ ନିକଟକୁ ରିପୋର୍ଟ ପଠାଗଲା । ଗୌରବର ବିଷୟ ଯେ ଗାନ୍ଧୀ-ବଡଲାଟ ଚୁକ୍ତି ପରେ ଯେତେବେଳେ ସମ୍ପୂର୍ଣ୍ଣ ଭାରତ ଶାନ୍ତ ଥିଲା ସେତେବେଳେ ସମ୍ବଲପୁର ଥିଲା ଜାଗ୍ରତ । ଏଥିରେ ମୁଖ୍ୟ ନାୟକ ଥିଲେ - ଲକ୍ଷ୍ମୀନାରାୟଣ, ଭାଗୀରଥି ଓ ତାଙ୍କ ସାଥୀ ମାନେ ।

Digitized by PPRACHIN, SOA

ତା ୧ । ୯ । ୩୧ ଦିନ ସମସ୍ତେ ଜେଲରୁ ମୁକ୍ତହେଲେ । ସେମାନଙ୍କୁ ସ୍ୱାଗତ କରିବା ପାଇଁ ଉକ୍ତ ଦିନ ଜେଲ ଫାଟକ ନିକଟରେ ଅସଂଖ୍ୟ ଜନସମାବେଶ ହୋଇଥିଲା । ସେହି ମାସ ଚଉଦ ତାରିଖ ଦିନ ବରିପାଲିଠାରେ ଗୋଟିଏ ସାଧାରଣ ସଭା ହେଲା । ପରେ ପରେ ଅଠର ତାରିଖ ଦିନ ଜିଲ୍ଲା କଂଗ୍ରେସ କମିଟିର ବୈଠକ ବସି ପୁରୀ କଂଗ୍ରେସ ର ସାଫଲ୍ୟ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।

ପୁରୀ କଂଗ୍ରେସ ପାଇଁ ପ୍ରସ୍ତୁତି

ବରଗଡରେ ଗୋଟିଏ ଆଶ୍ରମ ଥିଲା - କୃଷ୍ଣାଶ୍ରମ । ତାହା ନାମିତ ହୋଇଥିଲା ଜଣେ ପଞ୍ଜାବୀ ମହିଳା - କୃଷ୍ଣା ଦେବୀ ଙ୍କ ନାମରେ । ସେ ରାୟପୁର ଠାରେ ସତ୍ୟାଗ୍ରହ ଆନ୍ଦୋଳନ ରେ ଯୋଗ ଦେଇଥିଲେ ଓ ପରେ ବ୍ୟବସାୟ କ୍ରମରେ ତାଙ୍କ ପତିଙ୍କ ସଙ୍ଗରେ ଆସିଥିଲେ ସମ୍ବଲପୁର । ଫକୀର ବେହେରା ଦାନ କରିଥିବା ଗୋଟିଏ କୋଠାଘରେ ଆଶ୍ରମଟି ଚାଲୁଥିଲା । ଦୟାନନ୍ଦ ଶତପଥୀ ଙ୍କ ନେତୃତ୍ୱ ରେ ଜମ୍ବୁବନ୍ତ, ପ୍ରଫୁଲ୍ଲ ଓ ବାମଣ୍ଡାର କେତେକ ସାଥୀ ସେହି ଆଶ୍ରମରେ କେତେ ମାସ ପର୍ଯ୍ୟନ୍ତ କଂଗ୍ରେସ ସେବାଦଳର ଟ୍ରେନିଂ ପାଇଲେ । ଟ୍ରେନିଂ ପରେ ଜିଲ୍ଲାର ସମସ୍ତ କର୍ମୀ ପୁରୀ କଂଗ୍ରେସ ପାଇଁ ଚାନ୍ଦା ସଂଗ୍ରହରେ ଲାଗିପଡ଼ିଲେ । ମହିଳା ମାନଙ୍କୁ ଚାନ୍ଦା ସଂଗ୍ରହ କାମରେ ସକ୍ରିୟ କରିବା ପାଇଁ ମାତା ରମାଦେବୀ ଆସିଲେ ସମ୍ବଲପୁର । ଏ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ପୁରୀରୁ ପଣ୍ଡିତ ରଘୁନାଥ ମିଶ୍ର ଆସିଲେ ବରଗଡ । କାର୍ତ୍ତିକରୁ ଗୋଟିଏ ଟପର ଲଗା ବଳଦ ଗାଡ଼ି ରେ ରଘୁନାଥ ମିଶ୍ର ଙ୍କ ସଙ୍ଗେ ପଦ୍ମପୁର ଅଭିମୁଖେ ବାହାରିଲେ ଭଗୀରଥି, ଫକୀର ବେହେରା ଓ ପ୍ରଫୁଲ୍ଲ । ବାଟରେ ଗାଁ ଗହଳିରୁ ପୁରୀ କଂଗ୍ରେସ ପାଇଁ ଚାନ୍ଦା ସଂଗ୍ରହ କଲେ । ପଦ୍ମପୁର ପହଞ୍ଚିଲା ପରେ ତାଙ୍କ ସହିତ ଯୋଗଦେଲେ ଗୌରାଙ୍ଗ ମେହେର ଓ ଘଣ୍ଟି ଡ଼ିପାର ଜୟକୃଷ୍ଣ ସାହୁ । ଚାନ୍ଦା ସଂଗ୍ରହ ପରେ ବରଗଡ ଫେରୁଥିବା ବେଳେ ବାଟରେ ରାତି ହୋଇଗଲା । ଆଖ ପାଖରେ ତ ଗାଁ ନାହିଁ । ପାଖରେ ଛୋଟ ନଈଟିଏ । ନଦୀ କୂଳକୁ ଲାଗି ବୁଦୁବୁଦିଆ ବଣ । ସେଇଠି ଫକୀର ବେହେରା ରନ୍ଧା ଆରମ୍ଭ କଲେ । ସେ ବହୁତ ସ୍ୱାଦିଷ୍ଟ ଭୋଜନ ରାନ୍ଧୁଥିଲେ ବୋଲି ବୃଦ୍ଧ ପଟ୍ଟନାୟକ ଙ୍କ ମୁଖରୁ ଅନେକ ଥର ଶୁଣିଛୁ । ଠିକ୍ ମଧ୍ୟରାତ୍ର ବେଳକୁ ରନ୍ଧା ସରିଲା । ସେତିକି ବେଳେ ପହଞ୍ଚିଲେ ଠେଙ୍ଗା ଧରି ୫।୬ ଜଣ ଷଣ୍ଡ । ଫକୀର ବେହେରା ସବୁ ଠଉରାଇ ନେଲେ । ସେମାନଙ୍କୁ କହିଲେ - ଭାଇମାନେ ଏଇ ଦେଖ ବସିଛନ୍ତି ପୁରୀର ପଣ୍ଡା, ଏ ହେଉଛନ୍ତି

ଭଗୀରଥି ପଟ୍ଟନାୟକ, ମୁଁ ହେଲି ଫକୀର । ଆମେ ସମସ୍ତେ କଂଗ୍ରେସ ପ୍ରଚାରରେ ବୁଲୁଛୁଁ । ଠିକ୍ ସମୟରେ ପହଞ୍ଚିଛ, ଆସ ସମସ୍ତେ ଖାଇବା ।' ସମସ୍ତେ ଏକାଠି ବସି ଯାହା ରନ୍ଧା ହୋଇଥିଲା ଭାଗ କରି ଖାଇଲେ । ଭୋଜନ ପରେ ଖଣ୍ଡମାନେ ସମସ୍ତଙ୍କୁ ମୁଣ୍ଡିଆ ମାରି ନିଜ ବାଟରେ ଚାଲିଗଲେ । ସେତେବେଳେ ଏପରି ଥିଲା କଂଗ୍ରେସ ର ପ୍ରଭାବ ।

ନାଆ ଚାଲିଲା ପୁରୀ କଂଗ୍ରେସକୁ -

ଲକ୍ଷ୍ମୀନାରାୟଣ, ଭଗୀରଥି, ପ୍ରହଲ୍ଲାଦ ରାୟ ଲଠ ଆଦି ସମସ୍ତେ ସେଠା ସଂଗଠନ ପାଇଁ ରହିଲେ ଓ ସ୍ୱୟଂସେବକ ଦଳ ତା ୩-୧-୩୨ ଦିନ ବରଗଡ଼ରୁ ଚାଲି ଚାଲି ଝନକା ଓ ବଡ଼ ଗୋଟିଏ ନାଆରେ ବସି ଝନକାରୁ କଟକ ଅଭିମୁଖେ ଯାତ୍ରା କଲେ । ଦୟାନନ୍ଦ ଶତପଥୀ ଙ୍କ ନେତୃତ୍ୱାଧିନ ସେ ଦଳରେ ଥିଲେ ଜମ୍ବୁବନ୍ତ ପଟ୍ଟନାୟକ ଉଦ୍ଧବ ପ୍ରଧାନ, ସତ୍ୟାନନ୍ଦ ପାତ୍ରୀ, ପ୍ରଫୁଲ୍ଲ ପଟ୍ଟନାୟକ ଓ ବାମଣ୍ଡା, ଦେବଗଡ଼ ର ଅନେକ ସାଥୀମାନେ । ନାଆ ଉପରେ ଧ୍ୱଜଦଣ୍ଡରେ ଉଡ଼ୁଥିଲା ଗୋଟିଏ ତ୍ରିରଙ୍ଗ ପତାକା । ମଝିରେ ମଝିରେ ଉଠୁଥିଲା "ବନ୍ଦେ ମାତରମ୍' ଧ୍ୱନି । ସୋନପୁର, ବୌଦ୍ଧ, ମହାନଦୀ, ପର୍ବତ ଓ ମନୋରମ ସାତକୋଶିଆ ଗଣ୍ଡ ପାରି ହୋଇ ଏଗାର ତାରିଖ ଦିନ କଟକରେ ସେ ନାଆ ପହଞ୍ଚିଲା । ଏ ଭିତରେ ସରକାର ପୁରୀ କଂଗ୍ରେସକୁ ବେଆଇନ ଘୋଷଣା କରି-ଦେଲେ । ସେ ଦଳ ରାତିରେ ସେମାନେ ଆଶ୍ରୟ ନେଲେ ଜୈନ ମନ୍ଦିର ଭିତରେ । ଜୈନ ମନ୍ଦିରଟି ସେତେବେଳେ କଟକରେ ସତ୍ୟାଗ୍ରହ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା । ସେଠାରେ ସଂଚାଳକ ଥିଲେ ମାତା ରମାଦେବୀ ଓ ମଦନ ମୋହନ ପଟ୍ଟନାୟକ । ତା ପରଦିନ ପ୍ରଫୁଲ୍ଲ ପଟ୍ଟନାୟକ ଙ୍କ ନେତୃତ୍ୱରେ ଶତାଧିକ କିଶୋର ସତ୍ୟାଗ୍ରହୀ ଶୋଭାଯାତ୍ରାରେ ସହର ପରିକ୍ରମା କରି -

"ବନ୍ଦେ ମାତରମ୍' ଇନ୍‌କିଲାବ ଜିନ୍ଦାବାଦ"
ଜାଲିଆନ୍‌ୱାଲା ବାଗ କା ବଦଲା ଲେଙ୍ଗେ, ବଦଲା ଲେଙ୍ଗେ,
ସୋଲାପୁର କା — ବଦଲା ଲେଙ୍ଗେ, ବଦଲା ଲେଙ୍ଗେ;
ଲାଠି ମାର୍ କା — ବଦଲା ଲେଙ୍ଗେ, ବଦଲା ଲେଙ୍ଗେ,

ପ୍ରଭୃତି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିଦେଲେ । ପୋଲିସ ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଗିରଫ କରିନେଲା ଓ ଜେଲ୍ ଭିତରେ ଦଶ ବେତ ଲେଖାଏଁ ବେତ୍ରାଘାତ

Digitized by PPRACHIN, SOA

ପରେ ସମସ୍ତଙ୍କୁ ଛାଡ଼ି ଦିଆଗଲା । ରାତିରେ ସମସ୍ତେ ରମାଦେବୀଙ୍କ କୋଳରେ ବସି ତାଙ୍କ ହାତରୁ ଗୋଟିଏ ଗୋଟିଏ ରସଗୋଲା ଖାଇଲେ । ରମାଦେବୀଙ୍କ ଦୁଇଆଖିରୁ ବହୁଥିଲା ଅଶ୍ରୁ । ମାତା ରମାଦେବୀ ଓ ମଦନ ମୋହନ ପଟ୍ଟନାୟକ ପ୍ରଫୁଲ୍ଲଙ୍କୁ କଟକରେ ରଖିବା ପାଇଁ ଅଦ୍ଭୁତ ଆଗ୍ରହ ପ୍ରକାଶ କଲେ । କିନ୍ତୁ ଦୟାନନ୍ଦ ଓ ନିଜେ ପ୍ରଫୁଲ୍ଲ ତାହା ମାନିଲେ ନାହିଁ । ରେଭେନ୍ସା କଲେଜ ଛାତ୍ରାବାସରୁ ଶିବନାରାୟଣ ଦାଶଙ୍କ ସହାୟତାରେ କିଛି ଚାନ୍ଦା ସଂଗ୍ରହ କରି ଦୟାନନ୍ଦ ଓ ପ୍ରଫୁଲ୍ଲ ସମ୍ବଲପୁର ଫେରି ଆସିଲେ । ଜମ୍ବୁବନ୍ତଙ୍କ ସମେତ ଅନ୍ୟ ସମସ୍ତେ ରହିଗଲେ କଟକରେ । ଦୟାନନ୍ଦ ଓ ପ୍ରଫୁଲ୍ଲ ଝାରସୁଗୁଡ଼ା,ସମ୍ବଲପୁର ଓ ବରଗଡ଼ରେ ବ୍ୟାପକ ସତ୍ୟାଗ୍ରହ ପାଇଁ ସଂଗଠନରେ ଲାଗିଗଲେ ।

୨୭ ଜାନୁୟାରୀ ୧୯୩୨ ଦିନ ବରଗଡ଼ କୋର୍ଟରେ ଗୋଟିଏ ଘଟଣା ଘଟିଗଲା । ସେଦିନ କୋର୍ଟକୁ ଦଖଲ କରିନେଲେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ । ଏସ୍. ଡି. ଓ. ଶ୍ରୀ ଭି. ରାମସ୍ୱାମୀଙ୍କ କୁର୍ସିରେ ବସି ସ୍ୱାଧୀନ ଭାରତର ଘୋଷଣା କଲେ । ତାଙ୍କୁ ଓ ତାଙ୍କର ଜଣେ ସହଯୋଗୀଙ୍କୁ ସଙ୍ଗେ ସଙ୍ଗେ ଗିରଫ କରିନିଆଗଲା । ତା ପରଦିନ ସେତେବେଳରୁ କମାଣ୍ଡର ଦୟାନନ୍ଦ ଶତପଥୀ ଓ କଟୋର ମଧୁସୂଦନ ସାହୁ ଗିରଫ ହେଲେ । ଦୟାନନ୍ଦଙ୍କୁ ତେର ବର୍ଷ ଓ ଅନ୍ୟ ଦୁହିଁଙ୍କୁ ଦୁଇଟି କେସ୍‌ରେ ଏକବର୍ଷ ଲେଖାଏଁ ଜେଲଦଣ୍ଡ ହେଲା । ଦୟାନନ୍ଦଙ୍କୁ ପଠାଇ ଦିଆଗଲା ଫୁଲବାଣୀ ସବଜେଲ ପାଟଣା । କେମ୍ପ ଜେଲକୁ ଓ ବାକି ମଧ୍ୟରୁ ପ୍ରଫୁଲ୍ଲ ଓ ମଧୁଙ୍କୁ ସମ୍ବଲପୁର ଜେଲରେ ରଖାଗଲା । ସେମାନେ ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକଙ୍କ ଅଭିଭାବକତ୍ୱରେ ରହିଲେ । ଅମ୍ବିକା ବାବୁ କିଛି କାଳ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଥିଲେ ଏବଂ ସମ୍ବଲପୁର ଫ୍ରେଜର କ୍ଲବ୍‌ରେ ଚାଲୁଥିବା ଜାତୀୟ ବିଦ୍ୟାଳୟରେ ସେ ଥିଲେ ଜଣେ ଶିକ୍ଷକ । ଗାନ୍ଧୀଙ୍କ ଆହ୍ୱାନରେ ୧୯୨୦ ରେ ଯେଉଁ ଛାତ୍ରମାନେ ସରକାରୀ ସ୍କୁଲ ବର୍ଜନ କରିଥିଲେ ସେମାନେ ଏ ସ୍କୁଲରେ ଅଧ୍ୟୟନ କରୁଥିଲେ । କଲିକତା କଂଗ୍ରେସରେ ସମ୍ବଲପୁରର ଏହି ବିଦ୍ୟାଳୟର ଭୂୟସୀ ପ୍ରଶଂସା ହୋଇଥିଲା ଏବଂ ସେହି ଅମ୍ବିକା ବାବୁଙ୍କ ପ୍ରେରଣାରୁ ପ୍ରଫୁଲ୍ଲ ଓ ମଧୁ ତିନି ଦିନ ଅନଶନ କରି ସମ୍ବଲପୁର ଜେଲର ଖାଦ୍ୟ ବ୍ୟବସ୍ଥାକୁ ସଂପୂର୍ଣ୍ଣ ସୁଧାରି ଦେଇଥିଲେ । ପ୍ରାୟ ପାଞ୍ଚ ମାସ ପରେ ପ୍ରଫୁଲ୍ଲ ଓ ମଧୁ ଜେଲରୁ ଖଲାସ ହୋଇ ଫେରି ଆସିଲେ ଘରକୁ ।

ସତ୍ୟାଗ୍ରହର ଦ୍ୱିତୀୟ ପର୍ଯ୍ୟାୟ ବରଗଡ଼ରେ ଆରମ୍ଭ ହେଲା, ସେହିବର୍ଷ

Digitized by PPRACHIN, SOA

ଜୁଲାଇ ଆଠ ତାରିଖ ଦିନ । ସେ ଦିନ ଜମ୍ବୁକେଶ୍ୱର ପଟ୍ଟନାୟକ, ଭଗୀରଥି ପଟ୍ଟନାୟକ ବାସୁଦେବ ସରଫ, ଫକୀର ବେହେରା, ପ୍ରେମଶଙ୍କର ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ସର୍ବେଶ୍ୱର ହୋତା, ସୂର୍ଯ୍ୟ ସୁନାରି (ମାରୱାଡ଼ି) ଓ ମଧୁସୂଦନ ସରଫ ଗିରଫ ହେଲେ । ମଧୁସୂଦନ - ବାସୁଦେବ ସରଫଙ୍କ ପୁତ୍ର । ଭଗୀରଥି ପଟ୍ଟନାୟକଙ୍କୁ ଏକ ବର୍ଷ ଓ ବାକି ସମସ୍ତଙ୍କୁ ହେଲା ୬ ମାସ ଲେଖାଏଁ ଜେଲଦଣ୍ଡ । ଜମ୍ବୁକେଶ୍ୱର ରହିଲେ ସମ୍ବଲପୁର ଜେଲରେ ଓ ଅନ୍ୟ ସମସ୍ତଙ୍କୁ ପାଟଣା କେମ୍ପ ଜେଲକୁ ପଠାଇ ଦିଆଗଲା । ସେଠାରେ ପ୍ରବଳ ଥଣ୍ଡା ଯୋଗୁଁ ଓଡ଼ିଶାର ବହୁ ସତ୍ୟାଗ୍ରହୀ ନିମୋନିଆ ରୋଗରେ ମୃତ୍ୟୁ ବରଣ କରିଥିଲେ । ପରେ ହଜାରିବାଗ ଜେଲରୁ ଟ୍ରାନ୍ସଫର ହୋଇ ହରେକୃଷ୍ଣ ମହତାବ ଓ ଲକ୍ଷ୍ମୀନାରାୟଣ ମିଶ୍ର କେମ୍ପ ଜେଲକୁ ଆସିଥିଲେ ।

ସମସ୍ତଙ୍କ ପରେ ପାଟଣା କେମ୍ପ ଜେଲରୁ ତା ୧୦।୬।୩୩ ଦିନ ଭଗୀରଥି ପଟ୍ଟନାୟକ ମୁକ୍ତ ହେଲେ । ଫେରିଥିଲେ ପଞ୍ଚପଡ଼ା । ତାଙ୍କର ପରମପ୍ରିୟ ସାଥୀ ଚନ୍ଦ୍ରମଣି ପ୍ରଜାରିଙ୍କ ଭଗ୍ନ ସ୍ୱାସ୍ଥ୍ୟ ଦେଖି ଅତ୍ୟନ୍ତ ମର୍ମାହତ ହେଲେ । ପାରିବାରିକ-ଆର୍ଥିକ ଦୁର୍ଦ୍ଦଶା ଓ ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ ଚନ୍ଦ୍ରମଣିଙ୍କ ପୁଣି ସତ୍ୟାଗ୍ରହରେ ଯୋଗ ଦେବାପାଇଁ ଆଗ୍ରହ ଦେଖି ଭଗୀରଥି ଖୁବ ଉତ୍ଫୁଲ୍ଲ ହୋଇ ଉଠିଲେ । ସେଠାରୁ ସେ ଝାରସୁଗୁଡ଼ା ଯାଇ ଶିବାସି ରାମ, ବେଣିମାଧବ ଓ ମହାବୀରଙ୍କ ସଙ୍ଗେ ସାକ୍ଷାତ୍ ଆଲୋଚନା କଲେ । ସେତେବେଳେ ଲକ୍ଷ୍ମୀନାରାୟଣ ମିଶ୍ର ଥିଲେ ଭାଗଲପୁର ସେଣ୍ଟ୍ରାଲ ଜେଲରେ । ବାରମ୍ବାର ଅନଶନ ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟହାନି ହୋଇଥାଏ । ତାଙ୍କ ଅବସ୍ଥା ସମ୍ପର୍କରେ ବୁଝିବା ପାଇଁ ଭଗୀରଥି ଟେଲିଗ୍ରାମ କଲେ । ତାପରେ ସମ୍ବଲପୁର ଆସି ଭେଟିଲେ ସାଥୀ ସତ୍ୟାଗ୍ରହୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ । ଏ ଭିତରେ କୃତାର୍ଥ ଆଚାର୍ଯ୍ୟ ଜଣା ନାମ ଗୁଡ଼ ଆରମ୍ଭ କରିଦେଇଥିଲେ ସମ୍ବଲପୁରୀ ବସ୍ତ୍ରାଳୟର କାର୍ଯ୍ୟ । ବରଗଡ଼ର ବାସୁଦେବ ସରଫ, ଝାଲିଟିକରାର ଫକୀର ବେହେରା ଓ ଟେଲୁନର ତାଙ୍କ ପ୍ରିୟ ବନ୍ଧୁ କୁଞ୍ଜବିହାରୀଙ୍କୁ ଭେଟି ଭବିଷ୍ୟତ କର୍ମପନ୍ଥା ସମ୍ପର୍କରେ ଆଲୋଚନା କରି ସେ ବରପାଲିରେ ପହଞ୍ଚିଲେ ତା ୧-୭-୩୩ ଦିନ ।

ବ୍ୟକ୍ତିଗତ ସତ୍ୟାଗ୍ରହ ର ଘୋଷଣା :

ଇଂରେଜ ସରକାର ଗୋଟିଏ ବିଭେଦ କାରୀ ଅଇନ୍ ପ୍ରଣୟନ ର

Digitized by PPRACHIN, SOA

ମସୁଧା କଲେ ଯଦ୍ୱାରା ହରିଜନ ହିନ୍ଦୁ ସମ୍ପ୍ରଦାୟ ଭିତରୁ ପୃଥକ କରି ଦିଆ ଯାଉଥିଲା ସାତ କୋଟୀ ହରିଜନ ମାନଂକୁ । ଜେଲ ଭିତରେ ଥାଇ ଗାନ୍ଧିଜୀ ଆରମ୍ଭ କରିଦେଲେ ୨୧ ଦିନ ପାଇଁ ଅନଶନ । ତାଙ୍କୁ ତା ୧୪ । ୫ : ୩୩ ଦିନ ଜେଲରୁ ମୁକ୍ତ କରି ଦିଆଗଲା । ତାଙ୍କର ଐତିହାସିକ ଅନଶନ ର ଅବସାନ ହେଲା ତା ୨୯ । ୫ । ୩୩ ଦିନ ।

୧୯୦୩ ରୁ ୧୯୩୩ ପର୍ଯ୍ୟନ୍ତ ଲଗାତର ଚଳେଇଥିବା ସତ୍ୟାଗ୍ରହର ସତ୍ୟାଗ୍ରହୀ ମାନଙ୍କ ନାଡ଼ୀନକ୍ଷତ୍ର ଜାଣିବା ପାଇଁ ବୋଧହୁଏ ଗାନ୍ଧିଜୀ ତା ୧-୮-୩୩ ରୁ ସାବରମତ ଆଶ୍ରମକୁ ବନ୍ଦ କରିଦେଲେ । ପରେ ପରେ ସେ ଘୋଷଣା କଲେ ... "ଜେଲରୁ ଫେରି ଯେଉଁ ସତ୍ୟାଗ୍ରହୀମାନେ ଘରେ ବସିଛନ୍ତି ସେମାନେ ଦେଶପ୍ରତି ଦଗାବାଜ ଅଟନ୍ତି । ମୁଁ ଏଣିକି ସତ୍ୟାଗ୍ରହର ସଞ୍ଚାଳନ କରିବି ନାହିଁ । ସାବରମତ ଆଶ୍ରମକୁ ବନ୍ଦ କରିଦେଇଛି । ଯେଉଁମାନେ ନିଜର ବ୍ୟକ୍ତିଗତ ଇଚ୍ଛାରେ ସତ୍ୟାଗ୍ରହ କରିବେ କରନ୍ତୁ ।" ଏ ବକ୍ତବ୍ୟର ସ୍ପଷ୍ଟ ଅର୍ଥ ବୁଝି ହାଣୁଆ ସତ୍ୟାଗ୍ରହୀମାନେ ଆଉ ଘରେ ବସି ରହିଲେ ନାହିଁ । ଆରମ୍ଭ କରିଦେଲେ ବ୍ୟକ୍ତିଗତ ସତ୍ୟାଗ୍ରହ ।

ତା ୧୮ । ୯ । ୩୩ ଦିନ ଭଗୀରଥି ପଟ୍ଟନାୟକ, ଜିଲ୍ଲା ମାଜିଷ୍ଟ୍ରେଟ ଓ ଏସ୍. ଡି. ଓ. ଙ୍କ ନିକଟକୁ ପଠାଇଲେ ଗୋଟିଏ ସୂଚନା ପତ୍ର । ସେଥିରେ ସେ ଜଣାଇଲେ ଯେ — "ଭଗୀରଥି ପଟ୍ଟନାୟକ, ଜମ୍ବୁବନ୍ତ ବେହେରା ଓ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ତା ୨୨ । ୯ । ୩୩ ଦିନ ବରଗଡ଼ ଠାରେ ଆଇନ ଅମାନ୍ୟ ସତ୍ୟାଗ୍ରହ କରିବେ ।" ତିନିଜଣଙ୍କ ସ୍ୱାକ୍ଷର ଥିବା ସୂଚନା ପତ୍ରର ନକଲଟିଏ ଏ ପର୍ଯ୍ୟନ୍ତ ତାଙ୍କ ପାଖରେ ରହିଛି । ନିର୍ଦ୍ଧାରିତ ଦିନ ବରଗଡ଼ କଚେରୀରେ ଆଇନ ଅମାନ୍ୟ କରି ସେମାନେ ପୁଣି ଗିରଫ ହେଲେ । ଭଗୀରଥିଙ୍କୁ ୭ ମାସ, ଜମ୍ବୁବନ୍ତ ଙ୍କୁ ୫ ମାସ ଓ ପ୍ରଫୁଲ୍ଲଙ୍କୁ ୪ ମାସ ସଶ୍ରମ କାରାଦଣ୍ଡ ହେଲା । ବାପ ପୁଅଂକୁ ପଠାଗଲା ପାଟଣା କେମ୍ପ ଜେଲ ଓ ଜମ୍ବୁବନ୍ତଂକୁ ହଜାରିବାଗ ସେଣ୍ଟ୍ରାଲ ଜେଲ । ବ୍ୟକ୍ତିଗତ ସତ୍ୟାଗ୍ରହ କରି ପାଟଣା କେମ୍ପ ଜେଲରେ ଭଗୀରଥି, ନୃସିଂହ ଗୁରୁ, ବୃନ୍ଦାବନ ଗୁରୁ, ମହାବୀର ସିଂହ, ତାଂକ ସାଙ୍ଗରେ ଜଣେ ବୃଦ୍ଧ ଓ ପ୍ରଫୁଲ୍ଲ ପଟ୍ଟନାୟକ ରହିଲେ । ସତ୍ୟାଗ୍ରହୀ ମାନଂକ ପାଇଁ ଜେଲ ଥିଲା ଗୋଟିଏ ପ୍ରଶିକ୍ଷଣ ଶିବିର — ବିଶେଷତଃ ତରୁଣମାନଂକ ପାଇଁ । ୧୯୩୨ ଓ ୧୯୩୩ ରେ ଜେଲଦଣ୍ଡ ଭୋଗୁଥିଲା ବେଳେ ପ୍ରଫୁଲ୍ଲ ପଟ୍ଟନାୟକ ଅନେକ ବିଷୟ ଶିକ୍ଷା କରିଥିଲେ । ପାଟଣା କେମ୍ପ ଜେଲରେ,

Digitized by PPRACHIN, SOA

ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ରାମ ପ୍ରସାଦ ସିଂହଂକ କନିଷ୍ଠ ଭ୍ରାତା ଭରତ ପ୍ରସାଦ ସିଂହଙ୍କ ଠାରୁ ଲାଠି ଖେଳନା ଓ ଗୌରବାବୁଂକ ଠାରୁ ଛୁରୀ ଖେଳନା ଶିକ୍ଷା କଲେ । ଚମ୍ପାରଣର ଋଷି ବ୍ରମର୍ଷି ଦେବଂକ ଠାରୁ ସେ ହସ୍ତ ଶିକ୍ଷା ସଙ୍ଗେ ସଙ୍ଗେ ଔଷଧ ଯୋଗାସନ ମଧ୍ୟ ଶିକ୍ଷା କରିଥିଲେ । ସେହିପରି ଜଣେ ମରାଠୀ ଯୁବକ "ନେତାଆସାହେବ" ଙ୍କ ଠାରୁ କଂଗ୍ରେସ ସେବାଦଳର ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିଲେ । ତାଙ୍କ ସଙ୍ଗେ ଓଡ଼ିଶାର ଶତାଧିକ ତରୁଣ ଜେଲ ଭିତରେ ଏ ସମସ୍ତ ଶିକ୍ଷା ଲାଭ କରିଥିଲେ । ଜେଲ ଭିତରେ ନିଷିଦ୍ଧ ରୂପେ ଚାଲୁଥିବା ଗୋଟିଏ ଜାତୀୟ ବିଦ୍ୟାଳୟ । ଏ ସମସ୍ତେ ଜେଲରେ ଥିବାବେଳେ ୧୯୩୪ ର ୧୫ ରେ ଜାନୁୟାରୀ ପ୍ରଳୟଙ୍କରୀ ବିହାର ଭୂମିକମ୍ପ ହୋଇଥିଲା ।

ଯେଉଁ ଦିନ ପ୍ରଫୁଲ୍ଲ ଜେଲରୁ ମୁକ୍ତ ହେଲେ ସେହିଦିନ ଶ୍ରୀ ଗଙ୍ଗାସରଣ ସିଂ ମଧ୍ୟ ଜେଲରୁ ବାହାରିଲେ । ଯେ ଏକ ଭାରତର ସୁପ୍ରସିଦ୍ଧ ସମାଜବାଦୀ ନେତା ପରେ ସଂସଦ ସଦସ୍ୟ ଓ ବର୍ତ୍ତମାନ ବିହାରୀ ବିଦ୍ୟାପୀଠ କେତେଯର ର କୁଳପତି ରୂପେ ଅଧିଷ୍ଠିତ । ଜେଲରୁ ବାହାରିବା ସମୟରେ ପ୍ରଫୁଲ୍ଲଙ୍କୁ ତାଙ୍କ ବାପା କହିଲେ — "ମାଙ୍କ ମୁକ୍ତି ପରେ ତମେ ଦୁହେଁ ଭାଗଲପୁରରେ ରହିଥିବ, ମୋର ମୁକ୍ତି ପରେ ମୁଁ ମଧ୍ୟ ଭାଗଲପୁର ଯାଇ ତମ ସଙ୍ଗରେ ଭେଟ ହେବ । ଆମେ ତିନିହେଁ ବିହାରରେ କିଛି ମାସ ରହି ଭୂକମ୍ପ ପୀଡ଼ିତ ଙ୍କ ସେବା କରିବା ।" ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିଆରୀ ପ୍ରଫୁଲ୍ଲଙ୍କୁ ଦେଲେ ଗାନ୍ଧିଜୀଙ୍କ ଗୀତା କର୍ମଯୋଗ ଓ ନୃସିଂହ ଗୁରୁ ସାହୁ ଙ୍କ ପାରାୟଣର ବହି ବଢାଇ ଦେଲେ । ଗଙ୍ଗାସରଣ ସିଂ ଓ ପ୍ରଫୁଲ୍ଲ ଉଭୟେ ପ୍ରଥମେ ଦେଖାକଲେ ଦେଶରତ୍ନ ରାଜେନ୍ଦ୍ର ପ୍ରସାଦଙ୍କ ସଙ୍ଗେ । ସେ ବସିଥିଲେ ଭଙ୍ଗାଚୁଙ୍ଗା 'ସଦାକତ ଆଶ୍ରମ' ସାମନାରେ, ଖୋଲା ଦେହରେ ଗୋଟିଏ ଖଟ ଉପରେ । ରାଜେନ୍ଦ୍ର ବାବୁଙ୍କ ସଙ୍ଗେ ଏହା ଥିଲା ପ୍ରଫୁଲ୍ଲ ଙ୍କ ପ୍ରଥମ ସାକ୍ଷାତ । ବାପାଙ୍କ କହିଥିବା କଥା ପ୍ରଫୁଲ୍ଲ କହିଲେ ରାଜେନ୍ଦ୍ର ବାବୁଙ୍କୁ । ସେ ଭାଗଲପୁର ର କଂଗ୍ରେସ ନେତା ମୁଖାର୍ଜୀ (ପଟେଲ ବାବୁ) ଙ୍କୁ ଖଣ୍ଡିଏ ଚିଠି ଲେଖିଦେଲେ । ପ୍ରଫୁଲ୍ଲ ଭାଗଲପୁର ଆସି ରହିଲେ ମୁଖାର୍ଜୀଙ୍କ ଘରେ । ଗାନ୍ଧିଜୀ ଭାଗଲପୁର ଆସିଥିଲେ ବେଳେ ପ୍ରଫୁଲ୍ଲ ପଟେଲ ବାବୁ ଙ୍କ ସଙ୍ଗେ ଗାନ୍ଧି, ରାଜେନ୍ଦ୍ର ବାବୁ ଓ ରାୟ ନାରାୟଣ ସିଂହଙ୍କୁ ଭେଟିଲେ । ରାଜେନ୍ଦ୍ର ବାବୁ ମୁଖାର୍ଜୀଂକୁ କହିଲେ — ଦେଖନ୍ତୁ ପ୍ରଫୁଲ୍ଲ ଙ୍କ ମାତା ପିତା ଜେଲରୁ ମୁକ୍ତ ହେଲା ପରେ ସେମାନଙ୍କୁ ଆପଣ ରିଲିଫ କାମରେ ଲଗାଇ ଦେବେ ।

Digitized by PPRACHIN, SOA

ପୀଡ଼ିତ ଙ୍କ ସେବା :

ଭୂକମ୍ପ ହେତୁ ବିହାର ଓ ଓଡ଼ିଶାର ସମସ୍ତ ରାଜନୈତିକ ବନ୍ଦୀମାନଂକୁ ଛାଡ଼ି ଦିଆଗଲା । ସେହି ଆଦେଶ ବଳରେ ମାସକ ପୂର୍ବରୁ ତା ୩୦ । ୧ । ୩୪ ଭଗୀରଥି ଓ ଜେଲଦଣ୍ଡ ସମ୍ପୂର୍ଣ୍ଣ ଶେଷକରି ୨୭ ଜାନୁୟାରୀ ଦିନ ଜମ୍ବୁବନ୍ତ ହୋଇ ପୁଅ ପାଖକୁ ଆସିଲେ । ଜମ୍ବୁବନ୍ତ ଙ୍କ ପକ୍ଷରେ ଏ ଖବର ଜେଲଦଣ୍ଡ ଦାୟକ ହୋଇନଥିଲା । କାରଣ ଜେଲ ଭିତରେ ତାଙ୍କ ସାଂଗରେ ଥିଲେ ଶାନ୍ତ ନାମାନେବୀ ସରଳା ଦେବୀ । କାଳ ବିଳମ୍ବ ନ କରି ତିନିହେଁ ଭୂକମ୍ପ ପୀଡ଼ିତଙ୍କ ସେବାରେ ଲାଗି ପଡ଼ିଲେ । ପ୍ରଫୁଲ୍ଲ ମୁଙ୍ଗେର, ସହର୍ସା; ପଞ୍ଚଗଚ୍ଛିଆ ବନଗାଁଓ ସେବା ଶିବିର ରେ ରହିଲେ । ଭଗୀରଥି ଓ ଜମ୍ବୁବନ୍ତ ରହିଲେ ଧାପୁର ଓ ବାସୁଦେବପୁରରେ । ସେଠାରେ ତାଂକର ଦେଖା ହୋଇଥିଲା ପଣ୍ଡିତ ନେହେରୁଙ୍କ ସଙ୍ଗେ । କାର୍ଯ୍ୟାନନ୍ଦ ଶର୍ମାଙ୍କ ପରିବାର ଓ ପଣ୍ଡିତ ନେହେରୁଙ୍କ ସଙ୍ଗେ ନିଆଯାଇଥିବା ତାଙ୍କର ଏକମାତ୍ର ଫଟୋଗ୍ରାଫ ଏ ପର୍ଯ୍ୟନ୍ତ ରହିଛି । ୩ । ୪ । ୩୪ ଦିନ ଗାନ୍ଧି, ମୀରାବାଈ (ମୀରାବେନ୍) ରାଜେନ୍ଦ୍ର ବାବୁଂକ ବଡ଼ ଭଉଣୀ ଭଗବତୀ ଦେବୀ ଓ ଯମୁନାଲାଲ ବଜାଜ୍ ସଂଗେ ଗୋଟିଏ ଶିବିରରେ ରହିବାର ସୁଯୋଗ ସେମାନଂକୁ ମିଳିଥିଲା । ତିନିମାସ ଭୂକମ୍ପ ପୀଡ଼ିତ ଂକ ସେବା କରିବା ପରେ ତିନିହେଁ ବିଦାୟ ନେଲେ - ଉପେନ୍ଦ୍ର ନାଥ ମୁଖାର୍ଜୀ, ବୋଧରାମ ମିଶ୍ର, ଠାକୁର ସିଂହ, ଖଦୀଭଣ୍ଡାର ର ପ୍ରକାଶ ବାବୁ ଓ ଅବୋଧ ବାବୁ ଙ୍କ ଠାରୁ । ବିଦାୟ ସମୟ ରେ ମୁଙ୍ଗେର ରେ ସେମାନଙ୍କୁ ଦିଆ ଯାଇଥିଲା ଗୋଟିଏ ବିଦାୟ ସମ୍ବର୍ଦ୍ଧନା । ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ, ଅନୁଗ୍ରହ ନାରାୟଣ ସିଂହ, କାର୍ଯ୍ୟାନନ୍ଦ ଶର୍ମା ଓ ଉପେନ୍ଦ୍ର ମୁଖାର୍ଜୀ ସେମାନଙ୍କୁ ଦେଲେ ଖଣ୍ଡିଏ ଖଣ୍ଡିଏ ପ୍ରଶଂସା ପତ୍ର । ରାଜେନ୍ଦ୍ର ବାବୁ ଓ ଅନୁଗ୍ରହ ବାବୁ ସେତେବେଳେ ବିହାର ରିଲିଫ ସୋସାଇଟିର ଯଥାକ୍ରମେ ସଭାପତି ଓ ଉପସଭାପତି ଥିଲେ । ଏହିପରି ଭାବରେ ଏ ତିନି ମୂର୍ତ୍ତି ଓଡ଼ିଶାର ପ୍ରତିନିଧି ରୂପେ ଦିନେ କରିଥିଲେ ବିହାର ଭୂମିକମ୍ପ ପ୍ରପୀଡ଼ିତ ଙ୍କ ସେବା ।

ଗାନ୍ଧୀ ବିଦ୍ୟାପୀଠ ରେ ପ୍ରଫୁଲ୍ଲ :

ବିହାରରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ ସମୟରେ, ଜମ୍ବୁବନ୍ତଙ୍କ ଆଗ୍ରହ କଲେ ତିନିହେଁ ଆସିଲେ ବୈଦ୍ୟନାଥ ଧାମ - ଦେଓଘର । ସେଠାରେ ତାଂକର ପୁରୁଣା ବନ୍ଧୁ ଶଶିଭୂଷଣ ରାୟ ଓ ବିନୋଦାନନ୍ଦ ଝା ଙ୍କ ସଙ୍ଗେ ଭେଟ ହେଲା । ପ୍ରଫୁଲ୍ଲଙ୍କ

Digitized by PPRACHIN, SOA

ଗାନ୍ଧୀଜୀ ଅନୁମତି ଓ ଶଶିବାବୁଙ୍କ ସ୍ନେହସିକ୍ତ ସ୍ୱୀକୃତି କଲେ ତାଙ୍କୁ ଶିକ୍ଷାଧ୍ୟ
କରିଦେଲେ ଆଗନ୍ତୁ ଦେଓଘର ହିନ୍ଦୀ ବିଦ୍ୟାପୀଠରେ । ଭର୍ତ୍ତି ହେଲାଥି ଜମ୍ବୁକଷ୍ଟ ଗ୍ଲାନି
ବଢ଼ିପାଇ । ଯାହା ଆଠବର୍ଷର ଶିକ୍ଷା ବଞ୍ଚିତ ପରେ ପ୍ରଫୁଲ୍ଲଙ୍କୁ ଶିକ୍ଷା
ନିଜକୁ ନିୟୋଜିତ କରିବାରେ ବହୁତ ପରିଶ୍ରମ କରିବାକୁ ପଡ଼ିଲା ।
ତା ୨୩ । ୫ । ୩୪ ଦିନ ନାମ ଲେଖାଇଥିଲେ । ମାତ୍ର ୧୯୩୭ ରେ ସଂସ୍କୃତ
ଇଂରାଜୀ ସହ ତୃତୀୟ ଶ୍ରେଣୀରେ ମେଟ୍ରିକ ପାସ, ୧୯୩୮ ରେ ବି. ଏ. ସମକକ୍ଷ
ମାଧ୍ୟମରେ ଦ୍ୱିତୀୟ ଶ୍ରେଣୀରେ ସାହିତ୍ୟ ଭୂଷଣ ଓ ୧୯୪୦ ରେ ଏମ୍. ଏ. ସ
ସାହିତ୍ୟାଳଙ୍କାର ଉପାଧିରେ ସେ ଭୂଷିତ ହେଲେ । ସେତେବେଳେ ହିନ୍ଦୀ ବିଦ୍ୟା
ଗୋଟିଏ ସର୍ବଭାରତୀୟ ରାଷ୍ଟ୍ରୀୟ ଶିକ୍ଷା ବିଦ୍ୟାଳୟ ରୂପେ ପ୍ରତିଷ୍ଠା ଲାଭ କରିଥିଲା
ତାହାର ଅଧ୍ୟକ୍ଷ ଥିଲେ ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ । ବର୍ମା, ଆସାମ, ବଙ୍ଗ
ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମାନ୍ଦ୍ରାସ, ଆନ୍ଧ୍ର, ଉତ୍ତର ପ୍ରଦେଶ, ବିହାର
ଓଡ଼ିଶାର ଛାତ୍ରମାନେ ସେଠାରେ ଅଧ୍ୟୟନ କରୁଥିଲେ । ଓଡ଼ିଶାରୁ ଥିଲେ କେବ
ଜଣେ – ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ – ଯିଏ କି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥା
ଅଧିକାର କରି ସାହିତ୍ୟାଳଙ୍କାର ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ ।
ଦୁଇଥର 'ଡବଲ ପ୍ରମୋସନ' ହୋଇ ୯ ବର୍ଷର ପାଠ୍ୟକ୍ରମକୁ ସାତବର୍ଷ ଭିତରେ
ସମାପ୍ତ କରିଥିଲେ । 'ଜନଶକ୍ତି', 'ଜନତା', 'ଛନ୍‌ଗାଗ୍ନ', 'ପ୍ରସାଦ', 'ସମାଜ'
'ଗୃହ', 'ମାଧୁରୀ', 'ହଂସ', 'କହାନୀ', 'ଭାରତ ବର୍ଷ' ଓ 'ତରୁଣ' ଆଦି ପ୍ରତିଷ୍ଠି
ସାପ୍ତାହିକ ଓ ମାସିକ ହିନ୍ଦୀ ପତ୍ରିକାରେ ସେ କବିତା ଓ ପ୍ରବନ୍ଧ ଲେଖି ଜଣେ
ହିନ୍ଦୀ କବି ଓ ଲେଖକ ରୂପେ ପ୍ରତିଷ୍ଠା ମଧ୍ୟ ଲାଭ କରିଥିଲେ । ଓଡ଼ିଶାର 'ସହକାର'
'ନବଭାରତ', 'ଶଙ୍ଖ' ଓ 'ଡଗର'ଙ୍କ ଆଦିରେ ମଧ୍ୟ ତାଙ୍କର ଓଡ଼ିଆ ଲେଖାମାନ
ପ୍ରକାଶିତ ହେଉଥିଲା । ଏ ଭିତରେ ସେ ଗଂଗାଧର ଓ ମାୟାଧର ମାନସିଂହଙ୍କ
ଅନେକ କବିତା ତଥା କାଳିନ୍ଦୀ ଚରଣ ପାଣିଗ୍ରାହୀ, ଗୋଦାବରୀଶ-ମହାପାତ୍ର
ଗୋପିନାଥ ମହାନ୍ତି ଆଦିଙ୍କ ଅନେକ ଗଳ୍ପ ଆଉ ଲେଖା ର ହିନ୍ଦୀ ଅନୁବାଦ ମଧ୍ୟ
କରିଥିଲେ ।

ପ୍ରଫୁଲ୍ଲ ଦେଓଘର ରେ କେବଳ ଅଧ୍ୟୟନରତ ନ ଥିଲେ । ବିଦ୍ୟାପୀଠରେ
ଭର୍ତ୍ତି ହେବା ପୂର୍ବରୁ ସେଠାକାର କିଶୋର ସେନାର ସଂଗଠନ କଲେ ଓ ସେହିବର୍ଷ
ଅପ୍ରେଲ ମାସରେ ଗାନ୍ଧୀଜୀ ଯେଉଁ ଦିନ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ କ୍ରମରେ
ଦେଓଘର ଆସିଥିଲେ ସେତେବେଳେ କିଶୋର ସେନାର କମାଣ୍ଡର ରୂପେ ଗାନ୍ଧୀଜୀ
ସଙ୍ଗ ସୁରକ୍ଷା ଦାୟିତ୍ୱ ଥିଲା ତାଙ୍କର ଉପରେ । ଜଣେ ମାରୱାଡ଼ି ମହିଳା ତାଙ୍କ

Digitized by PPRACHIN, SOA

ବ୍ୟୂହ ଭେଦ କରି ଗାନ୍ଧି ଙ୍କ ପାଖକୁ ଯିବା ପାଇଁ ଚେଷ୍ଟାକଲା । ସୁପୁଲ୍ଲ ଛାଡ଼ିଦେଲେ ନାହିଁ । ମଣ୍ଡଳାଟି ରାଗି ଯାଇ ତାଂକୁ ପିଟି ବସିଲା । ଗାନ୍ଧିଜୀ ସୁପୁଲ୍ଲି ଙ୍କ ଧୈର୍ଯ୍ୟ ଓ ନିଷ୍ଠା କୁ ଦେଖି ହସି ହସି କହିଲେ — " ଗ୍ରେଟ୍ ହୋ, ଜସ୍ ମାତା କୋ, ମେରେ ପାସ୍ ଆନେ ଦୋ ।" ମହିଳା ଜଣଟିଏ ଲଜ୍ଜିତା ହୋଇଗଲେ ଗାନ୍ଧି ଙ୍କ ପାଦ ତଳେ ରହି ପ୍ରଣାମ କରିଥିଲେ । ୧୯୩୬ ରେ ସେ ପଦବ୍ରଜରେ ବେଗୁସରାଏ ଯାଇ ହିନ୍ଦୀ ସାହିତ୍ୟ ସମ୍ମିଳନୀ ରେ ଯୋଗ ଦେଇଥିଲେ । ୧୯୩୭ ରେ ଜୟପ୍ରକାଶ ନାରାୟଣ ଓ ସ୍ୱାମୀ ସହଜାନନ୍ଦ ସରସ୍ୱତୀ ଙ୍କ କିଷାନ ଆନ୍ଦୋଳନ ରେ ମଧ୍ୟ ସକ୍ରିୟ ଯୋଗଦାନ କରି ବିହାର ରେ ଜଣେ ସମାଜବାଦୀ, ପ୍ରଗତିବାଦୀ ରୂପେ ପରିଚିତ ହୋଇଥିଲେ । ସେ ସମାଜବାଦୀ ପାର୍ଟିର ଜଣେ ସଦସ୍ୟ, ନିଖିଳ ଭାରତ ଯୁବ ସଂଘ ର ଜିଲ୍ଲା ସଂପାଦକ ଓ ପ୍ରାନ୍ତୀୟ ସମିତି ର କାର୍ଯ୍ୟକାରୀ ସଦସ୍ୟ ମଧ୍ୟ ଥିଲେ । ତାଙ୍କ ପଢ଼ିବା ସମୟରେ ଭାଗଲପୁର ର ଉପେନ୍ଦ୍ର ନାଥ ମୁଖାର୍ଜୀ ନିୟମିତ ଆର୍ଥିକ ସାହାଯ୍ୟ ଦେଉଥିଲେ । କୃତାର୍ଥ ଅଂଶୁର୍ଯ୍ୟ ଓ ସୁହଲ୍ଲାଦ ବସୁ ଲାଠ ସାମୟିକ ସହଯୋଗ କରୁଥିଲେ ।

ସମ୍ବଲପୁର ଜିଲ୍ଲାରେ ଗାନ୍ଧିଜୀ

ପୂର୍ବରୁ ସ୍ଥିର କାର୍ଯ୍ୟସୂଚୀ ରେ ସ୍ଥିର ହୋଇ ସାରିଥିବା ଜମ୍ବୁବନ୍ତ ପହଞ୍ଚିଲେ ଝାରସୁଗୁଡା । ଦେଖିଲେ – ପଞ୍ଚପଡ଼ା ଓ ଝାରସୁଗୁଡା ରେ ଗାନ୍ଧିଜୀଙ୍କ ଆଗମନ ଉପଲକ୍ଷେ ପ୍ରସ୍ତୁତ ହୋଇଛି କିନ୍ତୁ ଖାବ୍ତା ନାହିଁ । ସମ୍ବର୍ଦ୍ଧନା ସମିତି ଗଢ଼ା ହୋଇଛି ମାତ୍ର ସେଥିରେ ଅସଲ ହରିଜନ ସେବକ ଚିନ୍ତାମଣି ଓ ଉଦାସୀ ରାମ ନାହାନ୍ତି, ଅଛନ୍ତି କେବଳ ଜଣେ ସଚ୍ଚୋଟ କର୍ମୀ ନୃସିଂହ ଗୁରୁ । ଭାବିଥିଲେ ପଞ୍ଚାୟତ ଆଉ ତଥାକଥିତ ସମ୍ବର୍ଦ୍ଧନା ସମିତିକୁ ଅପେକ୍ଷା ନକରି ଚିନ୍ତାମଣି, ଉଦାସୀ ରାମ ଓ ତାଙ୍କ ପରିବାର ଏବଂ ନୃସିଂହ ଗୁରୁଙ୍କୁ ସାଙ୍ଗରେ ନେଇ ଲାଗିଗଲେ ସବୁ ବ୍ୟବସ୍ଥା କରିବା ପାଇଁ । ତା ୪ । ୫ । ୩୪ ସକାଳ ୩ ଟା ରେ ଟ୍ରେନ୍ ଯୋଗେ ପହଞ୍ଚିଲେ ଗାନ୍ଧିଜୀ, ଠକ୍କର ବାପା ଓ ତାଙ୍କର କେତେକ ସହଯୋଗୀ । ସ୍ୱାଗତ କରିବା ପାଇଁ ଷ୍ଟେସନରେ କର୍ମୀ ସମାବେଶ ହୋଇଥାଏ । ଉଦାସୀ ରାମଙ୍କ ମାତା ତୁଳସୀ ଦେବୀ ଯେତେବେଳେ ଗେଣ୍ଡୁ ଫୁଲର ମାଳାଟିଏ ଗାନ୍ଧିଜୀ ଙ୍କ ଗଳାରେ ଲମ୍ବାଇ ଦେଲେ ଗାନ୍ଧିଜୀ କହିଲେ-'ଓ ହରିଜନ ମାତା' ଓ ମାଳାଟି ନିଜ ବେକରୁ କାଢ଼ି ତୁଳସୀଙ୍କ

Digitized by PPRACHIN, SOA

ଗଳାରେ ଲମ୍ବାଇ ଦେଲେ । ଦୁଇଜଣ ପର୍ଯ୍ୟନ୍ତ ଜମ୍ବୁବତୀ ଓ ଭୁବନୀ ଦେବୀ ଗାନ୍ଧିଜୀଙ୍କ ସେବାରେ ନିଜକୁ ନିୟୋଜିତ କରିଦେଲେ । ଗାନ୍ଧିଜୀ ଏ ଦୁହିଁଙ୍କ କାନ୍ଧରେ ଭାର ଦେଇ ସଭାସ୍ଥଳ କୁ ଯିବା ଆସିବା କରୁଥିଲେ । ଭାଗୀରଥି ଗାନ୍ଧିଜୀ ଙ୍କୁ କହିଲେ — ଏ ଜିଲ୍ଲାରେ ୧୯୨୯ ଗୋଟିଏ ବର୍ଷ ଭିତରେ ଆଦିବାସୀ ଓ ହରିଜନ ମାନେ ସମ୍ପୂର୍ଣ୍ଣ ରୂପେ ମଦ୍ୟପାନ ଛାଡି ଦେଇଥିବାରୁ ମଦଭାଟି ସବୁ ବନ୍ଦ ହୋଇ ଯାଇଥିଲା ଠିକାଦାର ମାନେ ସେମାନଙ୍କ ଲାଇସେନ୍ସ ସରକାର ଙ୍କୁ ଫେରାଇ ଦେଇଥିଲେ । ଅସ୍ପୃଶ୍ୟତା ନିବାରଣ କାମ ମଧ୍ୟ ଅନୁରୂପ ସଫଳ ହୋଇଥିଲା ।" ଗାନ୍ଧିଜୀ ଗମ୍ଭୀର ହୋଇ କହିଲେ—"ସାରେ ଦେଶ୍ ମେ ଐସା ହୋନା ଚାହିଏ ।'

ପ୍ରାନ୍ତୀୟ ନିର୍ବାଚନ

୧୯୩୬ ରୁ ୧୯୪୦ ପର୍ଯ୍ୟନ୍ତ କଂଗ୍ରେସ ଆଉ କୌଣସି ଆନ୍ଦୋଳନ ର ନେତୃତ୍ୱ କରି ନଥିଲା । ସମସ୍ତ ସକ୍ରିୟ ଓ ସଚେତନ କର୍ମୀ ଲାଗି ପଡ଼ିଥିଲେ ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନରେ । ୧୯୩୪ ର ସାରା ବର୍ଷଟି ଗାନ୍ଧିଜୀ ଭାରତ ବର୍ଷ ର ପ୍ରତ୍ୟେକ ପ୍ରାନ୍ତରେ ବୁଲି ଅସ୍ପୃଶ୍ୟତା ନିବାରଣ ପାଇଁ ପ୍ରଚାର କରିସାରିଥିଲେ । ଏ ଭିତରେ କଂଗ୍ରେସ ଓ ବ୍ରିଟିଶ ସରକାରଙ୍କ ଭିତରେ ଗୋଟିଏ ରାଜିନାମା ହୋଇଗଲା । ଚୁକ୍ତି ଥିଲା — ଭାରତୀୟ ମାନେ ନିଜ ନିଜ ରାଜ୍ୟରେ ନିର୍ବାଚନ ମାଧ୍ୟମରେ ବିଧାନ ସଭା କୁ ଯିବେ ଓ ମନ୍ତ୍ରୀମଣ୍ଡଳ ଗଠନ କରି ପ୍ରାନ୍ତୀୟ ଶାସନ କରିବେ କିନ୍ତୁ ସମସ୍ତେ ରହିବେ ବଡ଼ଲାଟ ଙ୍କ ଅଧିନ ରେ ସୀମିତ କ୍ଷମତା ଭିତରେ । କଂଗ୍ରେସ ଭିତରେ ଥିବା ପ୍ରଗତିଶୀଳ କର୍ମୀମାନେ ଚୁକ୍ତି କୁ ପସନ୍ଦ କରୁ ନଥିଲେ ସୁଦ୍ଧା କଂଗ୍ରେସ ଏହାକୁ ମାନି ନେଇଥିବାରୁ ସମସ୍ତେ ପ୍ରାନ୍ତୀୟ ନିର୍ବାଚନ ରେ ଲାଗି ଗଲେ । ସମାଜବାଦୀ ଦଳ କଂଗ୍ରେସ ଭିତରେ ଥିଲେ ମଧ୍ୟ ନିଜ ଦଳର ପୃଥକ ଅସ୍ତିତ୍ୱ କୁ ସୁଦୃଢ଼ କରିବାକୁ ଲାଗିଲା । ଏ ଚୁକ୍ତିର ବିରୋଧ କରି ସେମାନେ କହିଲେ ଯେ — ଏ ରାଜିନାମା ଦ୍ୱାରା ପୂର୍ଣ୍ଣ ସ୍ୱାଧୀନତା ଘୋଷଣା ର ବିରୋଧ କରୁଛି ।

ସେତେବେଳେ ଭଗୀରଥି ଓ ଜମ୍ବୁବତୀ ସମ୍ପୂର୍ଣ୍ଣ ଲାଗିଥିଲେ ଅସ୍ପୃଶ୍ୟତା ନିବାରଣ କାମରେ । ପଣ୍ଡିତ ନୀଳକଣ୍ଠ ଦାଶ, ଯଦୁମଣି ମଙ୍ଗରାଜ, ଭୁବନାନନ୍ଦ ଦାସ

Digitized by PPRACHIN, SOA

ଓ ନୃସିଂହ ଗୁରୁ ଏ ବୁଝିଙ୍କୁ ଭେଟିଲେ ତା ୩ । ୧୧ । ୩୪ ଦିନ । ସେମାନେ ଆସିଥିଲେ ନିର୍ବାଚନ ସମ୍ବନ୍ଧୀୟ କଥାବାର୍ତ୍ତା ପାଇଁ । ଦୀର୍ଘ ଆଲୋଚନା ପରେ ଭଗୀରଥି ପଟ୍ଟନାୟକ ନିର୍ବାଚନ କାମରେ ଲାଗିଗଲେ । ତାଙ୍କ ଉପରେ ସମ୍ପୂର୍ଣ୍ଣ ବୋଡ଼ାସମ୍ବର ଓ ସୁଦୂର ଝଡ଼ଆର ଅଞ୍ଚଳ ର ଦାୟିତ୍ୱ ନ୍ୟସ୍ତ କରାଗଲା । ପୁଣି କାନ୍ଧରେ ପ୍ରଚାର ପତ୍ର ଧରି ସେ ପଦବ୍ରଜରେ ଗାଁ ଗାଁ ବୁଲିଲେ । ପ୍ରତ୍ୟେକ ଗାଁରେ ସଭାସମିତି କରି କଂଗ୍ରେସ ସପକ୍ଷରେ ଭୋଟ ଦେବାପାଇଁ ପ୍ରଚାର ଚଳେଇଲେ । ଲେ ଏ ପ୍ରଚାର ବେଳେ ସେ କଂଗ୍ରେସ ସଂଗଠନ ରୁ ଗୋଟିଏ ପଇସା ସୁଦ୍ଧା ଗ୍ରହଣ କରୁ ନଥିଲେ । ଗାଁ ଗଣ୍ଡାରେ ଯେଉଁଠି ଯାହା ମିଳୁଥିଲା ଭୋଜନ କରି ପ୍ରଚାର ଚଳାଉଥିଲେ ।

ଏପଟେ ଜମ୍ବୁବନ୍ତ ମଧ୍ୟ ସଂଗଠନ କାମରେ ଲାଗିଗଲେ । ତା ୨୪ । ୩ । ୩୫ ଦିନ ଝାରସୁଗୁଡ଼ାରେ ଗୋଟିଏ ବିରାଟ ଜନସଭା ହେଲା । ସେଥିରେ ସଭାପତିତ୍ୱ କରିଥିଲେ ଜମ୍ବୁବନ୍ତ ପଟ୍ଟନାୟକ । ପ୍ରଥମେ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ କୃଷକ ମାନଙ୍କ ବିଭିନ୍ନ ଦାବୀ ପୂରଣ ପାଇଁ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ତା ୮ । ୧୨ । ୩୫ ଦିନ କଂଗ୍ରେସ ସଂଗଠନ କୁ ୫୦ ବର୍ଷ ପୂର୍ଣ୍ଣ ହେଲା । ଦେଶର ସବୁଠି ପାଳିତ ହେଲା ସ୍ୱର୍ଣ୍ଣଜୟନ୍ତୀ । ଏହି ଅବସର ରେ ବରପାଲିଠାରେ ଅନୁଷ୍ଠିତ ହୋଇଥିବା କୃଷକ ସଭାରେ ଜମ୍ବୁବନ୍ତ ସଭାପତି ହୋଇଥିଲେ । ତ୍ରିରଙ୍ଗ ପତାକ ଧରି ସେ ବୁଲିଥିଲେ ଆଗେ ଆଗେ,ତାଙ୍କ ପଛେ ଅସଂଖ୍ୟ ନରନାରୀ ଶୋଭାଯାତ୍ରା ରେ । ବରପାଲିର ସ୍ଥାନେ ସ୍ଥାନେ ଆମ୍ବ ତୋରଣ ସଜା ହୋଇଥିଲା । ଶୋଭା ଯାତ୍ରା ସଙ୍ଗେ କୀର୍ତ୍ତନ୍ୟ ମଣ୍ଡଳୀ ଓ ବିଭିନ୍ନ ବାଦ୍ୟକାର ଦଳ ମଧ୍ୟ ସମ୍ମିଳିତ ହୋଇଥିଲେ । ଶ୍ରୀ ପଟ୍ଟନାୟକ ଙ୍କ ଡ଼ାଏରୀ ରେ ଅଛି ଓଡ଼ିଆ ପଡ଼ାର ନଟବର ମେହେର ଓ ରଣଜିତ ରଣା କୀର୍ତ୍ତନ୍ୟ ମଣ୍ଡଳୀ ସଂଯୋଜିତ କରିବାରେ ଖୁବ୍ ଉତ୍ସାହ ଦେଖାଇଥିଲେ । ପୋଲିସ୍ ର ବହୁ ବାଧା ପ୍ରତିବନ୍ଧକ ସତ୍ତ୍ୱେ ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ବେଶ୍ ସମାରୋହ ସହକାରେ ସମ୍ପନ୍ନ ହୋଇଥିଲା ।

କଳା ଓ ପ୍ରତିଭା ପୂଜାରୀ -

ସ୍ୱର୍ଣ୍ଣ ଜୟନ୍ତୀ ପରେ ପରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ସମ୍ବଲପୁର ଠାରେ ଗୋଟିଏ କଳା ପ୍ରଦର୍ଶନୀ ର ଆୟୋଜନ କଲେ । ସେହି ପ୍ରଦର୍ଶନୀ ରେ ଯୋଗଦେବା

Digitized by PPRACHIN, SOA

ପାଇଁ ଶ୍ରୀ ପଟ୍ଟନାୟକ ବରପାଲି ତଥା ଆଖ ପାଖ ଅଞ୍ଚଳର କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରସଙ୍ଗ କ୍ରମେ, ସେ ତାଙ୍କ ଡାଏରୀ ରେ କଳାକାର ମାନଙ୍କ ଭୂୟସୀ ପ୍ରଶଂସା କରିଯାଇଛନ୍ତି । କବି ଗଙ୍ଗାଧର ଙ୍କ ତୈଳଚିତ୍ର ଅଙ୍କନ କରିଥିବାରୁ ସେ ବରପାଲିର ଖାରବନ୍ଧ ସାହୁ ଙ୍କୁ ଜଣେ ଉଚ୍ଚକୋଟୀର ଶିଳ୍ପୀ ଭାବରେ ବର୍ଣ୍ଣନା କରିଛନ୍ତି । ଏହାପରେ ଦୁଇଜଣ ମୃତ୍ତିକା ଶିଳ୍ପୀ - ଶ୍ରୀ ରଙ୍ଗମଣି ରଣା ଓ ଶ୍ରୀ ରଣଜିତ ରଣା ଙ୍କ ପ୍ରଶଂସା ସେ ବାରମ୍ବାର କରୁଥିଲେ । ଉପରୋକ୍ତ ପ୍ରଦର୍ଶନୀ କୁ ସମ୍ବଲପୁରୀ ବସ୍ତ୍ର, ମୃତ୍ତିକା ନିର୍ମିତ ସାମଗ୍ରୀ ଓ ଭୁଲଣ୍ଡୀ ଗ୍ରାମର ଶ୍ରୀ ବସ ବିହାରୀ ସାହୁ, ସ୍ୱର୍ଣ୍ଣକାର ଙ୍କ ଦ୍ୱାରା ନିର୍ମିତ ଗୋଟିଏ ଆଶ୍ଚର୍ଯ୍ୟଜନକ ସୁନାମାଛ ଓ ଅଦ୍ଭୁତ ଚଉଟା ପଠା ଯାଇଥିଲା । ଗୋଟିଏ ରୌପ୍ୟ ନିର୍ମିତ ଶ୍ୱେତ ପଦ୍ମଫୁଲ ମଝିରେ ଖଞ୍ଜା ହୋଇଥିଲା ଗୋଟିଏ ଗୁଞ୍ଜଫଳ । ସେ ଗୁଞ୍ଜଫଳରେ ତିଆରି ହୋଇଥିଲା ଗୋଟିଏ ବାକ୍ସ, ଲାଗି-ଥିଲା ରୂପାର ହୁକ୍ କବଜା ଓ ତାଲାଟିଏ, ସେ ସୂକ୍ଷ୍ମ ତାଲାରେ ସୂକ୍ଷ୍ମ ଚାବିଟିଏ-ଯାହାଦ୍ୱାରା ତାଲାଟି ଖୋଲାଯାଇ ପାରୁଥିଲା । ସେହି ଅଦ୍ଭୁତ ବାକ୍ସ ଭିତରେ ରଖାଯାଇଥିଲା ଏକ ରତି ସୁନାରେ ନିର୍ମିତ ଗୋଟିଏ ମାଳି, ତାହାକୁ ସେ କେବଳ ନିଜ ଗଳାରେ ପିନ୍ଧି ପାରୁଥିଲେ । ତାଙ୍କ ନିର୍ମିତ ସେ ଚରଖାଟିକୁ ଚଳେଇଲେ ତୁଳା ଆପେ ଆପେ ଭିଣି, କଳଣା ତିଆରି କରି ସୂତା କାଟି ପାରୁଥିଲା । ପ୍ରଦର୍ଶନୀ ରେ ସେ ପୁରସ୍କୃତ ହୋଇଥିଲେ, କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ପ୍ରକୃତ ସମ୍ମାନ ମିଳିନାହିଁ । ସେ ମହାଶୟ ଗୋଟିଏ ଚାଉଳରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ମଧ୍ୟ ଖୋଦନ କରିଥିଲେ । ସୂକ୍ଷ୍ମ ସରୁ ହାର ଓ ସେ ଖୋଦେଇ ଚାଉଳ ଏବେବି ସଞ୍ଚିତ ହୋଇ ରହିଛି । ସେ ଗାଁ ର ଧନ ବଣିଆ ମଧ୍ୟ ଉନ୍ନତ କଳାକାର ଥିଲେ । — ବଣିଆ ମାନଙ୍କ ବଣରେ ମହଲ ଝରିପଡ଼େ ସିନା, ବଣି ମାନଙ୍କ ଘର ବରପାଲି ଓ ତା ଆଖ ପାଖ ଅଞ୍ଚଳରେ ଅନେକ କଳାକାର ମାନଙ୍କ ଦଶା । ଶ୍ରୀ ପଟ୍ଟନାୟକ ସଂଗ୍ରାମୀ ହେବା ସଙ୍ଗେ ସଙ୍ଗେ ଥିଲେ ଜଣେ ସାହିତ୍ୟ, ସଂସ୍କୃତି ଓ କଳାର ଉପାସକ । ଗଙ୍ଗାଧର ଙ୍କୁ ସେ ମହାକବି ଜ୍ଞାନ କରି ଭକ୍ତି କରୁଥିଲେ ଏବଂ କଳାକାର ମାନଂକୁ ମୁକ୍ତକଣ୍ଠରେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସେମାନଙ୍କ କଳାର ବିକାଶ ଓ ପ୍ରସାର ପାଇଁ ଯଥାସମ୍ଭବ ଚେଷ୍ଟା କରୁଥିଲେ । ରମଚନ୍ଦ୍ର ମନ୍ଦିର ର ନିର୍ମାଣକର୍ତ୍ତା ଭୁଲସୀ କେଉଁଟଣୀ ଓ ବୃଦ୍ଧ ପୂଜାରୀ ଶ୍ରୀ ନାରାୟଣ ଦାସ ଙ୍କ କଥା ବାରମ୍ବାର ମନେ ପକାଉଥିଲେ । ନାରାୟଣ ଦାସଙ୍କୁ ସେ ଏ ଜିଲ୍ଲାର ପ୍ରଥମ କବିର ସମ୍ମାନ ଦେଉଥିଲେ - ଯିଏ କି ଓଡ଼ିଆ ବଙ୍ଗଳା ମିଶ୍ରିତ ଭାଷାରେ 'ରମଲୀଳା' ନାମକ କାବ୍ୟଗ୍ରନ୍ଥ ଲେଖିଥିଲେ । ତାଙ୍କପରେ

Digitized by PPRACHIN, SOA

ଲେଖିଥିବା ସେ ଗ୍ରନ୍ଥଟି ବର୍ତ୍ତମାନ ସୁଦ୍ଧା ତାଙ୍କ ବଂଶଧରଙ୍କ ନିକଟରେ ଥାଇପାରେ । ଭକ୍ତ କୃପାକରଙ୍କ ପ୍ରଶଂସା ମଧ୍ୟ ତାଙ୍କ ମୁହଁରୁ ଶୁଣିବାକୁ ମିଳୁଥିଲା । ଭକ୍ତ ଖଗେଶ୍ୱର ସେଠଙ୍କ ଚର୍ଚ୍ଚା ମଧ୍ୟ ସେ ଅନେକ ଥର କରିଛନ୍ତି । ପଦ୍ମଲୋଚନ ଗଡ଼ନାୟକଙ୍କ କଣ୍ଠରୁ ସ୍ୱରଚିତ ଜନଜାଗରଣ କବିତା ଶୁଣିବାକୁ ସେ ଅନେକ ଥର ଆଗ୍ରହ ପ୍ରକାଶ କରିଥିଲେ । ଏପରିକି ବରପାଲି ର ସେବକ ଦେଓ ଙ୍କୁ ସେ ଇନ୍ଦ୍ରଗର୍ଭ । ବୋଲି ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ - ଯାହାଙ୍କ ଗର୍ଭରୁ ଶଙ୍କର ବାବୁ ବର ସାହୁ, ଡଃ ନବୀନ କୁମାର ସାହୁ ଆଦି ସୁସନ୍ତାନ ଜନ୍ମଗ୍ରହଣ କରିଛନ୍ତି । ଏହିପରି ଭଗୀରଥି ଥିଲେ ଜଣେ କଳାପ୍ରେମୀ, ପ୍ରଜ୍ଞାଶ୍ଚ ଓ ଭାଷା ମର୍ମଜ୍ଞ ପୁରୁଷ ।

ଆନ୍ଦୋଳନ ଗ୍ରୁତ୍ ନଥିଲେ ମଧ୍ୟ ଭଗୀରଥି ବସି ରହିଲେ ନାହିଁ । କର୍ତ୍ତୃପକ୍ଷଙ୍କ ସଙ୍ଗେ ମେଣ୍ଟକରି ବଜାର ଠିକାଦାର ହଠାତ୍ ଟେକ୍ସ୍ ବଢ଼େଇ ଦେବାରୁ ତା ବିରୁଦ୍ଧରେ ସେ ଆନ୍ଦୋଳନ ଆରମ୍ଭ କରିଦେଲେ । ବହୁଦିନ ଧରି ଆନ୍ଦୋଳନ ଚାଲିଲା । ଶେଷରେ ଜନସାଧାରଣଙ୍କ ହେଲା ବିଜୟ । ଟେକ୍ସ କମ୍ ହେବା ସଙ୍ଗେ ସଙ୍ଗେ ମନମୁଖୀ ଅସୁଲ ମଧ୍ୟ ନିୟନ୍ତ୍ରିତ ହେଲା । ଗୋଦାବରୀଶ ମିଶ୍ର ବରପାଲି ଆସିଥିଲା ବେଳେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ତାଙ୍କ ବେକରେ ଜମ୍ବୁବଣ ଫୁଲମାଳ ଲମ୍ବାଇ ସ୍ୱାଗତ କରିଥିଲେ । ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଗୋଦାବରୀଶ, ପଟ୍ଟନାୟକ ଦମ୍ପତିଙ୍କ ଉପରେ ଗୋଟିଏ ଶ୍ରଦ୍ଧାଭକ୍ତି ପୂର୍ଣ୍ଣ ଲେଖାଟିଏ ମଧ୍ୟ 'ସହକାର'ରେ ଲେଖିଥିଲେ । ଶ୍ରୀ ପଟ୍ଟନାୟକଙ୍କ ପ୍ରେରଣାରୁ ଝାରସୁଗୁଡା ଠାରେ ମାତା ରମା ଦେବୀଙ୍କ ନାମରେ ଗୋଟିଏ ହରିଜନ ମନ୍ଦିର ନିର୍ମିତ ହୋଇଥିଲା ।

ଭଗୀରଥି ଓ ତାଙ୍କ ସହଯୋଗୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ସମଗ୍ର ଜିଲ୍ଲାରେ କଂଗ୍ରେସର ବିଜୟ ହେଲା ଓ ଫକୀର ବେହେରା ମଧ୍ୟ ବିଜୟୀ ହେଲେ । ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଭଗୀରଥି ହେଲେ ଅସୁସ୍ଥ ।

ଓଡ଼ିଶାରେ କଂଗ୍ରେସ ଶାସନ ହେଲା । ଜିଲ୍ଲାରେ ଶ୍ରୀ ପଟ୍ଟନାୟକଙ୍କ ସାଥୀ ସହଯୋଗୀମାନେ ହେଲେ ବିଧାନ ସଭା ର ସଦସ୍ୟ । ଗୋଟିଏ ନୂତନ ଉନ୍ମାଦନାରେ

Digitized by PPRACHIN, SOA

ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା ପ୍ରଭୃତି ସ୍ଥାନ ମାନଙ୍କରେ ବଡ଼ ବଡ଼ ଜନସଭା ହେଲା । ଜମ୍ମୁ କଷ୍ଟ ଓ ଭଗୀରଥିଙ୍କ ସଙ୍ଗରେ ପଣ୍ଡିତ ରଘୁନାଥଙ୍କର ଶୁଭ୍ର, ହରେକୃଷ୍ଣ ମହତାବ, ଲକ୍ଷ୍ମୀନାରାୟଣ ମିଶ୍ର ଇତ୍ୟାଦି ଉପସ୍ଥିତ ରହି ଜନ ସାଧାରଣଙ୍କୁ ଜଣାଇଲେ କୃତଜ୍ଞତା । ସରକାର ଗଠିତ ହେଲା । କଂଗ୍ରେସ କ୍ଷମତାକୁ ଆସିଲା । କିନ୍ତୁ ଭଗୀରଥି, ତାଙ୍କର ସହଯୋଗୀ ବୃନ୍ଦ ଓ ଅନ୍ୟ ବଡ଼ ବଡ଼ ନେତାମାନେ ଗାଁଗହଳକୁ ଯାଇ ଖଟିଖିଆ ଗରିବ କୃଷକ ମାନଙ୍କୁ ଯେଉଁ ଆଶ୍ୱାସନା ସବୁ ଦେଇ ଆସିଥିଲେ ସେ ସବୁ ପୂରଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଶାସନକୁ ଆସିବା ପୂର୍ବରୁ ଯେଉଁମାନେ ଦୃଢ଼-ଟାଣୁଆ ପ୍ରତିଶ୍ରୁତି ଦେଉଥିଲେ ଶାସନକୁ ଆସିବା ପରେ ସେ ପ୍ରତିଶ୍ରୁତି ମାନଙ୍କ ସ୍ୱର - ଶବ୍ଦ - ବାକ୍ୟ ଓ ଭଙ୍ଗି ସବୁ ହୋଇଗଲା ନରମ । ଭଗୀରଥି ତାଙ୍କ ଏକକାଳୀନ ସହଧର୍ମୀ - ସହଯୋଗୀମାନଙ୍କ ତାଦୃଶ ହାବଭାବ ଦେଖି ହତୋତ୍ସାହ ହେଲେ । ସେ କିନ୍ତୁ ନିରାଶ ହେବାର ଲୋକ ନୁହନ୍ତି । ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ଓ ଚିନ୍ତାମଣି ପୂଜାରୀଙ୍କୁ ସଙ୍ଗରେ ଧରି ସେ ଲାଗିପଡ଼ିଲେ କୃଷକ ସଂଗଠନରେ । ସେହିବର୍ଷ ଶ୍ରୀ ପଟ୍ଟନାୟକ ଏତେ ଅଭାବଗ୍ରସ୍ତ ହୋଇପଡ଼ିଥିଲେ ଯେ କଂଗ୍ରେସ ସଭ୍ୟ ହେବାପାଇଁ ଚାରିଅଣା ପଇସା ମଧ୍ୟ ନଥିଲା । ସେ ଘନଶ୍ୟାମ ପାଣିଗ୍ରାହୀଙ୍କ ଠାରୁ ତା ୪ । ୯ । ୩୭ ଦିନ ଚାରିଅଣା ଧାର ଆଣି ସଦସ୍ୟତା ନବୀକରଣ କରିଥିଲେ । ବିଭିନ୍ନ ଅଞ୍ଚଳରେ କୃଷକ ସଭାର ଆୟୋଜନ କରି କୃଷକମାନଙ୍କ ନ୍ୟାଯ୍ୟ ଦାବୀ ହାସଲ ପାଇଁ ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କରିଥିଲେ । କୃଷକ ମାନଙ୍କ ଉପରେ ପ୍ରାଦେଶିକ କଂଗ୍ରେସ ଶାସନ ପ୍ରତି ନୈରାଶ୍ୟ ଦେଖାଦେଲା । ଶ୍ରୀ ପଟ୍ଟନାୟକ ଛାତ୍ର ସଂଗଠନରେ ମଧ୍ୟ ମନୋନିବେଶ କରିଥିଲେ ।

ତେଣେ କଂଗ୍ରେସ କର୍ମୀ ମାନଙ୍କ ଭିତରେ ଉପୁଜିଲା କଳହ । ଶାସନକୁ ଯାଇ - ପଇସା ପାଇ ଜନସାଧାରଣଙ୍କ ଦୃଷ୍ଟି କାମ ନ କରିବା ବାଲାଙ୍କର ଗୋଟିଏ ଦଳ ଏବଂ ଶାସନ ଦଳ ବାହାରେ ରହି - ଲୋକ ଉପବାସ ସହି ଜନସାଧାରଣଙ୍କ ସେବାରେ ଲାଗିଥିବା ଅନ୍ୟ ଗୋଟିଏ ଦଳ । ଏହାପରେ ଓଡ଼ିଶାରେ ତଥା ସମଗ୍ର ଦେଶରେ ପ୍ରଗତିଶୀଳ ଲୋକମାନେ କଂଗ୍ରେସ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସେତେବେଳେ କଂଗ୍ରେସ ସଂଗଠନ ମଧ୍ୟରେ ଥାଇ ଗରିବ, ଖଟିଖିଆ, କୃଷକ ଓ ମୂଲିଆ ମାନଙ୍କ ସପକ୍ଷରେ ନିର୍ଭୀକ ଭଗୀରଥି, କଂଗ୍ରେସ ସରକାର ର

Digitized by PPRACHIN, SOA

ସମାଲୋଚନାରେ କୁଣ୍ଠିତ ନଥିଲେ । ତାଂକ ସହ ଚନ୍ଦ୍ରମଣି ଓ ବନଶ୍ୟାମ ଏକମତ ଥିଲେ ।

ସେ ପ୍ରାଦେଶିକ କଂଗ୍ରେସୀ ଶାସନରେ ଲୁଣ ହୋଇଗଲା ମହଙ୍ଗା; ଭାଗୀରଥି କହିଲେ ଗାନ୍ଧିଜୀଙ୍କର ଲୁଣମରା ବ୍ୟର୍ଥ ହୋଇଗଲା । କେନ୍ଦୁପତ୍ର ବ୍ୟବସାୟୀମାନଙ୍କ ଠାରୁ ମୋଟା ଅସୁଲ କରି ସରକାରରେ ଥିବା କେତେ ଲୋକ ହେଲେ ମୋଟା । ବଢିଲା କେନ୍ଦୁପତ୍ରର ଦର । ବିଡ଼ି ହେଲା ମହଙ୍ଗା । ବିଡ଼ି ପିଆ ବୃଦ୍ଧୀ ମୂଲିଆଂକ ଅଣ୍ଟାରୁ ଅଧିକ ପଇସା ଖସିଲା । ଲୁଣ ଓ କେନ୍ଦୁପତ୍ରର ଏକଚାଟିଆ ବ୍ୟବସାୟକୁ ସମାପ୍ତ କରିବା ପାଇଁ ଭାଗୀରଥି ଓ ଚନ୍ଦ୍ରମଣି ଜିଲ୍ଲା କଂଗ୍ରେସ କମିଟିରେ ପ୍ରସ୍ତାବ ଆଗତ କଲେ । ପ୍ରସ୍ତାବକୁ ଉପସ୍ଥିତ ସଭ୍ୟମାନେ ସମର୍ଥନ କଲେ କିନ୍ତୁ କାର୍ଯ୍ୟରେ ପରିଣତ ହେଲାନାହିଁ । ତା ୨୭ । ୧୦ । ୩୭ ଦିନ ସମ୍ବଲପୁର ଟାଉନହଲ ଠାରେ ଗୋଟିଏ ବଡ ସଭା ହେଲା । ଆୟୋଜକ ଥିଲେ ଭାଗୀରଥି ଓ ଚନ୍ଦ୍ରମଣି । ସଭାପତିତ୍ୱ କରିଥିଲେ ବୃନ୍ଦାବନ ଗୁରୁ । ଗୋପବନ୍ଧୁ ଚୌଧୁରୀ ଥିଲେ ମୁଖ୍ୟବକ୍ତା । ଚୌଧୁରୀ ନିଜ ଭାଷଣରେ କହିଲେ — "ଏ ପ୍ରାଦେଶିକ ଶାସନ ହେଉଛି ଇଂରେଜ ମାନଙ୍କର ଗୋଟିଏ ଗୋଟିଏ ଜେଲଖାନା । ଏହି ଜେଲଖାନା ମାନଙ୍କ ଭିତରେ ପ୍ରାନ୍ତୀୟ ଏସେମ୍ବ୍ଲି ର ଶାସକ ମାନ ଅଛନ୍ତି ଓ ଇଂରେଜ ମାନଙ୍କ ଅଧିନରେ ଥିବା ଆମ୍ଭମାନଙ୍କ ଉପରେ ଶାସନ ଚଳାଉଛନ୍ତି । ଅର୍ଥାତ ଜେଲଭିତରେ ରହୁଥିବା କଏଦୀ ମାନଙ୍କ ଭିତରୁ ଯେପରି କିଛି କଏଦୀ ଙ୍କୁ ପଗଡ଼ି ବାନ୍ଧି ଓ ମେଟ ପଦର ପୁରସ୍କାର ଦେଇ ତାଙ୍କ ଦ୍ୱାରା ସବୁ କଏଦୀ ମାନଙ୍କୁ ଶାସିତ କରାଯାଏ, ସେହିପରି ଅବସ୍ଥା ଆମ ଦେଶରେ ଘଟିଛି ।" ଗୋପବନ୍ଧୁ ଚୌଧୁରୀ ଙ୍କ କଥା ଭାଗୀରଥି ଓ ଚନ୍ଦ୍ରମଣି ଙ୍କ ମନକୁ ଛୁଇଁଲା ।

ଭାଗୀରଥି ସଂଗଠନ କାମରେ ଲାଗିଥାଆନ୍ତି । ସେ ଜାଣିଲେ ଯେ ସମ୍ବଲପୁରର (ଉଜ୍ଜେପୁର ଥାନା) ର ଗୋଟିଏ ଝିଅ ସରୁବାହାଲ କଂଗ୍ରେସ କାମ କରିବା ପାଇଁ ଅତ୍ୟନ୍ତ ଇଚ୍ଛୁକ । ଘଟନାପୂର୍ବ ଦମ୍ପତି ତା ୧୭ । ୧୧ । ୩୭ ଦିନ ସେ ଝିଅକୁ ପିନ୍ଧିବାକୁ ଦେଲେ ଖଦଡ଼ଶାଢ଼ୀ । ସେ ଝିଅକୁ ଦିନେ ଓଡ଼ିଶାର ସମସ୍ତେ ଚିହ୍ନିଲେ-

Digitized by PPRACHIN, SOA

ପାଙ୍କଷ ଗିର । ବର୍ତ୍ତମାନ ପାଇକମାନେ ମାତୃନିକେତନ ର ସେ ମାତା ଓ ନନନ୍ଦ ସେବା ଯୋଗୁଁ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତା ।

ଏ ସମୟରେ ଦୁଇଟି ଦୁଃସମ୍ବାଦ ଭଗୀରଥି ଙ୍କୁ ବ୍ୟଥିତ କରିଥିଲା । କନପାଲ ଜମିଦାରୀର ଶେଷ ରାଣୀ ସ୍ୱର୍ଗୀୟ ସୂର୍ଯ୍ୟୋଦୟ ସିଂହ ଙ୍କ ବିଧବା ପତ୍ନୀ ପ୍ରଭାସ କୁମାରୀ ଙ୍କ ତା ୨୧ । ୬ । ୩୭ ଦିନ ମୃତ୍ୟୁ ହେଲା । ରାଣୀଙ୍କ ଗୋଟିଏ ବାକ୍ୟ ତାଙ୍କ ଉଇଲ ରେ ଉଲ୍ଲିଖିତ ହୋଇଛି ... " ମୁ ଅଙ୍ଗୀକାର କନପାଳର ଜନ୍ମ କଲ୍ୟାଣ ମାର୍ଗେ । ଏହି ଦୁଇହଜାର ଟଙ୍କା ଗରିବଙ୍କ କାମରେ ଲଗାଇଦେବ । " ଟଙ୍କା ଓ ଆଦେଶ ମୃତ୍ୟୁ ପରେ ତାଙ୍କ ବାକ୍ସରୁ ବାହାରିଥିଲା । ତା ୧୨-୧୨-୩୭ ଦିନ ଭଗୀରଥି ଙ୍କ ହେଲା ମାତୃବିୟୋଗ; ରାଣୀ ପଟ୍ଟନାୟକ ଇହଲୀଳା ସମ୍ବରଣ କଲେ । ମାତାଙ୍କ ମୃତ୍ୟୁରେ ଶ୍ରୀପଟ୍ଟନାୟକ ବିହ୍ୱଳ ହୋଇ ପଡ଼ିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବ୍ୟକ୍ତିଗତ ସତ୍ୟାଗ୍ରହ

ତା ୧ । ୯ । ୩୯ ଦିନ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ସାରାଦେଶରେ କଂଗ୍ରେସ ସଂଗଠନ ଭିତରେ ଖେଳିଗଲା ଚାଞ୍ଚଲ୍ୟ । ପ୍ରାଦେଶିକ ସରକାର କିମ୍ବା ଜାତୀୟ କଂଗ୍ରେସ ସଙ୍ଗେ ପରାମର୍ଶ ନକରି ବ୍ରିଟିଶ ସରକାର ଭାରତ କୁ ଯୁଦ୍ଧରେ ଜଡ଼ିତ କରିଦେଲେ । ଏହା ଜାତୀୟ କଂଗ୍ରେସ ଓ ପ୍ରାନ୍ତୀୟ ସରକାର ମାନଙ୍କ ସ୍ୱାଭିମାନ କୁ କଠୋର ଆଘାତଦେଲା । ପ୍ରାନ୍ତୀୟ ସରକାର ମାନେ ପାଳନ ମେଣ୍ଟପତ୍ର ଦେଇଥିଲେ । ଏ ସମୟ ରେ ତୀବ୍ର ଆଲୋଚନା ସମାଲୋଚନା ଚାଲିଥିଲା ଦେଶ ଭିତରେ । ଗାନ୍ଧିଜୀ "ହରିଜନ ସେବକ" ରେ ବ୍ରିଟିଶ ସରକାରଙ୍କ ଏହି ନୀତି ବିରୁଦ୍ଧରେ ଲେଖିଲେ । ଭାରତୀୟ ସେନା କୁ ବ୍ରିଟିଶ ସରକାର ଲଢ଼େଇ ଦେଇଥିଲେ ଫାସିଷ୍ଟ ହିଟଲର ସେନା ସାଙ୍ଗରେ ଏବଂ ଭାରତର ପୂର୍ବଦିଗ୍ ମାଡ଼ିଆସୁଥିଲେ ସାମ୍ରାଜ୍ୟବାଦୀ ଜାପାନ ସେନା । ଗାନ୍ଧିଜୀ କହିଲେ- "ଆମେ ଜାପାନ ସେନାର ଅହିଂସ ପ୍ରତିରୋଧ କରିବା ।" ଗାନ୍ଧିଜୀ ଏ ସମୟ ରେ ପ୍ରତି ଦିନ ଶହ ଶହ ପତ୍ର ପାଉଥିଲେ । ପ୍ରତ୍ୟେକ ପତ୍ରର ଉତ୍ତର ସେ ଦେଉଥିଲେ "ହରିଜନ ସେବକ" ରେ ।

Digitized by PPRACHIN, SOA

ଜଣେ ସ୍ତ୍ରୀ ଲୋକ ଗାନ୍ଧିଜୀ ଙ୍କୁ ପଚାରିଥିଲେ -"ଆମେ ସ୍ତ୍ରୀ ଲୋକ ମାନେ ଅସ୍ତ୍ର ଶସ୍ତ୍ର ଧରି ଜାପାନୀ ସେନାର କପରି ବିରୋଧ କରିବୁ ? "ଗାନ୍ଧିଜୀ ଉତ୍ତରରେ ଲେଖିଲେ-"ତମର ନଖଅଛି, ଦାନ୍ତଅଛି, ତମ ବୋଷଳ ଘରେ ପନିକା, ଛୁରୀ, କଟାରୀ ଅଛି । ତା ଦ୍ୱାରା ତୁମେ ପ୍ରତିରୋଧ କର ଏବଂ ପ୍ରାଣବଳୀ ଦିଅ ।" ଗାନ୍ଧି ଙ୍କ କଲମରୁ ଏପରି କଥା ପଢ଼ି ଶୁଣି ଲୋକଙ୍କ ମନରେ ପ୍ରତିକ୍ରିୟାତ୍ମକ - ସଂଶୟାତ୍ମକ ବିଚାର ଜାତ ହେଲା । ତାର ଉତ୍ତର ମଧ୍ୟ ଗାନ୍ଧିଜୀ ଦେଲେ - " ଅହିଂସା କାପୁର (ଭୀରୁ, କାପୁରୁଷ) ମାନଙ୍କ ପାଇଁ ନୁହେଁ । ଆମେ ଅସ୍ତ୍ର ଶସ୍ତ୍ର ନେଇ କାହାର ବିରୁଦ୍ଧରେ ଲଢ଼ିବା ନାହିଁ, କିନ୍ତୁ ହିଂସାର ପ୍ରତିରୋଧ କରିବା ହେଉଛି ଆମର ଧର୍ମ । ତାହା ନଖ ଦନ୍ତ ରେ ହେଉ ବା ପନିକା ରେ ହେଉ । ବ୍ରିଟିଶ ସରକାର ଙ୍କ ଯୁଦ୍ଧ ନୀତି ବିରୁଦ୍ଧ ରେ ଦେଶର ଚାରିଆଡେ ସଭାସମିତି ହେଲା । ଜନମତ ସୃଷ୍ଟି କରିବା ପାଇଁ ତା ୧୨-୯-୪୦ ଦିନ ଭାଗୀରଥି ସମ୍ବଲପୁର ବଲବନ୍ଧା ଠାରେ ଗୋଟିଏ ବିରାଟ ଜନସଭାର ଆୟୋଜନ କରିଥିଲେ ।

୧୯୪୦ ମସିହାରେ ଅଖିଳ ଭାରତୀୟ କଂଗ୍ରେସ ମହା ଅଧିବେଶନ ରାମଗଡ଼ (ବିହାର) ଠାରେ ଅନୁଷ୍ଠିତ ହେଲା । ସଭାପତିତ୍ୱ କରିଥିଲେ ମୌଲାନା ଅବୁଲ କଲାମ୍ ଆଜାଦ୍ । ଅଧିବେଶନ କୁ ଆସିଥିଲେ ମହାତ୍ମା ଗାନ୍ଧି, ସୀମାନ୍ତ ଗାନ୍ଧି ଅବଦୁଲ ଗଫର ଖାଁ, ଶ୍ରୀମତୀ ସରୋଜିନୀ ନାଇଡୁ, ଜବାହର ଲାଲ, ପଟ୍ଟାଭି ସୀତା ରାମୟା ଆଦି ଦେଶର ସମସ୍ତ ବଡ଼ ବଡ଼ ନେତା । ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ ଥିଲେ ସ୍ୱାଗତାଧ୍ୟକ୍ଷ,ସମ୍ପାଦକ ଥିଲେ ଅନୁଗ୍ରହ ନାରାୟଣ ସିହ୍ନ,ଜି. ଓ. ସି.-ଶ୍ରୀ ଶ୍ୟାମା ପ୍ରସାଦ ସିଂ, ଏ. ଜି. ଓ. ସି, ଶ୍ରମହୂଜ ଦେଲ୍‌ଥ୍ୟାଣ୍ଡେ ଏବଂ କମାଣ୍ଡର ମାନଙ୍କ ମଧ୍ୟରେ ଥିଲେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ । କାର୍ଯ୍ୟକାରିଣୀ ସମିତିର ସଦସ୍ୟ ମାନଙ୍କ ସୁବିଧା ଅସୁବିଧା ତଥା ସମିତିର ସୁପରିଚାଳନା ଦାୟିତ୍ୱ ଥିଲା ପ୍ରଫୁଲ୍ଲ ଙ୍କ ଉପରେ । ତେଣୁ ସମସ୍ତ ବଡ଼ ବଡ଼ ନେତା ମାନଙ୍କ ସଙ୍ଗେ ସାକ୍ଷାତ୍ - ଆଲୋଚନାର ଅପୂର୍ବ ସୁଯୋଗ ସେ ପାଇଥିଲେ । ଅଧିବେଶନ ବେଳେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଲା । କଂଗ୍ରେସ ର ଦଳେ ନେତା ଚାହିଁଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ସରକାର ଯେତେବେଳେ ବ୍ୟସ୍ତ ଠିକ୍ ସେତିକିବେଳେ ଗୋଟିଏ ବଡ଼ଧରଣର ଆନ୍ଦୋଳନ କରି ସେମାନଙ୍କୁ ସବୁଦିନ ପାଇଁ ଏ ଦେଶରୁ ବିତାଡ଼ିତ କରାଯାଉ । ସେ ପକ୍ଷେ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ତ୍ୟାଗ କରି ଗୋଟିଏ ନୂତନ ଦଳ " ଫରୱାର୍ଡ ବ୍ଲକ " ଗଠନ କରି ଇଂରେଜ ସରକାର ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ପାଇଁ ପ୍ରସ୍ତୁତି ଚଳାଇ ଥିଲେ । ସମସ୍ତଙ୍କ ଭାଷଣ ପରେ ଗାନ୍ଧିଜୀ କହିଲେ - " ଯଦି ତମେ ମୋତେ ନେତା ବାଛୁଛ ତେବେ

Digitized by PPRACHIN, SOA

ମୋର କଥା ମାନ ଚଳ । ଆଜ ଯଦି ତମେ ନିଜ ନିଜ ହାତରେ ନେଉଛ, ରଖିବାକୁ ଗ୍ରହ ମୋର କିଛି ଆପତ୍ତି ନାହିଁ, କିନ୍ତୁ ମୋତେ ଛୁଡ଼ିଦିଅ ।" ଗାନ୍ଧିଙ୍କ ଏ କଥା ପରେ ଉଗ୍ର ଦଳର ସଦସ୍ୟ ପଞ୍ଜାବୀ ନେତାମାନେ ମଧ୍ୟ କହିଲେ - "ହଉ ବାପୁ, ଆମେ ତମ ଉପରେ ଭରସା ରଖିଛୁ । ତମେ ଯେମିତି କହିବ ଆମେ ସେହିପରି କାମକରି ଯିବୁ ।"

ବ୍ୟକ୍ତିଗତ ସତ୍ୟାଗ୍ରହ ର ଘୋଷଣା କଲେ ଗାନ୍ଧିଜୀ । ପୂର୍ବ ଓ ପଶ୍ଚିମ ପଟେ ଉଭୟଙ୍କର ଯୁଦ୍ଧ, ରକ୍ତପାତ, ଦାରୁଣ ବିପ୍ଳବ ର କୋଳାହଳ ଲାଗିଥିଲା ବେଳେ ଗାନ୍ଧିଜୀ ବ୍ୟକ୍ତିଗତ ସତ୍ୟାଗ୍ରହ ର ଯେଉଁ ଘୋଷଣା କଲେ ସେ ଶଙ୍ଖ ନାଦ ରେ ଜାଗି ଉଠିଲା ସମଗ୍ର ଭାରତ ବର୍ଷ । କିନ୍ତୁ ସେ ସତ୍ୟାଗ୍ରହର ଅସଲ ମର୍ମ କୁ ଅନେକ ବୁଝି ପାରିଲେ ନାହିଁ । ଗୋଟିଏ ମାତ୍ର ସ୍ଲୋଗାନ ଥିଲା — " ଇସ୍ ବ୍ରିଟିଶ୍ ସରକାର କୋ ଇସ୍ ଲଢ଼ାଇ ମେ ହମ ନହିଁ ଦେଙ୍ଗେ ଏକ୍ ଭାଇ, ନହିଁ ଦେଙ୍ଗେ ଏକ୍ ପାଇ ।" ଅର୍ଥାତ୍ ଏହି ଯୁଦ୍ଧଖୋର ବ୍ରିଟିଶ୍ ସରକାର କୁ ଆମେ ଲୋକବଳ ବା ଅର୍ଥବଳ ଦେବୁ ନାହିଁ । ପ୍ରଥମ ସତ୍ୟାଗ୍ରହୀ ରୂପେ ଗାନ୍ଧିଜୀ ନୈଷ୍ଠିକ ବ୍ରହ୍ମଚାରୀ ସନ୍ଥ ବିନୋବା ଭାବେ ଙ୍କୁ ମନୋନୀତ କଲେ । ପ୍ରତ୍ୟେକ ରାଜ୍ୟରେ ସେ ବାଛିଲେ ଗୋଟିଏ ଗୋଟିଏ ଡିକ୍ଟେଟର । ବିହାର ର ଡିକ୍ଟେଟର ଥିଲେ ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ - ସହାୟକ ଡିକ୍ଟେଟର ଥିଲେ ପ୍ରଫେସର ଅବଦୁଲ ବାରି । ସାନ୍ତାଳ ପ୍ରଗଣା ଜିଲ୍ଲା'ର ଡିକ୍ଟେଟର ଥିଲେ ମୋତିଲାଲ କେଜରିୱାଲ୍ ଓ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ । ରାଜେନ୍ଦ୍ର ବାବୁ ଙ୍କ ପରାମର୍ଶ କ୍ରମେ ବାରି ସାହେବ ଏ ଦୁଇଜଣ ଙ୍କୁ ଜିଲ୍ଲା ଡିକ୍ଟେଟର ରୂପେ ମନୋନୀତ କରିଥିଲେ ।

ବ୍ୟକ୍ତିଗତ ସତ୍ୟାଗ୍ରହୀ ମାନଙ୍କ ସଂଗଠନ ରେ ଭାଗୀରଥି ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଦେଲେ । ସମଗ୍ର ସମ୍ବଲପୁର ଜିଲ୍ଲା ତଥା ବୋଡ଼ାସମ୍ବର, ଜଗଦଳପୁର ଖଡିଆଲ, ନୂଆଁପଡ଼ା କଣ୍ଟାବାଞ୍ଜି ଆଦି ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାର ଗ୍ରାମେ ଗ୍ରାମେ ପଦବ୍ରଜରେ ବୁଲି ବୁଲି ସେ ସତ୍ୟାଗ୍ରହୀ ମାନଙ୍କୁ ଜେଲ ପଠାଇ ଥିଲେ । ସେତେବେଳେ ଜମ୍ବୁକଣ୍ଠ ଦେବୀ ହୃଦ୍ ରୋଗରେ ପୀଡ଼ିତ ଥିଲେ । ପ୍ରହଲ୍ଲାଦ ରାୟ ଲାଠ ଙ୍କ ସମେତ ଅନେକ ବ୍ୟକ୍ତି ସେତେବେଳେ ସତ୍ୟାଗ୍ରହୀ ହୋଇ ଜେଲଦଣ୍ଡ ପାଇଥିଲେ । ଗାନ୍ଧିଙ୍କ ଆଦେଶ ଥିଲା ପ୍ରାନ୍ତୀୟ ବା ଜିଲ୍ଲା ସ୍ତରୀୟ ଡିକ୍ଟେଟର ମାନେ ଏହି ଜେଲ୍ ନଯାଇ ସଂଗଠନ କରିବେ । ଭାଗୀରଥି ସେଥିର ଜେଲ ଯାଇ ନଥିବାରୁ ଅନୁମିତ ହୁଏ ଯେ ସେ ଏ ଅଞ୍ଚଳର ଡିକ୍ଟେଟର ଥିଲେ । ତାଙ୍କର ଏ ଭ୍ରମଣ ଭିତରେ ଖଡିଆଲ,

Digitized by PPRACHIN, SOA

ନୂଆଁପଡ଼ା, କଣ୍ଟାବାଞ୍ଜି ପ୍ରଭୃତି ଅଞ୍ଚଳରେ ବ୍ୟାପକ ଧାନ ମରୁଡ଼ି ହୋଇଥାଏ । ହଜାର ହଜାର ଲୋକ ଦୁଃଖ ଦୁର୍ଦ୍ଦଶା ଗ୍ରସ୍ତ ହୋଇ ପଡ଼ିଥିଲେ । ସେହି ମରୁଡ଼ିର ଗୋଟିଏ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରି ଭାଗୀରଥି ତା ୧୫ । ୧ । ୪୧ ଦିନ ପ୍ରାନ୍ତୀୟ କଂଗ୍ରେସ କମିଟୀର ସଦସ୍ୟ ପ୍ରାଣକୃଷ୍ଣ ପଡ଼ିଆରୀ, ମାଳତୀ ଚୌଧୁରୀ ଓ ପ୍ରହ୍ଲାଦ ବାବୁଙ୍କୁ ଦେଇଥିଲେ । ତିନିମାସ ପର୍ଯ୍ୟନ୍ତ ଗ୍ରାମେ ଗ୍ରାମେ ବୁଲି ବୁଲି ସେ ରିପୋର୍ଟ ପ୍ରସ୍ତୁତ କରିଥିଲେ । ରିପୋର୍ଟ ପାଇଁ ଓଡ଼ିଶା ଶାସନ କଳ ଭିତରେ ଚହଳ ପଡ଼ିଯାଇଥିଲା । ଯାଞ୍ଚ କମିଟୀ ଟିଏ ସେ ସବୁ ଅଞ୍ଚଳ ଗସ୍ତ କରିଥିଲା । ପ୍ରାଦେଶିକ ସରକାରକୁ ଯାଇଥିବା ଯେଉଁ ସଦସ୍ୟମାନଙ୍କ ମନରୁ ଆନ୍ଦୋଳନର ପ୍ରବୃତ୍ତି ହ୍ରାସ ପାଇ ଯାଇଥିଲା, ସେମାନଙ୍କୁ ଭାଗୀରଥି ଭୀଷଣ ଭର୍ତ୍ସନା କରିଥିଲେ । ପ୍ରାଦେଶିକ ସରକାର ଭାଙ୍ଗିଯିବା ପରେ ଅନେକ କର୍ମୀ ଘରେ ବସି ରହିଲେ । ସେମାନଙ୍କୁ ଘରୁ କାଢି ସତ୍ୟାଗ୍ରହରେ ସକ୍ରିୟ କରାଇଲେ ଭାଗୀରଥି । ଚିନ୍ତାମଣି ପୂଜାରୀ ଓ ଶ୍ରୀମତି କମଳା ମିଶ୍ର (ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସହଧର୍ମିଣୀ) ହୃଦ୍‌ରୋଗରେ ପୀଡ଼ିତ ହୋଇଥିବାରୁ ସେମାନଙ୍କୁ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା ମଧ୍ୟ ସେ କରିଥିଲେ କିନ୍ତୁ ନିଜ ସହଧର୍ମିଣୀଙ୍କ ପାଇଁ ସେ କିଛି କରି ପାରି ନଥିଲେ ।

ଏ ମଧ୍ୟରେ କେତୋଟି ମୃତ୍ୟୁ ସମ୍ବାଦ ଭାଗୀରଥିଙ୍କୁ ବ୍ୟଥିତ କରିଥିଲା । ତା ୨୦ । ୧ । ୪୨ ଦିନ ବରପାଲ ଜମିଦାରୀର ଉତ୍ତରାଧିକାରୀ ଉଦୟଚାନ୍ଦ ସିଂହ ଦେହତ୍ୟାଗ କଲେ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଚବିଶ ତାରିଖ ଦିନ ଜେଲରୁ ମୁକ୍ତ ହୋଇ ଆସିଲେ । ତାଙ୍କ ଠାରୁ ଦୁଃଖଦ ସମ୍ବାଦ ମିଳିଲା ଯେ ଜେଲ ଭିତରେ ସତ୍ୟାଗ୍ରହୀ ଭାଗବତ ବେହେରା ଓ ଡମରୁଧରଙ୍କ ମୃତ୍ୟୁ ହୋଇ ଯାଇଛି । ସେହିବର୍ଷ ଫେବୃୟାରୀ ୧୧ ତାରିଖ ଦିନ ଗାନ୍ଧିଙ୍କ ପ୍ରିୟ ଶିଷ୍ୟ ଓ ଭାଗୀରଥିଙ୍କ ସୁପରିଚିତ ଯମୁନାଲାଲ ବଜାଜ୍‌ଙ୍କ ମହାପ୍ରୟାଣ ହେଲା । ଯମୁନାଲାଲ ବଜାଜଙ୍କୁ ଗାନ୍ଧି ତାଙ୍କର ଜ୍ୟେଷ୍ଠ ପୁତ୍ର ବୋଲି କହୁଥିଲେ ଏବଂ ବଜାଜ୍ ମଧ୍ୟ ନିଜର ଧନସମ୍ପତ୍ତି ସମର୍ପିତ କରି ଦେଇ ଥିଲେ ଗାନ୍ଧିଜୀଙ୍କ ପାଦତଳେ । ନାଗପୁର ଝଣ୍ଡା ସତ୍ୟାଗ୍ରହର ନେତୃତ୍ୱ ନେଇ ସେ ଇତିହାସରେ ଅମର ହୋଇଯାଇଛନ୍ତି । ଏ ଦୁଃଖଦ ସମସ୍ତର ଭାଗୀରଥିଙ୍କୁ ଦୁର୍ବଳ କରି ନ ଥିଲା । ସେହିବର୍ଷ ଜାନୁୟାରୀ ମାସରେ ସେ ବଡ଼ଗଡ଼ ଠାରେ ଗୋଟିଏ କୃଷକ ସମ୍ମିଳନୀର ଆୟୋଜନ କରିଥିଲେ । ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନରେ ଶହୀଦ୍ ହୋଇଥିବା ବୀର ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ

Digitized by PPRACHIN, SOA

ମାର୍ଚ୍ଚ ୧ ତାରିଖ ଦିନ ସେ ପାଣିମୋରା ଠାରେ ଶହୀଦ ଦିବସ ପାଳନ କରିଥିଲେ । ସେଥିରେ ସଭାପତିତ୍ୱ କରିଥିଲେ ଲକ୍ଷ୍ମୀନାରାୟଣ ମିଶ୍ର ।

ପୁଅ ପାଖରୁ ଫେରିବା ପରେ ଭଗୀରଥି ଓ ଜମ୍ବୁବତୀ ବିହାର ଯିବା ପାଇଁ ପ୍ରସ୍ତୁତ ହେଲେ । ଜିଲ୍ଲାର ସମସ୍ତ ସାଥୀ ସତ୍ୟାଗ୍ରହୀ ମାନଙ୍କ ଠାରୁ ବିଦାୟ ନେଇ ସମ୍ବଲପୁର ରୁ ଯାତ୍ରା ଆରମ୍ଭ କଲେ । ପ୍ରହ୍ଲାଦ ରାୟ ଲାଠ ଙ୍କ ଠାରୁ ଟ ୨୦-୦୦ ନେଇ ତା ୧୧ । ୩ । ୪୨ ଦିନ ଦେଓଘର ଅଭିମୁଖେ ବାହାରିଲେ । ସେତେବେଳେ କିଏ ଜାଣିଥିଲା ଯେ ଏ ଦୁହିଁଙ୍କ ମଧ୍ୟରୁ ଜଣେ ଫେରିବେ ଏକାକୀ ହୋଇ ଜଣକୁ ହରାଇ ସବୁଦିନ ପାଇଁ ।

ଭଗୀରଥୀ ଓ ଜମ୍ବୁବତୀ ଙ୍କ ବିହାର ପ୍ରଦେଶ ଯାତ୍ରା

ଦୁହେଁ ତା ୧୪ । ୩ । ୪୨ ଦିନ ରାମୁଡିହ ସର୍ବୋଦୟ ଆଶ୍ରମ ରେ ପହଞ୍ଚିଲେ । ସେତେବେଳେ ତାଙ୍କ ପୁଅ ପ୍ରଫୁଲ୍ଲ ସନ୍ତାଳ ପ୍ରଗଣା ଜିଲ୍ଲାରେ ଅନେକ କଂଗ୍ରେସ ଆଶ୍ରମ ପରିଚାଳିତ କରୁଥିଲେ । ସେମାନଙ୍କ ମଧ୍ୟରେ ରାମୁଡିହ ଥିଲା ଅନ୍ୟତମ ପ୍ରଧାନ ଆଶ୍ରମ । ସେଇଠି ହେଲା ପୁଅ ସାଙ୍ଗରେ ଭେଟ । ରୋହିଣୀ-ଦେଓଘର -ଦୁମକା ବାଟଦେଇ ତିନିହେଁ ପହଞ୍ଚିଲେ ୧୭ ତାରିଖ ଦିନ ଆମଡାପଡ଼ାରେ । ସଘନ ବନ ପର୍ବତ ଭିତରେ ଅତି ପ୍ରାଚୀନ କାଳରୁ ପ୍ରବାହିତ ହୋଇ ଆସୁଥିବା ବଂଶଲୋଇ ନଦୀ ତଟରେ ଏହି ଗ୍ରାମଟି ଅବସ୍ଥିତ । ଦାମିନ୍-କୋହ ଅର୍ଥାତ୍ ପର୍ବତ କନ୍ଦର ମଧ୍ୟ ଭାଗରେ ଅବସ୍ଥିତ ଏହି ଗ୍ରାମର ଚତୁର୍ଦ୍ଦିଗରେ ଦୂର ଦୂରାନ୍ତ ପର୍ଯ୍ୟନ୍ତ ସନ୍ତାଳ ଉପକାଣ୍ଡସ୍ଥ ଆଦିବସୀ ମାନଙ୍କ ଗ୍ରାମ ସବୁ ଦେଖି ରହିଛି । ପର୍ବତ ମାନଙ୍କ ଶିଖର ପ୍ରଦେଶ ର ଉପରନ୍ତୁ ମାଳ- କୁମାର ଭାଗ ଓ ସୌରିଆ ପାହାଡିଆ ଜାତିର ବସତି । ଏହି ଆଦିବାସୀ ଜାତି ମାନଙ୍କର ସର୍ବାଙ୍ଗୀଣ ଉନ୍ନତି ଓ ବିକାଶ ପାଇଁ ଗଢ଼ା ହୋଇଥିଲା ସନ୍ତାଳ ପାହାଡ଼ିଆ ସେବାମଣ୍ଡଳ ।” ସେ ମଣ୍ଡଳର ପରିଚାଳକ ଥିଲେ ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ ଅମୃତ ଲାଲ ଠକ୍କର (ଠକ୍କର ବାପା) ଓ ମୋତିଲାଲ କେଜରିୱାଲ୍ ; ଅଧ୍ୟକ୍ଷ ଥିଲେ ପଣ୍ଡିତ ବିନୋଦାନନ୍ଦ ଝା; ସମ୍ପାଦକ ଥିଲେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ସତ୍ୟକାଳୀ ଭଟ୍ଟାଚାର୍ଯ୍ୟ ଓ ଶ୍ରୀକୃଷ୍ଣ ପ୍ରସାଦ । ଗୌରୀଶଙ୍କର ଡାଲମିଆ , ସତ୍ୟନାରାୟଣ ପାଣ୍ଡେ ଓ ଠାକୁର ପ୍ରସାଦ ଆଦି ଥିଲେ ପ୍ରମୁଖ ସଦସ୍ୟ । ଆଦିବାସୀ ମାନଙ୍କ ଗ୍ରାମେ ଗ୍ରାମେ ଅନେକ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ

Digitized by PPRACHIN, SOA

ଆମଡ଼ା ପଡ଼ା ଠାରେ ଗୋଟିଏ ଅଂଚଳୀୟ ଆଦିବାସୀ ବିଦ୍ୟାଳୟ ସମ୍ମିଳନ କରାଯାଇଥିଲା । ସେଠାରେ ପ୍ରଥମ ଭଗୀରଥି ଓ ଜମ୍ବୁବତୀ ଙ୍କ ମନ ଉଲ୍ଲସିତ ହୋଇଉଠିଲା । ଉଭୟେ ଆମଡ଼ାପଡ଼ାର ଚତୁଃପାର୍ଶ୍ବସ୍ଥ ଗ୍ରାମ ମାନଙ୍କରେ ବୁଲି ବୁଲି ରୋଗ ଗ୍ରସ୍ତ ମାନଙ୍କ ସେବା ଉପଚାର ରେ ଲାଗିପଡ଼ିଲେ । ସେମାନଙ୍କ ଗଭୀର ଆତ୍ମୀୟତା ଘଟିଲା ଠକ୍କର ବାପା, ବିନୋଦାନନ୍ଦ ଝା, ମୋତିଲାଲ କେଜରୀ ଓ୍ବାଲ୍ ଗୌରୀ ଶଙ୍କର ଡାଲମିଆଁ ସତ୍ୟକାମୀ ବାବୁ ଓ ସତ୍ୟନାରାୟଣ ପାଣ୍ଡେ ଙ୍କ ସାଙ୍ଗରେ ଶ୍ରୀ କୃଷ୍ଣ ତ ଥିଲେ ପ୍ରଫୁଲ୍ଲ ଙ୍କ ସହପାଠୀ । ଜମ୍ବୁବତୀ ଦେବୀ ଙ୍କ ହାତପରସଣା ଖାଇ ବିନୋଦା ବାବୁ ଆଦି ସମସ୍ତେ ତାଙ୍କୁ ମାଆ ବୋଲି ଡ଼ାକୁଥିଲେ । ପଣ୍ଡିତ ବିନୋଦାନନ୍ଦ ଝା ପରେ ହୋଇଥିଲେ ବିହାର ର ମୁଖ୍ୟମନ୍ତ୍ରୀ ।

ଆମଡ଼ାପଡ଼ାର କେନ୍ଦ୍ରୀୟ ଆଶ୍ରମରେ ପ୍ରତିଦିନ ଦୈନିକ ଖବର କାଗଜ ସଙ୍ଗେ ସଙ୍ଗେ ପଢ଼ାଯାଉଥିଲା ଗାନ୍ଧି ଙ୍କ ଦ୍ୱାରା ସମ୍ପାଦିତ ସାପ୍ତାହିକ "ହରିଜନ ସେବକ" ଓ କାକା କାଲେଲକର୍ ଙ୍କ ଦ୍ୱାରା ସମ୍ପାଦିତ ମାସିକ "ସର୍ବୋଦୟ" । ସେତେବେଳେ ଏହି ଦୁଇଟି ପତ୍ରିକା ଥିଲେ କ୍ରାନ୍ତିର ସମ୍ବାହକ ଓ ଏମାନେ ଅଗଷ୍ଟ ୧୯୪୨ ମହାବିପ୍ଳବର ଭିତ୍ତିସ୍ଥାପନ କରିଥିଲେ । ଇତିହାସ ପ୍ରମାଣିତ କରି ଦେଇଛି ଯେ ପ୍ରଥମେ ବୈଚାରିକ ବିପ୍ଳବ ଆସିଥାଏ ଓ ତାପରେ ହିଁ ପ୍ରକୃତ ବିପ୍ଳବ । ସେହି ବୈଚାରିକ ବିପ୍ଳବ ର ଅଗ୍ରଣୀ ଭୂମିକା ନେଇଥିଲେ ଗାନ୍ଧିଜୀ । ଗାନ୍ଧିଜୀ ଯାହା କହୁଥିଲେ, ଲେଖିଯାଉଥିଲେ ସେ ସବୁର ବିସ୍ତୃତ — ସରଳ ବ୍ୟାଖ୍ୟା କରୁଥିଲେ ଗାନ୍ଧିଙ୍କ ମୁଖ୍ୟ ସେକ୍ରେଟାରୀ କିଶୋରୀ ଲାଲ ମଶ୍ରୁୱାଲା ପ୍ୟାରେଲାଲ୍ ଏବଂ ସର୍ବୋଦୟ ତତ୍ତ୍ୱଦର୍ଶୀ କାକା କାଲେଲକର, ଧୀରେନ୍ଦ୍ର ମଜୁମଦାର ଡ଼ଃ ରାଜେନ୍ଦ୍ର ପ୍ରସାଦ ଆଦି । କ୍ରାନ୍ତି ର ବହୁଧାର ଗଢ଼ିଉଠିଲା । ଦେଶର ବୈପ୍ଳବିକ ବୈଚାରିକ ବାତାବରଣ କୁ ଦେଖି ପ୍ରଫୁଲ୍ଲ ପଟ୍ଟନାୟକ, ସତ୍ୟକାମୀ ବାବୁ ଓ ଶ୍ରୀକୃଷ୍ଣ ପ୍ରସାଦ ଗୋପନ ଭାବରେ ଲାଗିପଡ଼ିଲେ ସନ୍ଥାଳ ଓ ପହାଡ଼ିଆ ମାନଙ୍କ ସଂଗଠନ ରେ । ଆସନ୍ନ ବିପ୍ଳବ ପାଇଁ ସେମାନେ ପ୍ରସ୍ତୁତ ହୋଇ ରହିଲେ ।

ଆମଡ଼ା ପଡ଼ାରେ ଥିବାବେଳେ ଭାଗୀରଥି ପାଇଲେ ଗୋଟିଏ ଗଭୀର ଶୋକ ସମ୍ବାଦ । ତାଙ୍କର ଅନ୍ତରଙ୍ଗ ପ୍ରିୟସାଥୀ ଚିନ୍ତାମଣି ପୂଜାରୀ ତା ୩ । ୭ । ୪୨ ଦିନ ଇହଲୀଳା ସମ୍ବରଣ କଲେ । ମୃତ୍ୟୁ ର ଠିକ୍ ପୂର୍ବଦିନ ସେ ଭଗୀରଥି ବାବୁଙ୍କ

Digitized by PPRACHIN, SOA

ନିକଟ କୁ ଖଣ୍ଡିଏ ପତ୍ର ଲେଖିଯାଇଥିଲେ । ଆସନ୍ନ ବିପ୍ଳବ ପାଇଁ ଜିଲ୍ଲାରେ ପ୍ରସ୍ତୁତି ତଥା ଚନ୍ଦ୍ରାମଣି ଙ୍କ ସ୍ମୃତି ଭଗୀରଥି ଙ୍କୁ ଟାଣିଆଣିଲା ସମ୍ବଲପୁର । ଆଗାମୀ କ୍ରାନ୍ତୀ ଯଜ୍ଞରେ ଆହୁତି ଦେବା ପାଇଁ ଜନନୀ ପୁତ୍ରଙ୍କ ଠାରୁ ବିଦାୟ ନେଇ ସେ ୯ । ୭ । ୪୨ ଦିନ ଗୁଡ଼ରେ ଆମଡ଼ାପଡ଼ା ।

ଆସିଗଲା ଅଗଷ୍ଟ ବିପ୍ଳବ

ପୃଥିବୀର ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ଜଳୁଥାଏ ଯୁଦ୍ଧର ନିଆଁରେ । ହିଟଲରର ଫାସିଷ୍ଟ ବାହିନୀ ଓ ନାଜି ବାହିନୀ ସମଗ୍ର ଇଉରୋପ ରେ ଖେଳେଇ ଦେଇଥିଲେ ଆତଙ୍କ । ପ୍ରଗତି ଶୀଳ ଶକ୍ତି ବର୍ଗ ସେମାନଙ୍କ ହାତରେ ପ୍ରାଣମୂର୍ଚ୍ଛା ଲଭୁଥାନ୍ତି । ଏ ପଟେ ସାମ୍ରାଜ୍ୟ ବାଦୀ ଜାପାନ ଆକ୍ରମଣ ଆରମ୍ଭ କରିଦେଲା ବ୍ରିଟିଶ ଶାସନାଧିନ ଭାରତ ଉପରେ । ପାର୍ଲହାରବର ସ୍ଥିତ ନୌବାହିନୀ କୁ ଆକ୍ରମଣ କରି ଧ୍ୱଂସ ବିଧ୍ୱସ୍ତ କରିଦେଲା । ମାଡ଼ିଚାଲିଲା ଆଗକୁ । ୧୫ । ୨ । ୪୨ ଦିନ ସିଙ୍ଗାପୁର କୁ ଦଖଲ କରିନେଲା । ସେଠାରେ ଥିବା ୭୫,୦୦୦ ବ୍ରିଟିଶ ଓ ଭାରତୀୟ ସୈନ୍ୟ ଆତ୍ମସମର୍ପଣ କଲେ ।

କଂଗ୍ରେସ ନେତା ମାନଙ୍କ ଭିତରେ କ୍ରାନ୍ତୀର ଯେଉଁ ପ୍ରତିକ୍ରିୟା ଦେଖା ଦେଇଥିଲା ତାକୁ ଲକ୍ଷ କରି ବ୍ରିଟିଶ୍ ସରକାର ସାର ଷ୍ଟାଫୋର୍ଡ କ୍ରିପ୍ସ୍ କୁ ଭାରତ ପଠାଇଲେ । ବ୍ରିଟିଶ୍ ନେତା ମାନେ ଭାବୁଥିଲେ ଶାନ୍ତସୁଧୀ ଧୀମାନ କୂଟନୀତିଜ୍ଞ କ୍ରିପ୍ସ୍ ହସି ହସି ସବୁସମସ୍ୟାର ସମାଧାନ କରିଦେବେ । କିନ୍ତୁ କ୍ରିପ୍ସ୍ କୂଟନୀତି କୁ ଗାନ୍ଧିଜୀ ହସି ହସି ବିଫଳ କରିଦେଲେ ଓ କ୍ରିପ୍ସ୍ ଖାଲିହାତରେ ଫେରିଗଲେ ଇଂଲଣ୍ଡ ।

ଏଭିତରେ ଜାପାନୀ ମାନଙ୍କ ଅକ୍ତିଆର କୁ ବଙ୍ଗୋପ ସାଗର ଆସିଯାଇଥିଲା । ବ୍ରିଟିଶ ସରକାର ଭାରତ ରକ୍ଷା ପାଇଁ ଆମେରିକାନ୍ ସେନା ଡକାଇ ବାକୁ ସ୍ଥିର କଲେ ମାତ୍ର ଗାନ୍ଧିଜୀ କଂଗ୍ରେସ କାର୍ଯ୍ୟକାରିଣୀ ତଥା ପ୍ରତ୍ୟେକସ୍ତର ରେ ଏ ନିଷ୍ପତ୍ତି କୁ ବିରୋଧ କଲେ ।

୭ ଜୁଲାଇ ୧୯୪୨ ଦିନ ସାବରମତି ଆଶ୍ରମ ଓ୍ୱାର୍ଦ୍ଧା ଠାରେ କଂଗ୍ରେସ

Digitized by PPRACHIN, SOA

କାର୍ଯ୍ୟକାରଣୀ ସମିତିର ବୈଠକ ବସିଲା । ଓର୍ଦ୍ଧ ସାତଦିନ ପର୍ଯ୍ୟନ୍ତ ପୃଥିବୀର ଏହି ଜଟିଳତମ ପରିସ୍ଥିତି ଉପରେ ଆଲୋଚନା ହୋଇ ଐତିହାସିକ " ଭାରତ ଛାଡ଼ " ନିଷ୍ପତ୍ତି ନିଆଗଲା । ସେହିବର୍ଷ ୫ ଅଗଷ୍ଟ ଦିନ ବମ୍ବେଠାରେ ପୁଣି କଂଗ୍ରେସ କାର୍ଯ୍ୟ କାରଣୀର ବୈଠକ ବସି "ଭାରତ ଛାଡ଼" ଆନ୍ଦୋଳନ କୁ ଅନୁମୋଦନ କରିବା ସଙ୍ଗେ ସଙ୍ଗେ ଗାନ୍ଧିଙ୍କ ନେତୃତ୍ୱରେ ସାରା ଭାରତର ଗ୍ରାମେ ଗ୍ରାମେ ଏହି ଆନ୍ଦୋଳନ କୁ ଚୂଡାନ୍ତ ଆନ୍ଦୋଳନ ହିସାବ କରି ବ୍ୟାପକ ତର କରିବାପଇଁ ନିଷ୍ପତ୍ତି ନିଆଗଲା । ସେହି ସମିତିର ପ୍ରସ୍ତାବିତ ସ୍ଲୋଗାନ ହେଲା — " ଇଂରେଜେ । ଭାରତ ଛୋଡ଼ୋ ଭାରତ ଛୋଡ଼ୋ " ୭ ଅଗଷ୍ଟ ଓ ୮ ଅଗଷ୍ଟ ଦିନ ବମ୍ବେ କଂଗ୍ରେସ ମହାଅଧିବେଶନ ରେ କାର୍ଯ୍ୟକାରଣୀର ନିଷ୍ପତ୍ତି ସର୍ବସମ୍ମତି କ୍ରମେ ଗୃହୀତ ହୋଇଗଲା । ଗାନ୍ଧିଜୀ ତାଙ୍କ ଭାଷଣ ରେ ଭାରତ ବାସୀଙ୍କୁ ଦେଲେ ଗୋଟିଏ ନିର୍ଣ୍ଣାୟକ ସଂକଳ୍ପ-ଗୋଟିଏ କଠୋର ମନ୍ତ୍ର — " Do or Die " " କରେଙ୍ଗେ ୟା ମରେଙ୍ଗେ । " ସିଦ୍ଧି ଅଥବା ମୃତ୍ୟୁ । ସେ ଓଜସ୍ୱୀ ଭାଷାରେ କହିଗଲେ — " ଆମେ ଆଜି ଏହି ଯୁଦ୍ଧଖୋର ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରର ଦାସତ୍ୱ କୁ ବରଦାସ୍ତ କରିବୁ ନାହିଁ-ସ୍ୱାଧୀନତା ହାସଲ ପାଇଁ ଆମେ ସମସ୍ତେ ମରିଯିବା ପଛ କେ ଆଉ ଗୋଲାମୀ ସ୍ୱୀକାର କରିବା ନାହିଁ । ଏହା ହେଉଛି ଆମର ଶେଷ ସଂକଳ୍ପ । " ଏ ଅଗ୍ନିମୟ ସଂକଳ୍ପ ପରେମଧ୍ୟ ଗାନ୍ଧିଜୀ ଚାହିଁଥିଲେ ଗୋଟିଏ ନିଷ୍ପତ୍ତି ମୂଳକ କଥାବାର୍ତ୍ତା । ସେ କହିଲେ – " ଏହି ଦୃଢ଼ ସଂକଳ୍ପ ଗ୍ରହଣ କରିବା ପର୍ବରୁ ମୁଁ ବଡ଼ଲାଟ କୁ ଗୋଟିଏ ପତ୍ର ଲେଖିଛି । ଯଦି ବଡ଼ଲାଟ ମୋ ସଙ୍ଗେ କଥାବାର୍ତ୍ତା କରିବାକୁ ଚାହିଁବେ ସେଥିପାଇଁ ମୁଁ ପ୍ରସ୍ତୁତ ଅଛି । "

କିନ୍ତୁ, ଗାନ୍ଧିଜୀ ସେ ପତ୍ର ଖଣ୍ଡିକ ଆଉ ଲେଖି ପାରିଲେ ନାହିଁ । ୯ ଅଗଷ୍ଟ ରବିବାର ଦିନ ବଡ଼ ଭୋରରୁ ଗାନ୍ଧିଜୀ ଓ କଂଗ୍ରେସ କାର୍ଯ୍ୟ କରଣୀର ସମସ୍ତ ନେତା ମାନଙ୍କୁ ଗିରଫ କରିନିଆଗଲା । ଡ଼. ରାଜେନ୍ଦ୍ର ପ୍ରସାଦ ଅସୁସ୍ଥତା ଯୋଗୁଁ ବମ୍ବେ ଯାଇପାରି ନଥିଲେ । ପାଟଣାରେ ସଦାକତ "ଏକ୍ଲାଇଟ" ଉଠୁଥିବା ବେଳେ ସେଠାକାର ଡେପୁଟି କମିସନର W. G. Archer ଆସି ତାଙ୍କୁ ଗିରଫ କରିନେଲେ । ଦେଶର ସବୁ ଆଡ଼େ ବ୍ୟାପକ ଗିରଫ ଦାଉ ଚାଲିଲା । ଦେଶର କୋଣ ଅନୁକୋଣ ରେ ଜଳି ଉଠିଲା ମହାବିପ୍ଳବର ବହ୍ନି ।

ସବୁଜ ଗିରଫ ତାଙ୍କ ପରେ ମଧ୍ୟ କଣ୍ଗ୍ରେସ ସ୍ତରର କେତେକ ନେତା ଆତ୍ମ-ଗୋପନ କରି ରହିଗଲେ ଏ ଆନ୍ଦୋଳନ କୁ ନେତୃତ୍ୱ ଦେବା ପାଇଁ । ସେମାନଙ୍କ ମଧ୍ୟରେ ଥିଲେ ଅରୁଣା ଆସଫଅଲି ଏବଂ ଜୟପ୍ରକାଶ ନାରାୟଣ । ଗୁପ୍ତ ଭାବରେ ଦେଶର ସର୍ବତ୍ର ନିର୍ଦ୍ଦେଶ ପଠାଇଲା — ମୁଖ୍ୟ ନେତା ଓ କ୍ରାନ୍ତିକାରୀ ମାନେ କେହି ଗିରଫ ହୁଅ ନାହିଁ । ପୋଲିସ ହାତରୁ ଲୁଚି ରହ । ଅଗଷ୍ଟ ବିପ୍ଳବ ଗ୍ରାମେ ଗ୍ରାମେ ଯେପରି ପ୍ରସାରି ଲାଭ କରିବ ସେଥିପାଇଁ ସଂଗଠନ କର । ଗିରଫ ହୋଇଯାଇ ଥିବା ବନ୍ଦୀମାନେ ଜେଲରୁ ମୁକୁଳି ଆସିବା ପାଇଁ ଚେଷ୍ଟା କର । ପୋଲିସ ହାତରୁ ଅସ୍ତ୍ର ଶସ୍ତ୍ର ଛଡ଼େଇ ନେଇ ସେ ସବୁକୁ ଗୁପ୍ତ ତଥା ନିରାପଦ ସ୍ଥାନ ମାନଙ୍କରେ ଲୁଚେଇଅ । ରେଳ - ଡାକ-ତାର ସବୁ କୁବିଚ୍ଛିନ୍ନ କରି ବ୍ରିଟିଶ ପ୍ରଶାସନ କୁ ସବୁଦିଗରୁ ଦୁର୍ବଳ ଓ ପଙ୍ଗୁ କରିଦିଅ । ଏ ସମସ୍ତ କାର୍ଯ୍ୟକ୍ରମର ସଂକେତ ମାସେ ଦୁଇମାସ ପୂର୍ବରୁ କାକା ସାହେବ କାଲେଲ୍କର, ମହାଦେବ ଦେଶାଇ, କିଶୋରୀଲାଲ ମଶ୍ରୁୱାଲା ଆଦିଙ୍କ ଲେଖାରୁ ସକ୍ରିୟ ସତ୍ୟାଗ୍ରହୀ ମାନେ ଅନୁଭବ କରିଆସୁଥିଲେ ଗାନ୍ଧୀ ଓ ଅନ୍ୟାନ୍ୟ ନେତା ମାନଙ୍କ ଗିରଫ ର ସମ୍ବାଦ ସହିତ ଅଗଷ୍ଟ ବିପ୍ଳବ ଗ୍ରାମେ ଗ୍ରାମେ ଚହଟିଗଲା । ବ୍ରିଟିଶ ସରକାର ଙ୍କ କଳ୍ପନାର ବାହାରେ ଥିଲା-ଏହା ସଙ୍ଗେ ସଂପୂର୍ଣ୍ଣ ଭାରତ ବର୍ଷରେ ଏ ପରି ମହାନ୍ ବିପ୍ଳବଟିଏ ଆସିଯିବ । କିଛି କାଳ ପାଇଁ ପ୍ରଶାସନ ସ୍ଥାଣୁ ହୋଇପଡ଼ିଲା । କେତେକ ସ୍ଥାନ ରେ ବ୍ରିଟିଶ ସରକାର ର ନାମଗନ୍ଧ ମଧ୍ୟ ରହିଲା ନାହିଁ, ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲା । ବ୍ରିଟିଶ ସରକାର ଭାରତୀୟ ସେନା ଉପରେ ଆଉ ବିଶ୍ୱାସ ନକରି ଆମେରିକାର ସାହାଯ୍ୟ ଲୋଡ଼ିଲେ । ଆମେରିକାରୁ ଆସିଲେ ଧଳାଟିଆ ସଶସ୍ତ୍ର ସେନା । ସେମାନଙ୍କୁ ଲୋକେ ତାଚ୍ଛଲ୍ୟ କରି କହିଲେ 'ଟମି' ଦଳ ।

ତା ୧୧ ଅଗଷ୍ଟ ୪୨ ଦିନ ଘଟିଗଲା ମର୍ମନ୍ତୁଦ ବିହାର ସେକ୍ରେଟାରିଏଟ ହତ୍ୟାକାଣ୍ଡ । ସ୍କୁଲ-କଲେଜର ଛାତ୍ରମାନେ ଯେତେବେଳେ ପାଟଣା ସେକ୍ରେଟାରିଏଟ୍ କୁ ଦଖଲ କରିନେଇ ବ୍ରିଟିଶ ପତାକା ବଦଳରେ ତ୍ରିରଙ୍ଗା ପତାକା ଉଡ଼ାଇଲେ ସେତେବେଳେ ସେହି ଇଂରେଜ ଡେପୁଟୀ କମିଶନର ଆର୍ଚର ଙ୍କ ଆଦେଶରୁ ସାତ ଜଣ ଯୁବକ ଗୁଳି ଚୋଟରେ ନିହତ ହେଲେ । ଏହି ସପ୍ତ ଶହୀଦ ଙ୍କ ପ୍ରେରଣାଦାୟୀ ବ୍ରୋଞ୍ଜ ଷ୍ଟାଚ୍ୟୁ ପାଟଣା ସେକ୍ରେଟାରିଏଟ ସାମନାରେ ରହିଛି । ଏପରି ଅନେକ ଘଟଣା ବିପ୍ଳବର ଅଳ୍ପଦିନ ଭିତରେ ଦେଶର ଚାରିଆଡ଼େ ଘଟିଗଲା ।

Digitized by PPRACHIN, SOA

ଗୋଟିଏ ଜ୍ୟୋତି—ତିନୋଟି ଶିଖା

ତା ୧୯ଜୁଲାଇ ୭୨ ଦିନ ବିହାର ଗୁଡ଼ ଭଗୀରଥି ପଟ୍ଟନାୟକ ଆସିଲେ ଝାରସୁଗୁଡ଼ା । ସେଠାରେ ବିହାସ ରାମ, ରାମ ଭରୋସେ ଆଦି ସମସ୍ତଙ୍କ ସଙ୍ଗେ ବିଷୟ ଆଲୋଚନା କରି ଆସନ୍ନ ବିପ୍ଳବର ବାଣୀ ଶୁଣାଇଲେ । ପଞ୍ଚପଡ଼ା ଯାଇ ତାଙ୍କର ପ୍ରିୟମିତ୍ର ସ୍ୱର୍ଗତ ଚିନ୍ତାମଣି ଙ୍କ ପରିବାରର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଲେ । ସେ ବ୍ୟଥିତ ହୋଇ କହିଲେ-ଠିକ୍ ଯେତେବେଳେ ଏ ଜିଲ୍ଲାରେ ଚିନ୍ତାମଣିଙ୍କର ଦରକାର ଥିଲା ସେତେବେଳେ ସେ ମୋତେ ଓ ସମସ୍ତ ଜିଲ୍ଲା କୁ ନିରାଶାରେ ବୁଡ଼ାଇ ଚାଲିଗଲେ । ତାଙ୍କ ବିୟୋଗରେ ମୋର ଡାହାଣ ବାହୁ ଭାଙ୍ଗି ଯାଇଛି । ତଥାପି ହତୋତ୍ସାହ ହୋଇ ସେ ଆଉ ବସି ରହିଲେ ନାହିଁ । ସମଗ୍ର ଜିଲ୍ଲା ରେ ବୁଲି ବୁଲି ଆସନ୍ନ ବିପ୍ଳବର ପଦଧ୍ୱନି ଶୁଣାଇଲେ - ସଂଗଠନ କଲେ । ମାନପୁର - ରେମଣ୍ଡା - ବରଗଡ଼ - କାଲହିକାତ - ଟୁକୁଲା - ସମଲେଇପଦର - ପଦ୍ମପୁର - - ଭେଡ଼େଁରିଆ - ସଖି ଡ଼ିପା ଓ ସମ୍ବଲପୁର କୁ ଅଗଷ୍ଟ ବିପ୍ଳବର କେନ୍ଦ୍ର ରୂପେ ପ୍ରସ୍ତୁତ କଲେ । ଦୟାନନ୍ଦ ଶତପଥୀ ଓ ନୃସିଂହ ଗୁରୁ ଙ୍କ ଏ ଦିଗରେ ସଂଗଠନାତ୍ମକ କାର୍ଯ୍ୟ ପ୍ରଶଂସନୀୟ । ତାଙ୍କ ପଛରେ ଗୁଇନ୍ଦା ପୋଲିସ୍ ଲାଗିଗଲା । ବିପ୍ଳବ ଆରମ୍ଭ ପୂର୍ବରୁ ସମଗ୍ର ଜିଲ୍ଲାରେ ସେ ଗୋଟିଏ ସୁଦୃଢ଼ ସଂଗଠନ କରିପାରିଥିଲେ ଅରୁଣା ଆସଫ ଅଲି ଙ୍କ ନିର୍ଦ୍ଦେଶ ମତେ ସେ ପୋଲିସ ହାତରୁ ନିଜକୁ ବଞ୍ଚାଇ ସଂଗଠନ କାମରେ ଲାଗିଥିଲେ ।

ଜମ୍ବୁବତୀ ହେଲେ ଗିରଫ

ଗୋଟିଏ ଭଗୀରଥି ସେତେବେଳେ ତିନି ଭାଗରେ ବିଭକ୍ତ ହୋଇ ଯାଇଥାଏ ଜଣେ ସେ ନିଜେ - ଦ୍ୱିତୀୟରେ ତାଙ୍କର ସହଧର୍ମିଣୀ ଜମ୍ବୁବତୀ ଦେବୀ ଓ ତୃତୀୟରେ ତାଙ୍କର ପୁତ୍ର ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ । ଭଗୀରଥି ସମ୍ବଲପୁରରେ ରହି ଅଗଷ୍ଟ ବିପ୍ଳବ ପାଇଁ ସଂଗଠନ କରୁଥିବା ବେଳେ ଦୁମକା (ବିହାର) ରେ ଜମ୍ବୁବତୀ ଏବଂ ସମ୍ପୂର୍ଣ୍ଣ ହାନ୍ତାଳ ତରୁଣ କିଶୋର ପ୍ରଫୁଲ୍ଲ ହାତରେ ମଶାଲ ଧରି ଆଗେଇ ଚାଲିଥିଲେ । ଏହିପରି ଗୋଟିଏ ଜ୍ୟୋତି ତିନି ଭାଗରେ ବିଭକ୍ତ ହୋଇଯାଇଥିଲା ।

ଝୋରମାରା ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର କେତେକ ଗୁରୁଜନ ଓ ଅନ୍ୟ

Digitized by PPRACHIN, SOA

କେତେକ ଯୁବକ କ୍ରାନ୍ତିକାରୀ ୧୭ ଅଗଷ୍ଟ ଦିନ ଗୋପନ ସ୍ଥଳରେ ସମ୍ମିଳିତ ହେଲେ ଦୁମକା ସହରରେ । ତାଂକ ଉପରେ ପ୍ରଶ୍ନ ଉଠିଥିଲା ଝଣ୍ଡାଧରି କିଏ ଚାଲିବ ଶୋଭାଯାତ୍ରାର ଆଗେ ଆଗେ । ପ୍ରଫୁଲ୍ଲଙ୍କ ଜଣେ ସହପାଠୀ ନିତ୍ୟାନନ୍ଦ ମିଶ୍ର ଜାଣିଥିଲେ ଜମ୍ବୁବତୀ ଦେବୀଙ୍କ ରହିବା ସ୍ଥାନ । ସେ ତାଂକ ପାଖକୁ ଯାଇ ତାଂକ ସମସ୍ୟା କଥା କହିବାରୁ ଅସୁସ୍ଥତା ସତ୍ତ୍ୱେ ଶ୍ରୀମତୀ ଜମ୍ବୁବତୀ ଦେବୀ ଓ ଶ୍ରୀମତୀ ପ୍ରେମା ଦେବୀ ବାହାରିପଡିଲେ । ଆଗେ ଆଗେ ଜମ୍ବୁବତୀ ତାଙ୍କ ପଛେ ପ୍ରେମା ଦେବୀ ଓ ଯୁବଛାତ୍ର ମାନଙ୍କ ଶୋଭାଯାତ୍ରା । ଆଗେଇ ଚାଲିଲେ ଜିଲ୍ଲା କୋର୍ଟ ଦଖଲ କରିବା ପାଇଁ । ସମସ୍ତେ ହେଲେ ଗିରଫ । ସୁପ୍ରସିଦ୍ଧ ଐତିହାସିକ ଡ଼ଃ. କେ. କେ. ଦତ୍ତ ତାଂକର “Freedom movement in Bihar” Vol. III ପୁସ୍ତକରେ ଏ ସବୁ ବିଷୟ ଲେଖି ଯାଇଛନ୍ତି । ସେଦିନ ବିହାର ଅଗଷ୍ଟ ବିପ୍ଳବରେ ଶ୍ରୀମତୀ ଜମ୍ବୁବତୀ ପଟ୍ଟନାୟକ ଯେଉଁ ଅଗ୍ରଣୀ ଭୂମିକା ଗ୍ରହଣ କଲେ ତାହା ଦେଶ ଓଡ଼ିଶାର ମାଟି ନିଶ୍ଚୟ ଗର୍ବ ଅନୁଭବ କରୁଥିବ । ଅଗଷ୍ଟ ବିପ୍ଳବ ଚାଲିଥିବା ବେଳେ ଜମ୍ବୁବତୀ ଦେବୀ ବିହାର ର ମୁଖ୍ୟମନ୍ତ୍ରୀ ପଣ୍ଡିତ ବିନୋଦାନନ୍ଦ ଝାଙ୍କ ଘରେ ଅବସ୍ଥାନ କଲେ । ଝା ଙ୍କ ର ସ୍ତ୍ରୀ ପ୍ରମିଳା ଦେବୀ ଜମ୍ବୁବତୀ ଙ୍କୁ ମା ପରି ସେବା କରୁଥିଲେ । ଯେତେବେଳେ ଆତ୍ମଗୋପନକାରୀ କ୍ରାନ୍ତିକାରୀ ମାନେ ପହଞ୍ଚି ଯାଉଥିଲେ । ସେମାନଙ୍କୁ ଆଶ୍ରୟ-ଭୋଜନ ଆଦି ସବୁ ପ୍ରକାର ସାହାଯ୍ୟ ଦେଉ ଥିଲେ ଜମ୍ବୁବତୀ । ଜମ୍ବୁବତୀ ଦେବୀ ଓ ଝା ପରିବାର ର ସମସ୍ତ ଖର୍ଚ୍ଚ ଗୋପନ ଭାବେ ଯୋଗାଇ ଦେଉ ଥିଲେ ସେତେବେଳର ଜିଲ୍ଲା ସରକାରୀ ଉକିଲ ମହେଶ୍ୱର ଝା ।

କାନ୍ତର ବହ୍ନିରେ ଜଳି ଉଠିଲା ବନ ପ୍ରାନ୍ତର

୧୯ ଅଗଷ୍ଟ ଦିନ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, କେ. ଗୋପାଳନ୍ ଓ ଶ୍ରୀକୃଷ୍ଣ ପ୍ରସାଦ ମାନ ତେର ଜଣ ସାଥୀ ଙ୍କୁ ନେଇ ବାହାରି ପଡିଲେ । ତାଙ୍କ ପାଖରେ ଥିଲା ମାତ୍ର ୫୨୫୦-୦୦ ସନ୍ଥାଳ ପର୍ବତ ମାଳାର କେନ୍ଦ୍ର ସ୍ଥଳରେ ଥିବା କଡ଼ତାଳାପତା ଗ୍ରାମରେ ପହଞ୍ଚିଲେ, ଯାହାକି ତାଙ୍କର ଗୋଟିଏ ସେବା କେନ୍ଦ୍ର ଥିଲା । ଜ ମା ପାହାଡିଆ ତୋରାନ୍ ମାଳ ପାହାଡିଆ, ଓ ସିଙ୍ଘାଇ ମାଳ ପାହାଡ଼ିଆ ଙ୍କ ସାହାଯ୍ୟରେ ତା ପର ଦିନ ଆୟୋଜିତ ହେଲା ଆଦିବାସୀ ସ୍ତ୍ରୀ ମାନଙ୍କର ଗୋଟିଏ ବିରାଟ ସଭା । ସେ ସଭାରେ ପ୍ରଫୁଲ୍ଲ ପଟ୍ଟନାୟକ ସ୍ତ୍ରୀ ମାନ ଙ୍କୁ ପ୍ରବର୍ତ୍ତାଇଲେ ଅତ୍ୟାଚାରୀ ବ୍ରିଟିଶ ସରକାର ଙ୍କ

Digitized by PPRACHIN, SOA

ବିରୁଦ୍ଧରେ ଲଢ଼ିବା ପାଇଁ । ସେମାନେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୋଗନ୍ତୁ ଏବଂ ଆମ ମାନଙ୍କ ସଫଳତା ପାଇଁ ପ୍ରତିଦିନ ଈଶ୍ୱର ଙ୍କ ଠାରେ ପ୍ରାର୍ଥନା କରନ୍ତୁ । ସେଦିନ ବିଭିନ୍ନ ପାହାଡ଼ ପର୍ବତରୁ ଆଦିବାସୀ ସ୍ତ୍ରୀ ମାନଙ୍କ ଶୋଭା ଯାତ୍ରାରେ ସଭାକୁ ଆସୁଥିବା ଦୃଶ୍ୟ ଯୁବକ କ୍ରାନ୍ତିକାରୀ ଙ୍କୁ ଅଭୂତପୂର୍ବ ଉତ୍ସାହ ଦେଇଥିଲା । ପ୍ରଫୁଲ୍ଲ ଙ୍କ ସାନ୍ତାଳୀ ଭାଷଣରେ ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ପ୍ରଭାବିତ ହେଲେ ଏବଂ ତହିଁ ଆରଦିନ ଦେଢ଼ଶହ ରୁ ଅଧିକ ଉତ୍ସାହୀ ଆଦିବାସୀ ଓ ପାହାଡ଼ିଆ ଯୁବକ ମାନେ କ୍ରାନ୍ତିକାରୀ ତାଲିକା ଭୁକ୍ତ ହେଲେ । ସମସ୍ତ ଙ୍କୁ ନିର୍ଦ୍ଦେଶ ଦିଆଗଲା - ସେମାନେ ଲାଠି, ଧନୁଶର ବର୍ଚ୍ଛା, କୁଢ଼ାରି ଗଇଁତି ପ୍ରଭୃତି ଯାହାକିଛି ଘରେଥିବ ଧରି ନିକଟସ୍ଥ ପାହାଡ଼ପୁର ଗ୍ରାମରେ ତା ୨୨ ଅଗଷ୍ଟ ଦିନ ଏକତ୍ରିତ ହେବେ । ତାହାହିଁ ହେଲା । ସେଦିନ ପ୍ରାୟ ତିନିଶହ ଲୋକ ପାହାଡ଼ପୁର ରେ ଜମା ହେଲେ । ବିପ୍ଳବ ସମୟରେ କାହାର କଣ କାମ କରିବାକୁ ହେବ ସମସ୍ତଙ୍କୁ ଶିକ୍ଷା ଦିଆଗଲା । ପ୍ରଫୁଲ୍ଲ ସେ ସମସ୍ତ ଙ୍କୁ ପାଞ୍ଚଟି ଦଳରେ ବିଭକ୍ତ କରି ଦେଲେ । ଅପେକ୍ଷାକୃତ ବୟସ୍କ ଲୋକମାନଂକୁ ରୋଷେଇ ବାସର ଦାୟିତ୍ୱ ଦିଆଗଲା । କୁରାଢ଼ୀ ଧାରୀ ମାନଙ୍କ କାମଥିଲା ବଡ଼ ବଡ଼ ଗଛକାଟି ରାସ୍ତାକୁ ଅବରୋଧ କରିବା । କୋଡ଼ି, ଗଇଁତି ଓ ସାବଳ ଧାରୀ ଙ୍କୁ ପୋଲ ସବୁ ଭାଙ୍ଗିବା ପାଇଁ ନିଯୁକ୍ତ କରାଗଲା । ଗୋଟିଏ ଦଳ ଗୁଇନ୍ଦା ଭାବରେ ରହିଲେ । ଆଉ ଗୋଟିଏ ବଳିଷ୍ଠ ଯୁବକ ମାନଂକ ଦଳ ପ୍ରଫୁଲ୍ଲ, ଶ୍ରୀକୃଷ୍ଣ ଓ ଗୋପାଳନ ଙ୍କ ସାଙ୍ଗରେ ରହିଲେ । ଏମାନଙ୍କ କାମଥିଲା ସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ଦଖଲ କରି ନେବା ଓ ଦରକାର ପଡ଼ିଲେ ଶତ୍ରୁକୁ ଗିରଫ ମଧ୍ୟ କରିବା । ବ୍ରିଟିଶ ସବ୍‌ଡିଭିଜନ ସଦରରେ ଥିବା ପୋଲିସ ଥାନା, ଜଙ୍ଗଲ ବିଭାଗର ଅଫିସ, ସମସ୍ତ ଡାକବଙ୍ଗଳା ଓ ଅଫିସ,ପଦ ଭଟି ସବୁକୁ ଜାଳି ପୋଡ଼ି ନଷ୍ଟ କରିଦେଲେ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ବିପ୍ଳବୀଦଳ । ସେ ଅଞ୍ଚଳରେ ଲାଇସେନ୍ସ ହୋଇଥିବା ସମସ୍ତ ବନ୍ଧୁକ ଓ ଗୁଳିଗୋଳା ଏହି ଦଳ ହାତକୁ ଆସିଗଲା । କିନ୍ତୁ ଏହି ଆନ୍ଦୋଳନ ବେଳେ ସେମାନେ ତାହାକୁ ହତ୍ୟା କରି ନଥିଲେ । ସବୁ ଆଗ୍ନେୟାସ୍ତ୍ରକୁ ନିରାପଦ ସ୍ଥାନରେ ଲୁଚେଇ ଦେଇଥିଲେ । ଧୀରେ ଧୀରେ ବିପ୍ଳବୀ ମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ପ୍ରାୟ ୫୦୦ ଜଣ ଆଦିବାସୀ ପାହାଡ଼ିଆ କ୍ରାନ୍ତିକାରୀ ହୋଇଥିଲେ । ପ୍ରଫୁଲ୍ଲ ଏମାନଙ୍କ ସଙ୍ଗରେ ରହୁଥିଲେ, ସେମାନଙ୍କୁ ଯାହା ଖାଇବାକୁ ଦେଉଥିଲେ ତାହା ନିଜେ ମଧ୍ୟ ଭୋଜନ କରୁଥିଲେ । ରାମଗଡ଼ କଂଗ୍ରେସ ଅଧିବେଶନ ବେଳେ କମାଣ୍ଡର ଭାବରେ ପାଇଥିବା ସୈନିକ ପୋଷାକକୁ ସେ ସେତିକି ବେଳେ ବ୍ୟବହାର କରୁଥିଲେ ।

Digitized by PPRACHIN, SOA

ଏହି ବିପ୍ଳବୀ ଦଳର କାର୍ଯ୍ୟ କଳାପ ସମଗ୍ର ଦେଶର ପ୍ରଶାସନରେ ପକେଇ ଦେଲା ଗୋଟିଏ ଚହଳ । ତତ୍କାଳୀନ ଡେପୁଟି କମିଶନର ରାୟ ବାହାଦୁର ବି. ଏନ ସିଂ ଏ ଆନ୍ଦୋଳନକୁ ଦମନ କରିବା ପାଇଁ ଆମେରିକାନ ସେନା ମଗାଇଲେ । କିନ୍ତୁ ଆମେରିକାନ୍ ସେନା ଯେତେବେଳେ ମେନରୋଡ ଉପରେ ଯାଆଟ କରି ଭ ରେ ସନ୍ଧ୍ୟା ପ୍ରହରରୁ ଫେରି ଆସୁଥିଲେ ଜିଲ୍ଲା କାର୍ଯ୍ୟାଳୟ ଦୁମକାକୁ । ସମଗ୍ର ଜିଲ୍ଲାରେ ଯୁବକ ମାନଙ୍କ ଭିତରେ ଉତ୍ସାହ ଖେଳିଗଲା । ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହେଲା । ଜିଲ୍ଲାର ପ୍ରତ୍ୟେକ ଗ୍ରାମ, ସହର, ବଜାର ସବୁଠି ଗୁପ୍ତ ପତ୍ର ଛପି ବାଣ୍ଟି ବ୍ରିଟିଶ ସରକାର ଘୋଷଣା କଲେ- ଯେଉଁମାନେ ପ୍ରଫୁଲ୍ଲ ପଟ୍ଟନାୟକ, ଶ୍ରୀକୃଷ୍ଣ ପ୍ରସାଦ, କେ ଗୋପାଳନ ଲାଲ ହେମ୍ବ୍ରମ ଓ ବରିଆର ହେମ୍ବ୍ରମଙ୍କୁ ଜୀବିତ ବା ମୃତ ରୂପେ ଉପସ୍ଥିତ କରାଇବେ ସେମାନଙ୍କୁ ପୁରସ୍କାର ଦିଆଯିବ । ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଉପରେ ଟ ୫୦୦୦ ର ଘୋଷଣା ଥିଲା ।

ବିପ୍ଳବର ପ୍ରଥମ ପର୍ଯ୍ୟାୟ ପରେ ଅର୍ଥ ସଂଗ୍ରହ ପାଇଁ ସେମାନେ ଦୁମକା ଓ ଦେଓଘର ଆସିଲେ । ଦେଓଘରର ସୁପ୍ରସିଦ୍ଧ ଦେଶଭକ୍ତ ଓ କୋଟିପତି ବଦ୍ରେଶ୍ୱର ଲାଲ ସରାଫ ପ୍ରଫୁଲ୍ଲଙ୍କ କାର୍ଯ୍ୟରେ ମୁଗ୍ଧ ହୋଇ ନିଜର ଟ୍ରେଜେରୀ ସବୁ ଦେଖାଇ ଦେଇ କହିଲେ- ଏ ସବୁ ଆଜି ମୁଁ ତୋର ଅଗଷ୍ଟ ବିପ୍ଳବ ପାଇଁ ଅର୍ପଣ କରୁଛି । ପ୍ରଫୁଲ୍ଲ ମାତ୍ର ପାଞ୍ଚଶହ ଟଙ୍କା ନେବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ବ୍ରଜେଶ୍ୱର ବାବୁ କହିଲେ- “ ପାଞ୍ଚଶହ ନୁହେଁ ପାଞ୍ଚ ହଜାର ଲକ୍ଷ” କିନ୍ତୁ ପ୍ରଫୁଲ୍ଲ ପାଞ୍ଚଶହ ଟଙ୍କା ଧରି ଦ୍ୱିତୀୟ ପର୍ଯ୍ୟାୟ ବିପ୍ଳବ ପାଇଁ ବାହାରି ପଡ଼ିଲେ । ତାଙ୍କ ପଛେ ପଛେ ଗୁଇନ୍ଦା ଲାଗିଥାଏ । ତିନ ତିନ ଥର ଆମେରିକାନ୍ ସେନା ତାଙ୍କୁ ଘେରାଉ କରିଥିଲେ । ମାତ୍ର ବସ୍ତୁର କଥା ସେ ତିନଥର ଯାକ ପୋଲିସ,ସେନା ଓ ମାଜିଷ୍ଟ୍ରେଟଙ୍କୁ କଥା ଛଳରେ ଧୋଖା ଦେଇ ଖସି ଯାଇଥିଲେ । ଇତିହାସରେ ଏ ସବୁ ଲିପିବଦ୍ଧ ରହିଛି । କିନ୍ତୁ ତାଙ୍କ ମୁଖରୁ ଶୁଣିଲେ ବାସ୍ତବିକ ରୋମାଞ୍ଚ ଜାତହୁଏ ।

ପ୍ରଫୁଲ୍ଲ ପଟ୍ଟନାୟକ ୭ ନଭେମ୍ବର ୪୨ ଦିନ ରକ୍ସି-କାଉଣ୍ଟ ଠାରେ ଗିରଫ ହେଲେ । ପୋଲିସ ଗ୍ରାମରକ୍ଷୀ ଦଳ ସାହାଯ୍ୟରେ ଯେତେବେଳେ ପ୍ରଫୁଲ୍ଲ ଓ ଶ୍ରୀକୃଷ୍ଣ ପ୍ରସାଦଙ୍କୁ ଗିରଫ କଲେ ସେତେବେଳେ ସେମାନେ ଦୁଇ ଜଣଙ୍କୁ ଫାଶିଦେବା ପାଇଁ ଉଦ୍ୟତ ହୋଇଥିଲେ । ତାଙ୍କର ଆଶାଥିଲା ବିପ୍ଳବୀ ମାନଙ୍କ କଟାମୁଣ୍ଡ ନେଇ

Digitized by PPRACHIN, SOA

ଦାଖଲ କଲେ ପୁରସ୍କାର ମିଳବ । ପ୍ରଫୁଲ୍ଲଙ୍କ ଧୈର୍ଯ୍ୟ ଓ ପ୍ରତ୍ୟୁତ୍ପନ୍ନମତିତା ସେତେବେଳେ କାମ କଲା । ତାଙ୍କ ବେକରେ ଫାର୍ଶ ବସାଇଲା ବେଳେ ଅବଗ୍ରୋଧ କର ସେ ଅଦିବାସୀ ଦାରୋଗା ସବଇନ୍‌ସ୍ପେକ୍ଟରଙ୍କୁ ଶୁଦ୍ଧ ସନ୍ତାଳୀ ଭାଷାରେ କହିଲେ-"ସବଇନ୍‌ସ୍ପେକ୍ଟର ସାହେବ, ଆମର ମୁଣ୍ଡକାଟ ପ୍ରସ୍କରୁ କେବଳ ଗୋଟିଏ କଥା ଜାଣି ରଖନ୍ତୁ ମୁଁ ହେଉଛି ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଓ ସାଥିଙ୍କ ନାମ ଶ୍ରୀକୃଷ୍ଣ ପ୍ରସାଦ । ସରକାରୀ ଘୋଷଣା ଅନୁଯାୟୀ ଆମ ଦୁହିଙ୍କୁ ଜୀବନ୍ତ ଅବସ୍ଥାରେ ଗିରଫ କର ପୋଲିସ ଥାନା ବା କୋର୍ଟରେ ହାଜର କଲେ ପାଞ୍ଚ ପାଞ୍ଚ ହଜାର ଦଶ ହଜାର ଟଙ୍କା ପୁରସ୍କାର ମିଳବ । ଆମେତ ବନ୍ଦୀ, ବୃଥାରେ ହାଣିବେ କାହିଁକି ? ହାଣିଲେ ପୁରସ୍କାର ପାଇବାତ ଦୂରର କଥା ମର୍ଡର କେଶ ମଧ୍ୟ ଚଳିପାରେ ।" ସବଇନ୍‌ସ୍ପେକ୍ଟର ଆଶ୍ଚର୍ଯ୍ୟ ହୋଇ ପଚାରିଲେ "କଣ ସତରେ ଆପଣଙ୍କ ନାମ ପ୍ରଫୁଲ୍ଲ ପଟ୍ଟନାୟକ ?" ପ୍ରଫୁଲ୍ଲ ଉତ୍ତର ଦେଲେ "ହଁ ମଲାବେଳେ ମୁଁ ମିଛ କହିବ କି ?" ବାସ୍ତବରେ ଘୋଷଣା ହୋଇଥିଲା "...... to arrest them or to shoot them with in the next few days' (Dr K., K. DATTA, History of Freedom Movement in Bihar Vol. III)

ପ୍ରଫୁଲ୍ଲଙ୍କ ବିଶୁଦ୍ଧ ସନ୍ତାଳୀ ଭାଷା ଓ କହିବା ଭଙ୍ଗୀ ଯୋଗୁଁ ତାଙ୍କ କଥାକୁ ସବଇନ୍‌ସ୍ପେକ୍ଟର ବିଶ୍ୱାସ କରିନେଲେ । ଦୁହେଁ ସେଦିନ ବର୍ତ୍ତିଗଲେ ନିଶ୍ଚିତ ମୃତ୍ୟୁ ମୁହଁରୁ । ପ୍ରଫୁଲ୍ଲଙ୍କ ବେକରେ ଏ ପର୍ଯ୍ୟନ୍ତ ଫାର୍ଶର ଗୋଟିଏ ଲମ୍ବା କଟା ଦାଗ ରହିଛି । ସେଦିନ ସଂଘର୍ଷରେ ତାଙ୍କ ଦଳର ଦୁର୍ଗାବାବା (ସନ୍ନ୍ୟାସୀ) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଅନେକ ଲୋକଙ୍କ ହାତ ଗୋଡ ଭାଙ୍ଗି, ମୁଣ୍ଡ ଫାଟି ଖଣ୍ଡିଆ ଖାବରା ହୋଇଯାଇଥିଲା । ଗିରଫ ହେଲାପରେ ଏ ଦୁହିଁଙ୍କୁ ଫାଶୀ ଦେବାପାଇଁ ସରକାର ସରକାରୀ ଓକିଲ ମହେଶ୍ୱର ଝାଙ୍କ ଠାରୁ ପରାମର୍ଶ ଲୋଡିବାରୁ ସେ କହିଲେ - "ପ୍ରଫୁଲ୍ଲ ଓ ଶ୍ରୀକୃଷ୍ଣ କୁ ଫାଶୀ ଦିଆଯାଇପାରେ, କିନ୍ତୁ ତା ଫଳରେ ଏ ଜିଲ୍ଲାରେ ଆଉ ଗୋଟିଏ ଭୟଙ୍କର ବିପ୍ଲବ ସୃଷ୍ଟି ହେବାର ପୂର୍ଣ୍ଣ ସମ୍ଭାବନା ରହିଛି ।" ସରକାର କ୍ଷାନ୍ତ ହେଲେ ମାତ୍ର ଅନେକ ଗୁଡିଏ ମାମଲା ରୁଜୁ କର ଜେଲକୁ ପଠାଇ ଦେଲେ । ତାଙ୍କୁ ୮ ନଭେମ୍ବର ଦିନ ରାଜମହଲ ଜେଲ ରେ ରଖାଗଲା । ତାଙ୍କ ବିରୁଦ୍ଧ ରେ ରୁଜୁ ହୋଇଥିବା ଅନେକ ମାମଲା ରେ ତାଙ୍କୁ ହୋଇଥିଲା ୨୧ ବର୍ଷ ସଶ୍ରମ କାରାଦଣ୍ଡ । ଆଉ ଅଧେ ମାମଲାର ଶୁଣାଣି ନ ସରୁଣୁ ଏ ଦେଶରୁ ବିଦେଶୀ ଶାସନ ହଟିଯାଇଥିଲା ।

Digitized by PPRACHIN, SOA

ଭଗୀରଥି ଓ ଅଗଷ୍ଟ ବିପ୍ଳବ :

ଅଗଷ୍ଟ ବିପ୍ଳବ ଆରମ୍ଭ ହେବାର ଏକମାସ ପୂର୍ବରୁ ସମ୍ପୂର୍ଣ୍ଣ ଜିଲ୍ଲାରେ ସଂଗଠନ କାର୍ଯ୍ୟ ସମାପ୍ତ କରିଥିଲେ ଭଗୀରଥି । ବିପ୍ଳବ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସେ ପ୍ରସ୍ତୁତ କରିଥିବା କେନ୍ଦ୍ର ସ୍ଥଳୀ ମାନଙ୍କ ରେ ଗୋପନ ରେ ରହି ନେତୃତ୍ୱ ଦେଲେ । ସେତେବେଳେ ଏକା ଚୋଟିଏ ଗାଁ ପାଣିମୋହ୍‌ରୁ ୩୫ ଜଣ ଙ୍କୁ ସେ ପ୍ରସ୍ତୁତ କରିଥିଲେ । ସେମାନେ ସମସ୍ତେ ଆନ୍ଦୋଳନ କରି ଜେଲ ଯାଇଥିଲେ । ଭଗୀରଥି ଙ୍କ ପଛରେ ଓ୍ୱାରେଣ୍ଟ ନେଇ ପୋଲିସ ପିଛା କରିଥାଏ । କିନ୍ତୁ ସେ ସତର୍କତାର ସହିତ ନିଜକୁ ପୋଲିସ, ହାତରୁ ଦୂରରେ ରଖିଥାନ୍ତି । ଆନ୍ଦୋଳନ କୁ ଅଧିକ ବ୍ୟାପକ ଓ ଶକ୍ତିଶାଳୀ କରିବା ପାଇଁ ଭଗୀରଥି ବୁଲି ବୁଲି ଧମା-ସୋନପୁର ଓ ବୌଦ୍ଧ ପର୍ଯ୍ୟନ୍ତ ଗଲେ ଓ ସେଠାରେ ନୌକାରେ ଗଲେ କଟକ । ପ୍ରାଦେଶିକ ନେତା ମାନଙ୍କ ସହିତ ଭିତର ପରାମର୍ଶ କରି ଫେରିଲା ବେଳେ ତାଙ୍କର ଜଣେ ପରିଚିତ ଲୋକ ସାହାଯ୍ୟରେ ପୋଲିସ ଭଗୀରଥି ଙ୍କୁ ଗିରଫ କରିବାରେ ସମର୍ଥ ହେଲା । ତା ୨୫ । ୮ । ୪୨ ରୁ ସେ ରହିଲେ ଜେଲରେ ।

ଜମ୍ବୁବତୀ ଙ୍କ ତିରୋଧାନ :

ତ୍ୟାଗୀ ଜୀବନ ରେ ଭୋଗ ବା ସୁଖର ପ୍ରଶ୍ନ କାହିଁ ? ଯେତେବେଳେ ପୁଅ ପ୍ରଫୁଲ୍ଲ ଓ ପତି ଭାଗୀରଥି ଜେଲ ରେ, ଜମ୍ବୁବତୀ ଦେବୀ ଙ୍କ ହେଲା ମହାପ୍ରୟାଣ । ଦୁମକ ଜେଲ ରେ ଥାଇ ପ୍ରଫୁଲ୍ଲ ଏ ଦୁଃସମ୍ବାଦ ପାଇଲେ । ୧୫-୭-୪୩ ଅପରାହ୍ନ, ବିହାର ସରକାର ଙ୍କ ମନ୍ତ୍ରୀ ବିନୋଦାନନ୍ଦ ଝାଙ୍କ ପତ୍ନୀ-ତାଙ୍କ ସହଧର୍ମିଣୀ ସୁମିତ୍ରା ଝାଙ୍କ କୋଳରେ-ଭୋଜନ ପରେ ପାନ ଖାଇବା ବେଳେ ସେ ଢଳି ପଡ଼ିଲେ । ହଠାତ୍ ହୃତ୍‌ସ୍ପନ୍ଦନ କ୍ରିୟା ବନ୍ଦ ହୋଇଗଲା । ଅନେକ ଦିନରୁ ଏଇ ଆଶଙ୍କା ଥିଲା । ପତି, ପୁଅ କେହି କିଛି କରିପାରିନଥିଲେ । ସେଥିପ୍ରତି ତାଙ୍କର ବି ଖାତିର ନଥିଲା । ଅସୁସ୍ଥତା ଦେଶକାମରୁ ତାଙ୍କୁ ବିରତ କରିପାରି ନଥିଲା ! ବୈଦ୍ୟନାଥ ଧାମ ର ପଣ୍ଡା ପୁରୋହିତ ଙ୍କ ସ୍କନ୍ଧରେ ତାଙ୍କର ମୃତ ଶରୀର ଶ୍ମଶାନ କୁ ଗଲା । କଂଗ୍ରେସ ନେତା ଅଯୋଧ୍ୟା ପ୍ରସାଦ ମିଶ୍ର ଦେଲେ ମୁଖାଗ୍ନି । ଜିଲ୍ଲାର ସ୍ଥାନେ ସ୍ଥାନେ ତାଙ୍କର ଶ୍ରାଦ୍ଧ ଦିବସ ପାଳିତ ହେଲା । ସେ ଥିଲେ ବିପ୍ଳବୀ ସତ୍ୟାଗ୍ରହୀ ମାନଙ୍କ ମାତା । ଦୁମକା

Digitized by PPRACHIN, SOA

ଜେଲ ରେ ମଧ୍ୟ ପ୍ରଫୁଲ୍ଲ ଙ୍କ ସହବନ୍ଦୀମାନେ ଭାରତୀୟ ପ୍ରଥାରେ ବିଧିବତ୍ ତାଙ୍କର ଶ୍ରାଦ୍ଧ ସମାପନ କରିଥିଲେ ।

ତା ୧ । ୧୦ । ୪୩ ଦିନ ଜେଲରୁ ମୁକ୍ତ ହୋଇ ଭାଗୀରଥି ଶୁଣିଲେ ଜମ୍ବୁବତୀ ଙ୍କ ତିରୋଧାନ ଖବର । ଶୁଣିଲେ ପ୍ରଫୁଲ୍ଲ ଭାଗଲପୁର କେମ୍ପ ଜେଲ ରେ ୨୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗୁଛି । ପ୍ରାଣ ତାଂକ ହୃଦ୍‌ବେଳକ ହେଲା, ମନ ଉଚ୍ଛନ୍ନ ହେଲ । ମର୍ମାହତ ଭାଗୀରଥି ଙ୍କ ଇଚ୍ଛାହେଲା ବିହାର ଧାଇଁ ଯିବାକୁ । ଜମ୍ବୁବତୀ ତାଂକର ପତ୍ନୀ ନଥିଲେ ସେ ଥିଲେ ସହଧର୍ମିଣୀ-ସହଯୋଗୀ ସାଥୀ-ସତ୍ୟାଗ୍ରହୀ । ଜମ୍ବୁବତୀ ଙ୍କ ତ୍ୟାଗ ଭାଗୀରଥି ଙ୍କୁ ଦେଇଥିଲା ପାରିବାରିକ ଶାନ୍ତି ଓ ଯାବତ୍ ଜଞ୍ଜାଳରୁ ମୁକ୍ତି । କନ୍ଧ ଜିଲ୍ଲାରୁ ଗିରଫ ହୋଇଯାଇଥିବା ସତ୍ୟାଗ୍ରହୀ ମାନଙ୍କ ପରିବାର ବର୍ଗ ଙ୍କୁ ନୈତିକ ବଳ ଦେବା, ସାନ୍ତ୍ୱନା ଦେବା ମୁଖ୍ୟ କର୍ତ୍ତବ୍ୟ ବୋଲି ସେ ମନେ କଲେ । ଏପରି ମନସ୍ଥିତି ରେ ସେ ବୁଲି ବୁଲି ଜିଲ୍ଲାର ସମସ୍ତ ସତ୍ୟାଗ୍ରହୀ ମାନଂକ ପରିବାର ବର୍ଗ ଙ୍କୁ ଭେଟି ସୁଖ ଦୁଃଖ ବୁଝି, ଆଶ୍ୱାସନା ଦେଇ ୬ । ୩ । ୪୪ ଦିନ ପହଞ୍ଚିଲେ ବିହାର । ଜେଲରେ ପୁଅ କୁ ସାକ୍ଷାତ୍ କଲେ । ତାପରେ ବିହାର ଓ ଉତ୍ତର ପ୍ରଦେଶ ଯାଇ ତାଂକର କେତେକ ସାଥୀ ସତ୍ୟାଗ୍ରହୀ ମାନଂକୁ ଭେଟିଲେ । ସନ୍ତାଳ ପ୍ରଗଣାରେ ଦୁଇ ତିନ ମାସ ରହି ଅଗଷ୍ଟ ବିପ୍ଳବ ରେ ଜେଲ ଯାଇଥିବା ପ୍ରଫୁଲ୍ଲ ଙ୍କ ସାଥୀ ସାଙ୍ଗ ମାନଂକ ଘରକୁ ଯାଇ ସେମାନଂକ ଅବସ୍ଥା ବୁଝି ଆର୍ଥିକ ସାହାଯ୍ୟ ପହଞ୍ଚାଇଲେ ।

ଭାଗିରଥି ହୋଇଯାଇଥିଲେ ନିଃସଙ୍ଗ । ଅଗଷ୍ଟ ବିପ୍ଳବ ଆରମ୍ଭ ରେ ହରାଇଲେ ପ୍ରିୟ ସଖା ଚନ୍ଦ୍ରାମଣି ଏବଂ ମଧ୍ୟ ଭାଗରେ ତାଂକର ଜୀବନର ଅନ୍ୟତମ ଶିକ୍ଷା ଜମ୍ବୁବତୀ ଙ୍କୁ । ଏ ଦାରୁଣ ଆଘାତ ର ଉପଶମ ପାଇଁ ସେ ରାଜଗୃହ ନାଳନ୍ଦା ପ୍ରଭୃତି ଅନେକ ଐତିହାସିକ ସ୍ଥାନ ଭ୍ରମଣ କରି ମହାନ ବିଦ୍ୟାପୀଠ ରେ ଇତିହାସ ଅଧ୍ୟୟନ ରେ ମନୋନିବେଶ କରିଥିଲେ ।

ଜେଲ ଭିତରେ ଗାନ୍ଧିଜୀଙ୍କ ଅନଶନ

ମାତା କସ୍ତୁରବା ଏବଂ ମହାଦେବ ଦେଶାଇ ଙ୍କ ଜେଲ ଭିତରେ ମୃତ୍ୟୁ

Digitized by PPRACHIN, SOA

ହୋଇଗଲା ବ୍ରିଟିଶ ସରକାରଙ୍କ ଅବହେଳା ଯୋଗୁଁ । ଶେଷ ମୁହୂର୍ତ୍ତରେ କସ୍ତୁରବାଙ୍କ ପାଇଁ ପେନିସିଲିନ ଆଦି ଔଷଧ ପାଇଁ କଲିକତାକୁ ଉଡ଼ାଜାହାଜ ପଠା ଯାଇଥିଲା, ମାତ୍ର ଠିକ ସମୟରେ ଆସି ପାରି ନ ଥିଲା । ଔଷଧ ଆସୁ ଆସୁ କସ୍ତୁରବା ଆଖି ବୁଜିଲେ । ବ୍ରିଟିଶ ସରକାରଙ୍କ ଅସମର୍ଥତା ଉପରେ ପ୍ରବଳ ଜନ ଅସନ୍ତୋଷ ଦେଖାଗଲା । ବେଙ୍ଗଲରେ ହେଲା ଭୟଙ୍କର ଦୁର୍ଭିକ୍ଷ । ଲକ୍ଷାଧିକ ଲୋକ ଭୋକ ଉପବାସରେ ପୋକମାଛି ପରି ମୃତ୍ୟୁ ବରଣ କଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟସ୍ତ ଇଂରେଜ ସରକାର ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ପାଇଁ କୌଣସି ବ୍ୟବସ୍ଥା କଲେ ନାହିଁ । ଅପର ପକ୍ଷରେ ଧନୀ ମଧ୍ୟବିତ୍ତ ତଥା ଜନସାଧାରଣଙ୍କ ଠାରୁ ଜୋର ଜୁଲୁମ କରି ଯୁଦ୍ଧ ଚାନ୍ଦା ସଂଗ୍ରହ କଲେ । ଯୁଦ୍ଧ ଯୋଗୁଁ ଦରଦାମ ବୃଦ୍ଧି ଉତ୍କଟ ରୂପ ନେଲା । ଅତ୍ୟାବଶ୍ୟକ ସାମଗ୍ରୀ ମିଳିଲା ନାହିଁ । ବନ୍ଦୀ ସତ୍ୟାଗ୍ରହୀ ମାନଙ୍କ ପରିବାର ବର୍ଗ ଉପରେ ଚାଲିଲା ଅକଥନୀୟ ଅତ୍ୟାଚାର । ଏସବୁ ବିଷୟକୁ ନେଇ ଗାନ୍ଧିଜୀ ଜେଲ ଭିତରେ ଆରମ୍ଭ କରିଦେଲେ ୨୧ ଦିନିଆ ଅନଶନ । ସମଗ୍ର ଦେଶରେ ଚହଳ ପଡ଼ିଗଲା । ଜେଲ ବାହାରେ ଥିବା ବୁଦ୍ଧିଜୀବୀ ମାନେ ତତ୍ପର ହୋଇ ଉଠିଲେ । ସଭା, ସମିତି, ବିକ୍ଷୋଭ ସର୍ବତ୍ର ସ୍ୱତଃସ୍ଫୁର୍ତ୍ତ ଭାବରେ ଆରମ୍ଭ ହେଲା । ଏକ ସ୍ୱରରେ ଦାବୀ ହେଲା - ଗାନ୍ଧି ତଥା ସମସ୍ତ ନେତା ମାନଙ୍କୁ ଜେଲରୁ ମୁକ୍ତ କରିଦିଅ । ଆଉ ଗୋଟିଏ ବ୍ୟାପକ ବିପ୍ଳବର ସୂତ୍ରପାତ ହେଉଥିବା ଦେଖି ବ୍ରିଟିଶ ସରକାର ଚିନ୍ତିତ ହୋଇ ପଡିଲେ । ବିଲାତ ଦରବାରରେ ମଧ୍ୟ ଆତଙ୍କ ଖେଳିଗଲା । ବ୍ରିଟିଶ ସରକାର ସମାଧାନ ପାଇଁ ଚିନ୍ତାକଲେ । ୧୫ ଜୁନ ୧୯୪୫ ଦିନ ଗାନ୍ଧିଜୀଙ୍କ ସମେତ କଂଗ୍ରେସ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ ମାନଙ୍କୁ ମୁକ୍ତ କରିଦିଆଗଲା । ଭାରତର ସର୍ବତ୍ର ବିଜୟ ଦିବସ ପାଳିତ ହେଲା । ଉଡିଲା ତ୍ରିରଙ୍ଗା ପତାକା । ବ୍ରିଟିଶ ସରକାର ସମସ୍ତ କଟକଣା ଉଠାଇ ନେଲେ । ଜେଲ ଭିତରେ ଥିବା ଅଗଷ୍ଟ ବିପ୍ଳବୀ ମାନଙ୍କୁ ଦଳ ଦଳ କରି ଛାଡି ଦିଆଗଲା । ମାତ୍ର ବାହାରରେ ସମସ୍ତ ବିପ୍ଳବୀ ମୁକ୍ତ ହେବା ପରେ ମଧ୍ୟ ପ୍ରଫୁଲ୍ଲ ଓ ତାଙ୍କର ଚାରି ଜଣ ସହଯୋଗୀଙ୍କୁ ଛାଡ଼ି ଦିଆ ଗଲା ନାହିଁ । ଜେଲ ଭିତରେ ପ୍ରଫୁଲ୍ଲଙ୍କୁ କଠିଣ କଟକଣା ଭିତରେ ରଖା ଯାଉଥିଲା । ଅଧିକାଂଶ ସମୟ ତାଂକ ଗୋଡରେ ବେଡ଼ି ପଡୁଥିଲା ଓ ଜେଲ ଜୀବନର 'ଅର୍ଦ୍ଧାଧିକ କାଳ ସେ 'ସେଲ' ଭିତରେ କଟାଇଥିଲେ । ପୁଷ୍ଟିକର ଖାଦ୍ୟର ଅଭାବ, କ୍ରମଃ ଅନାହାର ଓ ନିର୍ଯ୍ୟାତନା ଯୋଗୁଁ ସେ ଆଜି ସଂପୂର୍ଣ୍ଣ ଦୃଷ୍ଟିହୀନ । ବିହାର କେଶରୀ ଶ୍ରୀକୃଷ୍ଣ ସିଂହ ତତ୍କାଳୀନ

Digitized by PPRACHIN, SOA

ଗଭର୍ଣ୍ଣର ଜେନେରଲ ଫୋର୍ଡଙ୍କ ଠାରେ ଦୃଢ଼ ଦାବୀ କଲାପରେ ଯାଇ ପ୍ରଫୁଲ୍ଲ ଓ ତାଙ୍କର ସହଯୋଗୀ ମାନଙ୍କୁ ସଜା ଶେଷରେ ତା ୨୯ । ୧ । ୪୭ ଦିନ ଜେଲରୁ ମୁକ୍ତ କରାଯାଇଥିଲା ।

ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ

ସମାଧାନର ସୂତ୍ର ସ୍ୱରୂପ ବଡ଼ଲାଟ ଓ୍ୱାଭେଲ ପୁଣି ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ଓ ସମ୍ବିଧାନ ପ୍ରସ୍ତୁତିର ଘୋଷଣା କଲେ । କଂଗ୍ରେସ ଏହାକୁ ମାନିନେଲା । ପୁଣି ନିର୍ବାଚନ ଯୁଦ୍ଧର ଆରମ୍ଭ ହେଲା । ଭଗୀରଥି ସକ୍ରିୟ ହୋଇ ଉଠିଲେ । ସେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ରାଜେନ୍ଦ୍ର ପଣ୍ଡାଙ୍କ ସଙ୍ଗେ ଝାରସୁଗୁଡ଼ା, ସମ୍ବଲପୁର ବରଗଡ଼, ସୋହେଲା, ବରପାଲି, ପାଣିମୋରା ଓ କେନ୍ଦୁପାଟଣା ପ୍ରଭୃତି ସ୍ଥାନ ବୁଲି ସଂଗଠନାତ୍ମକ କାମ ସଭା, ସମିତି ଆରମ୍ଭ କରିଦେଲେ । ୨୭ । ୧୦ । ୪୫ ଦିନ ବରଗଡ଼ ଠାରେ ଗୋଟିଏ ବିରାଟ ଜନ ସମାବେଶ ହେଲା । ସେଥିରେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଲକ୍ଷ୍ମୀନାରାୟଣ ମିଶ୍ର, ଘନଶ୍ୟାମ ପାଣିଗ୍ରାହୀ, ଭଗୀରଥି ପଟ୍ଟନାୟକ, ପ୍ରହ୍ଲାଦ ରାୟଗୁରୁ, ଶିବ ନାରାୟଣ ପାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଆସେମ୍ବ୍ଲିର ପ୍ରାର୍ଥୀ ନିର୍ବାଚନ ପାଇଁ ଟଣା ଓଟରା ଲାଗିଲେ । ନିର୍ଭୀକ ଓ ସ୍ପଷ୍ଟବାଦୀ ଭଗୀରଥି ସମ୍ବଲପୁରର ଦୁଇଜଣ ନେତାଙ୍କ ବିରୁଦ୍ଧରେ ଚୁରିର ଅଭିଯୋଗ ଉପସ୍ଥାପିତ କଲେ । ସେ ଦୁଇଜଣ ଠିକ୍ '୪୨ ବିପ୍ଳବ ବେଳେ ଭୂମା ହୋଇ ଘରେ ବସି ରହିଥିଲେ ଓ ଆନ୍ଦୋଳନ କରି ଜେଲ ଯାଇଥିବା ବିପ୍ଳବୀ ମାନଙ୍କର ସମାଲୋଚନା ମଧ୍ୟ ଚଳାଇ ଥିଲେ । ସେ କହିଲେ "ଆଜି ସେ ଦୁଇ ଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଜିଲ୍ଲା କଂଗ୍ରେସର ସଭାପତି ଓ ଅନ୍ୟ ଜଣକ ସମ୍ପାଦକ । ସେ ଦୁଇ ଜଣଙ୍କୁ ତୁରନ୍ତ ମର୍ଯ୍ୟାଦା ପୂର୍ଣ୍ଣ ପଦରୁ ବରଖାସ୍ତ କରାଯାଉ ଏବଂ ସେମାନଙ୍କ ପ୍ରାର୍ଥୀତ୍ୱ ବିଚାରକୁ ନିଆ ନଯାଉ ।" ଭଗୀରଥିଙ୍କ ଖୋଲା ଖୋଲି ସମାଲୋଚନା ଯୋଗୁଁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ କମିଟି ପ୍ରଦେଶ କମିଟିକୁ ଲେଖିଲା । କିନ୍ତୁ ପ୍ରାଦେଶିକ କମିଟିର ସଭାପତି ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ ଭଗୀରଥିଙ୍କ ପକ୍ଷ ନେଇ ଲେଖିଲେ - ଭଗୀରଥି ପଟ୍ଟନାୟକ ଜଣେ ଖାଣ୍ଟି ଗାନ୍ଧିଆ କଂଗ୍ରେସ କର୍ମୀ ଓ କଠୋର ସତ୍ୟବାଦୀ ଅଟନ୍ତି । ସେ ଯାହା କହୁଛନ୍ତି ସମ୍ପୂର୍ଣ୍ଣ ସତ୍ୟ । ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

Digitized by PPRACHIN, SOA

ଗ୍ରହଣ କରାଯାଇ ପାରିବ ନାହିଁ । ବରଂ ବିପ୍ଳବ ସମୟରେ ଯେଉଁମାନେ ଭୁଲ କରି-ଛନ୍ତି ସେମାନେ ପଶ୍ଚାତ୍ତାପ କରନ୍ତୁ ।

ଓଡ଼ିଶା ସମେତ ସବୁ ରାଜ୍ୟରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଗଠିତ ହେଲା । କିନ୍ତୁ ବିପ୍ଳବ ସମୟରେ ଯେଉଁ ଜାତୀୟ ସମସ୍ୟା ସବୁ ଦେଖା ଦେଇଥିଲା ସେ ସବୁ ସମାଧାନ ଦିଗରେ ପ୍ରାନ୍ତୀୟ ସରକାର ମାନେ ଧ୍ୟାନ ଦେଲେନାହିଁ । ଛାତ୍ର ମାନଙ୍କର ସମସ୍ୟାର ସମାଧାନ ହେଲା ନାହିଁ । ସୂତା ଓ କପଡ଼ା ଉପରେ କଣ୍ଟ୍ରୋଲ ଜାରି ରହିଲା । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅଭାବକୁ ସରକାର ଦୂର କରି ପାରିଲେ ନାହିଁ । ଏସବୁ ବିଷୟ କୁ ଆଖି ଆଗରେ ରଖି ତା ୩ । ୧୨ । ୪୬ ରିଖ ସମ୍ବଲପୁର ଧର୍ମଶାଳା ଠାରେ ଭାଗୀରଥି ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହେଲା । ଅନ୍ୟାନ୍ୟ ପ୍ରସ୍ତାବ ସହିତ ବନ୍ଦୀଥିବା ଆଜାଦ୍ ହିନ୍ଦ୍ ଫୌଜ୍ ର ମୁକ୍ତ ଯୋଦ୍ଧା ମାନଂକୁ ଅବିଳମ୍ବେ ମୁକ୍ତ କରିଦେବା ପାଇଁ ଦୃଢ଼ଦାବୀ କରାଗଲା । ସେ ଦାବୀ ଉପରେ କଲିକତାରେ ହୋଇଥିଲା ବିରାଟ ଛାତ୍ର ଆନ୍ଦୋଳନ ପୋଲିସ ସହିତ ସଂଘର୍ଷରେ ପ୍ରାୟ ୩୬ ଜଣ ଛାତ୍ର ପ୍ରାଣ ହରାଇଥିଲେ । ଦେଶର ସବୁଆଡ଼େ ଛାତ୍ର ଆନ୍ଦୋଳନ ବ୍ୟାପିଗଲା । ଭାଗୀରଥି ସେ ଆନ୍ଦୋଳନ କୁ ପୂର୍ଣ୍ଣ ସମର୍ଥନ ଦେଲେ । ସମ୍ବଲପୁର ଜିଲ୍ଲାର ଛାତ୍ର ଆନ୍ଦୋଳନରେ ସକ୍ରୀୟ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିଜେ ବରପାଲି ଓ ବରଗଡ଼ ଠାରେ ଛାତ୍ର କଂଗ୍ରେସ ଗଠନ କରିଥିଲେ । ଛାତ୍ରମାନେ ଦାବୀ କରିଥିଲେ ମଧ୍ୟବର୍ତ୍ତୀ କାଳୀନ ସରକାରର ପତନ ଓ ଚାହିଁଥିଲେ ପୂର୍ଣ୍ଣ ସ୍ୱାଧୀନତା ।

କେନ୍ଦ୍ରୀୟ ସରକାର

କେନ୍ଦ୍ରରେ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ ପାଇଁ କଳ୍ପନା ଜଳ୍ପନା ଚାଲିଥାଏ । ବ୍ରିଟିଶ ସରକାର କଂଗ୍ରେସ ସହିତ ଆଲୋଚନା କରୁଥାନ୍ତି ମାତ୍ର ଭିତରେ ଭିତରେ ଜିନ୍ନା ଓ ମୁସଲିମ୍ ଲିଗ୍ ସହିତ ଦୁରଭିସନ୍ଧିରେ ଲିପ୍ତ ଥାଆନ୍ତି । ଗାନ୍ଧି ନେହେରୁ ତଥା କଂଗ୍ରେସର ସମସ୍ତ ନେତୃବୃନ୍ଦ ମୁସଲିମ୍‌ଲିଗ ସହିତ ମିଶି କେନ୍ଦ୍ରୀୟ ସରକାର ଗଠନ ପାଇଁ ଇଚ୍ଛୁକ ଥିଲେ । କିନ୍ତୁ ଇଂରେଜ ମାନଙ୍କ କୁଚକ୍ରାନ୍ତ ଫଳ-ବତୀ ହେଲା । ଜିନ୍ନା କଂଗ୍ରେସର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଲେ ଏବଂ 'ଡାଇରେକ୍ଟ ଏକ୍‌ସନ୍' ନାମରେ ଆରମ୍ଭ କରିଦେଲେ ହିନ୍ଦୁ - ମୁସଲିମ୍ ଦଙ୍ଗା । କଲିକତା

Digitized by PPRACHIN, SOA

ବମ୍ବେ ତଥା ଭାରତର ଅନ୍ୟତ୍ର ଅମାନୁଷିକ ଅକଳ୍ପନୀୟ ଅତ୍ୟାଚାର ହାଣକାଟ ଚାଲିଲା । ଭାରତର ପବିତ୍ର ମାଟି ନିର୍ଦ୍ଦୋଷ ରକ୍ତରେ ଲାଲ ହୋଇଗଲା । କଲିକତାର ରାସ୍ତାଘାଟରେ ହଜାର ହଜାର ନିରପରାଧ ନରନାରୀ ଶିଶୁଙ୍କୁ ହତ୍ୟା କରାଗଲା । ପୂର୍ବ ବଙ୍ଗ ନୂଆଁଖାଲିର ପୈଶାଚିକ ତାଣ୍ଡବଲୀଳା ଲୋକଙ୍କୁ ସ୍ତବ୍ଧ କରିଦେଲା । ମୁସଲିମଲିଗର ଧର୍ମାନ୍ଧ ନେତାମାନେ ଏ ଭାଇ ଭାଇର ହାଣକାଟକୁ ଆହୁରି ବ୍ୟାପକ କରିଦେଲେ । ରକ୍ତ କର୍ଦ୍ଦମ ଉପରେ ବୃଦ୍ଧ ବୃଦ୍ଧ ଗାନ୍ଧିଜୀ ଛୁଟିଗଲେ ନୂଆଁଖାଲି । ଭାଗୀରଥିଙ୍କ ପ୍ରାଣ ଉଦ୍‌ବେଳିତ ହୋଇଉଠିଲା । ପ୍ରଫୁଲ୍ଲ ଥିଲେ ବିହାରରେ । ସେ ଚିଠି ଲେଖିଲେ "ମୁଁ ସ୍ୱେଚ୍ଛା ସେବକ ଭାବେ ନୂଆଁଖାଳି ଯାଇ ଏ ନାରକୀୟ ହତ୍ୟାକାଣ୍ଡ ବନ୍ଦ କରିବା ପାଇଁ ଚେଷ୍ଟା କରିବି ।" ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟକୁ ଦେଖି ପ୍ରଫୁଲ୍ଲ ତଥା ତାଙ୍କର ସାଥୀମାନେ ବାରଣ କଲେ । ସେ ଭାବିଲେ ଏପରି ପାଶବିକ ହତ୍ୟା ଲୁଣ୍ଠନ ଭିତରେ ନିରୀହ ଲୋକମାନେ ଅହିଂସା ବ୍ରତ ପାଳନ କରି ନିଜକୁ କିପରି ରକ୍ଷା କରିପାରିବେ କିପରି ବା ଏପରି ଅଯୌକ୍ତିକ ହତ୍ୟାର ଅହିଂସ ପ୍ରତିରୋଧ କରାଯାଇ ପାରିବ ? ସେ ସ୍ଥିର କଲେ ଭାରତର ପ୍ରତ୍ୟେକ ନାରୀ ଇଜ୍ଜତ ଓ ଆତ୍ମରକ୍ଷା ପାଇଁ ଗୋଟିଏ ଗୋଟିଏ ହତିଆର ରଖିବା ଉଚିତ । ଏହିପରି ମାନସିକ ଦ୍ୱନ୍ଦ୍ୱ ଦେଶର ପ୍ରତ୍ୟେକ ଅହିଂସା ବାଦୀ କର୍ମୀମାନଙ୍କ ମନରେ ଆସିଥିବ । କଲିକତାର ଫଜଲୁଲ ହକ୍, ଲିଗି ମନ୍ତ୍ରୀମଣ୍ଡଳ ବେଳେ ଯେଉଁ ନାରକୀୟ ହତ୍ୟା ଘଟିଗଲା ସେଥିରେ ଅଧିକାଂଶ ଓଡ଼ିଆ ଶ୍ରମିକ, ମୂଲିଆ, ଖଟିଖିଆ, ଗରିବ ଶ୍ରମଜୀବୀ ଥିଲେ ବୋଲି ଶ୍ରୀ ପଟ୍ଟନାୟକ ବିବରଣୀ ଦେଇଛନ୍ତି ।

ଏ ସବୁ ହିଂସାକାଣ୍ଡ ଓ ଜିନ୍ନାଙ୍କ ଉନ୍ମତ୍ତ ସତ୍ତ୍ୱେ କଂଗ୍ରେସ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ ୫ ଜଣ ମୁସଲିମଲିଗ ନେତାଙ୍କୁ ସ୍ଥାନ ଦେଲା । କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ଦୁଇଟି କାର୍ଯ୍ୟ କର୍ମୀ ଭାଗୀରଥିଙ୍କୁ ବହୁତ ଆନନ୍ଦ ଦେଇଥିଲା । ପ୍ରଥମ କାମଟି ହେଉଛି ଅସ୍ପୃଶ୍ୟତା ଅଧିନିୟମର ଘୋଷଣା ଏବଂ ଦ୍ୱିତୀୟଟି ହେଉଛି ସୁଭାଷ ବୋଷ ଓ ଆଜାଦ ହିନ୍ଦ ଫୌଜ ଉପରେ ଥିବା ସମସ୍ତ କଟକଣା ର ଉନ୍ମୂଳନ ।

ତା ୧୨ । ୧୧ । ୪୬ ଦିନ ଭାରତର ମହାନ୍ ଶିକ୍ଷା ପ୍ରେମୀ କାଶୀର ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ମହାମନା ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ମୃତ୍ୟୁରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଗଲା । ବରପାଲିରେ ମଧ୍ୟ ଶୋକସଭା ଭାଗୀରଥି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀ ନିଜେ

Digitized by PPRACHIN, SOA

ମାଳବ୍ୟଙ୍କୁ ମହାମନା ଉପାଧି ଦେଇଥିଲେ ।

ଐତିହାସିକ ମେରଠ କଂଗ୍ରେସ

ଐତିହାସିକ ମେରଠ କଂଗ୍ରେସ ଅନୁଷ୍ଠିତ ହେବାର ଘୋଷଣା ସରିଗଲା ଅଥି ଙ୍କ ମନରେ ନୂତନ ଉତ୍ସାହ ଭରିଦେଲା । ବ୍ରିଟିଶ ସରକାର ଭାବିଥିଲେ ଜିହ୍ନାଙ୍କ ଭାଇଲେଙ୍କ ଏକ ସନ ମଧ୍ୟବର୍ତ୍ତୀ କାଳୀନ କେନ୍ଦ୍ରୀୟ ସରକାରକୁ ଦୋହଲାଇ ଦେବ ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବ ଓ କଂଗ୍ରେସ ସଙ୍ଗଠନ ଦୁର୍ବଳ ହୋଇ ପଡ଼ିବ । କିନ୍ତୁ ସେ ସବୁ ହେଲାନାହିଁ । ମେରଠ କଂଗ୍ରେସ ସେ ଦୁରଭିସନ୍ଧିକୁ ପଣ୍ଡ କରିଦେଲା । ତତ୍କାଳୀନ ଗୃହମନ୍ତ୍ରୀ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ତାଙ୍କ ଭାଷଣରେ ଘୋଷଣା କଲେ — " ଏ ଦେଶର ଅସ୍ମରକ୍ଷା ଏଣିକି ତରବାରି ବଦଳରେ ତରବାରି ଦ୍ୱାରା କରିବାକୁ ହେବ । ସାମ୍ପ୍ରଦାୟିକ ଗଣ୍ଡଗୋଳ ଏକ ରାଜନୈତିକ ଅଭିସନ୍ଧି — ବର୍ତ୍ତମାନର କେନ୍ଦ୍ରୀୟ ସରକାରକୁ ତଡ଼ିବାର ଏକ ଜଘନ୍ୟ ଉପାୟ ମାତ୍ର । କିନ୍ତୁ ଆମେ ଜାଣୁ ଓ ବ୍ରିଟିଶ ସରକାର ଏ ଦେଶରୁ ଚାଲିଯିବ ଏହା ସୁନିଶ୍ଚିତ । " ନେହେରୁ କହିଲେ - " ଇଂରେଜ ମାନେ ଭାରତ ଛାଡ଼ି ଚାଲିଯିବା ପାଇଁ ମୁଖରେ କହୁଛନ୍ତି କିନ୍ତୁ ପଛପଟରେ ଆମ ବିରୁଦ୍ଧରେ ଷଡ଼ଯନ୍ତ୍ର ଚଳାଉଛନ୍ତି । ସେମାନେ ଆମ ଉପରେ ଯେଉଁ ଅତ୍ୟାଚାର କରି ଯାଉଛନ୍ତି ସେ ସବୁକୁ ଇତିହାସ କେବେ ଭୁଲିବ ନାହିଁ" । ମୌଲାନା ଅବୁଲ କଲାମ ଆଜାଦ କହିଲେ — "ଏ ସାମ୍ପ୍ରଦାୟିକ ପରି- ସ୍ଥିତିକୁ କଂଗ୍ରେସ ଦୃଢ଼ ଭାବରେ ମୁକାବିଲା କରିବା ଦରକାର ନ ହେଲେ କଂଗ୍ରେସ ଧ୍ୱଂସ ପାଇଯିବ । " ସେହିପରି ଶ୍ରୀମତୀ ଗାନ୍ଧି, ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ ଓ ଅନ୍ୟାନ୍ୟ ନେତାମାନେ ସାମ୍ପ୍ରଦାୟିକତା ବିରୁଦ୍ଧରେ ନିଜ ନିଜର ସଙ୍କଳ୍ପ ଘୋଷଣା କଲେ । ସମଗ୍ର ଦେଶ ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ହେଲା । ଡକ୍ଟର ସୀତାରାମୟା କହିଲେ — " ମୁଁ ଏକ ଗୁପ୍ତ ଦଲିଲ ଦେଖିଛି, ଯେଉଁଥିରେ ଭାରତର ୫୬୨ ଟି ଦେଶୀୟ ରାଜାଙ୍କୁ ନେଇ ଏକ ଅଲଗା ରାଷ୍ଟ୍ରସଂଘ ଗଠନର ଉଦ୍ୟମ ହେଉଛି । " ଏ ତଥ୍ୟ କଂଗ୍ରେସ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କଲା । ଗୁଲାମ ଭକସ୍ ସର୍ତ୍ତକବାଣୀ ଦେଲେ — " ଭବିଷ୍ୟତରେ ଦେଶୀୟ ରାଜ୍ୟମାନେ ଗୋଟିଏ ଗୋଟିଏ ପାକିସ୍ଥାନ ହୋଇଯିବେ । " ଭାରତର ଭବିଷ୍ୟତ ଉନ୍ମୋଚିତ ହୋଇଗଲା ।

ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ନେହେରୁ; ଜିହ୍ନା

Digitized by PPRACHIN, SOA

ବଳଦେବ ସିଂହ, ଲିଆକତଅଲି ଖାଁ, ବଡ଼ଲାଟ ଆଦି ବାହାରିଲେ ଲଣ୍ଡନ ଅଭିମୁଖେ । ୭ । ୧୨ । ୪୬ ଦିନ ବୈଠକ ବସିବାର ଥାଏ । ପଟେଲ ଦିଲ୍ଲୀରୁ ଘୋଷଣା କଲେ- “ଗୋଲ ଟେବୁଲ ବୈଠକ ସଫଳ ହେଉ ବା ବିଫଳ ହେଉ, ଆକାଶ ଛିଣ୍ଡୁ ବା ପୃଥିବୀ ଫାଟୁ, ତା ୯ । ୧୨ । ୪୬ ଦିନ ଶାସନ ବିଧାୟକ ସଭା ନିଶ୍ଚୟ ବସିବ ।” ସେ ଆହୁରି ଘୋଷଣା କଲେ – “ପ୍ରତ୍ୟେକ ଭାରତବାସୀ ନିଜ ନିଜକୁ ଜଣେ ସୈନିକ ବୋଲି ମନେକର । ହିଂସା ଦ୍ୱାରା ହେଉ ବା ଅହିଂସା ଦ୍ୱାରା ହେଉ ନିଜକୁ ଓ ନିଜ ଦେଶକୁ ରକ୍ଷା କରିବାକୁ ହେବ ।” ତାହାହିଁ ହେଲା । ୯ । ୧୨ । ୪୬ ଦିନ ଡ଼: ରାଜେନ୍ଦ୍ର ପ୍ରସାଦ ହେଲେ ଏ ଦେଶର ପ୍ରଥମ ରାଷ୍ଟ୍ରପତି । ଗଢ଼ିଲେ କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳ । ମଧ୍ୟବର୍ତ୍ତୀକାଳୀନ ସରକାରର ସମାପ୍ତି ହେଲା ।

ଉତ୍ସାହର ଯୁଆର ଭିତରେ ଭଗୀରଥି

ମେରଠ କଂଗ୍ରେସର ସଂକଳ୍ପ ଓ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ଗଠନ ଭଗୀରଥିଙ୍କୁ ଆହୁରି ସକ୍ରିୟ କରିଦେଲା । ସମାଜ ଓ ସରକାରରେ ଲାଗିଥିବା ଅନ୍ୟାୟ, ଅନାଚାର ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଆରମ୍ଭ ହେଲା ଚାଷ । ଷ୍ଟେଟ କଷ୍ଟମ ବିରୋଧୀ ଆନ୍ଦୋଳନ । ତାଙ୍କର ପୁରୁଣା ସାଥୀ କପିଳେଶ୍ୱର ନନ୍ଦ ସକ୍ରିୟ ସହଯୋଗ ଦେଲେ । ଆନ୍ଦୋଳନ ସଫଳ ହେଲା । ସେତେବେଳେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଶଙ୍କର ବାବୁଙ୍କୁ ସଙ୍ଗେ ନେଇ “ହୀରାଖଣ୍ଡ କୋଶଳ ପ୍ରଦେଶ” ଗଠନ ପାଇଁ ସରସହିତ ଆନ୍ଦୋଳନ ଆରମ୍ଭ କରିଦେଲେ । ଓଡ଼ିଶାର ପଶ୍ଚିମାଞ୍ଚଳ ବଡ଼ ପ୍ରଦେଶକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ତାଙ୍କ ବହୁ ଦିନର ସ୍ୱପ୍ନ ଥିଲା । ଭଗୀରଥି ଙ୍କୁ ସେ ପ୍ରବର୍ତ୍ତାଇଲେ ଆନ୍ଦୋଳନରେ ଯୋଗଦେବା ପାଇଁ । ମାତ୍ର ଭଗୀରଥି ଦୋକ ଟୋକ ଜବାବ ଦେଲେ “ଦେଶର ଏ ସଙ୍କଟସନ୍ଧି ମୁହୂର୍ତ୍ତରେ ଆପଣ ଏ ପ୍ରଶ୍ନକୁ ଉଠାନ୍ତୁ ନାହିଁ ।” ମିଶ୍ରେ ମଧ୍ୟ ସେ ପରାମର୍ଶକୁ ମାନିନେଲେ ।

ଭଗୀରଥି ଅନେକ ଗଠନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଶ୍ରୀମତୀ ପ୍ରଭାବତୀ ଦେବୀଙ୍କୁ ଭଗବାଁ ମହିଳା ଆଶ୍ରମରେ ଭର୍ତ୍ତି କରି ତାଙ୍କର ମାସିକ ଖର୍ଚ୍ଚର ବ୍ୟବସ୍ଥା ମଧ୍ୟ କରିଦେଲେ । ସେତେବେଳେ ତାଙ୍କ ପୁଅ ପ୍ରଫୁଲ୍ଲ ହିନ୍ଦୀ ବିଦ୍ୟାପୀଠ ସମିତିର ସଂଯୁକ୍ତ ସମ୍ପାଦକ ତଥା ହିନ୍ଦୀ ସାହିତ୍ୟ ପ୍ରଫେସର ରୂପେ କାର୍ଯ୍ୟରତ ଥାଆନ୍ତି । ପରିଚାଳନା ସମିତିର ସଭାପତି ଥିଲେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ।

Digitized by PPRACHIN, SOA

ଭାଗୀରଥି ତାଙ୍କ ପୁଅ ଓ ପ୍ରହ୍ଲାଦ ରାଏ ଲାଠଙ୍କ ଠାରୁ ଟଙ୍କା ନେଇ ଦୁଃସ୍ଥ କଂଗ୍ରେସ ପରିବାରର ସଦସ୍ୟ ମାନଙ୍କୁ ସାହାଯ୍ୟ କରୁଥିଲେ । ବନ୍ଧୁ ଚନ୍ଦ୍ରମଣିଙ୍କ ବିଧବା ପତ୍ନୀଙ୍କ ସେ ପରିବାରର ଯତ୍ନ ନେଉଥିଲେ ।

ଭାରତ ସ୍ୱାଧୀନ ହେଲା । ସ୍ୱାଧୀନ ଭାରତର ପ୍ରଥମ ସ୍ୱାଧୀନତା ସମ୍ବାଦ ପାଳନ କରାଗଲା ସାରା ଦେଶରେ । ଗଡନାଥ ଗନ୍ତିଆଙ୍କ ସଭାପତିତ୍ୱରେ ତା ୧୯ । ୮ । ୪୭ ଦିନ ବରପାଲି ଠାରେ ପାଳିତ ହେଲା । କିନ୍ତୁ ଭାରତବର୍ଷ ହିନ୍ଦୁସ୍ଥାନ ଓ ପାକିସ୍ଥାନ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିବାରୁ ଭିତରେ ଭିତରେ ଖେଳିଯାଇ-ଥିଲା ବିଷାଦର ଛାୟା ।

ସ୍ୱାଧୀନତା ଆନ୍ଦୋଳନ ଚାଲିଥିବା ବେଳେ ଦେଶର ପ୍ରତ୍ୟେକ ଚେତନଶୀଳ ବ୍ୟକ୍ତି ମାନଙ୍କ ମାନସ ପଟରେ ସ୍ୱାଧୀନତାର ନୂଆଁ ନୂଆଁ ରୂପରେଖ ଅଙ୍କିତ ହୋଇଥିଲା । ଗାନ୍ଧିଜୀ ସ୍ୱପ୍ନ ଦେଖୁଥିଲେ ରାମରାଜ୍ୟର କିନ୍ତୁ ସେ ରାମରାଜ୍ୟ ରାମଙ୍କ ସାତହଜାର ବର୍ଷପରେ ବର୍ତ୍ତମାନ ଭାରତର ପୃଷ୍ଠ ଭୂମି ରେ କିପରି ରୂପାୟିତ ହେବ ତାହାର ସ୍ପଷ୍ଟ କଳ୍ପନା ସ୍ୱୟଂ ଗାନ୍ଧି ଜୀ ମଧ୍ୟ କରିପାରି ନଥିଲେ । ସ୍ୱାଧୀନତା ପରେ ଏ ଦେଶର ନୂତନ ସମ୍ବିଧାନ କେଉଁ ତତ୍ତ୍ୱ ରେ ଗଠିତ ହେବ ତାହାର ରୂପରେଖ ନେହେରୁ ଙ୍କୁ ମଧ୍ୟ ସ୍ପଷ୍ଟ ରୂପେ ଜଣା ନଥିଲା । ବ୍ରିଟେନ୍, ଆମେରିକା ସୋଭିଏତ୍ ସଂଘ, ସୁଇଜରଲେଣ୍ଡ ଏପରି କେଉଁ ଦେଶର ଆଦର୍ଶ କୁ ନେଇ ଭାରତ ଶାସନ ପରିଚାଳିତ ହେବ ଏ ବିଷୟରେ ସୁସ୍ପଷ୍ଟ କଳ୍ପନା ସେତେ ବେଳେ ନଥିଲା ରାଜେନ୍ଦ୍ର ବାବୁ ଓ ପଟେଲ ଆଦିଙ୍କ ମନମାନସରେ । ଗାନ୍ଧି ଓ ନେହେରୁଙ୍କ ମନରେ ସ୍ୱାଧୀନ ଭାରତର ନିର୍ଦ୍ଦିଷ୍ଟ ପ୍ରଶାସନିକ ଚିନ୍ତା ନଥିବା କଥା ନେହେରୁ ତାଙ୍କ ଜୀବନୀ ରେ ଲେଖିଯାଇଛନ୍ତି । ବରପାଲି ମାଟିରେ ଜନ୍ମନେଇଥିବା ଗୋଟିଏ ଗରିବ ସାଧାରଣ ଗାଉଁଆ ଭାଗୀରଥି ଙ୍କ ମନରେ ଥିଲା ଗୋଟିଏ ସ୍ୱତନ୍ତ୍ର ଭାବନା । ସେ ଚାହୁଁଥିଲେ ସ୍ୱାଧୀନ ଭାରତର ଗ୍ରାମେ ଗ୍ରାମେ ଓ ପ୍ରତ୍ୟେକ ପଡ଼ାରେ ଗଠିତ ହେଉ ଗୋଟିଏ ଗୋଟିଏ ମଜବୁତ୍ ପଞ୍ଚାୟତ । ସେହି ପଞ୍ଚାୟତର ସ୍ୱୟଂସେବକ ମାନଙ୍କୁ ମିଳୁ ପୋଲିସ ର କ୍ଷମତା । ଅନେକ ପାରସ୍ପରିକ ବିବାଦର ସମାଧାନ ହେଉ ସେହି ପଞ୍ଚାୟତ ମାନଙ୍କରେ । ଗ୍ରାମ ପଞ୍ଚାୟତ, ଥାନା ପଞ୍ଚାୟତ, ତହସିଲ ଓ ଜିଲ୍ଲା ପଞ୍ଚାୟତ ଏହି କ୍ରମରେ ପଞ୍ଚାୟତ, ଗଠିତ ହେଉ । ତଦ୍ୱାରା ପୋଲିସ ଓ ନ୍ୟାୟାଳୟ ମାନଙ୍କ

Digitized by PPRACHIN, SOA

କ୍ଷମତା ସୀମିତ ହୋଇ ରହିବ । ଦେଶରେ ଆଉ ଗୋଟିଏ ସୁଦ୍ଧା ମଦଭାଟି ବା ମଦଦୋକାନ ରହିବ ନାହିଁ । ଭୂମି ସମ୍ପତ୍ତି ର ପୁନଃ ସଂସ୍କାର କରାଯିବ ଯଦ୍ୱାରା ଆଉ କେହି ଭୂମିହୀନ ରହିବେ ନାହିଁ । ଅନ୍ନହୀନ, ବସ୍ତ୍ରହୀନ ହୋଇ କେହି ରହିବେ ନାହିଁ । ଚିକିତ୍ସା ଓ ଔଷଧର ଅଭାବ କାହାରି ନଥିବ । ଜାତି-ବର୍ଣ୍ଣ ଭେଦ ସମ୍ପୂର୍ଣ୍ଣ ରୂପେ ଲୋପ ହୋଇଯିବ । ସେ ଲାଗିପଡିଲେ ପଞ୍ଚାୟତ ଗଠନରେ । ଏ ସମ୍ବନ୍ଧ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଙ୍କୁ ସେ ମଝିରେ ମଝିରେ ପତ୍ର ଲେଖୁଥିଲେ । ମହତାବ ମଧ୍ୟ ତାଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇ ଅନେକ କାମ କରୁଥିଲେ । ଭାଗୀରଥି ଙ୍କୁ ତା ୨୨ । ୯ । ୪୭ ଦିନ ପ୍ରଶଂସା ପତ୍ର ମଧ୍ୟ ମିଳିଲା । ଗ୍ରାମସେବକ ମଣ୍ଡଳ କୁ ପୋଲିସ ସହଯୋଗ କଲା । ଭଗବାନ ମେହେର ଓ ଭାଗୀରଥି ପଟ୍ଟନାୟକ ଙ୍କ ଏସବୁ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ । ନବୋଦିତ ସ୍ୱାଧୀନତା କିପରି ସୁଦୃଢ଼ ଓ ସଫଳ ହେବ ସେଥିପାଇଁ ଭାଗୀରଥି ସମ୍ବଲପୁର ଜିଲ୍ଲାରେ ଅନେକ ଗଠନ ମୂଳକ କାର୍ଯ୍ୟ କରିଗଲେ ।

କିନ୍ତୁ କ୍ରମେ କ୍ରମେ ତାଙ୍କୁ ନିରାଶ ହେବାକୁ ପଡ଼ିଲା । ୧୭ । ୧୨ । ୪୭ ଦିନ ତାଙ୍କୁ କୋଧରାମ ଦୁବେଙ୍କଠାରୁ ମିଳିଲା ଇଂରେଜୀର ଛପା ହୋଇଥିବା ଗୋଟିଏ ନିମନ୍ତ୍ରଣ ପତ୍ର । ତତ୍କାଳୀନ ରାଜ୍ୟପାଳ ଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଅଭ୍ୟର୍ଥନା ସମିତିରୁ ଜଣେ ସଭ୍ୟ ଭାବରେ ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଭଗୀରଥି ଇଂରେଜୀ ନିମନ୍ତ୍ରଣ ପତ୍ରକୁ ଫେରେଇ ଦେଇ ସମ୍ବର୍ଦ୍ଧନା ସମିତିରୁ ଓହରି ଯାଇଥିଲେ । କୋଧରାମ ଦୁବେ ଙ୍କୁ ପତ୍ରଲେଖି ଜଣାଇଲେ — " ଆମେ ରାଜ୍ୟପାଳ ଙ୍କ ଅଭ୍ୟର୍ଥନା ଚାହୁଁ ନାହିଁ ଯେହେତୁ ଅଭ୍ୟର୍ଥନା ଗ୍ରହଣ କରିବାକୁ ତାଙ୍କର ହୃଦୟ ନାହିଁ କି ସମୟ ନାହିଁ ।" ଯେତେବେଳେ ରାଜ୍ୟପାଳ କୈଳାସନାଥ କାଟଜୁ ବରପାଲି ଆସିଲେ ତାଙ୍କୁ ଭେଟି ଶ୍ରୀ ପଟ୍ଟନାୟକ ଦାବୀ କଲେ ଯେ -"ଓଡ଼ିଶା ରୁ ମଦଭାଟି ସବୁ ଉଠେଇ ଦିଆଯାଉ ।" ଉତ୍ତରରେ ରାଜ୍ୟପାଳ କହିଲେ -"ମଦୁଆ ମାନଙ୍କ ମୁହଁରେ କେହି ମଦ ଢାଳୁ ନାହାନ୍ତି । ଏଣୁ ମଦ ପିଇବା ଛାଡ଼ିଲେ ଭଲହେବ ।" ରାଜ୍ୟପାଳଙ୍କ ଏପରି ଭ୍ରାନ୍ତ ଓ ଅସଙ୍ଗତ ଉତ୍ତର ଭଗୀରଥିଙ୍କୁ କ୍ଷୁବ୍ଧ କରିଥିଲା । ଜଣେ ପଦସ୍ଥ ଗାନ୍ଧିଭକ୍ତଙ୍କ ଠାରୁ ସେ ଏପରି ଉତ୍ତର ଆଶା କରିନଥିଲେ ।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ଭାରତ ଦେଶୀୟ ରାଜ୍ୟ ମାନଙ୍କ

Digitized by PPRACHIN, SOA

ବିଲୋପ ହେଲା । ହାଇଦ୍ରାବାଦ, ବରୋଦା ଆଦି ବଡ଼ ବଡ଼ ରାଜ୍ୟମାନଙ୍କ ମିଶ୍ରଣ ସଙ୍ଗେ ସଙ୍ଗେ ୧୯ । ୧୨ । ୧୭ ଦିନ ଓଡ଼ିଶାର ସମସ୍ତ ଗଡ଼ଜାତ ଗୁଡ଼ିକର ମଧ୍ୟ ବିଲୟ ହେଲା । ସେଦିନ କଟକ ଠାରେ ଓଡ଼ିଶାର ସମସ୍ତ ରାଜା ଏକତ୍ରିତ ହୋଇ ନିଜ ନିଜ ରାଜ୍ୟ ଭାରତ ସରକାରଙ୍କୁ ଅର୍ପଣ କରି ଚୁକ୍ତି ପତ୍ର ସ୍ୱାକ୍ଷର କଲେ । ସେହିପରି ଅନ୍ୟାନ୍ୟ ରାଜ୍ୟପରି ତା ୨୬ । ୧୨ । ୪୭ ଦିନ ଓଡ଼ିଶାର ସମସ୍ତ ଜମିଦାରୀ ର ମଧ୍ୟ ଉଚ୍ଛେଦ ହେଲା । ମାତ୍ର ଭାରତର ପ୍ରଗତିଶୀଳ ଯୁବକ ବର୍ଗ ବିଶେଷ କରି କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ମାନେ ରାଜା ଜମିଦାର ମାନଙ୍କୁ ଦିଆଯାଉଥିବା କ୍ଷତିପୂରଣ ଓ ଭତ୍ତା ବ୍ୟବସ୍ଥାର ବିରୋଧ କଲେ । କଂଗ୍ରେସୀ ଭାଗୀରଥି ମଧ୍ୟ ଏପରି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

ହିମାଳୟର ଛାତିରେ ଗୁଳି

ଏ ମଧ୍ୟରେ ଗାନ୍ଧିଜୀ ଆମରଣ ଅନଶନ ଆରମ୍ଭ କରିଦେଲେ । ତାଙ୍କର ଦାବୀଥିଲା-ହିନ୍ଦୁ ମୁସଲମାନ୍ ଏକତା ଓ ପାକିସ୍ଥାନ କୁ ରିଜର୍ଭର ନ୍ୟାଯ୍ୟୋଚିତ ଅଂଶ ପ୍ରଦାନ । ପାକିସ୍ଥାନ କୁ ରିଜର୍ଭ ଦିଆଗଲା । ଗାନ୍ଧି ଅନଶନ ଭଙ୍ଗ କଲେ ।

ଆମରଣ ଅନଶନ ଭଙ୍ଗପରେ ଗାନ୍ଧିଜୀ ନିଜର ପ୍ରାର୍ଥନା ସଭା ମାନଙ୍କ ରେ ହିନ୍ଦୁ ମୁସଲ୍ମାନ୍ ଏକତା ଉପରେ ଅଧିକ ଜୋର ଦେଲେ । ବଡ଼ ବଡ଼ ନେତା ମାନଙ୍କ ଦୋଷରୁ ହେଉ ବା ବ୍ରିଟିଶ ସରକାର ଙ୍କ କୁଚକ୍ରାନ୍ତରୁ ହେଉ ପାକିସ୍ଥାନ ଗଠିତ ହୋଇଯାଇଥିଲା । ବ୍ୟଥିତ ବାପୁ ଚାହୁଁଥିଲେ ଏ ଦୁଇଟି ରାଷ୍ଟ୍ର ଭାଇ ଭାଇ ପରି ମିଳିମିଶି ଶାନ୍ତିରେ ରହି ବିକାଶ ଲାଭ କରନ୍ତୁ । ଉଭୟ ଦେଶରେ ହିନ୍ଦୁ ମୁସଲମାନ ଭ୍ରାତୃତ୍ୱ ବଜାୟ ରହୁ, ରକ୍ତର ହୋଲିଖେଳ ନ ହେଉ । । ଗାନ୍ଧିଜୀ ଙ୍କ ଏସବୁ କଥା ବିଶେଷ କରି ପାକିସ୍ଥାନକୁ ରିଜର୍ଭର ଭାଗ ଦେବା ବିଷୟ ଅନେକ କଂଗ୍ରେସ ନେତାଙ୍କୁ ଭଲଲାଗିଲା ନାହିଁ । ଅଭ କେତେକ ଉଗ୍ର ହିନ୍ଦୁ ମହାସଭା, ଜନ ସଂଘ ଓ ଜନସଂଘ ର ଅର୍ଦ୍ଧସୈନିକ- ରାଷ୍ଟ୍ରୀୟ ସ୍ୱୟଂ ସେବକ ଦଳ ଗାନ୍ଧିଙ୍କ ମତର ଖୋଲା ଖୋଲି ତୀବ୍ର ବିରୋଧ କଲେ । ଏସବୁ ହିନ୍ଦୁ ସଂଗଠନ ଗୁଡ଼ିକୁ ସେତେବେଳେ ଆର୍ଥିକ ସାହାଯ୍ୟ ଦେଉଥିଲେ "ବିର୍ଲା ଓ ଦ୍ରବର୍ ।" ସେମାନେ ଡାହାଣ ହାତରେ ଗାନ୍ଧି ଓ କଂଗ୍ରେସକୁ ଅର୍ଥ ଯୋଗାଉଥିବାବେଳେ ବାମ ହାତରେ

Digitized by PPRACHIN, SOA

ଗୁପ୍ତ ଭାବେ ଏ ସବୁ ସାମ୍ପ୍ରଦାୟିକ ସଂଗଠନକୁ ସମସ୍ତ ପ୍ରକାର ସାହାଯ୍ୟ ଦେଉଥିଲେ । ତାଙ୍କୁ ମଧ୍ୟ ଗାନ୍ଧିଙ୍କ ମାଣ୍ଡଭଲ ଲାଗୁ ନଥିଲା । ଏ ସବୁ ବିଷୟ ଗାନ୍ଧିଜୀ ଅନୁଭବ କରି ପାରୁଥିଲେ । ମର୍ମାହତ ଗାନ୍ଧିଙ୍କ ମୁଖରୁ ବାରମ୍ବାର ଗୋଟିଏ କଥା ବାହାରୁଥିଲା — "ହେ ପ୍ରଭୁ ମୁତେ ଉଠାଲେ !" ଦିନେ ସେ ବିଡ଼ମ୍ବିତ ମୁହୂର୍ତ୍ତ ପହଞ୍ଚିଲା । ୩୦ ଜାନୁୟାରୀ ୧୯୪୮ ସନ୍ଧ୍ୟା । ବିରଳା ଭବନ ସମ୍ମୁଖସ୍ଥ ପ୍ରାର୍ଥନା ସଭାରେ ଯୋଗଦେବା ପାଇଁ ଗାନ୍ଧିଜୀ ଯାଉଥିବା ବେଳେ ଧାଏଁ-ଧାଏଁ — ଧାଏଁ ! ଗୁଳିରେ ବାଜିଲା ତିନୋଟି ଗୁଳି । ଆର୍. ଏସ୍. ଏସ୍. ର ଜଣେ ସକ୍ରିୟ ସଂଗଠକ ନାଥୁରାମ ଗଡ୍‌ସେ ଥିଲା ହତ୍ୟାକାରୀ । ହିନ୍ଦୁ ଧର୍ମର ଜଣେ ତେଜସ୍ୱୀ ଋଷିଙ୍କୁ ଧର୍ମାନ୍ଧ ମାନେ ମାରିଦେଲେ । ବିଶାଳ ଭାରତ ର ପବିତ୍ର ବକ୍ଷ ଏବଂ ଉଦାର ହିନ୍ଦୁ ଧର୍ମର ଅମଳିନ ଧ୍ୱଜାରେ ସେଦିନ ଯେଉଁ କଳଙ୍କର କାଳିମା ବୋଳି ହୋଇଗଲା ତାହାକୁ ଗଙ୍ଗା ଓ ଯମୁନାର ପରମ ପବିତ୍ର ଜଳ କେବେ ଧୋଇ ପାରିବ ନାହିଁ ।

ଗାନ୍ଧିଙ୍କ ବିୟୋଗ ରେ ଶୋକାଭିଭୂତ ଭାଗୀରଥି ୯ । ୨ । ୪୮ ଦିନ ମୁଣ୍ଡ ବାଳ ପକାଇ ଶ୍ରାଦ୍ଧ କଲେ । ପ୍ରମୁଖ ଗ୍ରାମ ମାନଙ୍କରେ ଯଥାଶକ୍ତି ଶ୍ରାଦ୍ଧର ଆୟୋଜନ କଲେ । ସେ ଚାହୁଁଥିଲେ ଗାନ୍ଧି ଥିଲେ ହରିଜନ ଓ ଅସ୍ପୃଶ୍ୟ ମାନଙ୍କ ଉଦ୍ଧାରକର୍ତ୍ତା । ଶ୍ରାଦ୍ଧ ଦିନ ମାନଙ୍କରେ ହରିଜନ ମାନଙ୍କ ମନ୍ଦିର ପ୍ରବେଶ ଆନ୍ଦୋଳନ ସଂଗଠିତ କଲେ । ବରଢାଳ ଜଗନ୍ନାଥ ମନ୍ଦିରକୁ ହରିଜନ ମାନଙ୍କ ପ୍ରବେଶ ହେଲା । ପାଣିମୋହ, ସମଲେଇ ପଦର, ବଉଁଶଙ୍କ ଆଦି ସ୍ଥାନ ମାନଙ୍କରେ ଶ୍ରାଦ୍ଧ ସଭା ଅନୁଷ୍ଠିତ ହେଲା । ଟୁକୁର୍ଲ ଗ୍ରାମରେ ଗୌନ୍ତିଆ କୁଞ୍ଜ ବିହାରୀ ମେହେର ଓ ତାଙ୍କ ସ୍ତ୍ରୀ ଇଳା ଦେବୀଙ୍କ ତତ୍ତ୍ୱାବଧାନରେ ଗୋଟିଏ ଗାନ୍ଧି ଶ୍ରାଦ୍ଧଭୋଜିର ଆୟୋଜନ ହେଲା । ଆମ୍ବତୋଟାରେ ହରିଜନ ମାନଙ୍କ ସହିତ ସହ ଭୋଜନ ହେଲା ଏବଂ କୁଞ୍ଜ ବିହାରୀ ହରିଜନ ମାନଙ୍କୁ ଶିବ ମନ୍ଦିରକୁ ପ୍ରବେଶ କରାଇଲେ । ଟୁକୁର୍ଲ ଗ୍ରାମର ସବର୍ଣ୍ଣ ମାନେ ଉତ୍କ୍ଷିପ୍ତ ହୋଇ ଗୌନ୍ତିଆ ପରିବାର ଉପରେ ନାନା ପ୍ରକାର ଉତ୍ପୀଡ଼ନ ଆରମ୍ଭ କରିଦେଲେ । ଅବସ୍ଥା ଏପରି ହେଲା, ଅଗତ୍ୟା କୁଞ୍ଜ ବିହାରୀ ବରପାଲି ଚାଲି ଆସିଲେ ଭାଗୀରଥିଙ୍କ ପାଖକୁ । ଅନେକ ପ୍ରୟାସ ସତ୍ତ୍ୱେ ସବର୍ଣ୍ଣ ମାନଙ୍କ ଉତ୍ପାତ ବନ୍ଦ ହେଲାନାହିଁ । ଶେଷରେ କୁଞ୍ଜବିହାରୀଙ୍କୁ ସପରିବାର ଗ୍ରାମ ଛାଡ଼ିବାକୁ ହୋଇଥିଲା । ନିକଟସ୍ଥ ସୁଲସୁଲିଆ ଗ୍ରାମରେ ସେମାନେ ରହିଲେ । ସମାଧାନ ପାଇଁ ଭାଗୀରଥି ସରକାରଙ୍କ ନିକଟରେ ଦାବୀ କଲେ କିନ୍ତୁ କିଛି ଫଳ ହେଲାନାହିଁ । ସ୍ୱାଧୀନ ଭାରତରେ ଓଡ଼ିଶାର

Digitized by PPRACHIN, SOA

କଂଗ୍ରେସୀ ସରକାର ଯେତେବେଳେ କଣ୍ଟ ପ୍ରଚାର କଲେ ନାହିଁ ଭଗୀରଥି ଗଭୀର ଦୁଃଖ ଅନୁଭବ କଲେ । କୁଞ୍ଜବିହାରୀ ଜେଲ ଯାଇ ନଥିଲେ ମଧ୍ୟ ସ୍ୱାଧୀନତା ସଂଗ୍ରାମ-ରେ ତାଙ୍କ ଅବଦାନକୁ ଭଗୀରଥି ବା ଭୁଲି ଯାଆନ୍ତେ କିପରି ? ତାଙ୍କ ମନରେ ନୈରାଶ୍ୟ ଜାତ ହେଲା । କଂଗ୍ରେସ ଶାସନ ଉପରୁ ସେ ଆସ୍ଥା ହରାଇ ବସିଲେ । ସେ ଅନୁଭବ କଲେ-"ଗାନ୍ଧିଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଏ ଦେଶରୁ ଗାନ୍ଧିବାଦର ମଧ୍ୟ ବିଲୋପ ଘଟିଛି ।" ଏ କଥା ସେ ମୃତ୍ୟୁ ପର୍ଯ୍ୟନ୍ତ ବାରମ୍ବାର କହୁଥିଲେ । ସେ ଆହୁରି ମଧ୍ୟ କହୁଥିଲେ ଯେ –" ଗାନ୍ଧିଙ୍କ ମୃତ୍ୟୁ କୌଣସି ହରିଜନ ବସ୍ତିରେ ନ ହୋଇ କାହିଁକି ବିର୍ଲାର ପ୍ରାସାଦ ପ୍ରାଙ୍ଗଣରେ ହେଲା ?" ଭଗୀରଥିଙ୍କ ହୃଦୟରେ ମଧ୍ୟ ଅନୁଶୋଚନା ଅନାସ୍ଥା ଓ ଅବିଶ୍ୱାସର ଗୁଳି ବାଜିଲା ।

ପ୍ରଫୁଲ୍ଲ ପ୍ରତ୍ୟକ୍ଷ ରାଜନୀତିରୁ ଦୂରରେ

ଜେଲରୁ ମୁକ୍ତ ହେବା ପରେ ପ୍ରଫୁଲ୍ଲ ହିନ୍ଦୀ ବିଦ୍ୟାପିଠର ପରିଚାଳନା ତଥା ଅଧ୍ୟାପନା କାର୍ଯ୍ୟରେ ଅବୈତନିକ ନିୟୋଜିତ ଥିଲେ । ତାଙ୍କ ବିବାହ ପ୍ରସଙ୍ଗକୁ ନେଇ ବର୍ଷେ ପର୍ଯ୍ୟନ୍ତ ଟଣା ଓଟରା ଚାଲିଲା । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଚାହିଁଥିଲେ ତାଙ୍କ ଆଶ୍ରମର ଗୋଟିଏ ଝିଅ ସାଙ୍ଗରେ ପ୍ରଫୁଲ୍ଲର ବିବାହ ହେଉ । କିନ୍ତୁ କୌଣସି କାରଣରୁ ଭଗୀରଥି ସେ ପ୍ରସ୍ତାବରେ ସମ୍ମତ ହେଲେ ନାହିଁ । ୧୯।୭।୪୮ ଦିନ ସାରଙ୍ଗଗଡରେ ସରସ୍ୱତୀ ଦେବୀ ଙ୍କ ସଙ୍ଗେ ପ୍ରଫୁଲ୍ଲଙ୍କ ହେଲା ବିବାହ । ବିବାହ ପରେ ପ୍ରଫୁଲ୍ଲ ଅବୈତନିକ କାର୍ଯ୍ୟରୁ ଓହରି ଆସି ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀକୃଷ୍ଣ ସିଂହ, ମନ୍ତ୍ରୀ ବିନୋଦାନନ୍ଦ ଝା ତଥା ରୋପାଳ ଲାଲ ବର୍ମାଙ୍କ ପରାମର୍ଶ କ୍ରମେ ବିହାର ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ଜଣେ ପଦସ୍ଥ ଅଫିସର ରୂପେ ଯୋଗ-ଦେଲେ । ସେ ବିଭାଗଟି ନୂଆ ସୃଷ୍ଟି ହୋଇଥାଏ । ମୁଖ୍ୟମନ୍ତ୍ରୀ ଓ ବିନୋଦାନନ୍ଦ ଝା ଙ୍କ ନିର୍ଦ୍ଦେଶ କ୍ରମେ ପ୍ରଫୁଲ୍ଲ ପ୍ରଥମ କରି ନିର୍ମାଣ କଲେ ଗୋଟିଏ କଲ୍ୟାଣ ଯୋଜନା । ସ୍ୱାଧୀନତା ପୂର୍ବରୁ ଆଦିବାସୀ ମାନଙ୍କ କଲ୍ୟାଣ କାରୀ ଯୋଜନାରେ ଠକ୍କର ବାପା ଙ୍କ ସଙ୍ଗେ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା ଦୃଷ୍ଟିରୁ ପ୍ରଫୁଲ୍ଲଙ୍କୁ ଏ ଦାୟିତ୍ୱ ଦିଆ ଯାଇଥିଲା । ସେ ଯୋଜନା ଦ୍ୱାରା ଆଜି ପର୍ଯ୍ୟନ୍ତ ଆଦିବାସୀ ଓ ହରିଜନ ମାନଙ୍କ କଲ୍ୟାଣ ସାଧିତ ହେଉଅଛି । ପ୍ରଫୁଲ୍ଲ ବିହାରରେ ଥାଇ ସନ୍ତାଳି ଭାଷାରେ ନାଗରୀ (ହିନ୍ଦୀ) ଲିପିର ପ୍ରଚଳନ କଲେ ଏବଂ ସେ ଲିପିରେ ସନ୍ତାଳି ଉଚ୍ଚାରଣ ପାଇଁ ଅନେକ ନୂତନ ନୂତନ ଧ୍ୱନି ଚିହ୍ନ ମାନଙ୍କର ଉଦ୍ଭାବନ ମଧ୍ୟ କରିଥିଲେ । ତାଙ୍କର ଏ ସବୁ

Digitized by PPRACHIN, SOA

କାର୍ଯ୍ୟ କଳାପ ଦେଖି ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଓ ହରେକୃଷ୍ଣ ମହତାବ ତାଙ୍କୁ ହିନ୍ଦୀ ଭାଷାର ଅଧ୍ୟାପକ ରୂପେ ଓଡ଼ିଶାକୁ ଆଣିବାର ଚେଷ୍ଟା କରିଥିଲେ । କିନ୍ତୁ ବିହାର ସରକାର ତାଙ୍କୁ ଛାଡ଼ି ଦେବାକୁ ପ୍ରସ୍ତୁତ ହେଲେନାହିଁ । ଏପରି ଭାବେ ରଚନାତ୍ମକ ଦେଶ ହିତକର କାର୍ଯ୍ୟରେ ବ୍ୟସ୍ତ ରହି ପ୍ରଫୁଲ୍ଲ ପଟ୍ଟନାୟକ ପ୍ରତ୍ୟକ୍ଷ ରାଜନୀତି ଠାରୁ ଦୂରେଇ ଗଲେ । ତାଂକ ଭିତରେ ମଧ୍ୟ ରାଜନୈତିକ ଚକ୍ରର ପରିବର୍ତ୍ତନ ଦେଖା ଦେଇଥିଲା, ଯାହା ତାଂକ କବିତା ଓ ଲେଖା ଗୁଡ଼ିକରୁ ସ୍ପଷ୍ଟଭାବେ ଜଣାପଡ଼େ । ଗ୍ରାମରେ ଥାଇ ମଧ୍ୟ ସେ ଆଦିବାସୀ ଆନ୍ଦୋଳନ, ନିଶା ନିବାରଣ ଓ ଭୂଦାନ ଆନ୍ଦୋଳନର ସକ୍ରିୟ ସମର୍ଥକ ଥିଲେ ।

ଋଣ ପରିଶୋଧ

ଭଗୀରଥି ବାବୁ ସଂଗ୍ରାମୀ ଜୀବନ କାଳ ଭିତରେ ଅନେକ ଅଭାବ ଅସୁବିଧାର ସମ୍ମୁଖିନ ହୋଇଥିଲେ ମଧ୍ୟ କାହାର ପଇସାଟିଏ ସୁଦ୍ଧା ଲାଗିନଥିଲେ । ୧୯୧୯ ରୁ ଆଉ ତାଂକର ଉପାର୍ଜନ ନ ଥିଲା । ଜିଲ୍ଲା କଂଗ୍ରେସ କମିଟି ମଧ୍ୟ କର୍ମୀ ମାନଂକୁ ଆର୍ଥିକ ସାହାଯ୍ୟ ଦେବାକୁ ଅକ୍ଷମ । ଅଭାବ ଭିତରେ ମଧ୍ୟ ଭାଗୀରଥି ଙ୍କ ମନେଥାଏ ଯମୁନାଲାଲ ବଜାଜ ଙ୍କ ଠାରୁ ଆଣିଥିବା ଟ ୧୨-୫୦ପ, ବର୍ଷ ବର୍ଷ ଧରି ତାଂକୁ ଆଉ ପରିଶୋଧ କରି ପାରିଲେ ନାହିଁ । ପ୍ରଫୁଲ୍ଲ ଯେତେବେଳେ ସରକାରୀ ପର୍ଷଦ ରୂପେ ଜାମସେଦପୁରରେ ଥାଆନ୍ତି ତାଙ୍କୁ କହିଲେ ନିଜ ମନର ବ୍ୟଥା । ଯମୁନାଲାଲ ବଜାଜ ପରଲୋକ ଗମନ କରି ସାଆନ୍ତି । ତଥାପି ଯମୁନାଲାଲଙ୍କ ପୁଅ ରାଧାକୃଷ୍ଣ ବଜାଜଙ୍କ ନାଁ ରେ ଭାଗୀରଥି ୧୯୨୮ ରେ ନେଇଥିବା ଟ ୧୨-୫୦ପ ମନିଅର୍ଡର ଯୋଗେ ପଠାଇ ଦେଲେ । ମନିଅର୍ଡର କରି ସାରିଲା ପରେ ସେ ପୁଅକୁ କହିଲେ—"ବାବୁ ଏ ଋଣ ମୋ ଉପରେ ନୁହେଁ ସମ୍ବଲପୁର ଜିଲ୍ଲା କମିଟି ଉପରେ ଥିଲା । ଋଣ ଆଣିଥିବା ଟଂକା ଫେରାଇବା ଥିଲା ମୋର ଦାୟିତ୍ୱ । ତାହା ଆଜି ମୁଁ ପାଳନ କରି ଆନନ୍ଦିତ ଓ ମୁକ୍ତ । ଆମ ଜିଲ୍ଲାର ମାଟି କାହିଁକି ଋଣଗ୍ରସ୍ତ ହେବ ।" ମାସକ ଭିତରେ ମନିଅର୍ଡର ଫେରି ଆସିଲା ରାଧାକୃଷ୍ଣ ବଜାଜଙ୍କ ଠାରୁ ପ୍ରଶଂସାପୂର୍ଣ୍ଣ ଚିଠିଟିଏ ମଧ୍ୟ । ରାଧାକୃଷ୍ଣ ବଜାଜ ଲେଖିଥିଲେ-"ତାଙ୍କ ଖାତାରେ ଏ ଋଣର ହିସାବ କଟାବ ନାହିଁ ।" ଏପରି ଥିଲା ଭଗୀରଥିଙ୍କ ସଚ୍ଚୋଟ ପଣିଆ ।

ପରେ ଜିଲ୍ଲା କଂଗ୍ରେସ ଆଗରେ ଦେଖା ଦେଇଥିଲା ଅର୍ଥ ସଙ୍କଟ । ଲକ୍ଷ୍ମୀ

Digitized by PPRACHIN, SOA

ନାରାୟଣ ମିଶ୍ର ଭାଗୀରଥିଙ୍କୁ କହିଲେ ଜରୁରୀ ଅର୍ଥ ଯୋଗାଡ଼ ପାଇଁ । ଚନ୍ଦ୍ରାମଣିଙ୍କ ଝିଆରୀ ଭାନୁମତି ତାଙ୍କର ପଇରମାଳି ବନ୍ଧକ ରଖି ଦେଲେ ଶହେ ଟଙ୍କା । ସେ ଟଙ୍କା କୁ ମଧ୍ୟ ଜିଲ୍ଲା କଂଗ୍ରେସ କମିଟୀ ପରିଶୋଧ କରି ପାରିଲା ନାହିଁ । ପରିଶୋଧ କଲେ ଭାଗୀରଥି ପଟ୍ଟନାୟକ, ବ୍ୟକ୍ତିଗତ ଭାବେ ବହୁ ବର୍ଷ ପରେ ।

ଭାଗୀରଥି ଧରିଲେ ଲାଲ ପତାକା

୧୯୦୭ ରୁ ୧୯୪୭ ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷ ଭାଗୀରଥିଙ୍କ ହାତରେ ଥିଲା କଂଗ୍ରେସର ତ୍ରିରଙ୍ଗ ପତାକା । କିନ୍ତୁ ୭୩ ବର୍ଷର ଯୁବକ ଭାଗୀରଥି ଟୋଟିଏ ନୂତନ ବିଶ୍ୱାସ ଓ ଆଦର୍ଶ ନେଇ ନୂତନ ଯୁଗର ସୃଷ୍ଟି ପାଇଁ ଧରିଲେ ଲାଲ ପତାକା ।

ସ୍ୱାଧୀନତା ପରେ ଦେଶରୁ ମଦଭାଟି ଉଠିଲା ନାହିଁ ବରଂ ଦେଶୀ ଦୋକାନ ସଙ୍ଗେ ସଙ୍ଗେ ବିଦେଶୀ ମଦର ଚାହିଦା ବଢ଼ିଲା । ପ୍ରାଦେଶିକ ସରକାର ମାନେ ନିଶା-ନିବାରଣ ପାଇଁ କିଛି କିଛି ଚେଷ୍ଟା କରୁଥିଲେ କିନ୍ତୁ ସବୁ ବିଫଳ ହୋଇଗଲା । ଯେହେତୁ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ଦେଲେନାହିଁ । କୃଷକ ଓ ଶ୍ରମିକ ମାନଙ୍କ ହିତ ପାଇଁ ସରକାର କୌଣସି ଫଳପ୍ରଦ ପଦକ୍ଷେପ ନେଲେ ନାହିଁ । କୃଷିଜାତ ଦ୍ରବ୍ୟର ମୂଲ୍ୟ ବଢ଼ିଲା, ହେଲେ କୃଷକମାନେ ଲାଭବାନ ହେଲେ ନାହିଁ କାରଣ କାରଖାନା ପ୍ରସ୍ତୁତ କୃଷି ଉପକରଣ, ସାର ଇତ୍ୟାଦିର ମୂଲ୍ୟ ବହୁଗୁଣ ବଢ଼ିଗଲା । କୃଷକଙ୍କ ଦୁରବସ୍ଥା ଦୂର ହେଲା ନାହିଁ । ଶ୍ରମିକ ମାନଙ୍କ ମଜୁରୀ ବୃଦ୍ଧି ନ ହେବାରୁ ସେମାନେ ଜଣିକିଆଙ୍କ ଅଭାବ ଅନାଟନ ବଢି ଚାଲିଲା । ଭୂସଂସ୍କାର ଯଥାଯଥ ହେଲନାହିଁ । ସରକାର କେବଳ ଆଶ୍ୱାସନା ଦେଲେ । ସମସ୍ତଙ୍କ ଜଳ ସେଚନର ବ୍ୟବସ୍ଥା କରାଗଲା ନାହିଁ । ସ୍ୱାଧୀନତା ପୂର୍ବରୁ ଭାଗୀରଥି ପଟ୍ଟନାୟକ ତଥା କଂଗ୍ରେସ ଦ୍ୱାରା ଆହୁତ କୃଷକ ସମ୍ମିଳନୀ ମାନଙ୍କରେ ଯେଉଁ ସବୁ ଦାବୀ ଓ ପ୍ରସ୍ତାବ ଗୁଡ଼ିକ ଗୃହୀତ ହୋଇଥିଲା ତା ମଧ୍ୟରୁ ଗୋଟିଏ ମଧ୍ୟ କାର୍ଯ୍ୟକାରୀ ହେଲନାହିଁ । ଦେଶୀୟ ରାଜ୍ୟ ଓ ଜମିଦାରୀ ଉଚ୍ଛେଦ ସାଧନ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀ ମାନଙ୍କ ଦାଉ ଅଧିକ ହେଲା । ନଏ ଢଙ୍ଗର କର୍ମଚାରୀମାନେ ହୋଇଗଲେ ଗୋଟିଏ ଗୋଟିଏ ଜମିଦାର । ଗାନ୍ଧିଜୀ "ଅସ୍ପୃଶ୍ୟ" ଶବ୍ଦର ଯେଉଁ ପାରିଭାଷିକ "ହରିଜନ" ଦେଇଥିଲେ ସେ ଶବ୍ଦଟି ସ୍ୱୟଂ ହୋଇଗଲା ଅସ୍ପୃଶ୍ୟ-ଅର୍ଥାତ୍ ହରିଜନ କହିଲେ ଲୋକେ ଅସ୍ପୃଶ୍ୟ

Digitized by PPRACHIN, SOA

ମାନଙ୍କୁ ବୁଝିଲେ । ମନ୍ଦିର ମାନଙ୍କରେ ହରିଜନ ଙ୍କ ପ୍ରବେଶ କଥାରେ କଥାରେ ରହିଲା । ତାହା ପ୍ରକୃତ ବ୍ୟାବହାରିକତା ପାଇଲା ନାହିଁ । ହରିଜନ ନିର୍ଯ୍ୟାତନା ବଢ଼ିଲା । ଗ୍ରେଟ ଗ୍ରେଟ ଉଚ୍ଚ ଘର ମାନଙ୍କରେ ଯେଉଁ ଖଦୀ ଭଣ୍ଡାର ଗୁଡ଼ିକ ଥିଲା ସେସବୁ ହୋଇଗଲା "ଖଦୀ ଏମ୍ପୋରିୟମ୍" ବଡ ବଡ଼ିଆ ତଥା କଥିତ ଦେଶସେବୀ ଙ୍କ ପାଇଁ ମିଶ୍ରିତ ସରୁଖଦୀ ଉଆଶ ହେଲା । ଖଦୀ ର ମୂଲ୍ୟ ମଧ୍ୟ ବଢ଼ିଲା । ପ୍ରାନ୍ତୀୟ ଏସେମ୍ବ୍ଲି ପାଇଁ ହେଉଥିବା ନିର୍ବାଚନ ରେ ପ୍ରକୃତ ନିଷ୍ଠାପର କଂଗ୍ରେସ କର୍ମୀ ଙ୍କ ସ୍ଥାନ ରହିଲା ନାହିଁ । ସୁବିଧା ବାଦୀ, ଧନୀ, ଜମିଦାର ମାନଙ୍କୁ କଂଗ୍ରେସ ଟିକଟ ଦିଆଗଲା-ଯେଉଁମାନେ କି ନିଜର ପଇସା ବଳରେ ଭୋଟ କିଣି ନିର୍ବାଚନ ଜିଣିବାକୁ ସମର୍ଥ ହେବେ । ପ୍ରାନ୍ତୀୟ ଶାସନରେ ସ୍ୱାର୍ଥପର କ୍ଷମତା ଲୋଭୀଙ୍କ ସଂଖ୍ୟା ବଢ଼ିଲା । ପ୍ରଶାସନର ଧାନ କ୍ଷେତରେ ଏତେ ଘାସଗଚ୍ଛ ଓ ବାଲୁଙ୍ଗା ଉଠିଗଲା ଯେ ସେ ସବୁକୁ ନିର୍ମୂଳ କରିବା କଠିଣ ଓ ଅସମ୍ଭବ ହୋଇ ପଡ଼ିଲା । ସେହିପରି ଏ ସୁବିଧାବାଦୀ ଉଚ୍ଚ ଖଦଡ଼ଧାରୀ ଓ ଏବେ ଗାନ୍ଧି ଖଦଡ଼ଧାରୀ ଜନସାଧାରଣଙ୍କ ପକ୍ଷରେ ଚିହ୍ନିବା ମୁସ୍କିଲ ହୋଇଗଲା । [illegible] ସମ୍ପୂର୍ଣ୍ଣ ଶାସନକଳ ଧନୀ ଓ ସୁବିଧାବାଦୀଙ୍କ ହାତକୁ ଆସିଯିବାରୁ ସେମାନେ ସାବଲମ୍ବ ସରକାରୀ ଅଫିସର ମାନଙ୍କୁ ନିଜର ସ୍ୱାର୍ଥ ସାଧନ ପାଇଁ ଭ୍ରଷ୍ଟାଚାର କରିଦେଲେ । ସବୁଠି ଅମଲାତାନ୍ତ୍ରିକ ଦୁର୍ନୀତି ଭରିଗଲା । ସୂତା ଓ ବସ୍ତ୍ର ଉପରେ ଏପରି କୃତ୍ରିମ କଣ୍ଟ୍ରୋଲ କରାଗଲା ଯେ କିଣିବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବାକୁ ପଡ଼ିଲା । କେନ୍ଦ୍ରୀୟ ଓ ପ୍ରାନ୍ତୀୟ ସରକାରଙ୍କ ଧନୀ, ବ୍ୟବସାୟୀ, ଶିଳ୍ପପତିଙ୍କ ଠାରୁ ଭେଟିବେଳେ ଟଙ୍କା ନେଇ ସେମାନଙ୍କୁ ସବୁରକମ ବ୍ୟବସାୟିକ ସୁବିଧା ଦେଲେ । ଫଳତଃ ଅତ୍ୟାବଶ୍ୟକ ଜିନିଷର ଦର ଦାମ ଅବାଧରେ ବଢ଼ିଲା । କଳାବଜାରି ବ୍ୟାପକ ହେଲା ।

ସ୍ୱାଧୀନତା ପୂର୍ବରୁ କଂଗ୍ରେସ ସଂଗଠନ ଓ କଂଗ୍ରେସ ମହାଅଧିବେଶନ ର ବ୍ୟୟଭାରର ଅଧିକାଂଶତଃ ଘନଶ୍ୟାମ ଦାସ ବିର୍ଲା ପ୍ରଭୃତି ଭାରତର ଧନୀ ବ୍ୟବସାୟୀ ମାନେ ବହନ କରି ଆସୁଥିଲେ । ସ୍ୱାଧୀନତା ପରେ ଗାନ୍ଧି ନେହେରୁ ସମସ୍ତ ନେତା ମାନେ ଭାରତର ଅର୍ଥନୀତିକୁ କୃତଜ୍ଞତା ସ୍ୱରୂପ ଟେକି ଦେଲେ ସେହିମାନଙ୍କ ହାତରେ । ସେ ଅର୍ଥନୀତିର ମୂଳ କଥାହେଲା ଟ୍ରଷ୍ଟିସିପ୍ । ଏହିପରି ଗୋଟିଏ ଭାରତ ଅର୍ଥନୀତିର ପ୍ରଚଳନ କଲେ ଭାରତ ସରକାର ଏବଂ ତାହା ମିଶ୍ରିତ ଅର୍ଥନୀତି ନାମରେ ଏବେବି ଆମ ଦେଶରେ ଚାଲିଛି ।

Digitized by PPRACHIN, SOA

ଏ ପରିସ୍ଥିତିରେ ଭାଗୀରଥି ପଟ୍ଟନାୟକଙ୍କ ହେଲା ମୋହଭଙ୍ଗ । ତାଙ୍କ ସ୍ୱାଧୀନ ଭାରତର ସ୍ୱପ୍ନ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ସୁନେଲି ସ୍ୱପ୍ନସବୁ ଆକାଶରୁ ଖସି ପଥର ଚଟାଣ ଉପରେ ପଡ଼ି ଚୂରମାର ହୋଇଗଲା—କଲ୍ପିତ ହୋଇଥିବା ଛୋଟିଏ ଦର୍ପଣ ପରି । ଦର୍ପଣର କ୍ଷୁଦ୍ର କ୍ଷୁଦ୍ର ଭଙ୍ଗାରୁଜା ଖଣ୍ଡ ଭିତରେ ଏ ଦେଶ ଜନତାର ପ୍ରକୃତ ଚେହେରାକୁ ଦେଖି ପାରିଲା ନାହିଁ । ଭାବପ୍ରବଣ ଭାଗୀରଥି ଠିଆ ହେଲେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଲାଲ ପତାକା ତଳେ । ଏ ଦେଶର ହଜାର ହଜାର ଭାଗୀରଥି ଯେଉଁମାନେ ଦିନେ ତ୍ରିରଙ୍ଗ ପତାକା ତଳେ ଏକତ୍ରିତ ହୋଇଥିଲେ, ଚାଲିଆସିଥିଲେ ଲାଲ ପତାକାର ଆହ୍ୱାନରେ । ସେ ପତାକା ତଳେ ଆଗରୁ ଠିଆ ହୋଇଥିଲେ ଦୟାନନ୍ଦ ଶତପଥୀ, ମାସ୍ୱାଧର ପୁରୋହିତ, ନଟବର ବନ୍‌ଗ୍ଲୁର, ଅଗ୍ନି ମଲ୍ଲିକ, ଲକ୍ଷ୍ମଣ ପୂଜାରୀ, ଗଙ୍ଗାଧର ମହାରଫ୍ ଇତ୍ୟାଦି । ଭାଗୀରଥିଙ୍କ ପଛରେ ଆସି ଠିଆ ହେଲେ — ଫକୀର ବେହେରା, ମଙ୍ଗଳୁ ପ୍ରଧାନ, ଟୁକୁନି । ଗୌନ୍ତିଆଣି ଇନ୍ଦ୍ରାବତୀ ମେହେର । ଏକ ବଳିଷ୍ଠ ଶକ୍ତିନେଇ ଯୋଗ ଦେଇଥିଲେ ପ୍ରସନ୍ନ କୁମାର ପଣ୍ଡା । ବରଗଡ଼ ସମ୍ମିଳନୀରେ ପ୍ରଥମ ଥର ପାଇଁ ଭାଗୀରଥି ଏ ସମସ୍ତଙ୍କୁ ଭେଟିଲେ । ତଥାପି ତାଙ୍କ ମନରେ ଗାନ୍ଧି ଓ ଜାତୀୟ କଂଗ୍ରେସ ପ୍ରତି ଦରଦ ରହିଥାଏ । ସେ କହୁଥିଲେ-"ଆରେ ଭାଇ ଯାହା ହେଲେବି ଆମେ ହେଉଛୁ କଂଗ୍ରେସର ଖଇର ଖୁଣ୍ଟି ।"

ସାମ୍ୟବାଦୀ ହେବା ପୂର୍ବରୁ ମଧ୍ୟ ଭାଗୀରଥି ସାମ୍ୟବାଦୀ ଦଳ ସମ୍ମେଳନକୁ ଯିବା ଆସିବା କରୁଥିଲେ । ସାମ୍ୟବାଦୀ ମାନେ ତାଙ୍କୁ ଜଣେ ସମର୍ଥକ ବନ୍ଧୁର କରି ସମ୍ମାନ ପ୍ରଦର୍ଶନ କରୁଥିଲେ । ୬ । ୪ । ୫ । ୪୮ ଦିନ ଘଟଣାଟିଏ ଘଟି ଯାଇଥିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମରେ । ଗୌନ୍ତିଆଙ୍କ ଶୋଷଣ ଅତ୍ୟାଚାରରେ ଅତିଷ୍ଠ ହୋଇ ଅଗ୍ନି ମଲ୍ଲିକଙ୍କ ନେତୃତ୍ୱରେ ସେ ଗ୍ରାମର ଅନେକ ଯୁବକ ଯୋଗଦେଲେ କମ୍ୟୁନିଷ୍ଟ ପାର୍ଟିରେ । ୟୁନିଟଟିଏ ଗଠିତ ହେଲା । କମ୍ୟୁନିଷ୍ଟ ଓ ଗୌନ୍ତିଆ ଦଳଙ୍କ ଭିତରେ ଚାଲିଲା ସଂଘର୍ଷ । ପୋଲିସ ଗୌନ୍ତିଆର ପକ୍ଷ ନେଲା । ଭାଗୀରଥି ପଟ୍ଟନାୟକ ସେ ଗ୍ରାମକୁ ଦଉଡ଼ି ଯାଇ ପୋଲିସର ନିର୍ମମ ଅତ୍ୟାଚାରରୁ ବଞ୍ଚେଇ ଥିଲେ ଗ୍ରାମବାସୀ ମାନଙ୍କୁ । କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବା ପରେ ମଧ୍ୟ ଉଭୟ ଭାଗୀରଥି ବସନ୍ତ କୁମାର ସାହୁ ଓ ଗଣନାଥ ପ୍ରଧାନଙ୍କ ନେତୃତ୍ୱାଧୀନ ସୋସାଲିଷ୍ଟ ପାର୍ଟିର ସଭାସମିତି ଆଦିକୁ ଖୋଲାମନ ଓ ହୃଦୟ ନେଇ ଯାଉଥିଲେ । ତାଙ୍କୁ ସବୁ ଦଳର କର୍ମୀମାନେ ସମ୍ମାନ ଦେଖାଉଥିଲେ ।

Digitized by PPRACHIN, SOA

ତେବେ ସେ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ନିକଟକୁ ଲେଖିଦେଲେ- "ମହାମାନବ ମହାତ୍ମା ଗାନ୍ଧିଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ କଂଗ୍ରେସ ମଧ୍ୟ ମରିଯାଇଛି ।" ପଣ୍ଡିତ ଲକ୍ଷ୍ମୀ ନାରାୟଣ ବରପାଲି ଆସି ଗୋଟିଏ ସଭାକଲେ । ସଭାରେ ସେ କଂଗ୍ରେସ ସରକାରଙ୍କ ଅନେକ ପ୍ରଶଂସା କରିଗଲେ । ଭାଗୀରଥି ତାଙ୍କ ଭାଷଣରେ କହିଲେ- "ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଯେଉଁ ପ୍ରତିଜ୍ଞା ସବୁ କରିଥିଲେ ତାହାର ଗୋଟିଏ ଅଂଶ ମଧ୍ୟ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଏଣୁ କଂଗ୍ରେସ ସରକାରଙ୍କ ଉପରୁ ଲୋକଙ୍କ ବିଶ୍ୱାସ ତୁଟି ଯାଇଛି ।" ଗୋଦାବରୀଶ ମିଶ୍ର ବରପାଲି ଆସିଥିବା ବେଳେ ଭାଗୀରଥି ତାଙ୍କୁ କହିଲେ- "ଆପଣ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ନିଷ୍ଠାବାନ ଲୋକଙ୍କ ହାତକୁ ଯଦି ସ୍ୱାଧୀନ ଭାରତର ଶାସନକଳ ଆସି ଥାଆନ୍ତା ତେବେ ଦେଶର ଏ ଦୁର୍ଦ୍ଦଶା ହୋଇନଥାନ୍ତା ।"

ଭାଗୀରଥିଙ୍କୁ ଆଉ ଗୋଟିଏ ଦାରୁଣ ଆଘାତ ମିଳିଲା । ୧୫ । ୧୨ । ୫୦ ଦିନ ଭାରତର ଲୌହପୁରୁଷ ତତ୍କାଳୀନ ଗୃହମନ୍ତ୍ରୀ ଭାରତସ୍ୱ ରାଜନୀତିର ସ୍ୱର୍ଣ୍ଣବର୍ଣ୍ଣ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ହୋଇଗଲା ମୃତ୍ୟୁ । ସମ୍ବଲପୁର ଠାରେ ସର୍ବଦଳୀୟ ଶୋକସଭା ହେଲା । ସର୍ବ ସମ୍ମତି କ୍ରମେ ଶ୍ରୀ ପଟ୍ଟନାୟକ ହୋଇଥିଲେ ସେସଭାର ସଭାପତି ।

ପ୍ରଥମ ସାମ୍ବିଧାନିକ ନିର୍ବାଚନ

ସ୍ୱାଧୀନ ଭାରତର ମନୁ ଋଷିକଳ୍ପ ଡ଼ଃ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଘୋଷିତ ହେଲା ସ୍ୱାଧୀନ ଭାରତର ପ୍ରଥମ ସମ୍ବିଧାନ । ସେହି ଅନୁସାରେ ପ୍ରଥମ ନିର୍ବାଚନ ହେଲା ୧୯୫୧ ମସିହାରେ । ଭାଗୀରଥି ନିଜର ସହଯୋଗୀ ମାନଙ୍କୁ କହିଲେ ୧୯୩୭ରୁ ୧୯୫୦ ପର୍ଯ୍ୟନ୍ତ ଯେଉଁସବୁ ନିର୍ବାଚନ ହେଲା ସେଥିରେ ଧନୀ ଜମିଦାର ଓ ସୁବିଧାବାଦୀ ମାନଙ୍କ ଅର୍ଥ ବିନିଯୋଗ ହୋଇଥିଲା । ତଦ୍ୱାରା ଭାରତର ପ୍ରଭୂତ କ୍ଷତି ଘଟିଛି । ଏଣିକିଆମେ କମ୍ୟୁନିଷ୍ଟ ପାର୍ଟି ତରଫରୁ ଯେଉଁ ନିର୍ବାଚନ ଲଢ଼ିବା ସେଥିରେ ଧନୀମାନଙ୍କର ଗୋଟିଏ ପଇସାଖର୍ଚ୍ଚ କରିବାନାହିଁ । ଗରିବ, କୃଷକ, ଶ୍ରମିକ, ମୂଲିଆଙ୍କ ଠାରୁ ଚାନ୍ଦା ମାଗିବା ଏବଂ ଭୋଟ ଦେବା ପାଇଁ ମଧ୍ୟ ପ୍ରଚାର କରିବା । ତାଂକର ଆଦର୍ଶ ଅନୁଯାୟୀ ସମ୍ବଲପୁର ଜିଲ୍ଲା ନିର୍ବାଚନ ଯୁଦ୍ଧ ଚାଲିଲା । ପାଣିମୋରାର ଗ୍ରାମବାସୀମାନେ ଭାଗୀରଥିଙ୍କୁ ଛିଡ଼ା ହେବା ପାଇଁ ବହୁତ ଅନୁରୋଧ କଲେ । ସବୁ ଖର୍ଚ୍ଚ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଲେ, ମାତ୍ର ଭାଗୀରଥି ସମ୍ମତ ହେଲେନାହିଁ । ତାଙ୍କର ପ୍ରିୟ

Digitized by PPRACHIN, SOA

ମିତ୍ର ଫକୀର ବେହେରା ପ୍ରାର୍ଥୀ ହେଲେ ।

୧୯୬୧ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ତାଙ୍କ ଭଉଣୀ ବିଜୟଲକ୍ଷ୍ମୀ ପଣ୍ଡିତ ନିର୍ବାଚନ ପ୍ରସଙ୍ଗରେ ଖରିଆଗୁଡ଼ା, ସମ୍ବଲପୁର, ବରଗଡ଼, ବରପାଲି ଓ ବଲାଙ୍ଗୀର ଆସି ସଭାସମିତି କରିଗଲେ । ସେସବୁ ସ୍ଥାନରେ ନେହେରୁଙ୍କ ପ୍ରଭାବକୁ କ୍ଷୁଣ୍ଣ କରିବା ପାଇଁ ଭାଗୀରଥି ଅନୁରୂପ ସଭାମାନ କରି କଂଗ୍ରେସ କୁଶାସନର ଚିତ୍ର ଲୋକଙ୍କ ଆଗରେ ଉପସ୍ଥାପିତ କରିଥିଲେ ।

ପ୍ରଥମ ନିର୍ବାଚନ ଉପରେ ନିଜର ମତାମତ ସେ ତାଙ୍କ ଡାଏରୀରେ ଲିପିବଦ୍ଧ କରି ଯାଇଛନ୍ତି—"ପୂର୍ବର ନିର୍ବାଚନ ମାନଙ୍କରେ ଯେଉଁ ସୁବିଧାବାଦୀ କଂଗ୍ରେସ କର୍ମୀ ମାନେ ଶାସନକୁ ଯାଉଥିଲେ ସେମାନେ ଆପଣା ଆପଣା ସ୍ୱାର୍ଥ ସାଧନରେ ଲାଗିଯାଇ ଥିବାରୁ ନିର୍ବାଚନ ପ୍ରତି ଲୋକଙ୍କର ଆସ୍ଥା ରହିଲା ନାହିଁ । ୧୯୬୧ର ପ୍ରଥମ ନିର୍ବାଚନରେ ଯେଉଁମାନେ ଭୋଟ ଦେବାକୁ ଆସିଥିଲେ ସେମାନେ ତାଙ୍କ ବନ୍ଧୁବର୍ଗଙ୍କ ଅନୁରୋଧ ରକ୍ଷାକରି ଅନିଚ୍ଛା ସତ୍ତ୍ୱେ କଂଗ୍ରେସକୁ ଭୋଟ ଦେବାକୁ ଆସିଥିଲେ ।" ଅର୍ଥାତ୍ ଅନିଚ୍ଛା, ଅନାସ୍ଥା, ଅବିଶ୍ୱାସ ସତ୍ତ୍ୱେ ଲୋକମାନେ କଂଗ୍ରେସକୁ ଭୋଟ ଦେଲେ ଓ କଂଗ୍ରେସ ରାଜ୍ୟ ଓ କେନ୍ଦ୍ରରେ ଜୟଯୁକ୍ତ ହୋଇଥିଲା ।

ନୂତନ କୃଷକ ସଂଗଠନ

ସାମ୍ୟବାଦୀ ଆଦର୍ଶ ଆଧାରରେ ଗୋଟିଏ କୃଷକ ସମ୍ମିଳନୀ ଅନୁଷ୍ଠିତ ହେଲା ତା ୨୯ । ୩ । ୧୨ ଦିନ । ସଭାପତି ଥିଲେ ଭାଗୀରଥି ପଟ୍ଟନାୟକ । ଯୋଗଦେଇ-ଥିଲେ ଦୟାନନ୍ଦ ଶତପଥୀ, ବଂଶୀଧର ପଣ୍ଡା, ଫକୀର ବେହେରା, ନଟବର ବନଗୋଛି ଖେମସେନ ଭୋଇ (ରାମପୁର), ବଳେ ପ୍ରଧାନ, ସୁବଳ ଭୋଇ, ମାୟାଧର ପୁରୋହିତ, ଚଇଦେଶୀ, ଜନାର୍ଦ୍ଦନ ମହାନ୍ତ ପ୍ରଭୃତି ବିଭିନ୍ନ ଅଞ୍ଚଳର ପ୍ରମୁଖ ନେତୃବୃନ୍ଦ । ସମ୍ମିଳନୀରେ କୃଷକ ମାନଙ୍କ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେଲା ଓ ଅନେକ ଗୁଡ଼ିଏ ଦାବୀ ଗୃହୀତ ହେଲା । ଗ୍ରାମେ ଗ୍ରାମେ ଆୟୋଜିତ ହେଲା ସଭାସମିତି । ଅଗ୍ରଣୀ ଭୂମିକା ନେଲେ ଭାଗୀରଥି ପଟ୍ଟନାୟକ । ସେହି ବର୍ଷ ଶହଳ ଦିନ ବରପାଲି ନିକଟସ୍ଥ କଦଳୀପାଲି ଠାରେ ଆୟୋଜିତ ହେଲା ଗୋଟିଏ ବିରାଟ ଜନସଭା ।

Digitized by PPRACHIN, SOA

ଶୀଳ ଶୀଳ ନାଲଝଣ୍ଡାଧାରୀଙ୍କ ଶୋଭାଯାତ୍ରା । କଣ୍ଟାଭାଞ୍ଜିରୁ ବରପାଲି ଆସି ପୁରୁଣା ହଟଲପଡା ଠାରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହେଲା । ସେ ଦିନ ସଭାରେ କଦଳୀପାଲି, ଧୀରପୁର, ଖେମେଶ୍ୱର ତଥା ଆଖପାଖ ଅଞ୍ଚଳର ଶତ ଶତ କୃଷକ ସଭାରେ ଯୋଗ ଦେଇଥିଲେ । ଉକ୍ତ ସଭାରେ ଚନ୍ଦ୍ରଲୋଚନ ଗଡ଼ତିଆ (ଧୀରପୁର) ଉଦାତ୍ତ କଣ୍ଠରେ ଆବୃତ୍ତି କରିଥିଲେ ସ୍ୱରଚିତ କବିତା — × × × ×

ଦେଶରେ ହେଲା ସ୍ୱାଧୀନ ହେ ଲୁଚିଲା ଗୋରା ଶାସନ
କଂଗ୍ରେସ ଶାସନେ ନ ଘୁଞ୍ଚିଲା ତଳେ (ଭାଇମାନେ ହେ" ଘୋଷା)
ଆମ୍ଭମାନଙ୍କ କଷଣ ।
ଦେଶ ସେବକ ହୋଇଲ ହେ କେତେକ ମିଛୁଆ ଭଣ୍ଡ
ଠକ ଭଣ୍ଡି ଭୋଟ ନେଲେ ଆମ୍ଭଠାରୁ
(ହାୟ) ଘୋଡ଼ା ଦେଲ ହୋଲି କହି ।
ଖଟି ଖଟି ଦିନ ଗଲା ହେ ପେଟ କେବେ ନ ପୂରିଲା
ଆମ୍ଭ ଲହୁ ଶୋଷି ଲୁଟି ଖିଆଙ୍କର
ଭଣ୍ଡାର ଘର ଭରିଲା ।
କାଇଁଝାଁଜିଭି ମୂଳିଆ ହେ ହୋଇଛୁ ଉପବାସୀଆ
ଦିନ ରାତି ଖଟି ଖଟି ମରୁଅଛୁ
ହୋଇଣ କେତେ ହାଲିଆ ।
ନ ଯିବ ଦୁଃଖ ଆମ୍ଭର ହେ ନ ହୋଇଲେ ହୁସିଆର
ନ ପାଟିଲେ ଚଡ଼ି ଏଇ ଗାଇଜରୁ
(ଏ) ପୁଞ୍ଜିବାଘ ସରକାର ।

ଏ କବିତାଟି ଭାଗୀରଥିଙ୍କୁ ଗଭୀର ସ୍ପର୍ଶ କରିଥିଲା । ସେ ତାହାର ଭୂୟସୀ ପ୍ରଶଂସା କରି ଯାଇଛନ୍ତି ।

ଏକ୍ଷଣର ବୃଦ୍ଧ ବୟସରେ ମଧ୍ୟ ଭାଗୀରଥି ଭାରତକୁ ଜାରଜ ଅର୍ଥନୀତିର କବଳରୁ ମୁକ୍ତ କରିବା ପାଇଁ ଖଟିଖିଆ ମୂଲିଆଙ୍କୁ ସଙ୍ଗଠିତ କରି ନାଲଝଣ୍ଡା ତଳେ ଚାଲେଇ ଗଲେ ନୂତନ ସଂଗ୍ରାମ ।

ନୂତନ କ୍ରାନ୍ତି

ସ୍ୱାଧୀନତାର ପାଞ୍ଚ ବର୍ଷ ଭିତରେ ଭାରତୀୟ ଅର୍ଥନୀତିର କୁଫଳକୁ ଲକ୍ଷ

Digitized by PPRACHIN, SOA

କରି ଚେତନା ସମ୍ପନ୍ନ ସ୍ୱାଧୀନତା ସଂଗ୍ରାମୀ; ପ୍ରଗତିଶୀଳ ଯୁବକବର୍ଗ ତଥା ଶିକ୍ଷିତ ଜନସାଧାରଣଙ୍କ ଭିତରେ ଗୋଟିଏ ନୂତନ ଦୃଷ୍ଟିକୋଣର ଉଦ୍ଭବ ହେଲା । ଲୋକେ ଚିନ୍ତା କରିବାକୁ ଲାଗିଲେ—ସତେ ଯେପରି ଏହି ସ୍ୱାଧୀନତାକୁ ଆମେ ନିଜେ ହାସଲ କରିନାହୁଁ । ସ୍ୱାଧୀନତା ଲାଭକୁ ସେମାନେ ଭିନ୍ନ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ସାମ୍ରାଜ୍ୟବାଦର ସଙ୍କଟାପନ୍ନ ପରିସ୍ଥିତି, ଆଜାଦ ହିନ୍ଦ ଫୌଜ ଗଠନ ଓ ତାର ପ୍ରତିକ୍ରିୟା, ୧୯୪୬ର ଅଗଷ୍ଟ ବିପ୍ଳବ ଓ ନେହେରୁଙ୍କ ପ୍ରୟାସରେ ଭାରତୀୟ ସେନା ଭିତରେ ବିଦ୍ରୋହର ସୂତ୍ରପାତ ପରେ ପରେ ଆମେ ଯେଉଁ ସ୍ୱାଧୀନତା ପାଇଲୁ ସେ ସ୍ୱାଧୀନତା ଆମର ଲଢ଼େଇ କରି ହାସଲ କରିଥିବା ସ୍ୱାଧୀନତା ନୁହେଁ ବରଂ ଇଂରେଜମାନେ ହାତଟେକି ହସ୍ତାନ୍ତର କରି ଯାଇଥିବା ସ୍ୱଦେଶ ଶାସନର କ୍ଷମତା ଅଟେ । ପୁଣି ସେହି ହସ୍ତାନ୍ତରିତ କ୍ଷମତାକୁ ଆଉଥରେ ବଡ଼ ହସ୍ତରେ ଏ ଦେଶର ନେତୃବୃନ୍ଦ ପୁଞ୍ଜିପତି ମାନଙ୍କ ହାତରେ ଟେକିଦେଲେ । ଦେଶର ସମ୍ପୂର୍ଣ୍ଣ ଅର୍ଥନୀତିକୁ ଧନୀ ପୁଞ୍ଜିପତିମାନେ ଅକ୍ତିଆର କରିନେଲେ । ସରକାରଙ୍କ ହାତରେ ରହିଲା କେବଳ ପ୍ରଶାସନ ଓ ସେନା ବାହିନୀ । ଲୋକେ ଭାବିଲେ — ଭାରତର ଅର୍ଥସବୁ ରହିଲା ଧନୀମାନଙ୍କ ଘରେ ଓ କରବାରରେ ଆଉ ସରକାର ହେଉଛନ୍ତି ସେ ସମ୍ପତ୍ତିର ପହରାଦାର । ଏପରି ଏକ ଉଗ୍ର ଚିନ୍ତାଧାରା ଭାଙ୍ଗିଦେଇ-ଥିଲା ଚେତନାଶୀଳ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ହୃଦୟକୁ ।

"ଇସ୍ ଦିଲକେ ଟୁକଡ଼େ ହଜାର ହୁଏ
କୋଇ ୟହାଁ ଗିରା କୋଇ ୱହାଁ ଗିରା ।"

ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଭିତରେ ଯେଉଁମାନେ ଅତ୍ୟନ୍ତ ପ୍ରଗତିଶୀଳ ଥିଲେ ସେମାନଙ୍କ ଭିତରୁ ଦଳେ ଯୋଗ ଦେଇଥିଲେ କମ୍ୟୁନିଷ୍ଟ ପାର୍ଟିରେ - ଦଳେ ଯୋଗ ଦେଇଥିଲେ ସୋସାଲିଷ୍ଟ ପାର୍ଟିରେ । ଯେଉଁମାନେ ମୋହବଶତଃ କଂଗ୍ରେସକୁ ଛାଡ଼ି ପାରିଲେ ନାହିଁ ସେମାନେ ଯୋଗଦେଲେ ସର୍ବୋଦୟ ସଂଗଠନରେ ।

କମ୍ୟୁନିଷ୍ଟ ମାନେ ତେଲେଙ୍ଗାନା (ଆନ୍ଧ୍ର) ରେ ଆରମ୍ଭ କରି ଦେଇଥିଲେ ସଶସ୍ତ୍ର ଭୂମି ବିପ୍ଳବ । ତାହା ଦେଖି ସର୍ବୋଦୟକର୍ମୀ ମାନେ ସଚେତନ ହେଲେ । ସେମାନେ ଗୋଟିଏ ପଟରେ ଗାନ୍ଧି ଓ ଅହିଂସାକୁ ରଖି ଅନ୍ୟ ପଟରେ ଦେଖିଲେ କମ୍ୟୁନିଷ୍ଟ ମାନଙ୍କ ସମ୍ଭାବିତ ଭୂକ୍ରାନ୍ତି । ସେଇଠୁ ବିନୋବାଙ୍କ ମନରେ ଜାତହେଲା ଭୂମି ଆନ୍ଦୋଳନର ବୀଜ ।

Digitized by PPRACHIN, SOA

ଭୂଦାନ ଆନ୍ଦୋଳନରେ ଭାଗୀରଥି

ବିନୋବାଙ୍କ ନେତୃତ୍ୱରେ ସାରା ଦେଶରେ ଭୂଦାନ ଆନ୍ଦୋଳନ ଆରମ୍ଭ ହେଲା । ଭଗୀରଥି କମ୍ୟୁନିଷ୍ଟ ଦଳରେ ଥାଇ ମଧ୍ୟ ସେ ଅଭିନବ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଲେ । ତାଙ୍କର ଏ କାର୍ଯ୍ୟକୁ କମ୍ୟୁନିଷ୍ଟ ମାନେ ବିରୋଧ କଲେନାହିଁ ।

ଭୂଦାନ ଆନ୍ଦୋଳନ ସମୟରେ ୧୭ । ୪ । ୫୨ ଦିନ ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ମାତା ରମାଦେବୀ ଆସିଥିଲେ ବରପାଲି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ମାଳତୀ ଚୌଧୁରୀ "ଆମେରିକାନ ବନ୍ଧୁ ସେବାସଂଘର" ଉଦ୍‌ଘାଟନ ପାଇଁ ବରପାଲି ଆସିଲେ । ଭଗୀରଥି ତାଙ୍କର ପୂର୍ବପରିଚିତ ବନ୍ଧୁ ନବବାବୁଙ୍କୁ କହିଲେ-"ଆପଣ ଥିଲେ ସୋସାଲିଷ୍ଟ ନେତା । ଆଜି ହୋଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମବେଳେ ଯେଉଁ ଦେଶର ଭଡ଼ାଟିଆ ସେନା ଆମ ଉପରେ ଗୁଳିଚଳାଉ ଥିଲା ସେହି ଆମେରିକାନ ମାନଙ୍କୁ ଆପଣ ଡାକି ଆଣିଛନ୍ତି ବରପାଲି ।" ନବ ବାବୁ ପଚାରିଲେ ପ୍ରତ୍ୟୁତ୍ତରରେ କହିଲେ-"ଆପଣ ମଧ୍ୟ ଥିଲେ ଖାଣ୍ଟି କଂଗ୍ରେସ । ଆଜି ହୋଇଛନ୍ତି କମ୍ୟୁନିଷ୍ଟ । ଯାହାହେଉ ଆପଣ ଭୂଦାନ କାମରେ ଲାଗି ଯାଆନ୍ତୁ । ଏହିପରି ଦୁଇଜଣ ପୁରୁଣା ବନ୍ଧୁଙ୍କ ଭିତରେ ଲାଗିଗଲା କଣାଓଟବ । ମଧ୍ୟସ୍ଥତା କଲେ ମାଳତୀ ଚୌଧୁରୀ । ନବ ବାବୁ ଗୋଟିଏ ବୃକ୍ଷ ରୋପଣ କରି ଭଗୀରଥିଙ୍କୁ କହିଲେ—"ତମେ ଟିକିଏ ଏ ଗଛରେ ପାଣି ଢାଳିଦିଅ । ଭଗୀରଥି କହିଲେ—"ନା ମୁଁ ଏ ବିଷ ବୃକ୍ଷରେ ପାଣି ଢାଳିବି ନାହିଁ ।" ଅବଶ୍ୟ ପରେ ଆମେରିକାନ ସେବାସଂଘର କାର୍ଯ୍ୟରେ ଭଗୀରଥି ସନ୍ତୁଷ୍ଟ ହୋଇଥିଲେ ।

୨

ଭଗୀରଥି ଷ୍ଟାଲିନଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କଲେ । ତାଙ୍କ ୯ । ୩ । ୫୩ ଦିନର ଦିନ ଲିପିରେ ଅଛି ତା ୫ । ୩ । ୫୩ ଦିନ ଷ୍ଟାଲିନ ନଶ୍ୱର ମର ଦେହ ତ୍ୟାଗ କଲେ । କିନ୍ତୁ ବୈପ୍ଳବିକ ବସ୍ତୁବାଦ ଦୃଷ୍ଟିରୁ ତାଙ୍କର ମୃତ୍ୟୁ ହୋଇ ନାହିଁ । ମାର୍କସ ସର୍ବହରା ସର୍ବହରାଙ୍କ ଶାସନ ସ୍ଥାପିତ ହେବାର ସିଦ୍ଧାନ୍ତ ଲେଖିଗଲେ । ଲେନିନ ତାକୁ କାର୍ଯ୍ୟରେ ପରିଣତ କଲେ — ଏବଂ ଲେନିନଙ୍କ କାର୍ଯ୍ୟକୁ ଅତୁଳସ୍ଥାୟୀ ଓ ଦୃଢ଼ କରି ଆସୁଥିଲେ ଷ୍ଟାଲିନ୍ । ତାଙ୍କର ଦେହାବସାନ ଦୁନିଆର ସମସ୍ତ ଶ୍ରମଜୀବୀ ମାନଙ୍କୁ ଗୋଟିଏ ଆଘାତ । ଅନ୍ୟତ୍ର ସେ ଲେଖିଛନ୍ତି-"ଷ୍ଟାଲିନଙ୍କ ମୃତ୍ୟୁ ହୃଦୟକୁ ବାଧା

Digitized by PPRACHIN, SOA

ପଡ଼ଥାଇ ଥିଲେ ସୁଦ୍ଧା ମୁଁ ସେ ବାଧାକୁ ଭ୍ରମାଦ ବୋଲି ମଣୁଅଛୁ । ମୁଁ ସର୍ବୋଦୟଙ୍କ ଜଣେ ସାଥୀ । ଷ୍ଟାଲିନ ଦେଇ ଯାଇଥିବା ସଂଗଠନ ପଥରେ ମୁଁ ଗ୍ରହଣ ।" ୧୯୫୪ ମସିହା ମାର୍ଚ୍ଚ ମାସରେ ଭଗୀରଥି ଥିଲେ ଦୁମକା ଠାରେ । କୃପାଣ୍ଡ ବମଳା ଠକ୍କର, ମୋତି ଲାଲ କେଜରୀୱାଲ ଓ ଶ୍ରୀକୃଷ୍ଣ ପ୍ରସାଦଙ୍କ ସଙ୍ଗେ ଭୂଦାନ ଆନ୍ଦୋଳନ ନେଇ ସେ ବିଷଦ ଆଲୋଚନା କଲେ । କୃପାଣ୍ଡ ବମଳା ଠକ୍କରଙ୍କୁ ଭବିଷ୍ୟତ ବାଣୀ ଶୁଣାଇଲା ପରି ପ୍ରଶ୍ନ କଲେ—"ଗାନ୍ଧିଙ୍କ ଚରଖା ଆନ୍ଦୋଳନ ପରି ହେବନି ଏହି ଭୂଦାନ ଆନ୍ଦୋଳନ ପଣ୍ଡ ହୋଇ ଯିବ ନାହିଁତ ?"

ମୁଖ୍ୟମନ୍ତ୍ରୀଭରୁ ଅବସର ଯିବାପରେ ନବକୃଷ୍ଣ ଚୌଧୁରୀ ଲାଗି ପଡ଼ିଲେ ଭୂଦାନ ଆନ୍ଦୋଳନରେ । ଘନିଷ୍ଠତମ ଦୃଢ଼ ସମ୍ପର୍କ ସ୍ଥାପନ କଲେ ଭଗୀରଥିଙ୍କ ସହିତ । ତା ୨୧ । ୩ । ୫୭ ଦିନ ଶନିବାର ବରଗଡ଼ ଅଞ୍ଚଳରେ ଆରମ୍ଭ କରିଦେଲେ ଭୂଦାନ ଆନ୍ଦୋଳନ । ପ୍ରଥମେ ସରସରା ଗ୍ରାମରେ ଭୂଦାନ ସଭା ହେଲା । କିଛି ଜମି ମଧ୍ୟ ମିଳିଲା । ଆନ୍ଦୋଳନ ଆହୁରି ବ୍ୟାପକ ହେଲା । ଶ୍ରୀ କୃତାର୍ଥ ଆଚାର୍ଯ୍ୟ ପ୍ରହଲ୍ଲାଦ ବଏଲ୍ଲାଠ, ଶ୍ରୀ ଇନ୍ଦୁଭୂଷଣ ମିଶ୍ର, ଡ଼: ରାଲ୍ଫ ଭିକ୍ଟର ସମସ୍ତେ ଗାଁ ଗାଁ ବୁଲି ଏ କାର୍ଯ୍ୟରେ ଲାଗି ପଡ଼ିଲେ । ଶ୍ରୀ ଭଗୀରଥି ପୂଜାରୀ ଓ ଶ୍ରୀ ଭଗବାନ ମେହେର ଏ କାର୍ଯ୍ୟରେ ପଟ୍ଟନାୟକଙ୍କ ସକ୍ରିୟ ସହଯୋଗୀ ଥିଲେ । ସେହି ବର୍ଷ ଭଗୀରଥି ବରଗଡ଼ ଠାରେ ଗୋଟିଏ ବଡ଼ ଭୂଦାନ ସେମିନାରର ଆୟୋଜନ କଲେ । ସେଥିରେ ବରଗଡ଼ ଅଞ୍ଚଳର ସମସ୍ତ ସରକାରୀ ଅର୍ଦ୍ଧ ସରକାରୀ ଓ ଅଣସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ଜନସାଧାରଣ ଅଂଶ ଗ୍ରହଣ କରିଥିଲେ । କେରଳ ସର୍ବୋଦୟ ସମ୍ମିଳନୀକୁ ସେ ନିଜେ ଯାଇ ନ ପାରି ଅନ୍ତର୍ଯାମ ବାବୁଙ୍କୁ ପଠାଇ ଥିଲେ ।

ତା ୧୭ । ୭ । ୫୭ ଦିନ ଭଗୀରଥିଙ୍କର ଆଉ ଗୋଟିଏ ବାହୁ ଭାଙ୍ଗିଗଲା- ତାଙ୍କର ପ୍ରିୟ ସାଥୀ ସହଯୋଗୀ ପକୀର ବେହେରାଙ୍କ ହୋଇଗଲା ଦେହାନ୍ତ । ସେ ଆଜୀବନ ଭଗୀରଥିଙ୍କ ଅନୁଗାମୀ ଥିଲେ । ଭଗୀରଥି ଶ୍ରାଦ୍ଧ ସଭାରେ ଯୋଗଦେଇ ବେହେରା ସ୍ମୃତି ପାଣ୍ଠି ପାଇଁ ଉଦ୍ୟମ କଲେ ।

କେବଳ ସମ୍ବଲପୁର ଜିଲ୍ଲାରେ ନୁହେଁ ନବ ବାବୁଙ୍କ ସଙ୍ଗେ ସେ ବଲାଙ୍ଗିର, କଳାହାଣ୍ଡି ଏବଂ ସୁଦୂର କୋରାପୁଟର ନୂଆପଡ଼ା ଅଞ୍ଚଳର ଗ୍ରାମେ ଗ୍ରାମେ ବୁଲିବୁଲି

Digitized by PPRACHIN, SOA

ଭୂଦାନ ଆନ୍ଦୋଳନ ରେ ବିନସର୍ତ୍ତ ନିଜକୁ ନିୟୋଜିତ କରି ରଖିଲେ । ଭୂଦାନ କ୍ରମରେ ନବବାବୁ ଏବଂ ଭଗୀରଥି ସମ୍ପୂର୍ଣ୍ଣ ପାଣିମୋହ ଗ୍ରାମ କୁ ଗ୍ରାମଦାନ ରୂପେ ପାଇଥିଲେ । ଏଥିରେ ସେମାନଙ୍କ ସହଯୋଗ କରିଥିଲେ - ଧନେଶ୍ୱର ପ୍ରଧାନ, ଫୁଲେଶ୍ୱର ପ୍ରଧାନ, ଚନ୍ଦ୍ରଶେଖର ସାହୁ, ଚମରୁ ପରିଡ଼ା ଓ ସମଲେଇ ପଧାନର ଶ୍ରୀରାମ ପୁଅ ଆଦି ସାଥୀମାନେ ।

ସେପଟେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ମଧ୍ୟ ସରକାରୀ କାର୍ଯ୍ୟକ୍ରମ ଅନୁସାରେ ବିହାରର ସାନ୍ତାଳପ୍ରଗଣା ଜିଲ୍ଲାରେ ବିନୋବା ଭାବେଙ୍କ ସଙ୍ଗେ ଭୂଦାନ କାର୍ଯ୍ୟରେ ଲାଗି ପଡ଼ିଥିଲେ । ଭଗୀରଥି ଯାଇଥିଲେ ଦୁମକା, ପୁଅ ପାଖକୁ । ସେତେବେଳେ ବିହାର ରେ ଗ୍ରାମଦାନ,ଜିଲ୍ଲାଦାନ ଓ ସମ୍ପୂର୍ଣ୍ଣ ପ୍ରଦେଶ ଦାନ ଖୁବ୍ ଜୋରରେ ଚାଲିଥିଲା । ଜିଲ୍ଲାଦାନ ସମୟରେ ବିନୋବାଜୀ ଆଉ ପଦଯାତ୍ରା କରୁନଥିଲେ । ତାଙ୍କ ସାଙ୍ଗରେ ୧୦ / ୧୫ ଟି ସରକାରୀ ଗାଡ଼ି ଚାଲୁଥିଲା । ସେଥର ବିନୋବାଜୀ ଙ୍କ ରହଣି ହୋଇଥିଲା ଦୁମକା ସର୍କିଟ ହାଉସରେ । ଭୂଦାନ କର୍ମୀ, ନେତା ଓ କର୍ମକର୍ତ୍ତା ଙ୍କ ଭିଡ଼ରେ ବସିଥିଲେ ପ୍ରଫୁଲ୍ଲ ଓ ପିତା ଭଗୀରଥି । ବିନୋବାଙ୍କ ତାହାଥିଲା ଶେଷ ଯାତ୍ରା । ପ୍ରଫୁଲ୍ଲ ପଟ୍ଟନାୟକ ବିନୋବାଙ୍କୁ ପ୍ରଶ୍ନ କଲେ - "ବାବା ଏଥର ଆପଣ ନିଜର ଦାନ ଥଳୀ ରେ ଯେଉଁ ସବୁ ଗ୍ରାମଦାନ ଓ ଜିଲ୍ଲାଦାନ ପାଇଛନ୍ତି ତହିଁରେ କେବଳ ମିଥ୍ୟା ଭରି ରହିଛି - ଦାନର ସେହି ପବିତ୍ର ଥଳୀରେ ଭରି ରହିଛନ୍ତି ଗୁଣ୍ଡାଏ ବିଷାକ୍ତ ସର୍ପ, ବିଚ୍ଛୁ ଓ ଚୁଟୁରା ।" ବିନୋବାଜୀ ଠୋ ଠୋ ହସିଉଠି କହିଲେ- "ମୁଁ ଆପଣଙ୍କ ଏହି ସାଙ୍କେତିକ ଭାଷାକୁ ବୁଝି ପାରିଲି ନାହିଁ, ଟିକେ ସରଳ ଭାଷାରେ କହନ୍ତୁ ।" ପ୍ରଫୁଲ୍ଲ ନିଜ କଥାର ବ୍ୟାଖ୍ୟା କରି କହିଲେ -"ସରକାରୀ କାମ ଯେମିତି ହୁଏ, ଗ୍ରାମଦାନ ଓ ଜିଲ୍ଲାଦାନ କାର୍ଯ୍ୟ ଠିକ୍ ସେହିପରି ଚାଲିଛି ! ଏହି ଦାନପତ୍ର ଗୁଡିକରେ ଯେଉଁ ସବୁ ଟିପଚିହ୍ନ ଓ ଦସ୍ତଖତ ରହିଛି ସେ ସବୁ ଅଧିକାଂଶତଃ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କର ଅଟେ, ଯାହାକି ସରକାରୀ ଚାପ ଫଳରେ କର୍ମଚାରୀ ଓ ଶିକ୍ଷକ ମାନେ କରେଇଛନ୍ତି ।" ତତ୍‌କ୍ଷଣାତ୍ ଜିଲ୍ଲାପାଳ ଓ ଉପ ଜିଲ୍ଲା ପାଳଙ୍କୁ ଡକାଗଲା । ପ୍ରଫୁଲ୍ଲ ଙ୍କ ଅଭିଯୋଗ ର ଉତ୍ତର ଦେବା ପାଇଁ ବିନୋବାଜୀ ସେମାନଙ୍କୁ କହିଲେ । ଉଚ୍ଚପଦସ୍ଥ ଅଫିସର ମାନେ କହିଲେ - "ଯଦି ପଟ୍ଟନାୟକ ଜୀ ଏସବୁ କହୁଛନ୍ତି ତେବେ ଆମର ଆଉ କହିବାର କ'ଣ ଅଛି ।" ଭାଗୀରଥି ପ୍ରଫୁଲ୍ଲ ଙ୍କୁ ସମର୍ଥନ କରି କହିଲେ- "ମୁଁ ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲା ମାନଙ୍କରେ ବର୍ଷ ବର୍ଷ

ଧରି ଏସବୁ କାର୍ଯ୍ୟ ନବବାବୁ ଙ୍କ ସଙ୍ଗେ କରି ଆସିଛୁ । ସେଠାରେ ଏତେ ଲାଭ ପାଇ ନାହିଁ । କିନ୍ତୁ ଏଠାରେ ପ୍ରଫୁଲ୍ଲ ଯାହା କହୁଛନ୍ତି ସବୁ ଅକ୍ଷରେ ଅକ୍ଷରେ ସତ୍ୟ । ଏ ଉଚ୍ଚପଦସ୍ଥ ଅଫିସର ମାନଙ୍କ କଣ ଦୋଷ - ସେମାନେ ବିହାରର ମୁଖ୍ୟମନ୍ତ୍ରୀ କୃଷ୍ଣ ବଲ୍ଲଭ ସହାୟ ଙ୍କ ଆଦେଶ ମତେ ଏସବୁ କାର୍ଯ୍ୟ କରି ଯାଉଛନ୍ତି ।" ପଟ୍ଟନାୟକ ପୁଣି କହିଲେ - "ବାବା ଏହିରେ ମିଥ୍ୟା ଭୂମିଦାନ କୁ ଆପଣ ଗ୍ରହଣ କରନ୍ତୁ ନାହିଁ ।" ଧୀରେ ଧୀରେ ଭାଗୀରଥି ପଟ୍ଟନାୟକ ହେଲେ ଭୂଦାନ ଆନ୍ଦୋଳନ ପ୍ରତି ବୀତସ୍ପୃହ । ଏମିତି । ଠିକ୍ ବର୍ଷକ ଆଗରୁ ପ୍ରକାଶ କରିଥିବା ତାଙ୍କର ସଂଶୟ ସତ୍ୟରେ ପରିଣତ ହୋଇଥିଲା । ଭାଗୀରଥି ଉପଲବ୍ଧି କଲେ - ଭିକ୍ଷା ମାଗି କେବେ ଦରିଦ୍ର ମାନଙ୍କ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ ।

ଭୂଦାନ ଆନ୍ଦୋଳନ ପରେ ରାଜ୍ୟ ସରକାର ମାନେ ଭୂଦାନ ଆଇନ ପ୍ରସ୍ତୁତ କଲେ । ଭୂମି ବଣ୍ଟନ ପାଇଁ କାର୍ଯ୍ୟାଳୟ ସ୍ଥାପିତ ହେଲା, କମିଟି ଗଠିତ ହେଲା । ଅଫିସର ମାନଙ୍କ ଦ୍ଵାରା ଭୂମି ମାପ ହୋଇ ବିତରଣ ସମୟରେ ଭାରତର ପ୍ରତ୍ୟେକ ରାଜ୍ୟରେ ଯେଉଁ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିଗଲା ତାହା କାହାରିକୁ ଅଜଣା ନାହିଁ । ପୁନଶ୍ଚ ଜମି ବଣ୍ଟନ ପରେ ବିହାର ଓ ଉତ୍ତର ପ୍ରଦେଶରେ ହରିଜନ ଓ ଜମି ମାଲିକ ମାନଙ୍କ ଭିତରେ ଘଟିଯାଇଥିଲା ହାଣକାଟ, ଗୃହଦାହ ଏ ପର୍ଯ୍ୟନ୍ତ ଅନେକଙ୍କ ମନେ ଥାଇପାରେ । ବର୍ତ୍ତମାନ ମଧ୍ୟ ସେହି ଅଶାନ୍ତି ଲାଗିରହିଛି । ଭାଗୀରଥି ତଥା ଚିନ୍ତାଶୀଳ ଲୋକେ ଉପଲବ୍ଧି କଲେ ଯେ ତେଲେଙ୍ଗାନାରେ କମ୍ୟୁନିଷ୍ଟ ମାନଙ୍କ ଦ୍ଵାରା ଆରମ୍ଭ ହୋଇଥିବା ଭୂମି କ୍ରାନ୍ତିକୁ ଭଣ୍ଡୁର କରିଦେବା ପାଇଁ ବିନୋବାଙ୍କ ଆନ୍ଦୋଳନ ଥିଲା ଉଦ୍ଦିଷ୍ଟ । ମାତ୍ର ଭୂଦାନ ଆନ୍ଦୋଳନ ଅଚିରେ ଆପେ ଭଣ୍ଡୁର ହୋଇଗଲା ।

ଅପ୍ରେଲ ୧୯୫୮ ରେ ଗୋପବନ୍ଧୁ ଚୌଧୁରୀଙ୍କ ମୃତ୍ୟୁ ହେଲା । ପଟ୍ଟନାୟକ ତାଙ୍କ ଡାଏରୀ ରେ ଲେଖିଲେ - " ଗୋପବନ୍ଧୁ ଦାସ ଙ୍କ ମୃତ୍ୟୁପରେ ତାଙ୍କର ସ୍ଥାନ କେହି ପୂରଣ କରି ପାରି ନଥିଲେ । ଠିକ୍ ସେହିପରି ଗୋପବନ୍ଧୁ ଚୌଧୁରୀ ଙ୍କ ସ୍ଥାନ ଆଉ କେହି ପୂରଣ କରିପାରିବେ ନାହିଁ ।"

ଭୂଦାନ ଆନ୍ଦୋଳନରୁ ଓହରିଯାଇ ଭାଗୀରଥି ଲାଗିପଡ଼ିଲେ କମ୍ୟୁନିଷ୍ଟ ପାର୍ଟି ସଂଗଠନକୁ ଦୃଢ଼ କରିବା ପାଇଁ । ଦୟାନନ୍ଦ ଶତପଥୀ, ମାୟାଧର ପୁରୋହିତ

Digitized by PPRACHIN, SOA

ନଟବର ବନଶ୍ରେଷ୍ଠ, ଗଙ୍ଗାଧର ସତପଥୀ ଆଦିଙ୍କ ସଙ୍ଗେ ସେ ଗୋଟିଏ ବୃହତ ସମ୍ମିଳନୀ ର ଆୟୋଜନ କଲେ ତା ୨।୧।୪୮ ଦିନ ବରଗଡ଼ ଠାରେ । ଉକ୍ତ ସମ୍ମିଳନୀରେ ସେ ଭେଟିଲେ ପ୍ରସନ୍ନ କୁମାର ପଣ୍ଡା, ଲକ୍ଷ୍ମଣ ପୂଜାରୀ, ଅଗ୍ନି କୁମାର ମଲ୍ଲିକ, ରାମଚନ୍ଦ୍ର ଆଚାର୍ଯ୍ୟ, କେଙ୍ଗ ମିଶ୍ର, ଶଙ୍କର ପ୍ରସାଦ ଗଡ଼ତିଆ, ରାଧା ବଲ୍ଲଭ ମିଶ୍ର, ପଦ୍ମଲୋଚନ ଗଡ଼ତିଆ ପ୍ରଭୃତି ସାଥୀଙ୍କୁ । ସେତେବେଳେ ସମ୍ବଲପୁର ଜିଲ୍ଲାରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ସଂଖ୍ୟା ଥିଲା ତିନିଶହ । ପରେ ପରେ ଅନେକ ଯୁବ-କମ୍ୟୁନିଷ୍ଟ ତଥା ଛାତ୍ରନେତା ମାନଙ୍କ ସଂସର୍ଗରେ ସେ ଆସିଲେ । ବିଶେଷ ରୂପେ ବିଜୟ ବାବୁ ଶତପଥୀ, ଅଶୋକ କୁମାର ବକ୍ସି, ଦେବେନ୍ଦ୍ର ମୋହନ ଶତପଥୀ, ଗୌରୀଶଙ୍କର ହୋତା; ଜୟଦେବ ଗଡ଼ତିଆ ଓ ବିହାରର ସୁପ୍ରସିଦ୍ଧ କମ୍ୟୁନିଷ୍ଟ ଯୁବନେତା କିରଣ ଶଙ୍କର ପଟ୍ଟନାୟକ ତାଙ୍କର ପରାମର୍ଶ ନେଇ ପ୍ରେରଣା ଲାଭ କରୁଥିଲେ । ତାଙ୍କ ଜୀବନର ସାନ୍ଧ୍ୟ କାଳରେ ଏ ସଂଗଠନକୁ ଆହୁରି ଅନେକ କର୍ମୀ ଯୁବ କମ୍ୟୁନିଷ୍ଟ ଆସି ଯାଇଥିଲେ । ପରେ ଏହି ସଂଗଠନରେ ପିତାଙ୍କ ପନ୍ଥାଙ୍କ ଅନୁସରଣ କରି ଯୋଗ ଦେଲେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଓ ତାଙ୍କ ପରିବାର ।

ସାଂସ୍କୃତିକ ଅନୁଷ୍ଠାନରେ ଭାଗୀରଥି

ଭାଗୀରଥି ପଟ୍ଟନାୟକ କେବଳ ରାଜନୈତିକ କ୍ରିୟା କଳାପରେ ଜଡ଼ିତ ନଥିଲେ, ତାଙ୍କ ଭିତରେ ପ୍ରବାହିତ ହେଉଥିଲା ଗୋଟିଏ ସାଂସ୍କୃତିକ ଚେତନାର ସ୍ରୋତ । ୧୯୦୬ ମସିହାରେ ସେ ବରପାଲି ଓଡ଼ିଆ ପଡ଼ା ଠାରେ ନିଜ ହାତରୁ ପଇସା ଖର୍ଚ୍ଚ କରି ଆରମ୍ଭ କରିଥିଲେ ଗୋଟିଏ ଭାଗବତ ଗୃହ । ତାହା ପୂର୍ଣ୍ଣାଙ୍ଗ ହୋଇଥିଲା ୧୯୧୦ ରେ ; ସେ ନିଜେ ଭଲ ଭାଗବତ ଗାଇ ମୃଦଙ୍ଗ ବାଦନ ମଧ୍ୟ କରୁଥିଲେ । ସ୍ୱଭାବ କବି ଗଙ୍ଗାଧର ଙ୍କ ପ୍ରତି ତାଙ୍କର ଥିଲା ପ୍ରଗାଢ଼ ଭକ୍ତି । ୧୯୨୧-୨୨ ରେ କବି ଯେତେବେଳେ 'ଭାରତୀ ଭାବନା' ରଚନା କରୁଥିଲେ, ସେ ଭାଗୀରଥିଙ୍କୁ ଡାକି ଅନେକ ଗୁଡ଼ିଏ ପଦ ଶୁଣାଇଥିଲେ । ସେହି ଦିନରୁ "ଭାରତୀ ଭାବନା; ଥିଲା କବିଙ୍କ କଣ୍ଠସ୍ଥ । କବିଙ୍କ " ମହିମା " କାବ୍ୟକୁ ସେ ପଟ୍ଟନାୟକ ଓଡ଼ିଆ ବେଦ ର ଆଖ୍ୟା ଦେଇଥିଲେ ଓ ସଂପୂର୍ଣ୍ଣ କଣ୍ଠସ୍ଥ କରି ପ୍ରତିଦିନ ପ୍ରାତଃ କାଳରୁ ବେଦ ମନ୍ତ୍ରର ଆବୃତ୍ତି କରୁଥିଲେ । ଗଙ୍ଗାଧର ସ୍ମୃତିସ୍ତମ୍ଭ-ସ୍ମୃତିଭବନ ନିର୍ମାଣ, ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନା, ଗଙ୍ଗାଧର ଗ୍ରନ୍ଥାବଳୀ ପ୍ରକାଶନ ତଥା

Digitized by PPRACHIN, SOA

ଶତବାର୍ଷିକୀ ପାଳନ ପ୍ରଭୃତି କାର୍ଯ୍ୟରେ ତାଙ୍କ ପୁତ୍ର ଭଗବାନ ମେହେର, ପଣ୍ଡିତ ସ୍ୱଦେବ ମିଶ୍ର, ଭଗୀରଥି ପୂଜାରୀ, ଔପନ୍ୟାସିକ ରାମପ୍ରସାଦ ସିଂ, ଭବାନୀ ଶଙ୍କର ପ୍ରଧାନ, ବଳଭଦ୍ର ପଧାନ, ନିକୁଞ୍ଜ ଖଡ଼ାଙ୍ଗ ସିଂ, ଗଣନାଥ ଗଡ଼ତିଆ ଓ କାଶୀନାଥ ସାହୁଙ୍କ ସଙ୍ଗେ ମିଶି ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଗ୍ରନ୍ଥାବଳୀ ପ୍ରକାଶନ ସମୟରେ ଭଗବାନ ମେହେର ଓ ଡଃ : ମାୟାଧର ମାନସିଂହ ଙ୍କୁ ଅନେକ ସତ୍ ପରାମର୍ଶ ଦେଇଥିଲେ ।

ଶିକ୍ଷା ପ୍ରତି ଭଗୀରଥି ଙ୍କ ଥିଲା ଗଭୀର ଅନୁରାଗ । ଶିକ୍ଷକ ମାନଙ୍କ ପ୍ରତି ଥିଲା ତାଙ୍କର ସମ୍ମାନ ତଥା ସେମାନଙ୍କ ଅବହେଳିତ ଅବସ୍ଥା ପ୍ରତି ସମବେଦନା । ତା ୫ । ୪ । ୫୩ ରିଖ ବରପାଲି ଠାରେ ସେ ଶିକ୍ଷକ ମାନଙ୍କର ଗୋଟିଏ ସମ୍ମିଳନୀ ଆହୂତ କରିଥିଲେ ଏବଂ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ତଥା ବେତନ ବୃଦ୍ଧି ପାଇଁ ଦୃଢ଼ ଦାବୀ ଜଣାଇଥିଲେ । ବରପାଲି ଉଚ୍ଚ ବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ର ସ୍ଥାପନା ଓ ପରିଚାଳନା କ୍ଷେତ୍ରରେ ତାଂକର ଅମୂଲ୍ୟ ଅବଦାନ ରହିଥିଲା । ନିଜର ଜୀବଦ୍ଦଶାରେ ବରପାଲି ଠାରେ ଗୋଟିଏ ମହାବିଦ୍ୟାଳୟ ସ୍ଥାପିତ ହେବା ଦେଖି ସେ ଅତ୍ୟନ୍ତ ଆହ୍ଲାଦିତ ହୋଇଥିଲେ ।

ଝାରସୁଗୁଡ଼ା ଠାରେ ଗୋଟିଏ ହରିଜନ ମନ୍ଦିର ନିର୍ମାଣ କରିବା କ୍ଷେତ୍ରରେ ସେ ଉତ୍ସାହ ଓ ସହଯୋଗ ପ୍ରଦାନ କରିଥିଲେ । ତାଂକ ପୁଅଂକ ପାଖରେ ଆମଡ଼ାପଡ଼ା ଠାରେ ଥିବାବେଳେ ମାସ ମାସ ଅକ୍ଳାନ୍ତ ପରିଶ୍ରମ କରି ଲକ୍ଷ ଲକ୍ଷ ବର୍ଷର ଜୀବାଶ୍ମ (ଫସିଲ୍ସ) ସଂଗ୍ରହ କରିଥିଲେ । ବର୍ତ୍ତମାନ ସେ ସବୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଂଗ୍ରହାଳୟର ଅମୂଲ୍ୟ ନିଧି ହୋଇ ରହିଛି ।

କେତୋଟି ମହତ୍ତ୍ୱପୂର୍ଣ୍ଣ ସାକ୍ଷାତ୍ ଓ ପତ୍ର

ଭଗୀରଥି ପଟ୍ଟନାୟକ ତାଂକର ଦୀର୍ଘ ରାଜନୈତିକ ଜୀବନ କାଳ ଭିତରେ ଗାନ୍ଧି, ମୋତିଲାଲ. ଜେ: ବ: ପଟେଲ, ଜବାହର ଲାଲ, ଜମୁନା ଲାଲ; ବିନୋବା, ଠକ୍କର ବାପା; ଗୋପବନ୍ଧୁ ଓ ମହାତ୍ମା ଭଗବାନ ଦାସ ଆଦି ମହାପୁରୁଷଂକ ସମ୍ପର୍କରେ ଆସିଥିଲେ । ଯେତେବେଳେ ତାଂକ ପୁତ୍ର ପ୍ରଫୁଲ୍ଲ ପଟ୍ଟନାୟକଂକ ସଙ୍ଗେ

Digitized by PPRACHIN, SOA

ସେ ବହାରରେ ଥିଲେ ଯେତେବେଳେ କେତେ ଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ସଙ୍ଗେ ତାଙ୍କର ବାର୍ତ୍ତାଳାପ ମହତ୍ତ୍ୱପୂର୍ଣ୍ଣ ଅଟେ । ବାର୍ତ୍ତାଳାପ ସମୟରେ ବସନ୍ତ ପ୍ରଫୁଲ୍ଲ ଉପସ୍ଥିତ ଥିଲେ । ଏ ପ୍ରସଂଗଟି ନ ଲେଖିଲେ ତାଙ୍କ ଜୀବନ ବୃତ୍ତ ଅସମ୍ପୂର୍ଣ୍ଣ ରହିଯିବ ।

୧-୦୪ କାମିଲ୍ ବୁଲ୍‌କେ

ଏ ମହାଶୟଙ୍କ ଜନ୍ମ ହୋଇଥିଲା ବେଲଜିୟମରେ । ପିତାଙ୍କର ଦୁଇଟି ସନ୍ତାନ ମଧ୍ୟରୁ ଗୋଟିଏ ହେଲେ ଗୃହସ୍ଥ ଏବଂ ଅନ୍ୟ ସନ୍ତାନକୁ ତାଙ୍କ ପିତା ସନ୍ନ୍ୟାସୀ ହେବାକୁ ଆଦେଶ ଦେଇଥିଲେ । ସେ ସନ୍ନ୍ୟାସୀଙ୍କ ନାମ ହେଲା କାମିଲ୍ ବୁଲ୍‌କେ । ଭାରତ ଆସି ଏଲାହାବାଦ ବିଶ୍ୱ ବିଦ୍ୟାଳୟରୁ ସେ ଏମ.ଏ. ପାଶ କଲେ ହିନ୍ଦୀରେ । ଡା: ଧୀରେନ୍ଦ୍ର ବର୍ମା ଙ୍କ ତତ୍ତ୍ୱାବଧାନରେ "ରାମକଥା" ନାମକ ଖଣ୍ଡିଏ ଅମୂଲ୍ୟ ପୁସ୍ତକ ହିନ୍ଦୀରେ ଲେଖି ସେ ପାଇଲେ ଡକ୍ଟରେଟ ଉପାଧି । ରାମଙ୍କ ଉପରେ ଏପରି ଗବେଷଣାତ୍ମକ ପୁସ୍ତକ 'ନ ଭୂତୋ ନ ଭବିଷ୍ୟତି' କହିଲେ ଚଳିବ । ରାଞ୍ଚି ରହଣି ସମୟରେ ତାଙ୍କ ସଙ୍ଗେ ପ୍ରଫୁଲ୍ଲ ଓ ଭଗୀରଥି ଙ୍କ ଘନିଷ୍ଠ ବନ୍ଧୁତା ହୋଇଥିଲା । ଡା: ବୁଲ୍‌କେ, ଭଗୀରଥି ଓ ପ୍ରଫୁଲ୍ଲ ତିନିହେଁ ହିନ୍ଦୀ ଭାଷା ସମ୍ବନ୍ଧରେ ବହୁତ ଆଲୋଚନା ପର୍ଯ୍ୟାଲୋଚନା କରୁଥିଲେ । ଭାଗୀରଥି ପ୍ରଶ୍ନଟିଏ ଉପସ୍ଥାପିତ କଲେ, ରାଷ୍ଟ୍ର ଭାଷା ରୂପେ ଯେତେବେଳେ ଅଣହିନ୍ଦୀ ଭାଷାଭାଷୀ ଲୋକଙ୍କୁ ହିନ୍ଦୀ ପଢ଼ିବାକୁ ହୁଏ ସେତେବେଳେ ଠେଡ଼ି ବୋଲି ସଙ୍ଗେ ସଙ୍ଗେ ସେମାନଙ୍କୁ ପଢ଼ିବାକୁ ତୁଳସୀ ଦାସଙ୍କ ଅବଧୀ ଭାଷା, ସୁରଦାସଙ୍କ ବ୍ରଜ ଭାଷା, ବିଦ୍ୟାପତି ଙ୍କ ମୈଥିଳୀ ଭାଷା ଓ କବୀର, ମୀରା ଙ୍କ ମିଶ୍ରିତ ଭାଷାର ଗଦ୍ୟ-ପଦ୍ୟ । ଏହାର ପାଠ୍ୟକ୍ରମ ଉଚିତ ନୁହେଁ । ଅଣହିନ୍ଦୀ ଭାଷା ଭାଷୀ ଙ୍କ ପକ୍ଷରେ ହିନ୍ଦୀ ଭାଷାର ପ୍ରକୃତ ସ୍ୱରୂପଟି ଜଣ ଜାଣିବା କଠିଣ । (ବର୍ତ୍ତମାନ ପ୍ରଚଳିତ ହିନ୍ଦୀଭାଷା କୁ ଖଡି ବୋଲି କୁହାଯାଏ) । ରାଷ୍ଟ୍ରଭାଷା ରୂପେ ହିନ୍ଦୀ ପ୍ରଚାର ପରିପ୍ରେକ୍ଷୀରେ ଏହାଥିଲା ଗୋଟିଏ ମୌଳିକ ପ୍ରଶ୍ନ । ଏହ ଡା: ବୁଲକେ ଙ୍କୁ ଗଭୀର ଭାବେ ପ୍ରଭାବିତ ଓ ଆନ୍ଦୋଳିତ କରିଥିଲା । ଭାରତ ସରକାର କାମିଲ ବୁଲକେ ଙ୍କୁ ତାଙ୍କର ହିନ୍ଦୀ ଭାଷା ପ୍ରତି ସେବା କୁ ଦୃଷ୍ଟି ଦେଇ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ । ବୁଲକେ ଙ୍କ ଗ୍ରନ୍ଥାଗାର ରେ ଭାରତୀୟ ସଂସ୍କୃତି ଓ ହିନ୍ଦୁଧର୍ମ ର ଅମୂଲ୍ୟ ପୁସ୍ତକ ସଂଗୃହୀତ ହୋଇଥିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଭାଷାର ଅନେକ ଦୁର୍ଲଭ ପୁସ୍ତକ ଏବେ ମଧ୍ୟ ସଂରକ୍ଷିତ ହୋଇ ରହିଛି ।

Digitized by PPRACHIN, SOA

ଡଃ ବୁଲକେ ଇହଧାମ ତ୍ୟାଗ କରି ସାରିଛନ୍ତି । ସେ ଭଗୀରଥିଙ୍କୁ ନିଜର ଜ୍ୟେଷ୍ଠ ଭ୍ରାତା ଜ୍ଞାନ କରୁଥିଲେ ।

୨ - ଡ଼ଃ ଭେରିଅର ଏଲ୍‌ଉଇନ୍

ଇଂଲଣ୍ଡ ନିବାସୀ ଏ ମହାଶୟ ପ୍ରଥମେ ସାବରମତି ଆଶ୍ରମକୁ ଆସି ଗାନ୍ଧିଙ୍କ ପ୍ରଭାବରେ ଖଦି ଧୋତି ଓ କୁର୍ତ୍ତା ପିନ୍ଧିଲେ । ମଧ୍ୟ ପ୍ରଦେଶରେ ଆଶ୍ରମଟିଏ ପ୍ରତିଷ୍ଠା କରି ଗୋଟିଏ ଆଦିବାସୀ ମହିଳାଙ୍କୁ ବିବାହ କଲେ । ସେ ଥିଲେ ଜଣେ ନୃତତ୍ତ୍ୱ ବେତ୍ତା । ଭାରତ ସରକାରଙ୍କ ନୃତତ୍ତ୍ୱ ବିଭାଗର ନିର୍ଦ୍ଦେଶକ ହେଲେ । ସ୍ୱାଧୀନତା ପରେ ନେଫାରେ ନିଯୁକ୍ତି ପାଇଥିଲେ । ତାଂକର କେତେ ଗୁଡିଏ ଗ୍ରନ୍ଥ ପଲ୍ଲିବଗ୍ରାହ୍ମ ଅଧ୍ୟୟନ ଟୋଲ ପ୍ରଫୁଲ୍ଲଙ୍କ ମତକୁ ଭାଗୀରଥି ମଧ୍ୟ ସମର୍ଥନ କରିଥିଲେ । ପରେ ଏଲ୍‌ଉଇନ୍ ଆସିଲେ ସଞ୍ଜ । ପ୍ରଫୁଲ୍ଲଙ୍କ ସାଙ୍ଗରେ ଭଗୀରଥି ଯାଇଥିଲେ ସାକ୍ଷାତ ପାଇଁ । ଆଲୋଚନା ପ୍ରସଙ୍ଗରେ ଭଗୀରଥି କହିଲେ - "ଆପଣ ତ ଜଣେ ନୃତତ୍ତ୍ୱ ବେତ୍ତା - ସମାଜ ବିଜ୍ଞାନର ପଣ୍ଡିତ । କିନ୍ତୁ ଯେଉଁ ଆଦିବାସୀ ମାନେ କୃଷିଜୀବୀ ଅଟନ୍ତି ତାଙ୍କପାଇଁ ଆପଣ ଯେଉଁ ଗୃହନିର୍ମାଣ ଯୋଜନା ଓ ନକ୍‌ସା ବିହାର ସରକାର ଓ ଭାରତ ସରକାରଙ୍କୁ ଦେଇଛନ୍ତି, ତାହା ମୋ ଦୃଷ୍ଟିରେ ସମ୍ପୂର୍ଣ୍ଣ ଭୁଲ ଅଟେ । ସେଥିରେ ଛେଳି, ମେଣ୍ଢା, କୁକୁଡା, ଗାଈ; ମଇଁଷି ଆଦି ଗୃହପାଳିତ ପଶୁମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ ପୁନଶ୍ଚ କୃଷିଜାତ ଦ୍ରବ୍ୟକୁ ସାଇତି ରଖିବା ପାଇଁ ଘର ନାହିଁ । କୃଷିଜୀବୀ ଆଦିବାସୀ ମାନଙ୍କ ପାଇଁ ଏ ଗୃହ ନିର୍ମାଣ ଯୋଜନା ଉପଯୁକ୍ତ ନୁହେଁ । "ଶବର ହୋଡ" ମାନଙ୍କ ପରି ଯାଯାବର ଏବଂ ପାହାଡିଆ ଜାତି ପରି ଅର୍ଦ୍ଧ ଯାଯାବର ଆଦିମ ଅଧିବାସୀଙ୍କ ପାଇଁ ଏ ଯୋଜନା ଉଚିତ ହେବ । ଭଗୀରଥିଂକ ଏ ପ୍ରସ୍ତାବକୁ ଡଃ ଏଲ୍‌ଉଇନ ନିଃସଙ୍କୋଚ ଭାବରେ ମାନି ନେଇଥିଲେ । ପ୍ରଫୁଲ୍ଲ ପଟ୍ଟନାୟକଂକ ମଧ୍ୟ ଆଦିମ ଅଧିବାସୀ, ଆଦିବାସୀ ମାନଂକ ଜୀବନ ଯାପନ ପ୍ରଣାଳୀ ଓ ସେମାନଂକ ମୌଳିକ ସମସ୍ୟାର ପ୍ରତ୍ୟକ୍ଷ ଅନୁଭୂତି ରହିଛି । ସେ ଏବେ ବି ଜୀବିତ । ଓଡ଼ିଶା ସରକାର ତାଂକ ମୌଳିକ ଚିନ୍ତା ଓ ପରାମର୍ଶର ସଦୁପଯୋଗ କରିବା ଉଚିତ । ଯେତେବେଳେ ନୃତତ୍ତ୍ୱର ଡାଇରେକ୍‌ଟର ଭାବରେ ନିର୍ମଳ କୁମାର ବୋଷ ବସ୍ତର ଆସିଥିଲେ ତାଙ୍କୁ ମଧ୍ୟ ସ୍ୱୀ ପଟ୍ଟନାୟକ ଭେଟିଥିଲେ ।

Digitized by PPRACHIN, SOA

୩- ଗୁରୁ ଦୟାଲ ମଲ୍ଲିକ

ଏ ମହାଶୟ ଭାରତର ଜଣେ ପ୍ରସିଦ୍ଧ ଶିକ୍ଷାବିତ ଲେଖକ ଓ ସମାଜସେବୀ ଅଟନ୍ତି । ଅନେକ ଦିନ ସେ ଶାନ୍ତିନିକେତନରେ ଥିଲେ ଓ ବରୁପାଲିରେ ଥିବା ଆମେରିକାନ ଫ୍ରେଣ୍ଡସ୍ ସୋସାଇଟି ଶାଖା ସହିତ ତାଂକର ଘନିଷ୍ଠ ସମ୍ପର୍କ ଥିଲା । ବରପାଲି ଯା ଆସ କରି ଶ୍ରୀ ମଲ୍ଲିକଂକ ଘନିଷ୍ଠତା ଭାଗିରଥି ଓ ଭଗବାନ ମେହେରଂକ ସଙ୍ଗରେ ଆସି ଯାଇଥିଲା । ସେ ବୁଦ୍ଧ (କମ୍ବେ) ଠାରୁ ଲେଖିଥିବା ଅନେକ ବ୍ୟକ୍ତିଗତ ଚିଠି ଏବେ ବି ରହିଛି । ପଟ୍ଟନାୟକଂକ ଓଂଏଷ୍ଟରେ ମଧ୍ୟ ତାଂକର ନାମୋଲ୍ଲେଖ କରଯାଇଛି । ତାଂକ ସହିତ ଦାର୍ଶନିକ, ସାହିତ୍ୟିକ ଓ ସମାଜ ସେବା ବିଷୟକ ଚନ୍ତାର ଆଦାନ ପ୍ରଦାନ ହେଉଥିଲା ।

୪ ମୋରାରଜୀ ଦେଶାଇ

ଶ୍ରୀ ଦେଶାଇ ଯେତେବେଳେ ଥିଲେ ଭାରତର ଉପ ପ୍ରଧାନ ମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ । କଣ ଗୋଟିଏ ବଡ଼ ସମସ୍ୟାରେ ସେ ଆସିଥିଲେ ଦୁମକା । ସେଠାରେ ଭାଗୀରଥି ଥିଲେ । ତାଂକର ସାକ୍ଷାତ ହେଲା ମୋରାରଜୀଂକ ସହିତ । ପଟ୍ଟନାୟକ ଦେଶାଇଙ୍କୁ ସିଧା ସଳଖ କହିଲେ - "ଆପଣ ଯେତେବେଳେ ବମ୍ବେର ମୁଖ୍ୟମନ୍ତ୍ରୀ ଥିଲେ ସେତେ ବେଳେ ନିଶାନିବାରଣ ର ଯୋଜନାକୁ ଯେତେ ସୁନ୍ଦର ଭାବରେ କାର୍ଯ୍ୟକାରୀ କରିଥିଲେ ତାହାର ସୁପ୍ରଭାବ ଗୁଜରାଟ, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ପଡ଼ିଥିଲା । ମୋ ପରି ଅନେକ ଲୋକ ଆପଣଙ୍କୁ ମନେ ମନେ ଅଭିନନ୍ଦନ ଓ ଆଶୀର୍ବାଦ କରୁଥିଲେ । ବର୍ତ୍ତମାନ ଆପଣ ସାରା ଭାରତର ଉପପ୍ରଧାନମନ୍ତ୍ରୀ ଭାବରେ ଅଧିଷ୍ଠିତ, ଏପରି ମହତ୍ତ୍ୱପୂର୍ଣ୍ଣ ପଦରେ ଆସୀନ ହେବା ପରେ ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କାହିଁକି ଭୁଲିଗଲେ ?" ତାପରେ ଦେଶାଇ ବାଢିଥିବା ଯୁକ୍ତିର ଉତ୍ତରରେ ଶ୍ରୀ ପଟ୍ଟନାୟକ କହିଲେ - "ସତ୍ୟକୁ ଯୁକ୍ତିଦ୍ୱାରା ଘୋଡାଇବାର ଚେଷ୍ଟା କରନ୍ତୁ ନାହିଁ । ଆପଙ୍କେ ପରି ଗାନ୍ଧିବାଦୀ ଲୋକଂକ ପକ୍ଷରେ ଏହା ଶୋଭନୀୟ ନୁହେଁ । ଯଦି ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଆପଣ ନିଜକୁ ଅସମର୍ଥ ଅନୁଭବ କରୁଛନ୍ତି ତେବେ ଆପଣ ଇସ୍ତଫା ଦେଇଦେବା ଉଚିତ ।" ପଟ୍ଟନାୟକଙ୍କ ଅପ୍ରିୟ ସତ୍ୟ କଥାକୁ ଦେଶାଇ ମନରେ ନ ଧରି ହସି ହସି କହିଲେ-

Digitized by PPRACHIN, SOA

‘ଆପଣଙ୍କ ଏ କଠୋର ସତ୍ୟ କଥା ଉପରେ ମୁଁ ବିଚାର କରିବ ।’

ଭାଗୀରଥି ମହାକବି ଗଙ୍ଗାଧରଙ୍କ ଭକ୍ତ ଥିଲେ । ସେ ଚାହୁଁଥିଲେ କବିଙ୍କର କାବ୍ୟକବିତା ଗୁଡ଼ିକର ହିନ୍ଦୀ ଓ ଇଂରାଜୀରେ ଅନୁବାଦ ହେଉ । ଏଣୁ ସେ ପ୍ରଫୁଲ୍ଲଙ୍କୁ ଏ ସମ୍ବନ୍ଧରେ ବାରମ୍ବାର ଉତ୍ସାହିତ କରୁଥିଲେ ଏବଂ ପ୍ରଫୁଲ୍ଲ କବିଙ୍କର କେତୋଟି କବିତାର ହିନ୍ଦୀ ଅନୁବାଦ କରି ପ୍ରତିଷ୍ଠିତ ହିନ୍ଦୀ ପତ୍ର ପତ୍ରିକାରେ ପ୍ରକାଶିତ କରାଇ ଥିଲେ । କେତୋଟି ନିବନ୍ଧ ମଧ୍ୟ ଲେଖିଥିଲେ । ସେ ସମ୍ବନ୍ଧରେ କବି ପୁତ୍ର ଭଗବାନ ମେହେରଙ୍କୁ ଲେଖିଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ତିନୋଟି ପତ୍ର ନିମ୍ନରେ ଉଦ୍ଧୃତ କରାଗଲା ।

ତା ୧୭ । ୪ । ୫୮

ପ୍ରିୟ ମହାଶୟ ନମସ୍ତେ, ପତ୍ରାଙ୍କ ୧୬୪୩

କଲିକତାରୁ ହିନ୍ଦୀ ଭାଷାରେ ଯେଉଁ ‘ନୟା ସମାଜ’ ବାହାରୁ ଅଛି ତହିଁର ଅପ୍ରେଲ ସଂଖ୍ୟାରେ ଆପଣଙ୍କ ପିତାଙ୍କର ଫଟୋ ସହିତ ତାଙ୍କ କାବ୍ୟ ଓ ଖଣ୍ଡକବିତାର ଅତି ସଂକ୍ଷିପ୍ତ ସାରକଥା ଓ ଜୀବନ ସମ୍ବନ୍ଧେ ଯାହା ପ୍ରକାଶ ପାଇଅଛି ତାହା ବଡ଼ ମହତ୍ତ୍ୱପୂର୍ଣ୍ଣ ଓ ମାର୍ମିକ ହୋଇଅଛି । ହିନ୍ଦୀ ଜଗତର ମହାକବି ମୈଥିଳୀ ଶରଣ ଗୁପ୍ତଙ୍କ ସମାନ ସ୍ତରର ସ୍ଥାନ ଦେଇ ଯୁକ୍ତିପୂର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଅଛି । ସରକାରଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିହୋଇଛି । ଉକ୍ତ ଅଙ୍କଟି ମୁ ୧୪ । ୪ । ୫୮ ଇରେ ପାଇଛି । ସର୍ବ ପ୍ରଥମେ ପୂର୍ଣ୍ଣ ଓ କାଶୀନାଥ କୁ ପଢ଼ିବାକୁ ଦେଇ ଆଜି ସକାଳେ ପଣ୍ଡିତ ରାଘବ ମିଶ୍ରଙ୍କୁ ପଢ଼ିବାକୁ ଦେଇଛି । ଆପଣ ଭୁବନେଶ୍ୱର ଠାରେ ତଲାସ କରିବେ, ନ ମିଳିଲେ ଆପଣ ଲେଖିଲେ ଆପଣଙ୍କ ନିକଟକୁ ପଠାଇ ଦିଆଯିବ । ଲେଖା ପାଠ ପରେ ପଣ୍ଡିତେ ଆଜି ସନ୍ଧ୍ୟାରେ ଭୂରି ଭୂରି ପ୍ରଶଂସା କଲେ ।

ଆପଣଙ୍କ

ଭାଗୀରଥି ପଟ୍ଟନାୟକ

ତା ୨୪ । ୭ । ୬୭

ନମସ୍ତେ, ପତ୍ରାଙ୍କ ୪୫/୨୪୭୦

ଆପଣ ନଜର ବଳକୁ କାଣି ପାରୁ ନାହାନ୍ତି । ଏ ପତ୍ର ପାଇଲା ମାତ୍ରକେ

ଉତ୍ତର ଦେବା ପାଇଁ ଜବାବୀ କାର୍ଡ ଦେଲି । 'ବିଶ୍ୱ ଜୀବନ ହେ !' କେବେ ଛପିବ, ତାରିଖ ତ ପାଇବେ ନାହିଁ ଈଷବୀ ସନ୍ ଅବଶ୍ୟ ପାଇବେ । ବ୍ରହ୍ମପୁରରେ ଛପିବ ହୋଇଛି, ଈଷବୀ ଲେଖି ପଠାନ୍ତୁ ।

"ବିଶ୍ୱ ଜୀବନ ହେ" ଆଉ 'ଆମାର ମାଥା ନତ କରେ ଦାଓ ହେ' କବିତାର ବିଷୟରେ ଏବଂ ରଚୟିତା କବି ଦୁହିଁଙ୍କ ମଧ୍ୟରେ କିଛି ବିଶେଷତ୍ୱ ଅଛି, ଗୋଟିଏ ଲେଖା ପ୍ରଫୁଲ୍ଲ ତିଆରି କରିଅଛି-ହିନ୍ଦୀ ଭାଷାରେ । ଜୟନ୍ତୀକୁ ପଠାଇବ ଏବଂ ହିନ୍ଦୀ ପତ୍ରିକାରେ ବାହାର କରିବ । କମିଟି ତୁରନ୍ତ ଡାକ ଏ ବର୍ଷର ଜୟନ୍ତୀ କାମ ଆରମ୍ଭ କରନ୍ତୁ । ଗତଥର ସବୁର ତ୍ରୁଟି ସମୁଦାୟ ଯେପରି ଏଥରରେ ନ ରହିବ ସେପରି ଚେଷ୍ଟା କରିବେ । ଏପରି ତିଆରି ରଖିବାକୁ ହେବ ଯେ ଜୟନ୍ତୀ ସରିବାର ଅନ୍ୟ ସକାଳ ୮/୧୦ ଦିନ ଭିତର ଡାକରେ ସମାଜକୁ ବାହାରି ଯିବ । ସମ୍ବାଦ ଦେବା ପାଇଁ ଅଳ୍ପ ତାର ଖର୍ଚ୍ଚ ଲାଗେ ।

× × × × × ×

ମୁଁ ଭଲ ହୋଇଲିଣି । ପତ୍ର ଖଣ୍ଡେ ଆପଣଙ୍କୁ ଦେବା ପାଇଁ ତିଆରି କରୁଅଛି- ତା ୨୭ । ୭ । ୬୭ରୁ । ପୂର୍ଣ୍ଣ ଆବଙ୍କୁ ଆଶୀର୍ବାଦ, ବଳିଷ୍ଠ ଓ ପ୍ରତ୍ୟୁଷାଙ୍କୁ, କାଶୀଙ୍କୁ ଦେବଧିଙ୍କୁ ନମସ୍କାର, ପ୍ରଫୁଲ୍ଲର ପ୍ରଣାମ । 'ମାଧ୍ୟମରେ' ହିନ୍ଦୀରେ ମେହେର କବିଙ୍କ ଜୀବନୀର ସାର ବାହାରିଛି । ଲେଖିଛନ୍ତି ଶ୍ୟାମ ନାରାୟଣ ସିଂହ ଯାଦବ-ବାଲେଶ୍ୱର ।

ଆପଣଙ୍କର
ଭଗୀରଥି ପଟ୍ଟନାୟକ

ତା ୧୬ । ୭ । ୬୮

ନମସ୍ତେ, ପତ୍ରାଙ୍କ ୭୫ ୨୩୮୧ ର ଅଂଶ

ପ୍ରଫୁଲ୍ଲ ପ୍ରସ୍ତାବ କରିବା ନିମନ୍ତେ ସମିତିକୁ ଜଣାଉଛି —

୧) ଗଙ୍ଗାଧର ସାହିତ୍ୟ ସମ୍ବନ୍ଧରେ ଆଲୋଚନାତ୍ମକ ଗ୍ରନ୍ଥଟିଏ ରଚନା କରାଯିବା ପାଇଁ—ହଜାରେ ଟଙ୍କାର ପୁରସ୍କାର ଘୋଷଣା କରା ଯିବା ପାଇଁ ଏହି ବର୍ଷର ପ୍ରସ୍ତାବ ଅଣାଯାଉ ।

Digitized by PPRACHIN, SOA

୨) ବରପାଲି ର ରେଲ ଷ୍ଟେସନରେ ଗୋଟିଏ ବସ୍ତି ଅବଶ୍ୟ ହୋଇଯିବ । ଏଣୁ ସେ ବସ୍ତିର ନାମ ... 'ଗଙ୍ଗାଧର ନଗର' ରଖାଯାଉ । ସଙ୍ଗେ ସଙ୍ଗେ ରେଲ ଷ୍ଟେସନର ନାମ 'ଗଙ୍ଗାଧର ନଗର' ରଖାଯିବାକୁ ପ୍ରସ୍ତାବ କରାଯାଇ କେନ୍ଦ୍ର ସରକାରଙ୍କୁ ଜଣାଇ ଦେବାପାଇଁ ଯଥାଯୋଗ୍ୟ ବ୍ୟବସ୍ଥା ଧରାଯିବ । ଏଥିର ଭାର ପାର୍ଲ୍ୟାମେଣ୍ଟ ସଭ୍ୟ ଶ୍ରୀ ଶ୍ରଦ୍ଧାକର ସୁପକାର ଙ୍କୁ ଦିଆଯାଇପାରେ । ସୁପକାର ମହୋଦୟଙ୍କୁ ଜୟନ୍ତୀରେ ଯୋଗଦେବାକୁ ଅନୁରୋଧ କରାଯାଉ ଯଦି ଉପଯୁକ୍ତ ବୋଧ ହୁଏ, ତାଙ୍କୁ ସଭାପତି କରାଯାଉ ।

ମୋର ଅନୁରୋଧ ବରପାଲି (ବାରଙ୍ଗ ପାଲି) ର ପ୍ରାଚୀନ କବି ସ୍ୱର୍ଗତ କୃଷ୍ଣ କବିଙ୍କ ଯେଉଁ ଗ୍ରନ୍ଥ (ପାଣ୍ଡୁ ଲିପି) ଓଡ଼ିଶା ଏକାଡେମୀରେ ପଡ଼ିରହିଛି ତାହାକୁ ଫେରାଇ ଆଣିବା ପାଇଁ ତତ୍ପର ହେଉ ।

ଏହି କାର୍ଡ ଖଣ୍ଡିକକୁ ସ୍ମୃତି ସମିତିକୁ ଦିଆଯାଇପାରେ । 'ଗଙ୍ଗାଧର ନଗର' ସମ୍ବନ୍ଧରେ ଓଡ଼ିଆ ଓ ଇଂରାଜୀରେ ୨ଟା ପ୍ରସ୍ତାବ ପତ୍ର ତିଆରି କରାଯାଉ ଓ ହଜାରେ ଲୋକଙ୍କ ସ୍ୱାକ୍ଷର ନିଆଯାଉ ।

ଆପଣଙ୍କ

ଭାଗୀରଥି ପଟ୍ଟନାୟକ

ଶ୍ରୀ ଭାଗୀରଥି ପୂଜାରୀ ଙ୍କୁ ଦେଇଥିବା ଖଣ୍ଡିଏ ପତ୍ର —

ରାଞ୍ଚି, କାଁକେ ରୋଡ଼, ରେଭିନ୍ୟୁମିନିଷ୍ଟର କୋଠୀ

ତା ୧୯ । ୬ । ୬୧

ପତ୍ରାଙ୍କ ୧୯୧୦

ପ୍ରିୟଦର୍ଶୀ ମହାଶୟ,

ନମସ୍ତେ,

ଆପଣଙ୍କ ପିଲା ଛୁଆ ଙ୍କ ମଙ୍ଗଳ ହେଉ । ଆପଣଙ୍କ ତା ୨୦ । ୫ । ୬୧ ର କାର୍ଡ ପତ୍ର ୨୩ । ୫ । ୬୧ ଯଥା ସମୟରେ ମିଳିଯାଇଅଛି । ଆପଣଙ୍କ ପତ୍ର ପାଇବା ସମୟକୁ ଏଆଡେ ମଧ୍ୟ ଗରମ ଅଧିକ ଥିଲା ଏବର୍ଷ ସବୁଠୁ ତା ୫-୬-୬୧ରୁ ବର୍ଷା ଆରମ୍ଭ ହୋଇ ଝଡ଼ ଢାଳିଲା ଓ ତା ୧୩ । ୬ । ୬୧ ଯାଏ ପିଲା ଛୁଆମାନେ

Digitized by PPRACHIN, SOA

ପ୍ରାପ୍ୟ ପାଇ ନାହାଁନ୍ତି । ଗରମ ସମୟରେ ଅସୁସ୍ଥ ରହୁଥିଲେ, ସ୍ଫୂର୍ତ୍ତି ନଥିଲା । ଏବେ ଅଣ୍ଡା ପଡ଼ିଗଲା କିନ୍ତୁ ସ୍ଫୂର୍ତ୍ତି ଆସି ଗଲାଣି ।

୬୦ ଜଣରୁ ୧୭ ଜଣ ପାସ କରିବା ଅତି ଶୋଚନୀୟ ଓ ବରପାଲିର ଦୁର୍ନାମ ଅଟେ । ପିଲାମାନେ ସେଠି ଘରେ ସିଆନ ହୋଇ ରହନ୍ତି, ଶିକ୍ଷକ ପିଲାଙ୍କୁ ଡରନ୍ତି, ସେସ୍ଥାନର ଅବସ୍ଥା ଶୋଚନୀୟ ହୋଇପଡ଼େ । ଜଳର ନାମ ଅମୃତ ଜଳ ଭଲ ହେଲେ ଅମୃତ ହେଲା ନହେଲେ - ବିଷ ।

ଯଦିବା ଅପ୍ରିୟ ସତ୍ୟ ଓ କଟୁ କଥା କହି ସବୁ ଶ୍ରେଣୀ ଲୋକଙ୍କ ଅପ୍ରିୟ ହୋଇ ପଡ଼ିଥିଲେ ଶ୍ରୀ ଲକ୍ଷ୍ମୀ ନାରାୟଣ ଆମ ଜିଲ୍ଲାର ଏକମାତ୍ର ପ୍ରଭାବଶାଳୀ ନେତା ଥିଲେ । ଆମ୍ଭେ ସମସ୍ତେ ତାଙ୍କ ଋଣୀ । ରାଜନୈତିକ ଷଡଯନ୍ତ୍ର ଦ୍ୱାରା ତାଙ୍କର ଶୋଚନୀୟ ମୃତ୍ୟୁ ତା ୩୦ । ୫ । ୬୧ ରାତି ୨ ବଜେ ଫାଷ୍ଟକ୍ଲାସ ରେଲଡବା ଭିତରେ ହୋଇ ଯାଇ ଅଛି । ଭାଗ୍ୟବଶତଃ ବ୍ୟଗଡ଼ରେ ଜଣା ପଡ଼ିଲା, ନହେଲେ ପତ୍ତା ମିଳି ଥାନ୍ତା । ତାଙ୍କ ଛାଡ଼ିଯାଇଥିବା ପରିବାର ର ଆର୍ଥିକ ସାହାଯ୍ୟ ପାଇଁ ଜିଲ୍ଲା ବାସୀ ସରକାରଙ୍କୁ ଜଣାଇବା କଥା । ପଣ୍ଡିତ ଙ୍କ ସୁଯୋଗ୍ୟ ପୁତ୍ର ରାଜେନ୍ଦ୍ର ବାବୁ ଜାଣନ୍ତି । ତାଙ୍କ ପରିବାରଙ୍କ ସାହାଯ୍ୟ ପାଇଁ ତାଙ୍କ ପାଖକୁ ନିବେଦନ ପତ୍ର ଗତ ଶନିବାର ଦିନ ଦେଇଅଛୁ । ପଣ୍ଡିତ ଲକ୍ଷ୍ମୀ ନାରାୟଣ ମେହେର କବି ଙ୍କ ଜଣେ ଭକ୍ତ ଥିଲେ । ଶ୍ରୀ ଭଗବାନ ବାବୁଙ୍କୁ ମୋର ନମସ୍କାର ଜଣାଇବେ, ତାଙ୍କୁ ପତ୍ର ଦେବି ।

ଆପଣଙ୍କ
ଭାଗୀରଥି ଯଦୁନାଥ

* ଭଗବାନ ମେହେର, ସର୍ବଶ୍ରୀ ଭବାନୀ ଶଙ୍କର ପ୍ରଧାନ, ଭାଗୀରଥି ପୂଜାରୀ, ସୁଭଦ୍ର ଦାଶ, ଗିରିବର ସାହୁ, ରାମ ପ୍ରସାଦ ସିଂ, ବାସୁଦେବ ଆଚାର୍ଯ୍ୟ, ବଳଭଦ୍ର ପ୍ରଧାନ, ଗୁଣ ସାଗର ଶତପଥୀ, ବୈଷ୍ଣବ ମେହେର, ଅଇଁଠୁ ଦାସ ଏବଂ ଧନେଶ୍ୱର ପ୍ରଧାନ (ପାଣିମୋରା) ଆଦିଙ୍କୁ ତାଙ୍କ ୯୦ ତମ ଜନ୍ମ ବର୍ଷ ଆରମ୍ଭ ସମୟରେ ଦେଇଥିବା ପତ୍ର ।

Digitized by PPRACHIN, SOA

ଜାମସେଦପୁର

ତା ୩୧ । ୧୦ । ୭୭ ପତ୍ରାଙ୍କ ୪୫/୩୦୪୫

ମହାଶୟ,

ତା ୯ । ୧୧ । ୭୭ ବୁଧବାର ଦିନ ମୋର ୯୪ ତମ ବର୍ଷ ଆରମ୍ଭ ହେଉଅଛି । ସମସ୍ତଙ୍କର ଜୀବନ ଗୋଟିଏ ଫୁଲପରି ଫୁଟୁ । ବାତାବରଣକୁ ସୁଗନ୍ଧିତ କରି ପୁଣି ଏହି ପୃଥିବୀ ମାତାଙ୍କର ଚରଣରେ ଅର୍ପିତ ହେଉ । ଏହାହିଁ ମୋର କାମନା । ଆପଣ ଅନ୍ତରଙ୍ଗ ଅଟନ୍ତି ଏଣୁ ଜଣାଉ ଅଛି ଯେ ମୋର ଏହି ଜନ୍ମ ଦିନ ଉପଲକ୍ଷେ ଆପଣ ନିଜ ଅଗଣାରେ ଗୋଟିଏ ଫୁଲଗଛ ଓ ଗୋଟିଏ ଫଳଗଛ ରୋପଣ କରନ୍ତୁ । ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଓ ପ୍ରସନ୍ନ ଅଛି ଓ ଏହିରୂପେ ୧୦୦ ବର୍ଷ ପୂର୍ଣ୍ଣ କରିବାକୁ ଚାହେଁ । ନମସ୍କାର ।

ଆପଣଙ୍କର
ଭାଗୀରଥି ପଟ୍ଟନାୟକ

ଶେଷ ସଂଗ୍ରାମ

ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଓ ବ୍ୟାପକ ଭ୍ରଷ୍ଟାଚାର ବିରୋଧ ପାଇଁ ଯେତେବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସାରା ଭାରତରେ ବ୍ୟାପକ ଆନ୍ଦୋଳନ ଚଳାଇଲେ ସେତେବେଳେ ୯୨ ବର୍ଷର ବୃଦ୍ଧନେତା ଭାଗୀରଥି ଥିଲେ ଜାମସେଦପୁରରେ । ଦଶହଜାର ବିକ୍ଷୋଭକାରୀ ମାନଙ୍କ ନେତୃତ୍ୱ ନେଇ ସେ ଗିରଫ ହେଲେ । ତାଙ୍କ ଗଳାରେ ଜୟମାଲ୍ୟ ପିନ୍ଧାଇ ଦେଇଥିଲେ ବିହାର ପ୍ରଦେଶ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ସୁନୀଲ ମୁଖାର୍ଜୀ । ସେଦିନ ପଟ୍ଟନାୟକ କହିଥିଲେ ଏହା ହେଉଛି ମୋର ଶେଷ ସଂଗ୍ରାମ ।

ଭାଗୀରଥି ଓ ବାବା ଭ୍ରମଣାନନ୍ଦ

ପ୍ରଥମରୁ ଭାଗୀରଥି ପଟ୍ଟନାୟକ ଥିଲେ ଈଶ୍ୱର ବିଶ୍ୱାସୀ । କିନ୍ତୁ ସେ ପରେ ହୋଇଗଲେ ନିରୀଶ୍ୱରବାଦୀ । ତାଙ୍କ ଡାଏରୀର ଅନେକ ଖଣ୍ଡ ଉପରେ ସେ ଲେଖିଛନ୍ତି "ଈଶ୍ୱର ନାହିଁ ଗଣ୍ଡ ।" ପରେ ଈଶ୍ୱର ଙ୍କ ସମ୍ବନ୍ଧରେ ତାଙ୍କ ମନରେ ଦେଖାଦେଲା ଦ୍ୱନ୍ଦ୍ୱ । ମୃତ୍ୟୁର ପ୍ରାୟ ତିନିବର୍ଷ ଆଗରୁ ସ୍ୱାମୀ ପରମହଂସ ବାବା ଭ୍ରମଣାନନ୍ଦ ଙ୍କ ସହିତ ତାଙ୍କର ଦେଖାହେଲା । ବାବା ଭ୍ରମଣାନନ୍ଦ ଙ୍କୁ କଉପାଳ ନିବାସୀ ପଟ୍ଟନାୟକ

Digitized by PPRACHIN, SOA

ବାବା ମଧ୍ୟ କହନ୍ତି । ସେ ବହୁତ କମ ସମୟ ବଉଦାଳ ଆସନ୍ତି । ଆସିଲେ ଗୁଣସାଗର ଶତପଥୀ ଙ୍କ ଘରେ ଆତିଥ୍ୟ ଗ୍ରହଣ କରନ୍ତି । ବାବା ଇଂରଜୀ ଓ ସଂସ୍କୃତରେ ବିଦ୍ୱାନ । ବେଦ,ବେଦାଙ୍ଗ, ଧର୍ମ ଶାସ୍ତ୍ରର ଜଣେ ବିଜ୍ଞ ପୁରୁଷ । ଅନ୍ୟାନ୍ୟ ସାଧାରଣ ସାଧୁ ସନ୍ନ୍ୟାସୀଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତ୍ୟାଗ ମଧ୍ୟ ଅସୀମ । ଯୁବାବସ୍ଥାରେ ସେ ଥିଲେ ବସ୍ତୁବାଦୀ । ପରେ ହେଲେ ଗୃହତ୍ୟାଗୀ । ସ୍ରଷ୍ଟା ଓ ସୃଷ୍ଟି ସମ୍ବନ୍ଧରେ ଭଗୀରଥି ଙ୍କ ମନରେ ଯେଉଁସବୁ ଜିଜ୍ଞାସା ଥିଲା ବାବା ଭୂମାନନ୍ଦ ସେ ସବୁର ସମାଧାନ କରି ଦେଉଥିବାରୁ ପଞ୍ଚାୟୁକ ଶେଷ ଜୀବନରେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିଥିଲେ । ବାବା ଭୂମାନନ୍ଦ ଯାଗ-ଯଜ୍ଞ, ପୂଜା ପାରାୟଣ ର ଘୋର ବିରୋଧୀ । ଲୌକିକ କ୍ରିୟାକର୍ମ ଆଚରଣ ତଥା କର୍ମନିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ମାନବିକ ଗୁଣାବଳୀର ବିକାଶ ତଥା ସମାଜର ଉନ୍ନତି କଳ୍ପେ ଆନ୍ତରିକ ଆତ୍ମନିୟୋଗ ଭଗବତ୍ ପ୍ରାପ୍ତିର ସହଜ ମାର୍ଗ ବୋଲି ତାଙ୍କର ମତ । ଭଗୀରଥି ଙ୍କ ନିର୍ମଳ ଚରିତ୍ର, ତ୍ୟାଗ ଓ ସତ୍ୟ ନିଷ୍ଠା ଦେଖି ବାବା ମଧ୍ୟ ଆକୃଷ୍ଟ ହେଲେ । ସମ୍ପର୍କ ଘନିଷ୍ଠ ହେଲା । ସେବେ ଚରମ ବିଶ୍ୱାସ ସହକାରେ ଭଗୀରଥି ବାବା ଙ୍କୁ କହିଲେ “ ମୋର ମୃତ୍ୟୁ ସମୟ ରେ ଆପଣ ନିଶ୍ଚୟ ଉପସ୍ଥିତ ହେବେ ।” ତାହାହିଁ ଘଟିଲା । ବାବା ଭୂମାନନ୍ଦ ଠିକ୍ ସମୟରେ ପହଞ୍ଚିଗଲେ । ଭାଗୀରଥିଙ୍କୁ ଏକମାତ୍ର ଯୋଗ୍ୟ ବ୍ୟକ୍ତି ମଣିକରି ବାବା ନିଜ ଗଳାରୁ କୋଟୀ ଜପସିଦ୍ଧ ରୁଦ୍ରାକ୍ଷ ମାଳାଟି କାଢି ମୃତ୍ୟୁର ଅବ୍ୟବହିତ ପୂର୍ବରୁ ପିନ୍ଧାଇ ଦେଇଥିଲେ ।

ବିବିଧ ପ୍ରସଙ୍ଗ

ସ୍ୱାଧୀନ ଭାରତର ପ୍ରଶାସନ କ୍ଷେତ୍ରରେ ଆମୂଳଚୂଳ ଦୁର୍ନୀତି, କ୍ଷମତା ପାଇଁ ଭୋଟ କିଣା ବିକାର ଘୃଣ୍ୟ ପରମ୍ପରା, ଜନସାଧାରଣ ଙ୍କ ନୈତିକ ମାନର ଦ୍ରୁତ ଅଧୋଗତି, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ପ୍ରଭୃତି ଦୁରବସ୍ଥା କୁ ଲକ୍ଷ୍ୟ କରି ଭାଗୀରଥି ୨୩ । ୫ । ୫୭ ର ଡାଏରୀରେ ଲେଖିଛନ୍ତି - ଭାରତ ସ୍ୱାଧୀନ ହେବା ପରେ ପ୍ରଥମ ଦଶଟି ବର୍ଷ ପର୍ଯ୍ୟନ୍ତ ସ୍ୱୟଂଅନୁଶାସିତ ଓ କଲ୍ୟାଣକାରୀ ଡିକ୍ଟେଟର ପ୍ରଣାଳୀ ଚଳିବାର ଦରକାର ଥିଲା ଏବଂ କେବଳ ଶିକ୍ଷିତ ଲୋକଙ୍କୁ ଭୋଟ ଅଧିକାର ଦେବାର ଥିଲା । ଏହା ଭାଗୀରଥି ଙ୍କ ଉଗ୍ର ବିପ୍ଳବ ଧାରା, କଠୋର

Digitized by PPRACHIN, SOA

ଶୃଙ୍ଖଳା ବୋଧ ତଥା ସୁଶାସନ ଓ ସମାଜ ମଙ୍ଗଳ ପାଇଁ ବ୍ୟାକୁଳତା ର ଗୋଟିଏ ପ୍ରତିଫଳନ । ସେ ଚାହୁଁଥିଲେ - ସ୍ୱାଧୀନତା ପ୍ରାପ୍ତି ପରେ ପରେ ଜନଗଣ ଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁଦୃଢ ଓ ସୁରକ୍ଷିତ କରିବା ପାଇଁ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତ ଙ୍କୁ [illegible] ଶିକ୍ଷିତ କରିବା ଦରକାର । ନଚେତ୍ ଗଣତାନ୍ତ୍ରିକ ମୂଲ୍ୟବୋଧ ରହିବ ନାହିଁ । ପୁନଶ୍ଚ ଯେଉଁମାନେ ଲୋକ ପ୍ରତିନିଧି ହେବେ ସେମାନେ ନିଶାଦ୍ରବ୍ୟ ସେବନ ଓ ଭ୍ରଷ୍ଟାଚାର ରୁ ଦୂରରେ ରହିବା ଉଚିତ ।

ପତ୍ନୀ ବିୟୋଗ ପରେ ଭାଗୀରଥି ନାଳନ୍ଦା - ବୁଦ୍ଧର ବିଦ୍ୟାପୀଠ ପ୍ରଭୃତି ଐତିହାସିକ ସ୍ଥାନ ଭ୍ରମଣରେ ଯାଇଥିଲେ । ଫେରିଲା ବେଳେ ନାଳନ୍ଦାରୁ ଆଣିଥିଲେ ତିନି ଖଣ୍ଡ ଇଟା । ବହୁମଟେ ଉଦ୍ଧୃକ ହୋଇ ଇଟା ଆଣିବାର ମର୍ମ ପଚାରିବାରୁ ଦୂରଦୃଷ୍ଟା ଭାଗୀରଥି କହିଲେ ଏଥିରୁ ଖଣ୍ଡିଏ ବରପାଲି ହାଇସ୍କୁଲରେ, ଖଣ୍ଡିଏ ବରପାଲିର ମହାବିଦ୍ୟାଳୟରେ ଓ ଆଉ ଖଣ୍ଡିଏ ସମ୍ବଲପୁର ବିଶ୍ୱବିଦ୍ୟାଳୟ କାନ୍ଥରେ ଲାଗିବ । ତାଂକର ଭାବନା ଥିଲା ନିଜ ଜନ୍ମ ମାଟିର ଶିକ୍ଷାନୁଷ୍ଠାନ ପୁଣି ନାଳନ୍ଦା ପରି ପ୍ରସିଦ୍ଧି ଲାଭ କରୁ ।

୧୯୧୯ ରୁ ୧୯୪୬ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ ଅନାହାର, ଅର୍ଦ୍ଧାହାର ରେ ରହି ଯେଉଁଠି ଯାହା ମିଳିଲା ଅସ୍ୱାଦ - [illegible] ରୂପେ ଗ୍ରହଣ କରିଯାଇଥିଲେ ଭାଗୀରଥି ଓ ତାଙ୍କ ପରିବାର । କିନ୍ତୁ ଯେଉଁଠି ସେ ସୁସ୍ୱାଦୁ ଭୋଜନାଦି ପାଇଥିଲେ ତାହାକୁ ସେ ଭୁଲିପାରିନଥିଲେ । ଠକୁର ଗୋବିନ୍ଦ କୁଞ୍ଜବିହାରୀ ମେହେର ଓ ଫକୀର ବେହେରା ଙ୍କ ଘରେ ବେଳେ ବେଳେ ପାଇଥିବା ସରୁ ଚାଉଳ ର ଭାତକୁ ସେ ବାରମ୍ବାର ସ୍ମରଣ କରୁଥିଲେ । ଭଗବାନ ମେହେର ଙ୍କ ଘରର ଚକୁଳି ପିଠା, ବଳଭଦ୍ର ପ୍ରଧାନଙ୍କ ଘରର ମୁଗ କାକରା, ମଣ୍ଡା ଓ ଗୁଡ, ଗୁଣ୍ଡାଧର ଶତପଥୀ ଓ ପୁରନ୍ଦର ଦାଶ ଙ୍କ ଘର ସଜ ପଖାଳର ସେ ଭୂରି ଭୂରି ପ୍ରଶଂସା କରୁଥିଲେ । ପାଣିମୋହନ ଚମରୁ ପଣ୍ଡା ଙ୍କ ମାଆଙ୍କ ହାତର ପଖାଳ ଓ ମୁନଗା (ସଜନା) ସାଗ କୁ ସେ ବାରମ୍ବାର ମନେ ପକାଉଥିଲେ । ପାଣିମୋହନ ଗଲେ ତାଙ୍କର ଘରେ ହିଁ ଭୋଜନ କରୁଥିଲେ । ତାଂକର ପତ୍ନୀ ବିୟୋଗ ପରେ ଏ ସମସ୍ତ ଙ୍କ ଘରେ ସେ ପାଉଥିଲେ ରୁଚିକର ସୁସ୍ୱାଦୁ ଭୋଜନ । ପୁତ୍ରବଧୂ [illegible] ଙ୍କ ହାତରନ୍ଧା ଆମ୍ବିଳର ମଧ୍ୟ ସେ ପ୍ରଶଂସା କରୁଥିଲେ ।

Digitized by PPRACHIN, SOA

ବରପାଲିରେ ଏକାକୀ ଥିବା ସମୟରେ ଯେତେବେଳେ ତାଙ୍କ ଟଙ୍କା ପଇସାର ଅଭାବ ଘଟୁଥିଲା ସେ ବଳିଷ୍ଠ ପ୍ରଧାନ, ଗାଉକର ସାହୁ ଏବଂ ପୁତ୍ର ଚନ୍ଦ୍ରକାନ୍ତ ଓ ଗିରି ମେହେରଙ୍କ ଠାରୁ ନିଆ ଅଣା କରୁଥିଲେ । କିନ୍ତୁ ତାଙ୍କ ଉପରେ କାହାର ପଇସାଟିଏ ସୁଦ୍ଧା ବାକି ନଥିଲା, ଠିକ୍ ସମୟରେ ପରିଶୋଧ କରି ଦେଉଥିଲେ ।

୰ ଭଗବାନ ମେହେର ଓ ୰ ପଣ୍ଡିତ ଗୋପାଳ ମିଶ୍ର ଥିଲେ ଭଗୀରଥିଙ୍କ ମିତ୍ର । ପରସ୍ପର ପରସ୍ପରଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନ କରୁଥିଲେ । ବରପାଲିର ପ୍ରାୟ ସମସ୍ତେ ତାଙ୍କର ପ୍ରଶଂସକ ଥିଲେ । ବିଶେଷ ରୂପେ - ନିକୁଞ୍ଜ ବିହାରୀ ସିଂହ, ବଳିଷ୍ଠ ପ୍ରଧାନ, ଭଗୀରଥି ପୂଜାରୀ, ଗୁଣସାଗର ଶତପଥୀ, ବୀରବର ସାହୁ, ମାନମଣି ତ୍ରିପାଠୀ, ଭବାନୀ ଶଙ୍କର ପ୍ରଧାନ ଓ ପୁରନ୍ଦର ଦାଶ ପ୍ରାୟ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ଭେଟୁଥିଲେ । ଏ ମାନଙ୍କ ମଧ୍ୟରୁ ଭଗୀରଥି ପୂଜାରୀ ତାଙ୍କର ସହଯୋଗୀ ରୂପେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ଶେଷ ଗୃହକର୍ମର ଓ ଅବସ୍ଥା ତଥା ସମ୍ବାଦ ନେଉଥିଲେ । ଗୁଣସାଗର ଶତପଥୀ ପଟ୍ଟନାୟକଙ୍କ ହାତ ଧରି, ବାଟ କଢ଼ାଇ ନିବା ଆସିବାରେ ସହଯୋଗ କରୁଥିଲେ ।

ନାଗରିକ ଅଭିନନ୍ଦନ

ତାଙ୍କର ଜୀବିତାବସ୍ଥାରେ ତାଙ୍କର ଜୟନ୍ତୀ ପାଳନକୁ ସେ ପସନ୍ଦ କରୁନଥିଲେ । ଏପରିକି ଅନେକ ଥର ଠିକ୍ ସେହି ଦିନ ସେ ଅନ୍ୟତ୍ର ଚାଲି ଯାଉଥିଲେ କିନ୍ତୁ ବରପାଲିର ଜନସାଧାରଣଙ୍କୁ ତାଙ୍କର ୯୫ ତମ ଜନ୍ମଦିନ ପାଳନ କରିବାର ସୁଯୋଗ ମିଳିଥିଲା । ତା ୯ । ୧୧ । ୧୯୭୯ ଦିନ ବରପାଲି ବିଜ୍ଞାପିତ ପରିଷଦ ତରଫରୁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ପ୍ରାଥମିକ, ଉଚ୍ଚ ତଥା ମହାବିଦ୍ୟାଳୟର ଶତ ଶତ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ନାଗରିକ ମାନେ ବୟୋବୃଦ୍ଧ ସଂଗ୍ରାମୀଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନ କଲେ । ତଦୁପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ସମ୍ବଲପୁରର ଅନ୍ୟତମ ସଂଗ୍ରାମୀ ୰ ଦୟାନନ୍ଦ ଶତପଥୀ । ଭଗୀରଥିଙ୍କ ପ୍ରଶଂସାରେ ଗଗନ ପବନ ମୁଖରିତ ହୋଇ ଯାଇଥିଲା ଓ ପୁଷ୍ପ ସ୍ତବକରେ ସଭାସ୍ଥଳ ଆଚ୍ଛାଦିତ ହୋଇଥିଲା ।

Digitized by PPRACHIN, SOA

ମହା ପ୍ରୟାଣ :

ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଭଗୀରଥି ସକ୍ରିୟ ଓ କର୍ମଠ ଥିଲେ । ତା ୪ ଜୁଲାଇ ୧୯୮୦ ଦିନ ନାତିର ପଞ୍ଚମ ପୌତ୍ର ଅଭୟଙ୍କୁ ସଙ୍ଗରେ ନେଇ ସେ ଗଲେ ବରଗଡ଼ । ଅନେକ ମାସରୁ ବାକିଥିବା ସଂଗ୍ରାମୀ ଭତ୍ତା ଆଣିଲେ । ଯେଉଁମାନେ ବିଭିନ୍ନ ସମୟରେ ତାଂକର ସେବା ସୁଶ୍ରୁଷା କରିଥିଲେ ସେମାନଙ୍କୁ ପୁରସ୍କାର ଦେଲେ । ଏକଶହ ଟଙ୍କା ମନିଅର୍ଡର ଯୋଗେ ପଠାଇ ଦେଲେ ଟୁକୁଲ୍ ନିବାସୀ ଗୁଣନିଧି ସାହୁ ଙ୍କ ନିକଟକୁ, ସେଇଠି ତାଂକର ଝିଅ ବୋହୂ ମାନଙ୍କୁ ପୁରସ୍କାର ଦେଇ ଦେବା ପାଇଁ । ତା ୭ ଜୁଲାଇ ସକାଳୁ ପୁତ୍ରବଧୂ ହରିପ୍ରିୟା ପଟ୍ଟନାୟକ ଙ୍କୁ ପାଖକୁ ଡାକିଲେ ଆଠଶହ ଟଙ୍କା ତାଙ୍କ ହାତରେ ରଖି ଦେଇ କହିଲେ -"ଏ ଟଙ୍କାରୁ ଦିଲ୍ଲୀ ଯାଇ ପ୍ରଫୁଲ୍ଲର ଆଖିକୁ ଆଉ ଥରେ ପରୀକ୍ଷା କରାଇ ଦେବୁ ।" ସରସ୍ୱତୀ ତାଙ୍କୁ କହିଲେ - "ସମସ୍ତ ଙ୍କୁ ତ ପୁରସ୍କାର ଦେଲେ, ମାତ୍ର ମୋର ପୁତ୍ର ବଧୂ ମାନଙ୍କୁ ପୁରସ୍କାର ଦେଲେ ନାହିଁ ଯେ !" ହସି ହସି ଭଗୀରଥି କହିଲେ - "ଘରର ଲୋକଙ୍କୁ କ'ଣ ପୁରସ୍କାର ଦିଆଯାଏ । ମୋର ତ ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଛି ।" ସେ ଦିନ ବଡ଼ଦ ଝିଅ ସରସ୍ୱତୀଙ୍କ ହାତରନ୍ଧା ଆମ୍ବିଳ ବଡ଼ ରୁଚି ସହକାରେ ଖାଇଲେ ଓ ନାତୁଣୀ ବୋହୂ ମାନଂକୁ ପସନ୍ଦ ମୁତାବକ ଜଳଖିଆ ପ୍ରସ୍ତୁତ କରିବାକୁ ଆଦେଶ ଦେଲେ । ଅପରାହ୍ନରେ ପ୍ରଫୁଲ୍ଲ କୁ ପାଖକୁ ଡାକି କହିଲେ - "ବଡ଼ ଦୁଃଖର କଥା, ତୋର ଉଭୟ ଆଖିରୁ ଦୃଷ୍ଟି ଶକ୍ତି ଚାଲିଗଲା, ନ ହେଲେ ଏ ଅଂଚଳର ଅନେକ କାମ ହୋଇ ପାରିଥାଆନ୍ତା ! ଟିଆପି ସିକର୍ଡ଼ ଠାରେ ସଞ୍ଜନଦୀ ଉପରେ ପୋଲ, ବରପାଲି ଡାକ୍ତରଖାନାର ବିକାଶ ଓ କଟପୁଟ ଭଗବାନ ବାବୁ ଙ୍କ ସ୍ମୃତିରକ୍ଷା, ଏ ତିନୋଟି କାମ ହୋଇଗଲେ ଭଲହୁଅନ୍ତା ।" ପ୍ରଫୁଲ୍ଲ ଆଶ୍ୱାସନା ଦେଇ କହିଲେ "ଏସବୁ କାମ ସ୍ଥାନୀୟ ପ୍ରତିନିଧି, ମୁଖ୍ୟମନ୍ତ୍ରୀ ତଥା ମହତାବଙ୍କ ମାଧ୍ୟମରେ ହୋଇପାରିବ ।" ସେତିକି ବେଳେ ପହଞ୍ଚି ଗଲେ ସହଯୋଗୀ ଭଗୀରଥି ପୂଜାରୀ ଓ ପୁତ୍ର କଳ୍ପ ଗଇ ମେହେର । ପୂଜାରୀଙ୍କ ଦ୍ୱାରା ସେ ଦିନର ଡାଏରୀ ଲେଖାଇଲେ । ଲେଖା ସରିଲା ପରେ କହିଲେ - "ସବୁ ଶେଷ ହେଲା କାର୍ଯ୍ୟ ନ ।" ଉଭୟେ ଡାଏରୀରେ ଦସ୍ତଖତ କଲେ । ତାଂକ ଦ୍ୱାରା ଖଣ୍ଡିଏ ପତ୍ର ମଧ୍ୟ ଲେଖାଇଲେ ଗୁଣନିଧି ସାହୁଙ୍କ ନିକଟକୁ, କାହାକୁ କେତେ ପୁରସ୍କାର ଦିଆଯିବ ସେ ସଂପର୍କରେ । ତାହାଥିଲା ତାଂକ ୭୫ ବର୍ଷର ନିରବଚ୍ଛିନ୍ନ ଡାଏରୀର ଶେଷପୃଷ୍ଠା ଏବଂ କର୍ମମୟ ଜୀବନର ଶେଷରାତି ।

Digitized by PPRACHIN, SOA

ସନ୍ଧ୍ୟାବେଳକୁ ସେ ଭୟଙ୍କର ଶୀତ ଅନୁଭବ କଲେ । କମ୍ପ ମଧ୍ୟ ହେଲା । ପ୍ରଫୁଲ୍ଲ ଙ୍କୁ କହିଲେ - "କୁଣ୍ଡା ପିନ୍ଧାଇ ଦେ ।" ପରେ ଲେଜେଇ, କମ୍ବଳ ଘୋଡାଇ ଦିଆଗଲା । ତଥାପି ଶୀତ-କମ୍ପ କମିଲା ନାହିଁ । ପ୍ରଫୁଲ୍ଲଙ୍କୁ ଦେହ ଉପରେ ମାଡି ବସିବା ପାଇଁ ନିର୍ଦ୍ଦେଶ ଦେଲେ ଓ କହିଲେ - " ମୋର ଅନ୍ତିମ ସମୟ ଆସିଗଲା ।"

ଡାକ୍ତର ଚନ୍ଦ୍ରଶେଖର ଦାଶ ଆସିଲେ । ଔଷଧ ଦେଲେ । ସଂଧ୍ୟା ୭ଟା ରେ ସଂଜ୍ଞାହୀନ ହେଲେ ଭାଗୀରଥି । ତାଂକର ଅସଂଖ୍ୟ ସାଥୀ, ସହଯୋଗୀ, ସମର୍ଥକ ଭିଡ଼ ହୋଇଗଲେ । ୯ ତାରିଖ ଭୋର ୪ଘଣ୍ଟା ବେଳେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଗୋଟିଏ ଚଳନ୍ତି ଇତିହାସ ର ଶେଷ ପୃଷ୍ଠାରେ ଶେଷ ପୂର୍ଣ୍ଣଚ୍ଛେଦ ପଡିଲା । ମୃତ୍ୟୁବେଳେ ତାଙ୍କ ପାଖରେ ପରିବାରର ସମସ୍ତେ ଉପସ୍ଥିତ ଥିଲେ । ପୁତ୍ର ବଧୂ ଓ ପୌତ୍ର ବଧୂମାନେ ଯେବା ଉପଚାରରେ ସର୍ବଦା ନିୟୋଜିତ ଥିଲେ ।

ବର୍ଷାଯୋଗୁଁ ସମସ୍ତେ ଚିନ୍ତିତ ଥିଲେ । ତଥାପି ଶବାଧାର ବାହାରିଲା । ପ୍ରବଳ ବୃଷ୍ଟି ଥମିଗଲା । ହଜାର ହଜାର ନରନାରୀ ଅଶ୍ରୁଳ ନୟନରେ ଅପେକ୍ଷା କରି ରହିଲେ । ପ୍ରଥମେ ଆସିଲେ କଂଗ୍ରେସ କର୍ମୀମାନେ । ଧୂପ,ଦୀପ,ପୁଷ୍ପ ପ୍ରଦାନ କଲେ । କମ୍ୟୁନିଷ୍ଟ କର୍ମୀମାନେ ଆସି ପୁଷ୍ପାଞ୍ଜଳି ଦେଇ ଲାଲ ପତାକା ଢାଙ୍କିଦେଲେ । ଶୋକାକୁଳ ଜନତାର ପୁଷ୍ପାଞ୍ଜଳିରେ ଶବାଧାର ପୂର୍ଣ୍ଣହେଲା । ରାଜନୈତିକ ଦଳଭେଦ ଆଉ ରହିଲାନାହିଁ । ତାଙ୍କ ବାସଗୃହରୁ ଶ୍ମଶାନ ପ୍ରାୟ ଏକ ମାଇଲ ପର୍ଯ୍ୟନ୍ତ ଅଗଣିତ ଜନତାର ଶୋକଯାତ୍ରା । ସେଥିରେ ପରମହଂସ ସ୍ୱାମୀ ଭ୍ରମଣାନନ୍ଦ ମଧ୍ୟ ଥିଲେ । ସଂଗ୍ରାମୀ ଙ୍କ ଜୟ ଜୟକାରରେ ବରପାଲି ଉଚ୍ଛୁଳି ଉଠିଲା । ସର୍ବତ୍ର ଶୋକର ଛାୟା । ଦୋକାନ ବଜାର ବନ୍ଦ ହୋଇଗଲା । ପ୍ରତିଷ୍ଠ ପୀଠ କଳା ତୀର୍ଥ ବରପାଲି ପ୍ରିୟନେତା ଭାଗୀରଥି ଙ୍କ ବିୟୋଗରେ ହେଲା ସମଦୁଃଖୀ । ହିନ୍ଦୁ, ମୁସଲମାନ, ହରିଜନ, ବ୍ରାହ୍ମଣ, କଂଗ୍ରେସ, କମ୍ୟୁନିଷ୍ଟ ଙ୍କ ଭିତରେ ଜାତି ଭେଦ, ପାର୍ଟିଭେଦ, ଧର୍ମଭେଦ ରହିଲା ନାହିଁ । ସମସ୍ତେ ସମବେଦନାରେ ଅଶ୍ରୁମୋଚନ କରି "ମୁକ୍ତି ପଥର ସାର୍ଥୀ" ଙ୍କୁ ଜଣାଇଥିଲେ ଶେଷ ଅଭିନନ୍ଦନ - ଅନ୍ତିମ ବିଦାୟ ।

Digitized by PPRACHIN, SOA

ପରିଶିଷ୍ଟ

ମୁକ୍ତିପଥର ଯାତ୍ରୀ - ଭଗୀରଥି ପଟ୍ଟନାୟକ ଙ୍କ ଯାତ୍ରାପଥକୁ ଅମ୍ଳାନ ଦୀପ ଶିଖା ପରି ନିଜ ଜୀବନକୁ ଜଳାଇ ଜଳାଇ ଆଲୋକିତ କରିଥିଲେ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଜମ୍ବୁବତୀ ପଟ୍ଟନାୟକ ଏବଂ ସେହି ଯାତ୍ରାକୁ ଧରିତ ଓ ଉଜ୍ଜ୍ୱଳ ସମ୍ଭାବନାର ସୁରରେ ଝଙ୍କୃତ କରି ଯାଉଥିଲେ ପୁତ୍ର ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ । କିଶୋରାବସ୍ଥାରୁ ସେ ହେଲେ ପିତାଙ୍କ ଅନୁଗାମୀ । ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କସ୍ୱ ସଂକଳ୍ପର ରୂପାୟନ ପାଇଁ ସେ ହେଲେ ଆତୁର ବ୍ରତନିଷ୍ଠ - କର୍ମି । ସ୍ୱାଧୀନତା ଆନ୍ଦୋଳନ ର ବିଭିନ୍ନ ପର୍ଯ୍ୟାୟରେ ତିନିହେଁ ବହୁବାର ସଶ୍ରମ କାରାଦଣ୍ଡ ଭୋଗିଥିଲେ, ସହିଥିଲେ ଅକଥନୀୟ ଅତ୍ୟାଚାର, ଲାଞ୍ଛନା ଓ ଅଭାବ - ଅନାଟନର ତାଡ଼ନା । ତାଙ୍କ ସମ୍ବନ୍ଧରେ କେତେକ ତଥ୍ୟ –

ଭାଗୀରଥି ପଟ୍ଟନାୟକ- ଆବିର୍ଭାବ ୯ । ୧୧ । ୧୮୮୪, ତିରୋଧାନ ୯ । ୭ । ୧୯୮୦

ଶ୍ରୀମତୀ ଜମ୍ବୁବତୀ ପଟ୍ଟନାୟକ-ଆବିର୍ଭାବ ୧୫ -୨ - ୧୮୮୭ ତିରୋଧାନ ୧୫-୭ ୧୯୪୩

ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ — ଆବିର୍ଭାବ ୧ । ୧ । ୧୯୧୭,

ଜେଲ ଦଣ୍ଡ

ଭଗୀରଥି ପଟ୍ଟନାୟକ –

୧- ୯ । ୨ । ୨୦ ରୁ ୪ । ୧୨ । ୨୦ ପର୍ଯ୍ୟନ୍ତ ବଲାଙ୍ଗୀର ଜେଲରେ ।

୨ - ୧ । ୪ । ୩୧ ରୁ ୧ । ୯ । ୩୧ ଝାରସୁଗୁଡ଼ାରେ ଗିରଫ ହୋଇ ସମ୍ବଲପୁର ଜେଲରେ ।

୩ - ୮ । ୭ । ୩୨ ବରଗଡରେ ଗିରଫ, ସମ୍ବଲପୁର ଓ ପାଟଣା କେମ୍ପ ଜେଲରେ ଦେଢ଼ ବର୍ଷ ।

୪ - ୨୨ । ୯ । ୩୩ ବ୍ୟକ୍ତିଗତ ସତ୍ୟାଗ୍ରହ କରି ବରଗଡରେ ଗିରଫ (ସମ୍ବଲପୁର ଓ ପାଟଣା କେମ୍ପଜେଲ ରେ ୬ମାସ ଜେଲ ଦଣ୍ଡ) ।

୫ - ୮ । ୧୧ । ୪୪ ରୁ ୧୭ । ୫ । ୪୫ ସମ୍ବଲପୁର ଜେଲରେ ।

Digitized by PPRACHIN, SOA

ଶ୍ରୀମତୀ ଜମ୍ବୁବତୀ ଦେବୀ

୧ - ୮ । ୭ । ୩୨ ରୁ ସମ୍ବଲପୁର ଜେଲରେ ୬ମାସ ।

୨ - ୨୨ । ୯ । ୪୦ ବ୍ୟକ୍ତିଗତ ସତ୍ୟାଗ୍ରହ କରି ବରଗଡ଼ରୁ ଗିରଫ, ସମ୍ବଲପୁର ଓ ଭାଗଲପୁର ସେଣ୍ଟ୍ରାଲ ଜେଲରେ ୫ମାସ ।

୩ - ୧୭ । ୮ । ୧୯୪୨ ଦୁମକା ଥାନାରେ ଗିରଫ ।

ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ

୧ - ୩ । ୩ । ୩୧ ସମ୍ବଲପୁରରେ ଗିରଫ, କିଶୋର ବୟସ ହେତୁ ମୁକ୍ତ ।

୨ - ୧୨ । ୧ । ୩୨ କଟକରେ ଗିରଫ, ୧୦ ବେତ୍ରାଘାତ ପରେ ମୁକ୍ତ ।

୩ - ୨୬ । ୧ । ୩୨ ବରଗଡ଼ରେ ଗିରଫ, ସମ୍ବଲପୁର ଜେଲରେ ୬ମାସ ।

୪ - ୮ । ୭ । ୩୨ ବରଗଡ଼ରେ ଗିରଫ, ସମ୍ବଲପୁର ଓ ପାଟଣା କେମ୍ପ ଜେଲରେ ୬ମାସ ।

୫ - ୨୨ । ୯ । ୪୦ ବ୍ୟକ୍ତିଗତ ସତ୍ୟାଗ୍ରହ କରି ବରଗଡ଼ରେ ଗିରଫ, ପାଟଣା କେମ୍ପ ଜେଲରେ ୫ମାସ

୬ - ୬ । ୧୧ । ୪୨ ଥାନାରେ ଗିରଫ ଭାଗଲପୁର ସେଣ୍ଟ୍ରାଲ ଜେଲରେ ଅନେକ ମାମଲାରେ ୨୧ ବର୍ଷର ସଶ୍ରମ କାରାଦଣ୍ଡ । ଏ ଭିତରେ ସ୍ୱାଧୀନତାର ଘୋଷଣା ହେବାରୁ ୨୯ । ୧ । ୪୬ ଦିନ ମୁକ୍ତ । ତାଂକୁ ଆଜାଦ୍ ହିନ୍ଦ୍ ଫୌଜର ସୈନିକ ମନେକରି ଫାସୀ ଦେବାର ମଧ୍ୟ ସ୍ଥିରଥିଲ ।

Digitized by PPRACHIN, SOA

ସ୍ୱାଧୀନତା ସଂଗ୍ରାମ ବେଳେ ଜେଲ ଯାତ୍ରା କରିଥିବା ସମ୍ବଲପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ସହଧର୍ମିଣୀଙ୍କ ସୂଚୀ

ଏହି ସୂଚୀରେ କେବଳ ସେହି ମାନଙ୍କର ନାମ ଆସିଅଛି ଯେଉଁମାନେ କି ସନ୍ ୧୯୧୮ ରୁ ସନ୍ ୧୯୪୨ ପର୍ଯ୍ୟନ୍ତ ହୋଇଥିବା ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ଅଂଶ ଗ୍ରହଣ କରି ଜେଲ ଯାଇଥିଲେ । ଯେଉଁମାନେ ସନ୍ ୧୯୪୨ ପୂର୍ବ ବେଳେ ଅଟକବନ୍ଦୀ ରୂପେ ରହିଥିଲେ ସେମାନଙ୍କର ମଧ୍ୟ ନାମ ଏହି ସୂଚୀରେ ରହିଛି ତଥାପି ଏ ସୂଚୀ ଭିତରେ ଯେଉଁମାନଙ୍କର ନାମ ଆସିନଥିବ ସେମାନଂକ ସଂପର୍କରେ ଆମକୁ ସୂଚନା ଦେଲେ ସେହି ନାମ ଗୁଡ଼ିକୁ ଆମେ ପରବର୍ତ୍ତୀ ସଂସ୍କରଣରେ ଯୋଗ କରିପାରିବୁଁ ।

ସମ୍ବଲପୁର

୧- ୰ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ସ୍ତ୍ରୀ - କମଳା ଦେବୀ । ସମ୍ବଲପୁର । ସ୍ୱାଧୀନତା ସଂଗ୍ରାମର ତେଜସ୍ୱୀ ନେତା । ୯ଥର କାରାବରଣ କରିଥିଲେ । ସେ ଜାତୀୟ ସ୍ତରର ସ୍ୱାଧୀନତା ସଂଗ୍ରାମୀ ଥିଲେ । ପୁଞ୍ଜିପତି, ଠିକା ଓ ସୁବିଧାବାଦୀ ରାଜନୀତିଜ୍ଞମାନଙ୍କ ମିଳିତ ଷଡ଼ଯନ୍ତ୍ରରେ ତାଙ୍କୁ ହତ୍ୟା କରା ଯାଇଥିଲା ।

୨ ୰ ଦୟାନନ୍ଦ ଶତପଥୀ, ସ୍ତ୍ରୀ ମେନକା ଦେବୀ, ସମ୍ବଲପୁର । ମୋଟ ୮ବର୍ଷ ଜେଲ ଦଣ୍ଡ ଭୋଗିଥିଲେ । ରାଷ୍ଟ୍ରୀୟ ଚେତନା ଯୋଗୁଁ କାମଣ୍ଡାରୁ ବିତାଡ଼ିତ ହୋଇ ସମ୍ବଲପୁର ରେ ରହିଲେ । ୧୯୩୦ ରେ ଲବଣ ସତ୍ୟାଗ୍ରହ କଲେ । ପୁଣି କଂଗ୍ରେସ ପାଇଁ ସ୍ୱୟଂସେବକ ମାନଙ୍କୁ ପ୍ରଶିକ୍ଷଣ ଦେଲେ । ଜଣେ ସଫଳ ସଂଗଠକ ଓ ସଂଗ୍ରାମୀ ଭାବରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିର୍ଯ୍ୟାତିତ ଜନତା ପାଇଁ ଲଢ଼ି ଆସୁଥିଲେ ।

୩- ପ୍ରହ୍ଲାଦ ରାୟଲଠ, ସ୍ତ୍ରୀ ରୁକ୍ମଣୀ ଦେବୀ, ସମ୍ବଲପୁର । ୧୯୪୧ ରେ ଜେଲବରଣ କରିଥିଲେ । ସମ୍ବଲପୁର ଜିଲ୍ଲା କଂଗ୍ରେସ ସଙ୍ଗଠନ ପାଇଁ ଅର୍ଥ ମଧ୍ୟ ସାହାଯ୍ୟ କରୁଥିଲେ ।

୪- ୰ନୃସିଂହ ଗୁରୁ, ସ୍ତ୍ରୀ ପ୍ରିୟମ୍ବଦା ଦେବୀ, ମୋଦିପଡ଼ା, ସମ୍ବଲପୁର । ସେ ୧୯୨୧, ୧୯୩୨ ଓ ୧୯୪୨ ରେ ମୋଟ ୨୫ ମାସ ଜେଲଦଣ୍ଡ ଓ ଟ ୫୦ ଜରିମାନା ଦେଇଥିଲେ । ସେ ୧୯୨୦ ରେ ଚଢ଼ାଗୁଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

Digitized by PPRACHIN, SOA

୫- ଯୁଧିଷ୍ଠିର ମେହେର, ସ୍ତ୍ରୀ - ଲକ୍ଷ୍ମୀ ମେହେର । ବଲଭପଡା, ସମ୍ବଲପୁର । ୧ ବର୍ଷ ଜେଲ ଭୋଗି ଥିଲେ ।

୬- ଦିବାକର ମିଶ୍ର, ସ୍ତ୍ରୀ ଗ୍ରା-ଗମ୍ଭାରବାହାଲ । ଥରେ ଜେଲ୍ ଭୋଗି ଥିଲେ ।

୭- ରାଧାଶ୍ୟାମ ମେହେର, ସ୍ତ୍ରୀ । ସମ୍ବଲପୁର । ସେ ୧୯୪୨ ରେ ୧ ବର୍ଷ ଜେଲ ଯାଇଥିଲେ ।

୮- ପ୍ରେମାନନ୍ଦ ମେହେର, ସ୍ତ୍ରୀ - ଗୁଞ୍ଜବତୀ ମେହେର । ବଲଭପଡ଼ା, ସମ୍ବଲପୁର । ୧ ବର୍ଷ ଜେଲ୍ ଭୋଗି ଥିଲେ ।

୯- ଆନନ୍ଦ ମେହେର, ସ୍ତ୍ରୀ - ବସ୍ତୁପ୍ରିୟା ମେହେର । ସାକୀ ଗୋପିନାଥପଡା ସମ୍ବଲପୁର । ୧ବର୍ଷ ଜେଲ୍ ଏବଂ ୫୦ ଜରିମାନା ଦେଇଥିଲେ ।

୧୦- ବୃନ୍ଦାବନ ପୂଜାରୀ ସ୍ତ୍ରୀ- । ଝାଡୁଆପଡା, ସମ୍ବଲପୁର । ୧୯୩୨ ରେ ୬ ମାସ ଜେଲ ଭୋଗିଥିଲେ । ପୁଣି କଂଗ୍ରେସ ବେଳେ କଟକରେ ଗିରଫ ହୋଇ ଜେଲ୍ ଯାଇଥିଲେ ।

୧୧- ଛତ୍ରବାସୀ ପୁରୋହିତ, ସ୍ତ୍ରୀ- । ଗ୍ରା ଡାଲକ, ପୋ-ଟୁକୁରା । ମୋଟ ୨ ବର୍ଷ ୩ ମାସ ଜେଲ୍ ଭୋଗିଥିଲେ ।

୧୨- ୰ ବୃନ୍ଦାବନ ଗୁରୁ, ସ୍ତ୍ରୀ - ୰ ସରସ୍ୱତୀ ଦେବୀ ଗ୍ରା - ଦୁଲମପୁର । ୨ଥର କାରାବରଣ କରିଥିଲେ ।

୧୩- ତ୍ରିଲୋଚନନାଥ ସାହାଦେବ ସ୍ତ୍ରୀ ସମ୍ବଲପୁର । ୧୯୩୦ ରେ କାରାବରଣ କରିଥିଲେ । ସେ ମୟୂରଭଞ୍ଜ ରାଜାଙ୍କ ଭଣଜା ଥିଲେ । ସେ ସ୍କୁଲ ତ୍ୟାଗ କରି ସମ୍ବଲପୁରରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ନିଜ ଘର ଅନନ୍ତପୁର, ପୋ: ନାରାୟଣପୁର, ରାଞ୍ଚି (ବିହାର)।

୧୪- ଦୁର୍ଗା ଗୁରୁ, ସ୍ତ୍ରୀ । ସମ୍ବଲପୁର । ୧୯୩୦ ଓ ୧୯୩୧ରେ କାରାବରଣ କରିଥିଲେ । ଏ ମଧ୍ୟରେ ଗାନ୍ଧି ଇରଉଇନଙ୍କ ଚୁକ୍ତି ଫଳରେ ମୁକ୍ତ ହେଲେ ।

୧୫- ଲକ୍ଷ୍ମୀଧର ଗଡତିଆ, ସ୍ତ୍ରୀ । ସମ୍ବଲପୁର । ୧୯୩୨ ରେ ଆଇନ ଅମାନ୍ୟ ଆନ୍ଦୋଳନ କରି କାରାବରଣ କରିଥିଲେ ।

Digitized by PPRACHIN, SOA

୧୬- ହଜ୍ୟାନନ୍ଦ ବାବାଜୀ; ସମ୍ବଲପୁର, ୧୯୩୨ ରେ କାରାବରଣ କରିଥିଲେ ।

୧୭- ଦୁଃଖୀ କେଉଟ ଶ୍ରୀ- । ସମ୍ବଲପୁର, ୧୯୩୨ ରେ ଆଇନ ଅମାନ୍ୟ ଅନ୍ଦୋଳନ କରି କାରାବରଣ କରିଥିଲେ ।

୧୮- ଅଭିରାମ ଚୌଧୁରୀ, ଶ୍ରୀ- । ସମ୍ବଲପୁର, ୧୯୩୨ ରେ ଆଇନ ଅମାନ୍ୟ ଆନ୍ଦୋଳନ କରି କାରାବରଣ କରିଥିଲେ ।

୧୯- ଜଳନ୍ଧର ସାହୁ, ଶ୍ରୀ- । ସମ୍ବଲପୁର, ୧୯୩୨ ରେ ଆଇନ ଅମାନ୍ୟ ଆନ୍ଦୋଳନ କରି କାରାବରଣ କରିଥିଲେ ।

୨୦- ସୁଧାଂଶୁ ଶେଖର ଗୁପ୍ତ, ଶ୍ରୀ- (ବର୍ତ୍ତମାନ ଠିକଣା ଜଣାନାହିଁ) ୧୯୩୧ ରେ ଗିରଫ ହୋଇ ଜେଲ୍ ଭୋଗିଥିଲେ ।

୨୧- ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ, ଶ୍ରୀ- । ମହାନ୍ତିପଡ଼ା ସମ୍ବଲପୁର । ୧୯୩୧ ଓ ୩୨ ରେ ଜେଲଯାତ୍ରା କରିଥିଲେ ।

ବରଗଡ଼

୨୨- ପ୍ରଭାବତୀ ଦେବୀ, ପି-ଧନପତି ଦାଶ । ବରଗଡ଼ । ସେ ୧୯୩୨ ରେ ୧ବର୍ଷ ୬ମାସ କାରାଦଣ୍ଡ ଭୋଗିଥିଲେ ।

୨୩- ସେବା ସୁନ୍ଦରଲାଲ, ଶ୍ରୀ ବରଗଡ଼ ।-୧୨ ମାସ ଜେଲ ଭୋଗିଥିଲେ ।

୨୪- ରମେଶ୍ୱର ଗଡ଼ତିଆ, ଶ୍ରୀ- । ବରଗଡ଼ । ୧୦ ମାସ ଜେଲ୍ ଭୋଗିଥିଲେ ।

୨୫- ଗୋପାଳ ଗଣ୍ଡା, ଶ୍ରୀ । ବରଗଡ଼ - ୧୨ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ ।

୨୬- ହୃଷିକେଶ ନାୟକ, ଶ୍ରୀ ଲକ୍ଷ୍ମୀ ଦେବୀ । ଗ୍ରା କୁଲୁଣ୍ଡା, ପୋ ଅତାବିରା । ୧୯୪୨ ରେ ୧୧ ମାସ ଜେଲ ଭୋଗିଥିଲେ ।

୨୭- ଅମୀୟଭୂଷଣ ବଣ୍ଟାଲ, ଶ୍ରୀ । । ବରଗଡ଼ ୧୨ ମାସ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ ।

୨୮- ଫକୀର ବେହେରା, ଶ୍ରୀ । ଗ୍ରା: ବାଲିଟିକରା, ବରଗଡ଼ । ଜେଲଅବ

Digitized by PPRACHIN, SOA

କାରାବରଣ କରିଥିଲେ ସେ କାଲିଟିଡାରେ ନିଜର ଘର ଶାନ୍ତି ଆଶ୍ରମ ପାଇଁ ଦାନ କରିଥିଲେ ଓ ବରଗଡରେ ଗୋଟିଏ କୋଠାଘର କୃଷ୍ଣାଶ୍ରମ ପାଇଁ ଦାନ କରିଥିଲେ । କଂଗ୍ରେସ ସଂଗଠନ ପାଇଁ ପ୍ରଭୂତ ଅର୍ଥ ଦାନ ମଧ୍ୟ କରିଥିଲେ । ତାଙ୍କର ପୁତ୍ରବଧୂ ଶ୍ରୀମତୀ ଗନ୍ଧର୍ବୀ ଦେବୀ ମଧ୍ୟ ତାଙ୍କ କାର୍ଯ୍ୟରେ ସହଯୋଗ କରୁଥିଲେ ।

୨୯- ବାସୁଦେବ ସରାଫ,ସ୍ତ୍ରୀ । ବରଗଡ଼ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ୬ ମାସ କାରାବରଣ କରିଥିଲେ ।

୩୦- ମଧୁସୂଦନ ସରାଫ, ସ୍ତ୍ରୀ । ବରଗଡ଼ । ୨୬ ଜାନୁୟାରୀ ୧୯୩୨ରେ ବରଗଡରେ ଗିରଫ ହୋଇ ୬ମାସ କାରାଦଣ୍ଡ ସମ୍ବଲପୁର ଜେଲ୍‌ରେ ଭୋଗ କରିଥିଲେ ଏବଂ ସେପ୍‌ଟେମ୍ବର ୧୯୩୨ରେ ଗିରଫ ହୋଇ ପାଟନା କେମ୍ପ ଜେଲ୍‌ରେ କାରାବରଣ କରିଥିଲେ ।

୩୧- ପ୍ରେମଶଙ୍କର ପଟ୍ଟନାୟକ, ସ୍ତ୍ରୀ ଶ୍ରୀମତୀ କୁମୁଦିନୀ ପଟ୍ଟନାୟକ । ମୂଳନିବାସୀ ବୌଦ୍ଧ । ୧୯୩୨ରେ ବରଗଡରୁ ଗିରଫ ହୋଇ ସମ୍ବଲପୁର ଜେଲରେ ୬ ମାସ କାରାଦଣ୍ଡ ଭୋଗ କରିଥିଲେ । ସେ ୧୯୩୦ ରେ ଲବଣ ସତ୍ୟାଗ୍ରହ ଯୋଗୁଁ ମଧ୍ୟ କଟ୍ଟକରେ କାରାବରଣ କରିଥିଲେ ।

୩୨- ସର୍ବେଶ୍ୱର ହୋତା, ସ୍ତ୍ରୀ- । ପ୍ରେମଲତା ହୋତା ଗ୍ରା ଲଢନସର । ୧୯୩୨ ରେ ବରଗଡ଼ ରେ ଗିରଫ ହୋଇ ସମ୍ବଲପୁର ଜେଲରେ ୬ ମାସକାରାଦଣ୍ଡ ଭୋଗ କରିଥିଲେ ।

୩୩- ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସ୍ତ୍ରୀ । ବରଗଡ଼ ୧୯୩୦ ରେ ଗିରଫ ହୋଇଥିଲେ ଏବଂ ତିନିହଜାର ଟଙ୍କା ଜରିମାନା ଦେଇଥିଲେ ।

୨୪- ୰ ଚତୁର୍ଭୁଜ ଶର୍ମା, ସ୍ତ୍ରୀ ସରଫି ଦେବୀ । ବରଗଡ଼ ୧୯୩୦ ରେ ଲବଣ ସତ୍ୟାଗ୍ରହରେ ଗିରଫ ହୋଇ କାରାଦଣ୍ଡ ଭୋଗ କରିଥିଲେ । ବରଗଡ଼ରେ ଅନୁଷ୍ଠିତ ସମସ୍ତ ସାଙ୍ଗଠନିକ କାର୍ଯ୍ୟ ଓ ସଭାର ଏକମାତ୍ର ଆୟୋଜକ ଥିଲେ ।

୩୫- ୰ ଗଙ୍ଗାଧର ସରାଫ, ସ୍ତ୍ରୀ - ନିଲମଣି ଦେବୀ । ଗ୍ରାମ ସୁରେନ୍ଦ୍ର ଦାସ ନଗର (ବାନ୍ଦୁଟିକ୍ରା) ବରଗଡ଼ । ଦୁଇଥର କାରାବରଣ କରିଥିଲେ ।

Digitized by PPRACHIN, SOA

୩୬ ଖାରବର ଦାଶ, ସ୍ତ୍ରୀ - ଭଗବତୀ ଦେବୀ ୧୯୩୦ ରେ ଲବଣ ସତ୍ୟାଗ୍ରହରେ ଜେଲ୍ ଯାଇଥିଲେ ।

୩୭- ରାମକୃଷ୍ଣଦାସ, ସ୍ତ୍ରୀ । ବରଗଡ । ୧୯୩୦ ରେ ଲବଣ ସତ୍ୟାଗ୍ରହରେ ଜେଲ ଯାଇଥିଲେ ।

୩୮- ସୀତାରାମ ଦାସିଆର ସ୍ତ୍ରୀ । ବରଗଡ଼ । ୧୯୩୦ ରେ ଲବଣ ସତ୍ୟାଗ୍ରହରେ ଜେଲ ଯାଇଥିଲେ ।

୩୯- ଝଲକନ୍ତି ମେହେର, ସ୍ତ୍ରୀ । ବରଗଡ ୧୯୩୦ ରେ ଲବଣ ସତ୍ୟାଗ୍ରହରେ ଜେଲ୍ ଯାଇଥିଲେ ।

୪୦- ଚକ୍ରଧର ମିଶ୍ର, ସ୍ତ୍ରୀ - ଚାନ୍ଦମଣି ଦେବୀ ନ - ବୌଦ୍ଧ ୧୯୩୨ ରେ ଜେଲ ଯାଇଥିଲେ ।

୪୧- ଶ୍ରୀ ପ୍ରହଲ୍ଲାଦ ବଣି, ସ୍ତ୍ରୀ ଶ୍ରୀମତୀ ଅହଲ୍ୟା ବଣି, ନ ବୌଦ୍ଧ ୧୯୩୨ ରେ ଜେଲ ଯାଇଥିଲେ ।

ଝାରସୁଗୁଡା

୪୨- ଚନ୍ଦ୍ରାମଣି ପୂଜାରୀ, ନ ପଞ୍ଚପଡା, ପୋ ଝାରସୁଗଡା । ୨ ଥର କାରାବରଣ କରିଥିଲେ । ପ୍ରଥମ ଶ୍ରେଣୀର ସଙ୍ଗଠକ । ସମ୍ପୂର୍ଣ୍ଣ ଜିଲ୍ଲାରେ ନିଶାନିବାରଣ କାର୍ଯ୍ୟରେ ଅଦ୍ଭୁତ ସଫଳତା ପାଇଥିଲେ । ବରିଷ୍ଠ କଂଗ୍ରେସ କର୍ମୀ ଥିଲେ ।

୩୪- ଶୁକ୍ରାରାମ ଚନ୍ଦ୍ରୀ ନ ପଞ୍ଚପଡ଼ା, ଝାରସୁଗୁଡ଼ା । ୨ ଥର ଜେଲଦଣ୍ଡ ଭୋଗିଥିଲେ । ୧୯୩୦ ଓ ୩୧ ରେ ।

୪୪- କଷ୍ଟୁରାମ ଚନ୍ଦ୍ରୀ, ଚାଳଗଟିଆ, ସେ ଦୁଇଥର ଜେଲ୍‌ଦଣ୍ଡ ଭୋଗିଥିଲେ ।

୪୫- କଇବରାମ ଚନ୍ଦ୍ରୀ ଚାଳଗଟିଆ, ସେ ଥରେ ଜେଲଦଣ୍ଡ ଭୋଗିଥିଲେ ।

୪୬- ମହାବୀର ସିଂହ ଝାରସୁଗୁଡା, ନାଗପୁର ସତ୍ୟାଗ୍ରହ ବେଳେ ୧୯୩୦ ଓ ୩୨ ରେ ୨ଥର କାରାବରଣ କରିଥିଲେ ।

Digitized by PPRACHIN, SOA

୪୭- ୵ ଶିବଦେବ ମହାରଣ ଝାରସୁଗୁଡା,ଥରେ ଜେଲ ଯାତ୍ରା କରିଥିଲେ । ସେ ମହାରାଜ ସିଂହଙ୍କ ସଙ୍ଗେ ରହୁଥିଲେ ।

୪୮- ୵ ବେଣୀମାଧବ ଗଡତିଆ, ଥରେ ଜେଲଯାତ୍ରା କରିଥିଲେ ।

୪୯- ୵ ବଦାଣ୍ଡ ସାମ, ମୁଙ୍ଗାପଡା, ଝାରସୁଗୁଡା । ଅନେକଥର ଜେଲଯାତ୍ରା କରିଥିଲେ । ଜଣେ ତେଜସ୍ୱୀ ସ୍ୱାଧୀନତା ସଂଗ୍ରାମୀ । ତାଙ୍କର ମାତା ତୁଳସୀ ଦେବୀ ଓ ପତ୍ନୀ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ତୁଳସୀ ଦେବୀଙ୍କ ଗଳାରେ ଗାନ୍ଧିଜୀ ନିଜେ ୧୯୩୪ ରେ ପୁଷ୍ପମାଲ୍ୟ ପିନ୍ଧାଇ ଥିଲେ ।

୫୦- ସାମ ଉପେନ୍ଦ୍ର ସାମ, ମୁଙ୍ଗାପଡା,ଝାରସୁଗୁଡା । ଥରେ ଜେଲ ଯାତ୍ରା କରିଥିଲେ ।

୫୧- ଶୁକଦେବ ପ୍ରସାଦ, ସ୍ୱୀ । ଝାରସୁଗୁଡା । ଥରେ କାରବାରଣ କରିଥିଲେ । ଓଡ଼ିଶାର ପ୍ରାୟ ସମସ୍ତ କଂଗ୍ରେସ ନେତା ଓ କର୍ମୀମାନେ ତାଙ୍କ ଆତିଥ୍ୟ ଗ୍ରହଣ କରିଛନ୍ତି ।

ବରପାଲି

୫୨- ଭଗୀରଥି ପଟ୍ଟନାୟକ - ସ୍ୱୀ- ଜମୁନା ବାଈ ପଟ୍ଟନାୟକ । ବରପାଲି ସମ୍ବଲପୁର । ୧୯୧୯ ରେ ବାଳଗଙ୍ଗାଧର ତିଳକଙ୍କ ଗୋଟିଏ ଲେଖାରୁ ପ୍ରେରଣା ଗ୍ରହଣ କଲେ । ୧୯୧୯ ରେ ରାଜସେବା ତ୍ୟାଗକରି ପାଠଶାଳା ଷ୍ଟେଟରେ ୧ ବର୍ଷ କାରାଦଣ୍ଡ । ୧୯୩୦, ୧୯୩୨, ୧୯୩୩ ଓ ୧୯୪୨ ରେ ମୋଟ ତିନିବର୍ଷ ୬ ମାସ କାରାଦଣ୍ଡ ଭୋଗ କରିଥିଲେ । ୧୯୨୨ ରେ ଗୟା କଂଗ୍ରେସ, ୧୯୨୩ ରେ କାକିନାଡା କଂଗ୍ରେସ ଓ ୧୯୨୪ ରେ ବେଲଗାଓ କଂଗ୍ରେସରେ ଯୋଗ ଦେଇଥିଲେ । କାକିନାଡା ଓ ବେଲଗାଓଁ କଂଗ୍ରେସକୁ ଚାଲି ଚାଲି ଯାଇଥିଲେ । ସେ, ତାଙ୍କର ସହଧର୍ମିଣୀ ଓ ତାଙ୍କ ପୁତ୍ର ତିନିହେଁ ସ୍ୱାଧୀନତା ସଂଗ୍ରାମୀ । ଚନ୍ଦ୍ରମଣି ପୂଜାରୀ ଓ ଭଗୀରଥି ପଟ୍ଟନାୟକ ସମଗ୍ର ଓଡ଼ିଶାରେ ୧୯୨୮ରେ ନିଶାନିବାରଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ସଫଳତା ଅର୍ଜନ କରିଥିଲେ ।

୫୩- ଶ୍ରୀମତୀ ଜମୁନା ବାଈ ପଟ୍ଟନାୟକ,ସ୍ୱା: ଭଗୀରଥି ପଟ୍ଟନାୟକ,ବରପାଲି,ସମ୍ବଲପୁର ।

Digitized by PPRACHIN, SOA

୧୯୩୧ ରେ ଦେଶ ସେବାପାଇଁ ପତିଙ୍କ ସହଗାମିନୀ ହେଲେ । ୧୯୩୨ ଓ ୩୩ ରେ ବରଗଡ଼ରୁ ଗିରଫ ହୋଇ ସମ୍ବଲପୁର ଜେଲ୍ ଓ ଭାଗଲପୁର କେନ୍ଦ୍ରୀୟ କାରାଗାର ରେ ୬ମାସ ଲେଖାଏଁ ଜେଲଦଣ୍ଡ ଭୋଗିଥିଲେ । ୧୯୩୪ ରେ ପତିଙ୍କ ସହିତ ବିହାର ରେ ଭୂମିକମ୍ପ ପୀଡ଼ିତଙ୍କ ସେବା କରିଥିଲେ । ଗାନ୍ଧି ଓ ନେହେରୁଙ୍କ ସଙ୍ଗରେ ତାଙ୍କର ସାକ୍ଷାତ ହୋଇଥିଲା । ୧୯୪୨ ରେ ଦୁମ୍କା (ବିହାର) ରେ ଗିରଫ ହେଲେ ଏବଂ ୧୦ । ୭ । ୧୯୪୩ ଦିନ ବୈଦ୍ୟନାଥ ଧାମରେ ମୁଖ୍ୟମନ୍ତ୍ରୀ ବିନୋଦାନନ୍ଦ ଝାଙ୍କ ଘରେ ତାଙ୍କ ମୃତ୍ୟୁ ହେଲା । ମୃତ୍ୟୁ ସମୟରେ ତାଙ୍କ ପତି ଓ ପୁତ୍ର ଜେଲ୍ ରେ ଥିଲେ । ସେ ସମ୍ବଲପୁର ଜିଲ୍ଲାର ପ୍ରଥମ ସତ୍ୟାଗ୍ରହୀ ମହିଳା ।

୫୪- ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ, ସ୍ତ୍ରୀ - ସରସ୍ୱତୀ ପଟ୍ଟନାୟକ, ବରପାଲି, ସମ୍ବଲପୁର । ୧୯୩୧ ରେ ଗିରଫ ହେଲେ, ୧୯୩୨ ଜାନୁୟାରିରେ କଟକରେ ଗିରଫ ହୋଇ ଦଶବେତ ଦଣ୍ଡ ଭୋଗିଥିଲେ, ୧୯୩୨ ଜାନୁୟାରୀ ୨୬ରେ ବରଗଡ଼ରେ ଗିରଫ ହୋଇ ୬ ମାସ ଜେଲଦଣ୍ଡ ସମ୍ବଲପୁର ଜେଲ୍ ରୁ, ସେପ୍ଟେମ୍ବର ୧୯୩୨ ରେ ବରଗଡ଼ ରେ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ପାଟନା କେମ୍ପଜେଲରେ । ୧୯୩୩ ରେ ବ୍ୟକ୍ତିଗତ ସତ୍ୟାଗ୍ରହ କରି ବରଗଡ଼ରେ ଗିରଫ ହୋଇ ପାଟନା କେମ୍ପଜେଲ୍ ରେ ୪ ମାସ କାରାଦଣ୍ଡ, ୧୯୪୨ ଆନ୍ଦୋଳନରେ ଗିରଫ, ଅଧାଦେଶ ରେ ୨୧ ବର୍ଷ କାରାଦଣ୍ଡ । ପିତା ସ୍ୱର୍ଗୀୟଥି ପଟ୍ଟନାୟକ ଓ ମାତା ଜମ୍ବୁବତୀ ଦେବୀଙ୍କ ସଙ୍ଗେ ୧୯୨୮ ରୁ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

ବିଜେପୁର

୫୫- ପାଙ୍କଟଗିରି, ପି: ଧନଞ୍ଜୟ ଗିରି, ଗ୍ରା: ସମଲଇପଦର, ପୋ: ସରଣ୍ଡାପାଲି, ଥା ବିଜେପୁର । ୧୯୩୭ ରୁ ଦେଶସେବା ବ୍ରତ ଗ୍ରହଣ, ୧୯୪୨ ରେ ବରଗଡ଼ରୁ ଗିରଫ ହୋଇ ସମ୍ବଲପୁର ଜେଲରେ ୨ ବର୍ଷ କାରାଦଣ୍ଡ ଭୋଗିଥିଲେ । ସେ ଜଣେ ତେଜସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ ମହିଳା ଯେ ଅବିବାହିତା ରହି ଗରିବଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ।

Digitized by PPRACHIN, SOA

୫୬- ରାମଚନ୍ଦ୍ର ପୁଷ୍ଟି, ସ୍ତ୍ରୀ-ଅମୃତ ଦେବୀ, ସମ୍ବଲପୁରର ଘୋ ଷଡ଼େଇପୁର। ୧୯୪୨ ରେ ପନ୍ଦର ମାସ ଏବଂ ଟ ୫୦ ଜରିମାନା ଦେଇଥିଲେ। ଖଲାସ ହୋଇ ପୁଣି ବ୍ରହ୍ମପୁର ଜେଲରେ ୯ ମାସ ଅନ୍ତରବନ୍ଦୀ ହେଲେ।

୫୭- କୁବେର ଗିଷ୍ଟି, ସ୍ତ୍ରୀ- ସୁବାଳକ୍ଷ୍ମୀ ଦେବୀ, ସମ୍ବଲପୁରର। ଦଶମାସ ସଶ୍ରମ ଜେଲ ଓ ଟ ୨୦ ଜରିମାନା ହୋଇଥିଲା।

୫୮- ସନ୍ତୋଷ ସ୍ୱାଇଁ, ସ୍ତ୍ରୀ-ମେଘବତୀ ଦେବୀ, ସମ୍ବଲପୁରର। ଦଶମାସ କାରାଦଣ୍ଡ ଏବଂ ଟ ୨୦ ଜରିମାନା ଭୋଗ କରିଥିଲେ।

୫୯- ମଙ୍ଗଳ ପ୍ରସାଦ ଗିଷ୍ଟି, ସ୍ତ୍ରୀ- ସିବୁଲତା ଦେବୀ ସମ୍ବଲପୁରର। ଏକବର୍ଷ ଜେଲ ଏବଂ ଟ ୩୦ ଜରିମାନା ଭୋଗ କରିଥିଲେ।

୬୦- ଦ୍ୱାଦଶୀ ରଣା, ସ୍ତ୍ରୀ- ରାଜବୋଲି, ସମ୍ବଲପୁରର। ଦଶମାସ ଜେଲ ଓ ଟ ୨୦ ଜରିମାନା ଭୋଗ କରିଥିଲେ।

ସୋନପୁର

୬୧- ପୁଲଶର ପ୍ରଧାନ, ୰ ନିପୁର ଦେବୀ, ପାଣିମେରା। ୧୯୪୨ ରେ ୧ ବର୍ଷ ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗିଥିଲେ।

୬୨- ପଙ୍କଜ ବେହେରା, ସ୍ତ୍ରୀ - ପ୍ରେମବତୀ ଦେବୀ, ପାଣିମୋରା। ୧ ବର୍ଷ ଜେଲ ଭୋଗ କରିଥିଲେ।

୬୩ ୰ ଧନସିଂ ପ୍ରଧାନ, ସ୍ତ୍ରୀ- ଟେଭା ଦେବୀ, ପାଣିମୋରା। ୧ବର୍ଷ ଜେଲ୍ ଦଣ୍ଡ ଭୋଗ କରିଥିଲେ।

୬୪- ଶଙ୍କର ପ୍ରଧାନ, ସ୍ତ୍ରୀ- ମଥୁରା ଦେବୀ, ପାଣିମୋରା। ୧ବର୍ଷ ଜେଲ ଦଣ୍ଡ ଭୋଗ କରିଥିଲେ।

୬୫- ୰ ଋଷି ସରଫ, ସ୍ତ୍ରୀ- ୰ ଧୁବୁଣୀ ଦେବୀ, ପାଣିମୋରା। ୧ବର୍ଷ ଜେଲ ବରଣ କରିଥିଲେ।

୬୬- ଦୟାନିଧି ନାୟକ, ସ୍ତ୍ରୀ- ମୁକ୍ତା ଦେବୀ, ପାଣିମୋରା, । ୯ ମାସ ଜେଲ ବରଣ କରିଥିଲେ।

Digitized by PPRACHIN, SOA

୬୭- ଜଗେଚନ୍ଦ୍ର ପ୍ରଧାନ, ସ୍ତ୍ରୀ - କୁଳବନ୍ତ ଦେବୀ, ପାଣିମୋର, ୬ ମାସ ଜେଲ ବରଣ କରିଥିଲେ ।

୬୮- ୰ ଧନୁର୍ଦ୍ଧର ପ୍ରଧାନ ସ୍ତ୍ରୀ ୰ କାଳମଣି ଦେବୀ, ପାଣିମୋର । ସେ ୧୯୪୧ ରେ ୮ମାସ ଜେଲ ଭୋଗ କରିଥିଲେ ।

୬୯- ୰ ଶ୍ୟାମ ସୁନ୍ଦର ସାହୁ, ସ୍ତ୍ରୀ ୰ ଦ୍ରୌପଦୀ ଦେବୀ, ପାଣିମୋର । ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ ।

୭୦- ୰ ପ୍ରଭାକର ସାହୁ, ସ୍ତ୍ରୀ ୰ ଲତା ଦେବୀ, ପାଣିମୋର । ୯ ମାସ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ ।

୭୧- ୰ ଯଶୋଚନ୍ଦ୍ର ଭୋଇ, ସ୍ତ୍ରୀ ବୃନ୍ଦାବତୀ ଦେବୀ ପାଣିମୋର । ଛଅମାସ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ ।

୭୨- ସୁନ୍ଦର ଚନ୍ଦ୍ର ପ୍ରଧାନ, ସ୍ତ୍ରୀ ସତ୍ୟଭାମା ଦେବୀ, ପାଣିମୋର । ମାସ ଜେଲ ଓ ଟ ୫୦ ଜରିମାନା ଭୋଗ କରିଥିଲେ ।

୭୩- ୰ ଚୈତନ୍ୟ ସରାଫ, ପାଣିମୋର । ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିଥିଲେ ।

୭୪- ଚୈତନ୍ୟ ସାହୁ ସ୍ତ୍ରୀ - ଅହଲ୍ୟା ଦେଈ, ପାଣିମୋର । ୯ ମାସ କାରାଦଣ୍ଡ ଭୋଗ କରିଥିଲେ ।

୭୫- ଚମରୁ ପରିଡ଼ା, ସ୍ତ୍ରୀ ୰ ବୃନ୍ଦାବତୀ, ପାଣିମୋର । ଦୁଇ ଥର ମୋଟ ଏକ ଏକ ବର୍ଷ ଜେଲ ଓ ଟ ୨୫ ଜରିମାନା ଭୋଗିଥିଲେ ।

୭୬- ୰ ଦିବ୍ୟସୁନ୍ଦର ସାହୁ, ସ୍ତ୍ରୀ ୰ସରସ୍ୱତୀ ଦେବୀ, ପାଣିମୋର । ୧୦ ମାସ ୧୫ ଦିନ ଜେଲ ଏବଂ ଟ ୫୦ ଜରିମାନା ଭୋଗ କରିଥିଲେ ।

୭୭- ନୀଳକେତନ ସରାଫ, ସ୍ତ୍ରୀ - ହେମବତୀ ଦେଈ, ଗ୍ରାମ ପାଣିମୋର । ୯ ମାସ କାରାବରଣ କରିଥିଲେ ।

୭୮- ଉମାକୁଧର ପ୍ରଧାନ ସ୍ତ୍ରୀ - ଶଶୀ ଦେବୀ, ପାଣିମୋର । ୧୯୩୦ ରେ ୬ ସପ୍ତାହ ଜେଲ ଏବଂ ଟ ୩୨ ଜରିମାନା ଏବଂ ୧୯୩୨ ରେ ଏକବର୍ଷ ଏକମାସ ଜେଲ ଏବଂ ଟ୨୫ ଜରିମାନା ଭୋଗିଥିଲେ ।

Digitized by PPRACHIN, SOA

୭୯- ୰ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ତ୍ରୀ ପ୍ରଭାବତୀ । ପାଣିମୋର, ୬ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ ।

୮୦- ୰କହ୍ନାଇଲାଲ ସାହୁ, ସ୍ତ୍ରୀ ଦାନେଇ ଦେବୀ । ପାଣିମୋର । ୫ ମାସ କାରାବରଣ କରିଥିଲେ ।

୮୧- ୰ ଶ୍ରୀବତ୍ସ ନାୟକ, ସ୍ତ୍ରୀ - ମାଳତୀ ଦେବୀ ପାଣିମୋର । ୫ ମାସ କାରାବରଣ କରିଥିଲେ ।

୮୨- ଚନ୍ଦ୍ରଭାନୁ ପଟ୍ଟଯୋଶୀ, ସ୍ତ୍ରୀ ଆଶା ଦେବୀ । ପାଣିମୋର । ୯ ମାସ ଜେଲ ଏବଂ ଟ ୫୦ ଜରିମାନା ଭୋଗ କରିଥିଲେ ।

୮୩- ଶୁକଶାରଣ ଭୂଏ, ସ୍ତ୍ରୀ - କମଳା ଦେବୀ । ପାଣିମୋର । ମୋଟ ୫ ମାସ ଜେଲ୍ ଭୋଗ କରିଥିଲେ ।

୮୪ ୰ଦୁଖିଦର ଭୋଇ, ସ୍ତ୍ରୀ ୰ଗୋଲାକଣ୍ଠା ଦେବୀ, ପାଣିମୋର । ୪ ମାସ ଜେଲ ଓ ଟ ୧୫ ଜରିମାନା ଭୋଗ କରିଥିଲେ ।

୮୫- ଦଶରଥ ନାୟକ, ସ୍ତ୍ରୀ ରୁକ୍ମଣୀ । ପାଣିମୋର । ୪ ମାସ ଜେଲ ଓ ଟ ୧୫ ଜରିମାନା ଭୋଗ କରିଥିଲେ ।

୮୬- କପିଳ ସାହୁ, ସ୍ତ୍ରୀ ଭାଲମତୀ ଦେବୀ । ପାଣିମୋର । ୪ ମାସ ଜେଲ ଓ ଟ ୧୫ ଜରିମାନା ଭୋଗ କରିଥିଲେ ।

୮୭- ସୁନାଧର ସାହୁ, ସ୍ତ୍ରୀ-ଭଗବତୀ ଦେବୀ । ପାଣିମୋର । ୪ ମାସ ଜେଲ୍ ଓ ଟ ୧୫ ଜରିମାନା ଭୋଗ କରିଥିଲେ ।

୮୮- ମଦନ ଭୋଇ, ସ୍ତ୍ରୀ ଚନ୍ଦ୍ରମୁଖୀ ଦେବୀ, ସୋହେଲା । ୫ ମାସ କାରାବରଣ କରିଥିଲେ ।

୮୯- ଧନେଶ୍ୱର ପ୍ରଧାନ, ସ୍ତ୍ରୀ ଯଶୋବନ୍ତୀ ପ୍ରଧାନ । ପାଣିମୋର । ୧୯୪୨ ଆନ୍ଦୋଳନ ବେଳେ ଅଟକ ରହିଥିଲେ ।

୯୦- ଚନ୍ଦ୍ରଶେଖର ସାହୁ (ବେହେରା) ସ୍ତ୍ରୀ- ସରସ୍ୱତୀ ଦେବୀ, ପାଣିମୋର, ସେ ୧୯୦୨ ରେ ଜେଲ ଯାଇଥିଲେ ।

୯୧- ୰ କବି ଧର୍ମ୍ମକିଶୋର ସାହୁ, ସ୍ତ୍ରୀ ୰ ପ୍ରିୟୂବତୀ ଦେବୀ ପାଣିମୋର । ୧୯୪୨ ଉତ୍ପୀଡ଼ନ ସହିଥିଲେ ।

Digitized by PPRACHIN, SOA

୯୨- ୰ ମଦନ ମୋହନ ପ୍ରଧାନ,ସ୍ତ୍ରୀ- ୰ଲୋଚନା ଦେବୀ, ପାଣିମୋରା । ସେ ୧୯୪୨ ରେ ୪ ମାସ ଜେଲ ଯାଇଥିଲେ ।

୯୩- ୰ ଗୋକୁଳ ନାୟକ ସ୍ତ୍ରୀ ଉଦ୍ଧଆଁ ଦେବୀ, ପାଣିମୋରା । ସେ ୧୯୪୨ ରେ ୪ ମାସ ଜେଲ ଯାଇଥିଲେ ।

୯୪- ୰ଧନୁ ସାହୁ,ସ୍ତ୍ରୀ ୰ରୁକ୍ମଣି ସାହୁ । ପାଣିମୋରା,୧୯୪୨ରେ ଜେଲ ଯାଇଥିଲେ ।

୯୫- ୰ ମଦନ ମୋହନ ସାହୁ; ସ୍ତ୍ରୀ ଲୋଚନା ସାହୁ । ପାଣିମୋରା । ୧୯୪୨ ରେ ଜେଲ ଯାଇଥିଲେ ।

ଭଟଲି

୯୬- ବଇଷ୍ଣ ନାରାୟଣ ପ୍ରଧାନ, ସ୍ତ୍ରୀ । କନଗାଁ । ୧୦ ମାସ କାରାବରଣ ଏବଂ ଟ ୨୦ ଜରିମାନା ଦେଇଥିଲେ ।

୯୭- କୁଞ୍ଜ ବିହାରୀ ଦାଶ, ସ୍ତ୍ରୀ ପାର୍ବତୀ ଦେବୀ । ଗୁଡ଼େଶିର; ବର୍ତ୍ତମାନ ଗ୍ରା-ମୁରୁମକେଲ । ପୋ ଭଡଗାଁ । ୮ ମାସ ଜେଲ୍ ଭୋଗ କରିଥିଲେ ।

୯୮- ୰ବିଶ୍ୱେଶ୍ୱର ଦାଶ, ସ୍ତ୍ରୀ କେତକୀ ଦେବୀ, ଚଉଳନା, ପୋ - ଭଡ଼ଗାଁ । ୮ ମାସ ଜେଲ୍ ଭୋଗ କରିଥିଲେ ।

୯୯- ୰ଦ୍ୟୋ.ଧର ପ୍ରଧାନ,ସ୍ତ୍ରୀ , ଗ୍ରା: ଛୁଟଦା, ଥା ଅମ୍ବାଭୋନା । ୧୯୪୨ ରେ କାରବରଣ କରିଥିଲେ ।

ପଦ୍ମପୁର

୧୦୦- ମାୟାଧର ପୁରୋହିତ,ସ୍ତ୍ରୀ କୃଷ୍ଣାଦେବୀ, ଟେମରି ପୋ-ଖାଲକମାଳ । ଏକବର୍ଷ ଦଶମାସ ଜେଲଦଣ୍ଡ ଭୋଗିଥିଲେ ।

୧୦୧- ବୈରାଗୀ ରଣା । ସ୍ତ୍ରୀ-ଧୀରା ରଣା ଟେମରି । ୧୦ ମାସ ଜେଲଦଣ୍ଡ ଭୋଗ କରିଥିଲେ ।

୧୦୨- ରୁଦ୍ରସେନ ବଳଷ୍ଣେବ, ସ୍ତ୍ରୀ ଟେମରି । ୯ ମାସ କାରାବରଣ କରିଥିଲେ ।

Digitized by PPRACHIN, SOA

୧୦୩- ପୁରୁଷୋତ୍ତମ ସାହୁ, ସ୍ତ୍ରୀ ବୈଦେହୀ ଦେବୀ ଘଲସହା । ୨ମାସ ଜେଲବରଣ କରିଥିଲେ ।

୧୦୪- ଂଗୌରାଙ୍ଗ ମେହେର ସ୍ତ୍ରୀ ଭେଉଁଶିଆ । ଲବଣ ସତ୍ୟାଗ୍ରହରେ ଗିରଫ ହୋଇ କାରାବରଣ କରିଥିଲେ ।

୧୦୫ ଂସନ୍ତୋଷ ପ୍ରଧାନ, ସ୍ତ୍ରୀ । ଲବଣ ସତ୍ୟାଗ୍ରହ ରେ ଗିରଫ ହୋଇ କାରାବରଣ କରିଥିଲେ । ପୁରୀ କଂଗ୍ରେସ୍‌ରେ ଯୋଗ ଦେବାକୁ ଯାଇ କଟକରେ ଗିରଫ ଓ କାରାବରଣ କରିଥିଲେ । ଗାଷ୍ଟି ଉଦୀ,ପୋ-ଲକ୍ଷମଣା, ଥା-ଜଗଦଲପୁର ।

୧୦୬- ଅଚ୍ୟୁତାନନ୍ଦ ପାଢ଼ୀ ସ୍ତ୍ରୀ ସୁନାଫୁଲ ପାଢ଼ୀ । ପଦ୍ମପୁର । ଲବଣ ସତ୍ୟାଗ୍ରହ କାଳେ କାରାବରଣ ଓ ପୁରୀ କଂଗ୍ରେସରେ ଯୋଗ ଦେବାକୁ ଯାଇ କଟକରେ ଗିରଫ ଓ କାରାବରଣ କରିଥିଲେ ।

୧୦୭ ଂଜୟକୃଷ୍ଣ ସାହୁ,ସ୍ତ୍ରୀ ସଙ୍ଗମ୍ପାଲି, ପଦ୍ମପୁର । ଲବଣ ସତ୍ୟାଗ୍ରହରେ ଗିରଫ ହୋଇ କାରାବରଣ କରିଥିଲେ ।

୧୦୮- ସଚ୍ଚିଦାନନ୍ଦ ପାଢ଼ୀ ସ୍ତ୍ରୀ କୁମୁଦିନୀ ପାଢ଼ୀ । ରାଜବୋଡ଼ା ସମ୍ବର ପଦ୍ମପୁର ୧୯୪୨ ରେ ଜେଲ ଯାତ୍ରା କରିଥିଲେ ।

୧୦୯- ରାଜେନ୍ଦ୍ର କୁମାର ପଣ୍ଡା ସ୍ତ୍ରୀ କୁଟପାଲି, ଢେପ, ପଦ୍ମପୁର ୧୯୪୨ ରେ ଜେଲ ଯାତ୍ରା କରିଥିଲେ ।

୧୧୦- ବଂଶୀଧର ସାହୁ ସ୍ତ୍ରୀ ଭେଉଁଶିଆ, ରାଜବୋଡ଼ାସମ୍ବର ପଦ୍ମପୁର । ୧୯୪୨ ରେ ଜେଲଯାତ୍ରା କରିଥିଲେ ।

୧୧୧-ଅଲେଖ ପାତ୍ର ସ୍ତ୍ରୀ ଭଗବତୀ ପାତ୍ର । ନ: ସର୍ଗନବାସ । ପାଇକମାଲ, ପଦ୍ମପୁର । ପୁରୀ ଜିଲ୍ଲା ଜେଲରେ ଥିଲେ ଓ ଜେଲରୁ ଖସି ପଳାଇଥିଲେ ଏବଂ ସର୍ବୋଦୟରେ ଜେଲଯାଇଥିଲେ ।

୧୧୨- ଂ ନୃସିଂହ ପୁରୋହିତ, ସ୍ତ୍ରୀ ଇଷ୍ଟ ପ୍ରିୟା ପୁରୋହିତ । ଟେମରୀ ୧୯୩୯ ରେ ବ୍ୟକ୍ତିଗତ ସତ୍ୟାଗ୍ରହକରି ୬ ସପ୍ତାହ ଜେଲ ଯାଇଥିଲେ ।

ଭେଡେନ

୧୧୩- ଂ ଘନଶ୍ୟାମ ପାଣିଗ୍ରାହୀ ସ୍ତ୍ରୀ ଶ୍ରୀପ୍ରିୟାବତୀ ପାଣିଗ୍ରାହୀ, ମାନପୁର । ସେ

Digitized by PPRACHIN, SOA

୧୯୩୦, ୧୯୪୧ ଓ ୧୯୪୨ ରେ ତିନିଥର ମୋଟ ୧୨ବର୍ଷ ୮ ମାସ ଜେଲ ବରଣ କରିଥିଲେ । ସେ ଜଣେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଥିଲେ ।

୧୧୪- ୰ ଯୋଗେନ୍ଦ୍ର ଦୋରା (ଝଲ୍ଲୁଦୋରା) ସ୍ତ୍ରୀ ଅଚାଷ୍ମ ଦେବୀ, ରେମଣ୍ଡା, ସେ ୧୯୪୨ ରେ ତେର ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ ।

୧୧୫- ରାମଚନ୍ଦ୍ର ନନ୍ଦ, ସ୍ତ୍ରୀ କୃଷ୍ଣପ୍ରିୟା ଦେବୀ । ରେମଣ୍ଡା, ସେ ୧୯୪୨ ରେ ୮ ମାସ ଜେଲ୍ ଭୋଗି ଥିଲେ ।

୧୧୬- ପ୍ରସନ୍ନ ସାହୁ, ରେମଣ୍ଡା । ସେ ୧୯୪୨ ରେ ୮ମାସ ଜେଲ ଦଣ୍ଡ ଭୋଗିଥିଲେ ଏବଂ ଟ ୨୦ ଜରିମାନା ଦେଇଥିଲେ ।

୧୧୭- ଦ୍ୱାରକାନାଥ ମହାପାତ୍ର, ରେମଣ୍ଡା । ୧୯୪୨ ରେ ୧୧ ମାସ ଜେଲ ଦଣ୍ଡ ଭୋଗିଥିଲେ ।

୧୧୮- ବାଚାସ୍ମି ମେହେର, ରେମଣ୍ଡା । ୧୯୪୨ ରେ ୧୧ମାସ ଜେଲ ଭୋଗିଥିଲେ ।

୧୧୯- ଶ୍ରୀଧର ମେହେର, ବୁର୍ଲା, ପିଃ ଉଷ୍କୁଳ ଚିକଲ ବୁର୍ଲା । ସେ ୧୯୪୨ ରେ ଜେଲଯାତ୍ରା କରିଥିଲେ ।

୧୨୦- ମଙ୍ଗଳୁ ପ୍ରଧାନ, ରେମଣ୍ଡା । ସେ ତିନିଥର କାରାବରଣ କରିଥିଲେ । ବଡ଼ଭଣ୍ଡାର ନବନିର୍ମାଣ, ସଂସ୍କୃତ ଓ ଜନ ହାଇସ୍କୁଲ ସ୍ଥାପନ, ରେମଣ୍ଡା ଡାକ୍ତରଖାନା ଏବଂ କେଠ ଗୃହର ପରିକଳ୍ପନା କରି ସେ ଏକ ଆଦର୍ଶ ଉପସ୍ଥିତ କରାଇଛନ୍ତି ।

୧୨୧- ଧନୁ ପ୍ରଧାନ, ରେମଣ୍ଡା । ସେ ଦୁଇଥର ଜେଲଯାତ୍ରା କରିଥିଲେ ।

୧୨୨- ଗର୍ଥବାମୀ ପୁରୋହିତ, ସ୍ତ୍ରୀ , ତାଳଭ, ଥାନା ଭେଡ଼େନ ସେ ଥରେ କାରାବରଣ କରିଥିଲେ ।

ଧମା

୧୨୩- ଉପେନ୍ଦ୍ର ପାଣିଗ୍ରାହୀ, ସ୍ତ୍ରୀ ସରସ୍ୱତୀ ଦେବୀ । ଗ୍ରା ପୋ - କରଡ଼ାଁ, ୧୯୩୦ରେ କାରାବରଣ କରିଥିଲେ ।

Digitized by PPRACHIN, SOA

୧୨୪- ଜନାର୍ଦ୍ଦନ ପାତ୍ର, ସ୍ତ୍ରୀ ସୁମିତ୍ରା । ବରଗାଁ, ଥା ଧମା ସେ ୧୯୩୧ ଓ ୩୨ରେ ୬ ମାସ ୩ ସପ୍ତାହ ଜେଲ ଭୋଗିଥିଲେ ଏବଂ ଟ ୭୦ ଜରିମାନା ଦେଇଥିଲେ ।

ରମ୍ପେଲା

୧୨୫- ଦେବାନନ୍ଦ ଗୁପ୍ତ, ସ୍ତ୍ରୀ । ଫଟାପାଲି । ୧୧ ମାସ ଜେଲ ଭୋଗ କରିଥିଲେ ।

୧୨୬- ମହେଶ୍ୱର ସାହୁ, ସ୍ତ୍ରୀ ମଥୁରା ଦେବୀ । ଫଟାପାଲି । ୩ ମାସ ଜେଲ ଓ ଟ ୩୦ ଜରିମାନା ଦେଇଥିଲେ ।

୧୨୭- ଅର୍ଜ୍ଜୁନ ଗୁପ୍ତ, ସ୍ତ୍ରୀ ପ୍ରଫୁଲ୍ଲ ଦେବୀ, ଫଟାପାଲି । ୯ମାସ ଜେଲ ଏବଂ ଟ ୫୦ ଜରିମାନା ଭୋଗ କରିଥିଲେ ।

୧୨୮- ବୈଷ୍ଣବ ଚରଣ ନାୟକ, ସ୍ତ୍ରୀ ଶ୍ରୀମତୀ ଦେବୀ । ଟିଙ୍କିବୀର । ୧୯୩୮ ରେ ୩ ବର୍ଷ ଜେଲ ଭୋଗିଥିଲେ ।

୧୨୯- ବଳି ନାୟକ, ସ୍ତ୍ରୀ ବୃନ୍ଦାବତୀ, ଟିଙ୍କିବୀର । ୧୯୩୮ ରୁ ୧୯୪୦, ୩ ବର୍ଷ କାରାଦଣ୍ଡ ଭୋଗିଥିଲେ ।

୧୩୦- କାର୍ତ୍ତିକଅା ବେହେରା, ସ୍ତ୍ରୀ-ମୂଳି ଦେବୀ, । କଇଲଗା ବାମଣ୍ଡା, ପୋ ଫଲସମା, ୩ ବର୍ଷ ଜେଲ ଭୋଗିଥିଲେ ।

୧୩୧- ନେତ୍ରାନନ୍ଦ ବେହେରା, ସ୍ତ୍ରୀ -ହଂସା ଦେବୀ, କଇଲଗା ବାମଣ୍ଡା, ପୋ ଫଲସମା ୩ବର୍ଷ ସଶ୍ରମ କାରାଦଣ୍ଡ ଭୋଗିଥିଲେ ।

୧୩୨ - ଗୋପାଳ ପ୍ରଧାନ, ସ୍ତ୍ରୀ-ସୁଶିଳା ଦେବୀ । କଇଲଗା ବାମଣ୍ଡା ପୋ ଫଲସମା । ୩ ବର୍ଷ ଜେଲ ଭୋଗିଥିଲେ ।

୧୩୩- କୃଷ୍ଣଚନ୍ଦ୍ର ପ୍ରଧାନ, ସ୍ତ୍ରୀ- ରୁକ୍ମିଣି ଦେବୀ । ଟିଙ୍କିବୀର । ୩ ବର୍ଷ ଜେଲ ଏବଂ ଟ ୩୦ ଙ୍କା ଜରିମାନା ଭୋଗ କରିଥିଲେ ।

୧୩୪- ଲକ୍ଷ୍ମଣ ପୂଜାରୀ, ସ୍ତ୍ରୀ- ଦେବଯାନୀ, ଦେବୀ । କୁଲୁଣ୍ଡି, ଥା ଜମନକିରା । C/o ନନ୍ଦକିଶୋର ପୂଜାରୀ କୋଶଳ ଭବନ, ସମ୍ବଲପୁର କେତେ ମାସ ୧୫ ଦିନ ଜେଲ ଭୋଗ କରିଥିଲେ ।

୧୩୫- ଗୌରିଶଙ୍କର ମହାପାତ୍ର, ସ୍ତ୍ରୀ । ଗାବଶାସନ, ଥା କୁଚିଣ୍ଡା । ୧୯୪୭ ରେ ଜେଲ ଭୋଗ କରିଥିଲେ ।

Digitized by PPRACHIN, SOA

୧୩୬- ଦାଶରଥି ମହାପାତ୍ର, ସ୍ୱୀ   । ଟିଙ୍ଗବୀର, ପୋ ଋଆମାଳ । ୩ଥର
ଜେଲ୍‌ ଭୋଗିଥିଲେ ।

୧୩୭- ମାନଗୋବିନ୍ଦ ଦାସ, ସ୍ୱୀ- ଗୁରୁବାରୀ, । ମେଦନପୁର ପୋ ବୁଙ୍ଗୋ । ୩ମାସ
ବାମଣ୍ଡାରୁ ବହିଷ୍କୃତ ହୋଇଥିଲେ ଏବଂ ୩ବର୍ଷ ସଶ୍ରମ କାରାଦଣ୍ଡ ଭୋଗ
କରିଥିଲେ ।

୧୩୮ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ସ୍ୱୀ   । ବାମଣ୍ଡା । ପୁଣି କଂଗ୍ରେସ ବେଳେ
କଟକରେ ଗିରଫ ହୋଇ ଜେଲ୍‌ ଯାଇଥିଲେ ।

୧୩୯- ଚନ୍ଦ୍ରଶେଖର ପାଣିଗ୍ରାହୀ ସ୍ୱୀ   । ବାମଣ୍ଡା । ପୁଣି କଂଗ୍ରେସ ବେଳେ
କଟକରେ ଗିରଫ ହୋଇ ଜେଲ ଯାଇଥିଲେ ।

୧୪୦- ରାଜୀବ ଲୋଚନ ପଟେଲ, ସ୍ୱୀ   । ବାମଣ୍ଡା । ପୁଣି କଂଗ୍ରେସ ବେଳେ
କଟକରେ ଗିରଫ ହୋଇ ଜେଲ ଯାଇଥିଲେ ।

୧୪୧- ଦଶରଥ ନାୟକ, ସ୍ୱୀ   । ବାମଣ୍ଡା, । ପୁଣି କଂଗ୍ରେସ ବେଳେ
କଟକରେ ଗିରଫ ହୋଇ ଜେଲ୍ ଯାଇଥିଲେ ।

୧୪୨- ଅରକ୍ଷିତ ପଟେଲ, ସ୍ୱୀ   । ପୁଣି କଂଗ୍ରେସ୍‌ ବେଳେ
କଟକରେ ଗିରଫ ହୋଇ ଜେଲ୍‌ ଯାଇଥିଲେ ।

ଦେବଗଡ଼

୧୪୩- ସହଦେବ ସାହୁ, ସ୍ୱୀ ଆଶାଦେବୀ, ଗ୍ରା ଛାଲବାହାଲ ପୋ ରିଆମାଳ ।
୧୯୩୮ ରୁ ୧୯୫୦ ପର୍ଯ୍ୟନ୍ତ ୩ବର୍ଷ ଜେଲ୍‌ ଭୋଗ କରିଥିଲେ ।

୧୪୪- ବଳଭଦ୍ର ସାହୁ, ସ୍ୱୀ - ଉଜ୍ଜଳଦେବୀ ଗ୍ରା ପୁଷ୍ଟାପର ପୋ ରିଆମାଳ । ୩ ବର୍ଷ
କାରାବରଣ କରିଥିଲେ ।

୧୪୫- କନ୍ଦର୍ପ ପଧାନ ସ୍ୱୀ   । ବୁଢ଼ାପାଲି । ୩ ବର୍ଷ
ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ ।

୧୪୬- ଦିବାକର ବେହେରା, ସ୍ୱୀ ଆଶା ଦେବୀ । ଗ୍ରା ସବାପସି; ପୋ କୁଣ୍ଢେଇଗୋଲ
୧୯୩୮ ରେ ଦେବଗଡ଼ ଜେଲ୍‌ରେ ସଶ୍ରମ କାରାବରଣ କରିଥିଲେ ।

୧୪୭- ଶ୍ରୀଧର ବେହେରା, ସ୍ୱୀ କଇଷା ଦେବୀ, ଗ୍ରା ସବାପସି ପୋ କୁଣ୍ଢେଇଗୋଲ ।
୩ ବର୍ଷ କାରାବରଣ କରିଥିଲେ ।

Digitized by PPRACHIN, SOA

୧୪୮- ମହାଦେବ ପ୍ରଧାନ ସ୍ତ୍ରୀ- ତ୍ରିପୁରା ଦେବୀ, କାଦୋପଡ଼ା ପୋ ରଣମାଳ । ୩ ବର୍ଷ ସଶ୍ରମ ଜେଲଦଣ୍ଡ ଭୋଗ କରିଥିଲେ ।

୧୪୯- ବ୍ରଜବନ୍ଧୁ ବେହେରା, ସ୍ତ୍ରୀ କର୍ଣ୍ଣ । ଏକବର୍ଷ ଜେଲ ଏବଂ ୫୧୦ ଜରିମାନା ଭୋଗ କରିଥିଲେ ।

୧୫୦- ୰ ଉପେନ୍ଦ୍ର ସ୍ୱାଇଁ, ସ୍ତ୍ରୀ । ବରଗଡ଼ । ସେ ୧୯୪୨ ରେ କାରାବରଣ କରିଥିଲେ।

୧୫୧- ୰ ଚତୁର୍ଭୁଜ ମିଶ୍ର, ସ୍ତ୍ରୀ- ଦୁର୍ଗା ମିଶ୍ର । ଅଡ଼ଗାଁ, ଥା- ବରଗଡ଼ । ସେ ୧୯୪୨ ରେ ଜେଲ ଯାଇଥିଲେ ।

୧୫୨- ନରେନ୍ଦ୍ର ସ୍ୱାଇଁ, ସ୍ତ୍ରୀ- କ୍ଷୀର କୁମାରୀ, ବରଗଡ଼ । ସେ ୧୯୪୨ ରେ ଜେଲ ଯାଇଥିଲେ ।

୧୫୩- ୰ ଲଛମୀ ନାରାୟଣ ଗୁପ୍ତା, ସ୍ତ୍ରୀ-ଲକ୍ଷ୍ମୀ ବାଈ । ବରଗଡ଼ । ସେ ସ୍ୱାଧୀନତା ସଂଗ୍ରାମ ବେଳେ କାରାବରଣ କରିଥିଲେ ।

୧୫୪- ୰ ପ୍ରଭାକର ପ୍ରଧାନ, ସ୍ତ୍ରୀ ସୂର୍ଯ୍ୟ ଦେବୀ । ପାଣିମୋରା । ସେ ୧୯୪୨ ରେ ଜେଲ ଯାଇଥିଲେ ।

୧୫୫- ଅଭିମନ୍ୟୁ ଭୋଇ, ସ୍ତ୍ରୀ - ମାୟାବତୀ ଦେବୀ । ପାଣିମୋରା । ୧୯୪୨ ରେ ଜେଲ ଯାଇଥିଲେ ।

ବିଶିଷ୍ଟ ଅବଦାନ

୧. ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ପାଞ୍ଚ ଜଣଙ୍କର ବିଶିଷ୍ଟ ଅବଦାନ ରହିଛି, ସେମାନଙ୍କର ନାମ ହେଲା ଶ୍ରୀ କୃତାର୍ଥ ଆଚାର୍ଯ୍ୟ ଓ ଶ୍ରୀମତୀ ଚଞ୍ଚଳା ଆଚାର୍ଯ୍ୟ, ଶ୍ରୀ କୁଞ୍ଜ ବିହାରୀ ମେହେର (ଟୁକୁର୍ଲା ଗୌନ୍ତିଆ) ଓ ଶ୍ରୀମତୀ ଇଳା ମେହେର (ଟୁକୁର୍ଲା ଗୌନ୍ତିଆଣୀ) ଏବଂ ଶ୍ରୀମତୀ ଗନ୍ଧର୍ବୀ ବେହେରା (ବାଙ୍କଟିକରା) । ଏମାନଙ୍କ ମଧ୍ୟରୁ କେହି କାରାବରଣ କରି ନଥିଲେ ସୁଦ୍ଧା ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ସକ୍ରିୟ ରୂପେ ଅଂଶ ଗ୍ରହଣ କରି ସଂଗ୍ରାମୀ ମାନଙ୍କୁ ଖାଦ୍ୟ, ପେୟ ଓ ଆର୍ଥିକ ସାହାଯ୍ୟ ଯୋଗାଉଥିଲେ । ଏଣୁ ସେମାନେ ଆମର ନମସ୍ୟ ।

Digitized by PPRACHIN, SOA

ପରିଶିଷ୍ଟ 'ଖ'

ଦୁଇଟି ଆଖିର ନେତ୍ରାଶ୍ରୁ

ଗୋଟିଏ ରାତ୍ରର କଥା । ସେଦିନ ମୁଠାଏ ଖାଇ ଶୋଇବାକୁ ଗଲେ ଭଗୀରଥି, ଜମ୍ବୁବତୀ ଓ ପ୍ରଫୁଲ୍ଲ । କିନ୍ତୁ ଆଖିରେ ନିଦ ନାହିଁ । ଚିନ୍ତାର ବିଷୟ ଥିଲା ପରିଧାନ । ତିନିଜଣଙ୍କ ପାଖରେ ଖଣ୍ଡିଏ ଖଣ୍ଡିଏ ବସ୍ତ୍ର, ତାହା ମଧ୍ୟ ସାତସିଆଁ । ଖଦଡ଼ ଛଡ଼ା ଏମାନେ ଅନ୍ୟ କପଡ଼ା ବ୍ୟବହାର କରୁନଥିଲେ । ହାତରେ ଗୋଟିଏ ପଇସା ନାହିଁ । ବରପାଲିରୁ ଝାରସୁଗୁଡ଼ା ଓ ପଞ୍ଚପଡ଼ା ଯାଇ ଖଦି କିଣି ଆଣିବା ଅସମ୍ଭବ । କଥା କଥାରେ ଅଧରାତି ଗଡ଼ିଗଲା । କିନ୍ତୁ ସମାଧାନ ନାହିଁ ! ଭୋର ଚାରଟା, କବାଟରେ କାହାର ହାତର ଆବାଜ ଶୁଭିଲା । କବାଟ ଖୋଲିଲେ ଜମ୍ବୁବତୀ । ଦେଖିଲେ ସାମନାରେ ଅରୁଣ ଚନ୍ଦ୍ର ଦାସ (ସତଲମା) ଠିଆ ହୋଇଛନ୍ତି । ସେ ଜମ୍ବୁବତୀ ଙ୍କୁ ନମସ୍କାର କରି ବଢ଼ାଇ ଦେଲେ ହାତବୁଣା ଧୋତି ଓ ଖଣ୍ଡିଏ ଖଦଡ଼ ଶାଢ଼ୀ । ଏତିକି ବେଳେ ଭଗୀରଥି ପହଞ୍ଚି କହିଲେ "ଅରୁଣ ବାବୁ ଏ ସବୁ କାହିଁକି ?" ଅରୁଣ ବାବୁଙ୍କ ଉତ୍ତର ଥିଲା "ଆଜ୍ଞା, ସେ ଦିନର ସଭାକୁ ଆପଣ ଦୁହେଁ ଯାଇଥିଲେ, ମୁଁ ଦେଖିଲି ଦୁହିଁଙ୍କ ଦେହରେ ଜୀର୍ଣ୍ଣ, ଶୀର୍ଣ୍ଣ ବସ୍ତ୍ର ।" ସେ ଦିନ ଜମ୍ବୁବତୀ ଦେବୀ ଓ ଅରୁଣ ଦାସ ଙ୍କ ଦୁଇଟି ଚକ୍ଷୁରୁ ବହିଯାଇଥିଲା ଅଶ୍ରୁ ।

ବଳଦେବ ପ୍ରଧାନ ଙ୍କ ମିଉଜିୟମ୍

ଆଜି ସଂଗ୍ରାମୀ ଭଗୀରଥି ଙ୍କ ୭୫ ବର୍ଷର ଜିନିଷ ସବୁ ରକ୍ଷିତ ହୋଇଛି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ର ସଂଗ୍ରହାଳୟରେ । ଏ ସବୁ ଜିନିଷ ସେ ଏତେବର୍ଷ ଧରି ନିଜପାଖରେ ରଖି ଆସିଥିଲେ କିପରି ଜାଣେ ଓ କେଉଁଠି ? କେତେଗୁଡ଼ିଏ ବଡ଼ ବଡ଼ ମାଟି ହାଣ୍ଡି ଭିତରେ ଏସବୁ ରଖି ଯାଇଥିଲେ ଅନ୍ତରଙ୍ଗ ମିତ୍ର - ଯାହାଙ୍କୁ ଗ୍ରାମ ସମ୍ବନ୍ଧ କୁ ନେଇ ସେ ମଉସା କହୁଥିଲେ ଶ୍ରୀ ବଳଦେବ ପ୍ରଧାନ, ବରପାଲି ଙ୍କ ଘରେ ।

ପ୍ରେସ୍ ର ସେ ଯୋଡ଼ହୋଇ ପଡ଼ିଥିବା ଲୌହଖଣ୍ଡ

୧୯୨୭ - ୨୮ ରେ ବସେଇଥିବା ପ୍ରେସ୍ ର ଯୋଡ଼ହୋଇଥିବା ଲୌହ ଖଣ୍ଡକୁ ଅଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ପଞ୍ଚ ପଡ଼ାରୁ ଉଦ୍ଧାର କରି ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ସଂଗ୍ରହାଳୟରେ ରଖିଛନ୍ତି ।

Digitized by PPRACHIN, SOA

ମୁକ୍ତି ପଥର ଯାତ୍ରୀ

(ସଂଗ୍ରାମୀ ଭଗୀରଥ ପଟ୍ଟନାୟକ ଙ୍କ ଜୀବନ ବୃତ୍ତ)

- ଏହା କେବଳ ଗୋଟିଏ ଜୀବନ ବୃତ୍ତ ନୁହେଁ, ବରଂ ଗୋଟିଏ ଜ୍ୱାଳାମୁଖୀର ବିବରଣୀ - ଗୋଟିଏ ଜଲ୍‌ଲାଭ କାହାଣୀ।

- ଏହା କୌଣସି ବ୍ୟକ୍ତି ବିଶେଷଙ୍କ ଜୀବନୀ ନୁହେଁ - ସ୍ୱାଧୀନତା ସଂଗ୍ରାମର ଜୀବନ୍ତ ଚନ୍ଦ୍‌-ସମ୍ବଲପୁର ଜିଲ୍ଲା କୁ କେନ୍ଦ୍ର କରି ଓଡ଼ିଶା ପଶ୍ଚିମାଞ୍ଚଳର ବାସ୍ତବ ଇତିହାସ ।

- ଏଥିରେ ରହିଛି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଇତିହାସକାର ମାନଙ୍କ ପାଇଁ ଅନେକ ନୂତନ ତଥ୍ୟ ଓ ପ୍ରେରଣା ଏବଂ ବର୍ତ୍ତମାନ ଓ ଆସନ୍ତାକାଳର ସନ୍ତାନ ସନ୍ତତି - ମାନଙ୍କ ପାଇଁ ନୂତନ ପଥ ଦର୍ଶନ ।

- ଏ ପୁସ୍ତକର ପ୍ରତ୍ୟେକ ଉପଶୀର୍ଷକ ବୈପ୍ଲବିକ ଚିତ୍ରପଟରେ ଦେଖିବା ପାଇଁ ଏକ ଏକ ପାହାଚ ।

Digitized by PPRACHIN, SOA